ଟ. : ୨୫

# ଆମରି ସତ୍ୟ

# AMARI SATYA

RNI Regn. No. - ODIODI/2010/35051
Postal Regd. No. : PURI-33/2019-21
ଏକାଦଶ ବର୍ଷ, ଅଷ୍ଟମ ସଂଖ୍ୟା
ମାସିକ, ଫେବୃଆରୀ-୨୦୨୧, ପୃଷ୍ଠା ସଂଖ୍ୟା ୫୨









ପଦ୍ମ ବିଭୂଷଣ : ସୁଦର୍ଶନ ସାହୁ



ପଦ୍ମ ଶ୍ରୀ : ନନ୍ଦକିଶୋର ପ୍ରଷ୍ଟି



ପଦ୍ମ ଶ୍ରୀ : ଡ. ରଜତ କୁମାର କର



ପଦ୍ମ ଶ୍ରୀ : ଶାନ୍ତି ଦେବୀ



ପଦ୍ମ ଶ୍ରୀ : ପୂର୍ଣ୍ଣମାସୀ ଜାନୀ



ପଦ୍ମ ଶ୍ରୀ : କୃଷ୍ଣ ମୋହନ ପାଠୀ

# ଆମରିସତ୍ୟ
# ଆଜୀବନ ସଦସ୍ୟ



ଶ୍ରୀଯୁକ୍ତ ସୂର୍ଯ୍ୟକାନ୍ତ ସାହୁ
ଓଦପୁର,ନୟାଗଡ଼



ଅଧ୍ୟାପକ ବିଶ୍ୱରଞ୍ଜନ ଦାଶ
ଟାଙ୍ଗୀ, ଖୋରଧା



ଶ୍ରୀଯୁକ୍ତ ଭକ୍ତ ଚରଣ ବେହେରା
ବନମାଳୀପୁର, ନରସିଂହପୁର କଟକ




# ଆମରି ସତ୍ୟ

## AMARI SATYA

ଭିନ୍ନସ୍ୱାଦର ମାସିକ ପତ୍ରିକା...

**ଏକାଦଶ ବର୍ଷ - ଅଷ୍ଟମ ସଂଖ୍ୟା - ଫେବ୍ରୁଆରୀ ୨୦୨୧**



**ପ୍ରତିଷ୍ଠାତା**
ଡ. ପ୍ରମୋଦ ଚନ୍ଦ୍ର ଦାଶ
୯୪୩୭୨୮୧୬୫୫

**ସଂପାଦକ**
ଡ. ପ୍ରସନ୍ନ କୁମାର ଜେନା
୯୮୬୧୦୧୬୩୪୯

**ସହଯୋଗୀ ସମ୍ପାଦକ**
ସତ୍ୟବାଦୀ ବଳିଆରସିଂହ
୯୨୩୭୦୮୯୫୦୯

**ସହ ସମ୍ପାଦକ**
ତ୍ରିଲୋଚନ ମହାପାତ୍ର
୯୯୩୮୯୯୪୮୨୨
ସତ୍ୟନାରାୟଣ ସାମନ୍ତରାୟ
୯୪୩୮୭୩୪୮୧୬
ଡ. ଅଜୟ କୁମାର ସ୍ୱାଇଁ
୯୪୩୭୨୮୧୪୮୨
ଭବାନୀ ଶଙ୍କର ଦାଶ
୯୪୩୭୧୩୧୯୯୬

**ସଂଯୋଜକ**
ଡ. ନିରଞ୍ଜନ ମହାନ୍ତି
୯୪୩୭୧୬୦୩୫୫
ଶ୍ରୀ ଆଦିନାରାୟଣ ଖଣ୍ଡୁଆଳ
୯୨୩୮୫୯୨୨୭୭

**ପରିଚାଳନା ସଂଯୋଜକ**
ସର୍ବେଶ୍ୱର ମହାପାତ୍ର
୯୯୩୮୪୪୨୪୨୮
ସମରଜିତ୍ ପଟ୍ଟନାୟକ
୯୮୬୧୧୨୧୨୦୫
ବିଭୁପ୍ରସାଦ ହରିଚନ୍ଦନ
୭୦୭୭୯୮୩୮୪୦
ଡ. ପ୍ରେମଚାନ୍ଦ ମହାନ୍ତି
୯୪୩୭୧୨୭୮୨୦
ଡ.ରଶ୍ମୀ ରଞ୍ଜନ ନାଥ
୯୯୮୬୧୪୭୭୧୯୫

**ପ୍ରଚ୍ଛଦ ଓ ଅଙ୍ଗସଜ୍ଜା**
ରାଜୀବ ରଥ
୭୯୭୮୭୧୫୧୪୯



**ଯୋଗାଯୋଗ:**

**ମୁଖ୍ୟ କାର୍ଯ୍ୟାଳୟ -**
**'ଆମରିସତ୍ୟ'**
ଏମ୍ - ୧/୫,
ମୁକୁନ୍ଦପ୍ରସାଦ ହାଉସିଂ ବୋର୍ଡ଼ କଲୋନୀ
ପୋ.ଅ.- ପି.ଏନ୍. କଲେଜ,
ଖୋର୍ଦ୍ଧା -୭୫୨୦୫୭, ଓଡ଼ିଶା
ଦୂରଭାଷ : ୯୪୩୭୨୮୧୬୫୫

**ଭୁବନେଶ୍ୱର କାର୍ଯ୍ୟାଳୟ -**
ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ମହାପାତ୍ର
ନିର୍ଦ୍ଦେଶକ,ଆମରିସତ୍ୟ
ପ୍ଲଟ ନଂ-ଏମ୍ -୫/୨୩ , ଆଚାର୍ଯ୍ୟ ବିହାର
ଭୁବନେଶ୍ୱର-୭୫୧୦୧୩ , ଜି-ଖୋର୍ଦ୍ଧା
ଦୂରଭାଷ : ୯୪୩୮୪୧୬୩୪୭

**ଜଟଣୀ କାର୍ଯ୍ୟାଳୟ -**
ଶ୍ରୀ ପଦ୍ମନାଭ ପାଣିଗ୍ରାହୀ
ବନମାଳି କଲୋନୀ, ଜଟଣୀ,
ଖୋର୍ଦ୍ଧା-୭୫୨୦୫୦
ଦୂରଭାଷ : ୯୩୩୮୨୨୧୩୭୪


### ଗ୍ରାହକମାନଙ୍କ ପାଇଁ ସୂଚନା

| | |
|---|---|
| ୧. ପ୍ରତି ଖଣ୍ଡ ଦେୟ | ଟ.୨୫/- |
| ୨. ବାର୍ଷିକ ଦେୟ | ଟ.୨୫୦/- |
| ୩. ଦ୍ୱିବାର୍ଷିକ ଦେୟ | ଟ.୪୫୦/- |
| ୪. ତ୍ରୟବାର୍ଷିକ ଦେୟ | ଟ.୬୫୦/- |
| ୫. ଆଜୀବନ ସଦସ୍ୟ | ଟ.୩୦୦୦/- |

(ଆଜୀବନ ଗ୍ରାହକ ସଦସ୍ୟତା ୧୪ ବର୍ଷ ପାଇଁ )


**ପରାମର୍ଶଦାତା ମଣ୍ଡଳୀ**

**ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି**
ପୂର୍ବତନ କୁଳପତି, ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ
**ଡ. ନାରାୟଣ ରାଓ**
ପ୍ରାକ୍ତନ କୁଳସଚିବ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
**ଡ. ଅଭୟ କୁମାର ନାୟକ**
କୁଳସଚିବ, ନାଇଜର, ଭୁବନେଶ୍ୱର
**ଡ.ଶରଚ୍ଚନ୍ଦ୍ର ମହାପାତ୍ର**
ପୂର୍ବତନ ଅଧ୍ୟକ୍ଷ,
ସରକାରୀ ମହିଳା ମହାବିଦ୍ୟାଳୟ, ପୁରୀ
**ଡା. ଧନେଶ୍ୱର ସାହୁ**
ପୂର୍ବତନ ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଖୋରଧା
**ଶ୍ରୀ ଭୀମସେନ ପ୍ରଧାନ**
ଶିକ୍ଷାବିତ୍, ଖୋରଧା
**ଶ୍ରୀ ଅନୀଲ କୁମାର ଶତପଥୀ**
ବରିଷ୍ଠ ଆଇନଜୀବୀ ଓ ସମାଜସେବୀ, ଭୁବନେଶ୍ୱର
**ଡ.ବିଷ୍ଣୁ ଚରଣ ସାହୁ**
ଶିକ୍ଷାବିତ ଓ ସାମାଜସେବୀ, ଭୁବନେଶ୍ୱର
**ଡ. ଗୌରୀ ଶଙ୍କର ପ୍ରହରାଜ**
ପୂର୍ବତନ ଅଧ୍ୟକ୍ଷ, ଭୁବନେଶ୍ୱର
**ଶ୍ରୀ ଜବାହରଲାଲ ସୁବୁଦ୍ଧି**
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ବଡ଼ତୋଟା, ଜଟଣୀ
**ଡାକ୍ତର ନନ୍ଦ କିଶୋର ପଟ୍ଟନାୟକ**
ସାହିତ୍ୟିକ, ଖୋରଧା


ଦେୟ ମନି ଅର୍ଡର, ଡ୍ରାଫଟ୍ କିମ୍ବା ଚେକ୍ ମାଧ୍ୟମରେ 'ଆମରିସତ୍ୟ' ନାମରେ ପଠାଇବାକୁ ଅନୁରୋଧ।
ଏସ୍‌ବିଆଇ ଖୋର୍ଦ୍ଧା ବଜାର ବ୍ରାଞ୍ଚ, ଖୋର୍ଦ୍ଧା ଆକାଉଣ୍ଟ ନମ୍ବର - ୩୧୦୩୩୯୭୪୨୨୬
**IFSC-SBIN0012027, MICR-752002151**



'ଆମରିସତ୍ୟ'ରେ ପ୍ରକାଶିତ ଲେଖା ଲେଖକଙ୍କର ନିଜସ୍ୱ ଅଟେ। ପ୍ରକାଶିତ ବିଷୟବସ୍ତୁ ପାଇଁ 'ଆମରିସତ୍ୟ' ଉତ୍ତରଦାୟୀ ନୁହେଁ।



**AMARISATYA**
AGENCY FOR MANAGEMENT, ADVOCACY, RESEARCH, IMPLEMENTATION, SERVICES AND TRAINING ON YOUTH AFFAIRS.
Website: www.amarisatya.in   Email:amarisatya@gmail.com / amarisatya@rediffmail.com

# ସୂଚୀପତ୍ର


| କ୍ର.ସଂ. ବିଷୟ | ଲେଖକ | ପୃଷ୍ଠା |
|---|---|---|
| ୧. ସକାଳ ବନ୍ଦନା | ରମେଶ ମଙ୍ଗରାଜ | ୦୪ |
| ୨. ସମ୍ପାଦକୀୟ | | ୦୫ |
| ୩. ହିତ ବାଣୀ | | ୦୬ |
| ୪. ପଦ୍ମଭୂଷଣ ଏବଂ ପଦ୍ମ ପୁରସ୍କାର ୨୦୨୧ | | ୦୭ |
| ୫. ବିଜ୍ଞାନ ବିଚିତ୍ରା | ଡକ୍ଟର ପ୍ରେମଚାନ୍ଦ ମହାନ୍ତି | ୦୯ |
| ୬. ଅସହାୟ ସ୍ରଷ୍ଟା - ଅସମର୍ଥ ସୃଷ୍ଟି | ବିଦ୍ୟୁତ୍ ପ୍ରଭା ଦେଓ | ୧୨ |
| ୭. ଗାଁ | ସୌମ୍ୟେନ୍ଦ୍ର ମିଶ୍ର | ୧୩ |
| ୮. ଦୁନିଆରେ କିପରି ସବୁ ଏକତ୍ର ... | ପ୍ରିୟମ୍ବଦା ସାହୁ | ୧୪ |
| ୯. କୋଭିଡ୍ ମହାମାରୀ ଓ ... | ଡ. ଦେବାହୁତି ଆର୍ଯ୍ୟ | ୧୬ |
| ୧୦. ଶିବଜ୍ୟୋତି | ରବୀନ୍ଦ୍ରନାଥ ଖଣ୍ଡୁଆଳ | ୧୭ |
| ୧୧.ଆପଣା ଢୋଲ ଆପେ ପିଟ | ଉମା ଶଙ୍କର ପ୍ରସାଦ | ୧୮ |
| ୧୨.ସକାଳ ଜଣାଣ | ଗୋଦାବରୀଶ ଦାସ | ୧୯ |
| ୧୩. ଫ୍ୟାଟ | ଡା.ଧନେଶ୍ୱର ସାହୁ | ୨୦ |
| ୧୪. ଅସ୍ପଷ୍ଟ ସ୍ୱର | ଆରତୀ ସେନ୍ | ୨୪ |
| ୧୫. ବଡ଼ ମଣିଷଙ୍କ ଜୀବନ କଥା | ଶ୍ରୀ ରବୀନ୍ଦ୍ରନାଥ ପ୍ରଧାନ | ୨୫ |
| ୧୬. ଅଜେୟ ଅର୍ଜୁନ | ଧ୍ରୁବ ରଣା | ୨୭ |
| ୧୭. ଜାତୀୟ ଜୀବନର କର୍ଣ୍ଣଧାର ... | ବିଳାସିନୀ ଦାଶ | ୨୮ |
| ୧୮. ଆତ୍ମବିଶ୍ୱାସର ଆହ୍ୱାନ | ସରୋଜିନୀ ଦାଶ | ୩୨ |
| ୧୯. ଭାବ ତୁଳସୀ | ସଚ୍ଚି ମହାନ୍ତି | ୩୨ |
| ୨୦. ପାଦ | ଦିବ୍ୟସିଂହ ତ୍ରିପାଠୀ | ୩୩ |
| ୨୧.ବାର୍ଡ଼ ନେଷ୍ଟ | ସୌମିତ୍ରା ହରିଚନ୍ଦନ | ୩୩ |
| ୨୨. ମୋ ବୋଉ | ଶ୍ରୀ ଜବାହରଲାଲ ସୁବୁଦ୍ଧି | ୩୩ |
| ୨୩. ଖୋର୍ଦ୍ଧା ରାଜ୍ୟର ପ୍ରତିଷ୍ଠାତା | ଡ. ପ୍ରସନ୍ନ କୁମାର ଜେନା | ୩୪ |
| ୨୪. ସ୍ୱପ୍ନର ରାଜା | ବିଭୁ ପ୍ରସାଦ ହରିଚନ୍ଦନ | ୩୮ |
| ୨୫. ବଣ ପଶୁପକ୍ଷୀ ଆମରି ମିତ | ଅଜୟ କୁମାର ସେଠୀ | ୩୮ |
| ୨୬.ସପନ ଗୋଧୂଳି | ଜ୍ଞାନ ଦାଶ | ୩୮ |
| ୨୭. କାଠ ଉକୁଣୀ | ମନୋଜ କୁମାର ମହାପାତ୍ର | ୩୯ |
| ୨୮.ଜୀର୍ଣ୍ଣ ଶିଳାର ବିଳାପ | ଶ୍ରୀମତୀ ରଶ୍ମିତା ନାୟକ | ୩୯ |
| ୨୯. ଭାରତର ଐତିହାସିକ ବିଜୟ | ଆଶିଷ କୁମାର ରାୟ | ୪୦ |
| ୩୦.ସମ୍ବାଦ ବିଚିତ୍ରା | | ୪୨ |
| ୩୧.ସାଧାରଣ ଜ୍ଞାନ | | ୪୩-୫୦ |

# ॥ ସକାଳ ବନ୍ଦନା :
# ସଂଜ ପ୍ରାର୍ଥନା - ୫୪


**ରମେଶ ମଙ୍ଗରାଜ**

ଜଗତର ନାଥ ଆହେ ଜଗନ୍ନାଥ
ହୃଦୟ ଯାଇଛ ଜିଣି
ଭାବର ଠାକୁର ଭାବନା ଭିତରେ
ମନକୁ ନେଇଛ କିଣି । ॥୦॥
ଅନ୍ତରର ଭାଷା ବୁଝ ବୋଲି ତୁମେ
ବୋଲାଅ ଅନ୍ତରଯ୍ୟାମୀ
ସବୁରି ପରାଣେ ଅଛ ବୋଲି ପ୍ରଭୁ
ତୁମେ ଜଗନ୍ନାଥ ସ୍ୱାମୀ,
ଭକତ ପାଇଁକି ଚତୁର୍ଦ୍ଧା ମୂରତୀ
ଆହାକି'ସୁନ୍ଦର ଠାଣୀ । ॥୧॥
ଜଗତର ନାଥ.........
ସବୁ ରଂଗ ହଜେ ତୁମରି ରଂଗରେ
ତମ ମୁହଁ ଦିଶେ କଳା
ଷୋଳକଳା ନେଇ କାଳିଆ ଠାକୁର
କଳିରେ କରୁଛ ଲୀଳା
ତୁମରି ମହିମା ଯଶଗାନ ପାଇଁ
ନାହିଁ ମୋର ଭାଷାବାଣୀ । ॥୨॥
ଜଗତର ନାଥ.............

**କବି ଓ କବିତା ଭବନ**
**ମହୁଲ, ଅଙ୍ଗାରପଡ଼ା**
**ଖୋର୍ଦ୍ଧା - ୭୫୨୦୫୪**
**ଦୂରଭାଷ - ୯୧୭୮୬୨୬୨୮୦**

ଆମେ ବିପତ୍ତିକୁ ଯେତେ ଡରିବା ସେ ଆମକୁ ସେତିକି ବିବ୍ରତ କରିପକାଇବ।
ଭୟ, ଦୁଃଖ, ଅଜ୍ଞାନକୁ ହଟେଇ ପାରିଲେ ଆମେ ପ୍ରଭୁ କୃପା ଲାଭ କରିପାରିବା।

# ସମ୍ପାଦକୀୟ....





ଯଦିଓ,ସମାଜର ସୃଷ୍ଟି କେବେ ହେଲା ଓ କେମିତି ହେଲା, ତା ଉପରେ କୌଣସି ନିର୍ଦ୍ଦିଷ୍ଟ ସୂଚନା ନାହିଁ, ତେବେ ଏହା ସ୍ପଷ୍ଟ ଯେ, ମଣିଷ ଆବାହମାନ କାଳରୁ ସମାଜ ଭିତରେ ରହି ଆସୁଛି ଏବଂ ନିଜର ସ୍ଥିତି ଓ ମଙ୍ଗଳ ପାଇଁ ସେ ସମାଜ ଭିତରେ ରହିବାକୁ ବାଧ୍ୟ ହୋଇଛି। ଜୀବନର ପ୍ରତ୍ୟେକ ସ୍ତରରେ ସେ ସମାଜର ଆବଶ୍ୟକତା ଅନୁଭବ କରେ। ଶୈଶବ ଠାରୁ ବାର୍ଦ୍ଧକ୍ୟ, ଯୌବନ ଠାରୁ ଜରା ଓ ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସେ ସମାଜ ସହିତ ଏକ ଅଲିଖିତ ଅନୁବନ୍ଧନରେ ବନ୍ଧା। ସେଥିପାଇଁ ସିଏ ନିର୍ଦ୍ଦିଷ୍ଟ ଓ ନିରପେକ୍ଷ ଭାବେ ନିଜର ସୃଷ୍ଟି କାଳରୁ ସମାଜର ଗତି, ପ୍ରଗତି ଓ ପ୍ରକୃତି ସହିତ ତାଳମେଳାଇ ଗତି କରିଆସୁଛି।

ଏକଲା ଜୀବନ ମଣିଷ ପାଇଁ କ୍ଳେଶକର। ପୃଥକଭାବେ ବଞ୍ଚିବା ତା' ପକ୍ଷେ ଖୁବ୍ ଦୁର୍ବୀସହ। ସେଇଥିପାଇଁ ଗ୍ରୀକ୍ ଦାର୍ଶନିକ ଆରିଷ୍ଟଟଲ୍ ଏକଦା କହିଥିଲେ, "ମଣିଷ ଏକ ସାମାଜିକ ପ୍ରାଣୀ। ଯିଏ ସମାଜ ବାହାରେ ବଞ୍ଚେ, ସିଏ ହୁଏତ ପଶୁ କିମ୍ବା ଭଗବାନ ହୋଇଥାଇପାରନ୍ତି"। ଏଣୁତ ମଣିଷ ସଙ୍ଗପ୍ରିୟ ଓ ସମାଜ ପ୍ରିୟ।

ପ୍ରାଣରକ୍ଷା ପାଇଁ ଖାଦ୍ୟ ନିହାତି ପ୍ରୟୋଜନ, ତାହା ମଣିଷ ପାଇଁ ଯେତିକି ଆବଶ୍ୟକ ଇତର ପ୍ରାଣୀମାନଙ୍କ ପାଇଁ ମଧ୍ୟ ସେତିକି ଦରକାର। ଏହା ଜୈବିକ ଦୃଷ୍ଟିରୁ ସମସ୍ତଙ୍କ ପାଇଁ ସମାନ। ମାତ୍ର, ଜୀବନର ଅର୍ଥ ମଣିଷ ପାଇଁ କେବଳ ପ୍ରାଣରକ୍ଷାକରିବା ନୁହେଁ। ଜୀବନ ଓ ପ୍ରାଣ ମଣିଷ ପାଇଁ ଏକାର୍ଥବୋଧକ ଶବ୍ଦ ନୁହେଁ। ପ୍ରାଣର ସଂକୀର୍ଣ୍ଣତା ଭିତରେ ଇତର ପ୍ରାଣୀମାନେ ବଞ୍ଚୁଥିବାବେଳେ, ତାହାର ଊର୍ଦ୍ଧ୍ୱକୁ ଉଠି ଜୀବନର ଅନ୍ୱେଷା କରିବାକୁ ମଣିଷ ବିଚାରକରେ। ସାଧାରଣ ଜନ୍ମମୃତ୍ୟୁର ଅବଧି ଭିତରେ ନିଜ ଗତି ଓ ପ୍ରଗତିକୁ ଅନ୍ୟମାନେ ପରଖୁଥିବାବେଳେ ମଣିଷ ତଦୂର୍ଦ୍ଧ୍ୱ ଅପରିସୀମ ସିଦ୍ଧାନ୍ତର ସନ୍ଧାନକରେ। ଅନ୍ୟମାନେ ପୃଥିବୀର ସୀମିତ ସରହଦ ଭିତରେ ନିଜ କାୟା ଓ କାମନାକୁ ଚରିତାର୍ଥ କରୁଥିବାବେଳେ ମଣିଷ କିନ୍ତୁ ଅବନୀରୁ ଅନନ୍ତ ଅନ୍ତରୀକ୍ଷ ଯାଏଁ ଦୃଷ୍ଟି ପହଁରାଏ। ଭୂମିରୁ ଭୂମା ପର୍ଯ୍ୟନ୍ତ ଓ ତଳରୁ ପାତାଳ ପର୍ଯ୍ୟନ୍ତ ତାର ବ୍ୟାପ୍ତି ଓ ପ୍ରଶସ୍ତି !

ତେବେ, ମନୁଷ୍ୟ ଓ ମନୁଷ୍ୟେତର ପ୍ରାଣୀମାନେ ଯଦିଓ ଏକା ପୃଥିବୀରେ ବାସ କରନ୍ତି, ଏକା ପାଣିପବନରେ ବଞ୍ଚନ୍ତି, ପୃଥିବୀର ଖାଦ୍ୟ ଖାଆନ୍ତି, ତେବେ ସେମାନଙ୍କଠି ଏତେ ଗୁଣଗତ ବୈସାଦୃଶ୍ୟ କଣ ପାଇଁ ? ଏହା କେବଳ ସମାଜର ପ୍ରଭାବ ବୋଲି ଅନେକ ତଥ୍ୟ ଓ ତର୍କଣାରୁ ଜଣାଯାଏ। ଅନେକ ସମାଜବିତ୍ ଏହା ଉପରେ ପରୀକ୍ଷାନିରୀକ୍ଷା କରି ମଣିଷ ଉପରେ ସମାଜର ପ୍ରଭାବକୁ ବହୁଭାବରେ ପ୍ରମାଣ କରିଛନ୍ତି। ମଣିଷ ସମାଜରେ ରହିଲେ ସାମାଜିକପ୍ରାଣୀଟିଏ ତ ହୁଏ, ତା ସହ ତାର ଶୈକ୍ଷିକ ଓ ଅର୍ଥନୈତିକ ବାତାବରଣ ସମୃଦ୍ଧ ହେବା ସହ ସେ ନିଜକୁ ନିରାପଦ ଭାବେ। ତାର ଉଦାହରଣ ଏଇ ନିକଟରେ ଭୋଗିଥିବା ଓ ଅନେକାଂଶରେ ଭୋଗୁଥିବା ବିଶ୍ୱମାରୀ କରୋନାର ବିପର୍ଯ୍ୟସ୍ତ ବିଶ୍ୱ !

ସାମାନ୍ୟ କେଇଟା ମାସର ସଙ୍ଗରୋଧ ଓ ସାମାଜିକ ବାସନ୍ଦ ବିଶ୍ୱକୁ ଭାରାକ୍ରାନ୍ତ କରିଦେଲା। ସାମାଜିକ, ଅର୍ଥନୈତିକ ଓ ଶୈକ୍ଷିକ ବାତାବରଣ ଭୁଷୁଡ଼ିବାକୁ ଲାଗିଲା। ମଣିଷ ମଣିଷକୁ ସନ୍ଦେହ କଲା। ଏକା ଏକା ଘର ଭିତରେ ବନ୍ଦୀ ଜୀବନର ଦୁର୍ବୀସହତା ମଣିଷକୁ ଆରିଷ୍ଟଟଲ୍ଙ୍କ ସାମାଜିକ ସିଦ୍ଧାନ୍ତକୁ ମନେପକେଇଦେଲା। ସେ ନିଜକୁ ପଶୁତୁଲ୍ୟ ଜ୍ଞାନକଲା। ଏକଲା ରହିବାର ଖୋଜିଲାପଣ ଭିତରେ ସିଏ ସେତିକିବେଳେ କେବଳ ସମାଜକୁ ଖୋଜିଲା। ବୋଧହୁଏ, ସାମାଜକୁ ଭୁଲିଯାଇଥିବା ମଣିଷ ପାଇଁ ଏଭଳି ବିଶ୍ୱଚଡ଼କ ଏକ ଆକସ୍ମିକତା ଥିଲା !

ସତରେ, ମଣିଷର ସମାଜ ପ୍ରତି ଥିବା ଅବିଚାର ଓ ଅବହେଳାର ଫଳଶୃତି ଯେ କରୋନା ମହାମାରୀ ଏ କଥାକୁ କେବେ ଭୁଲିବାର ନୁହେଁ। ଏଣୁ ସମାଜକୁ ସୁରକ୍ଷିତ ରଖାଯାଉ। ଏହାର ପାଣି, ପବନ, ମାଟି, ଅରଣ୍ୟସବୁର ଯତ୍ନ ନିଆଯାଉ। ମଣିଷ, ସମାଜର ଏହି ବିଭବଗୁଡ଼ିକ ପ୍ରତି ଯଥେଷ୍ଟ ସମ୍ବେଦନଶୀଳ ହେଉ। ନହେଲେ, ଅଚିରେ ଆଉ ଏକ ବିଡ଼ମ୍ବନାକୁ ସାମନା କରିବାକୁ ଆମକୁ ପ୍ରସ୍ତୁତ ହେବାକୁ ପଡ଼ିବ।

ଅବଶ୍ୟ, ସେତେବେଳକୁ ନେଡ଼ିଗୁଡ଼ କହୁଣିକୁ ବୋହିଯାଇଥିବ !



**ଡ. ପ୍ରସନ୍ନ କୁମାର ଜେନା**

# ହିତ ବାଣୀ



## ଗୀତା

**ଲଭନ୍ତେ ବ୍ରହ୍ମନିର୍ବାଣମୃଷୟଃ କ୍ଷୀଣକଲ୍ମଷାଃ ।**
ଛିନ୍ନଦ୍ୱୈଧା ଯତାତ୍ମାନଃ ସର୍ବଭୂତହିତେ ରତାଃ । ॥ ୨୫ ॥

ଯେଉଁମାନଙ୍କର ସକଳ ପାପ ନଷ୍ଟ ହୋଇଯାଇଛି, ଯେଉଁମାନଙ୍କର ସକଳ ସଂଶୟ ଜ୍ଞାନଦ୍ୱାରା ନିବୃତ୍ତ ହୋଇଯାଇଛି, ଯେଉଁମାନେ ସକଳ ପ୍ରାଣୀଙ୍କ ହିତରେ ରତ ଏବଂ ଯେଉଁମାନଙ୍କର ବିଜିତ ମନ ନିଶ୍ଚଳଭାବରେ ପରମାତ୍ମାଙ୍କ ଠାରେ ସ୍ଥିତ, ସେହି ବ୍ରହ୍ମବେତ୍ତା ପୁରୁଷମାନେ ଶାନ୍ତ ବ୍ରହ୍ମଙ୍କୁ ପ୍ରାପ୍ତ ହୁଅନ୍ତି । ॥୨୫॥

## ଯାଜ୍ଞବଲ୍‌କ୍ୟଙ୍କ ବାଣୀ


ଗୋରୁ, ବ୍ରାହ୍ମଣ, ଅଗ୍ନି ଏବଂ ଅନ୍ନ -
ଏମାନଙ୍କୁ ଉଚ୍ଛିଷ୍ଟ ଅବସ୍ଥାରେ ଛୁଇଁବ ନାହିଁ ।

## ଭାଗବତ ବାଣୀ

ଚିତ୍ତ ବିଶୁଦ୍ଧ ଯାର ନାହିଁ । ତାର ବୈରାଗ୍ୟ ଜ୍ଞାନ ନାହିଁ ॥
ଜାତ ଯେ ହୋଇ ଏ ସଂସାରେ । ମରଣ ଧ୍ରୁବଟି ତାହାରେ ॥

## କୁହତ ଦେଖି

ବରଷକେ ଥରେ ଖାଏ
ମୁହଁ ମାଡ଼ି ପଡ଼ିଥାଏ । (ଜହ୍ନ ମାମୁ)



## ଚାଣକ୍ୟ ନୀତି

ମିଠା କଥା :

**ଯସ୍ମାଚ୍ଚ ପ୍ରିୟମିଚ୍ଛେତ୍ ତସ୍ୟ ବ୍ରୂୟାତ୍ସଦା ପ୍ରିୟମ୍ ।**
**ବ୍ୟାଘ୍ରୋ ମୃଗବଧଂ ଗନ୍ତୁଂ ଗୀତଂ ଗାୟତି ସୁସ୍ୱରମ୍ । ॥୧୦॥**

**ଆଚାର୍ଯ୍ୟ ଚାଣକ୍ୟ ଏଠାରେ ମଧୁର ବାଣୀର ମହତ୍ତ୍ୱକୁ ପ୍ରତିପାଦିତ କରିବାକୁ ଯାଇ କୁହନ୍ତି ଯେ, ଯାହାଠାରୁ ନିଜର କଲ୍ୟାଣ ପାଇଁ କାମନା କରୁଥିବ, ତାଙ୍କ ସମ୍ମୁଖରେ ସବୁବେଳେ ମିଠା ମିଠା କଥା କହିବା ଦରକାର । କାରଣ ଶିକାରୀ ହରିଣକୁ ଶିକାର କଲାବେଳେ ଅତି ମଧୁର ସ୍ୱରରେ ଗୀତ ଗାଇଥାଏ ।**

## ଢଗଢମାଳୀ

**କାକୁଡ଼ି ନଡ଼ିଆ ମକା, ଦାନ୍ତ ପଡ଼ିଲେ ତଳକୁ ପକା ।**

ମିଠା ଆମ୍ବ ଯେବେ ହୋଇଲା ପୋକା, ବୃଦ୍ଧା ହସ୍ତ ଯେବେ ଧଇଲା ଚୋକା,
କାର୍ଯ୍ୟ ବ୍ୟସ୍ତେ ଭାତ ହୁଏ ନକେଇ, କାମ ଚଳେ ସିନା ତୃପତି ନାହିଁ ।

## ରୂଢ଼ି ପ୍ରୟୋଗ

ଅରକ୍ଷିତକୁ ଦଇବ ସାହା ।
ଅତି ଲୋଭେ ତନ୍ତୀ ମରେ ।
ଅଳସୁଆ ମାଗିଖିଆ ଭାଇ ।

# ପଦ୍ମଭୂଷଣ ଏବଂ ପଦ୍ମ ପୁରସ୍କାର ୨୦୨୧





୭୨ ତମ ସାଧାରଣତନ୍ତ୍ର ଦିବସ ଅବ୍ୟବହିତ ପୂର୍ବରୁ ଦେଶର ନାଗରିକ ସମ୍ମାନ ପଦ୍ମ ପୁରସ୍କାର ଘୋଷଣା କରାଯାଇଛି। ଏଥର ମୋଟ ୧୧୯ ଜଣଙ୍କୁ ପଦ୍ମପୁରସ୍କାର ପ୍ରଦାନ କରାଯିବ। ସେଥିରୁ ୭ ଜଣ ପଦ୍ମ ବିଭୂଷଣ, ୧୦ ଜଣ ପଦ୍ମଭୂଷଣ ଏବଂ ୧୦୨ ଜଣ ପଦ୍ମଶ୍ରୀ ସମ୍ମାନ ପାଇବେ। ସାତଜଣ ପଦ୍ମ ବିଭୂଷଣ ପାଇବା ମଧ୍ୟରେ ଓଡ଼ିଆ ଭାସ୍କର୍ଯ୍ୟ ଶିଳ୍ପୀ ସୁଦର୍ଶନ ସାହୁ ସ୍ଥାନ ପାଇଛନ୍ତି। ତତ୍‌ସହିତ ଜାପାନର ପୂର୍ବତନ ପ୍ରଧାନମନ୍ତ୍ରୀ ସିନ୍‌ଜୋ ଆବେ, ଗାୟକ ଏସ୍‌ପି. ବାଲ ସୁବ୍ରମଣ୍ୟମ୍ (ମରଣୋତ୍ତର), ହୃଦରୋଗ ବିଶେଷଜ୍ଞ ଡ. ବେଲେ ମନସ୍କା ହେଗ୍‌ଡ଼େ, ଭାରତ, ଆମେରିକୀୟ ପଦାର୍ଥ ବିଜ୍ଞାନୀ ନରିନ୍ଦର ସିଂ କାପାନୀ (ମରଣୋତ୍ତର) ଇସ୍‌ଲାମିକ୍ ଶିକ୍ଷାବିତ୍ ମୌଲା ୱାହିଦୁଦ୍ଦିନ୍ ଖାନ୍ ଏବଂ ଭାରତୀୟ ପ୍ରତ୍ନତତ୍ତ୍ୱବିତ୍ ବି.ବି.ଲାଲ୍।

୧୧୯ ଜଣ ପଦ୍ମ ପୁରସ୍କାର ପାଇବା ମଧ୍ୟରେ ୫ଜଣ ଓଡ଼ିଆ ଶାନ୍ତିଦେବୀ, ପୂର୍ଣ୍ଣମାସୀ ଜାନୀ, ଡ.ରଜତ କୁମାର କର, ଡା.କୃଷ୍ଣମୋହନ ପାଠୀ ଏବଂ ନନ୍ଦ ପୃଷ୍ଟିଙ୍କୁ ପଦ୍ମଶ୍ରୀ ପୁରସ୍କାର ଦିଆଯାଇଛି। ଏଥରକ ପଦ୍ମଭୂଷଣ ଓଡ଼ିଶାରୁ କେହି ପାଇନାହାନ୍ତି।

## ୧. ପଦ୍ମ ବିଭୂଷଣ ସୁଦର୍ଶନ ସାହୁ -

ସୁଦର୍ଶନ ସାହୁ ୧୯୩୯ ମସିହା ମାର୍ଚ୍ଚ ୧୧ ତାରିଖରେ ପୁରୀ ଜିଲ୍ଲାରେ ଜନ୍ମଗ୍ରହଣ କରିଥିଲେ। ପଥରକାଠ ଓ ଅନ୍ୟାନ୍ୟ ମାଧ୍ୟମରେ ଜୀବନ୍ତ ଭାସ୍କର୍ଯ୍ୟ ସେ ସୃଷ୍ଟି କରିଯାଇଛନ୍ତି। ୬ ଦଶନ୍ଧି ଧରି ସେ ଏହି କାର୍ଯ୍ୟ ଜାରିରଖିଛନ୍ତି। ୧୯୭୭ ରେ ସୁଦର୍ଶନ କ୍ରାଫ୍ଟ ମିଉଜିୟମ୍ ପ୍ରତିଷ୍ଠା କରିଥିଲେ। ୧୯୯୧ ମସିହାରେ ଭୁବନେଶ୍ୱରରେ ସୁଦର୍ଶନ ଆର୍ଟ ଏଣ୍ଡ କ୍ରାଫ୍ଟ ଭିଲେଜ୍ ପ୍ରତିଷ୍ଠା କରିଥିଲେ। ଭାରତ, ଆମେରିକା ଓ ଜାପାନରେ ଭାସ୍କର୍ଯ୍ୟ ସଂପର୍କରେ ସେ ସାର ଗର୍ଭକ ଭାଷଣ ମଧ୍ୟ ପ୍ରଦାନ କରିଛନ୍ତି। ସେ ପ୍ରାୟ ୨୫୦ ଜଣ ଦକ୍ଷ ପ୍ରସ୍ତର ଶିଳ୍ପୀଙ୍କୁ ପ୍ରଶିକ୍ଷଣ ଦେଇଛନ୍ତି। ୧୯୮୮ ମସିହାରେ ସେ ପଦ୍ମଶ୍ରୀ ସମ୍ମାନରେ ଭୂଷିତ ହୋଇଥିଲେ। ୨୦୧୮ ମସିହାରେ ସେ ଓଡ଼ିଶା ହସ୍ତଶିଳ୍ପ ଓ ହସ୍ତକଳା ଉନ୍ନୟନ ଓ ପ୍ରସାର ପରିଷଦର ଅଧ୍ୟକ୍ଷ ଥିଲେ। ୨୦୦୩ ରେ ଶିଳ୍ପୀଗୁରୁ ଏବଂ ୨୦୧୨ ରେ ଓଡ଼ିଶା ଲଳିତ କଳା ଏକାଡ଼େମୀ ପକ୍ଷରୁ 'ଧର୍ମପଦ' ସମ୍ମାନ ଲାଭ କରିଥିଲେ।



## ୨. ପଦ୍ମଶ୍ରୀ ଶାନ୍ତି ଦେବୀ :-

ଶାନ୍ତିଦେବୀ ୧୯୩୪ ମସିହା ଅପ୍ରେଲ ୧୮ ତାରିଖରେ ବାଲେଶ୍ୱର ଜିଲ୍ଲାର ଗୋପାଳ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ସେ ତାଙ୍କ ସ୍ୱାମୀ ରତନ ଦାସଙ୍କ ସହିତ ପ୍ରଥମେ କୋରାପୁଟ ପରେ ରାୟଗଡ଼ା ଏବଂ ଶେଷରେ ଗୁଣୁପୁର ଅଞ୍ଚଳକୁ ନିଜର କର୍ମସ୍ଥଳୀ ଭାବେ ବାଛିନେଇଥିଲେ। ସେ ଅଂଚଳରେ ଛୋଟରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ତାଙ୍କୁ 'ବୋଉ' ବୋଲି ଡାକନ୍ତି। ୧୯୫୧ ମସିହାରେ ରାୟଗଡ଼ା ଜିଲ୍ଲାର ଦୁର୍ଗମ ସଂକଳପଦର ଗ୍ରାମରେ ରହି କୁଷ୍ଠରୋଗୀମାନଙ୍କ ସେବା କରିଥିଲେ। ୧୯୫୬ ମସିହାରେ ଆଚାର୍ଯ୍ୟ ବିନୋବା ଭାବେଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଭୂଦାନ ଆନ୍ଦୋଳନରେ ନିଜକୁ ସାମିଲ କରିଥିଲେ। ପର୍ଯ୍ୟାୟକ୍ରମେ ରାୟଗଡ଼ା, ଗୁଣୁପୁର, ଲିମାପଡ଼ା ଓ ପଦ୍ମପୁର ବ୍ଲକର ଜବରଗୁଡ଼ାରେ ସେବା ଆଶ୍ରମ ପ୍ରତିଷ୍ଠା କରିଥିଲେ। ଅନାଥ ଝିଅମାନଙ୍କୁ ରଖି ଶିକ୍ଷାଦାନ କରୁଥିଲେ। ଏବେବି ସୁଦ୍ଧା ଆଶ୍ରମଗୁଡ଼ିକ ଶାନ୍ତିଦେବୀଙ୍କ ଦ୍ୱାରା ପରିଚାଳିତ ହେଉଛି ।



## ୩. ପଦ୍ମଶ୍ରୀ ଡାକ୍ତର କୃଷ୍ଣମୋହନ ପାଠୀ :-

ବ୍ରହ୍ମପୁର ଉପକଣ୍ଠ ସୁକୁଣ୍ଡାର ଏକ ମଧ୍ୟବିତ୍ତ ବ୍ରାହ୍ମଣ ପରିବାରରେ ୧୯୩୯ ମସିହା ଜୁନ୍ ୬ ତାରିଖରେ କୃଷ୍ଣମୋହନ ପାଠୀ ଜନ୍ମଗ୍ରହଣ କରିଥିଲେ। ପିତା ଥିଲେ ପଣ୍ଡିତ କବିରାଜ ଭୀମସେନ ପାଠୀ। ପିତାଙ୍କ ଆଦର୍ଶରେ ସେ ମାନବ ସେବାକୁ ଗ୍ରହଣ କରିନେଇଥିଲେ। ୧୯୬୩ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରୁ ଏମ୍.ବି.ବି.ଏସ୍ ପାଠ୍ୟକ୍ରମ ସରିବା ପରେ ୧୯୬୬ ରେ



ପାଟଣା ବିଶ୍ୱବିଦ୍ୟାଳୟରୁ ମାଷ୍ଟର ଅଫ୍ ସର୍ଜରୀ ଡିଗ୍ରୀ ଲାଭ କରିଥିଲେ। ୧୯୭୨ - ୭୫ ପର୍ଯ୍ୟନ୍ତ ରାଜ୍ୟ ଗୋଷ୍ଠୀ ମେଡ଼ିକାଲ ଫେଲୋ ଭାବେ ଲଣ୍ଡନ ଗସ୍ତ କରିଥିଲେ। ଦୀର୍ଘ ୩୭ ବର୍ଷ ଧରି କୁକୁଡ଼ାଖଣ୍ଡି ବ୍ଲକର ଆଦିବାସୀ ବହୁଳ ଅଂଚଳରେ ମାଧପୁରରେ ଭରଦ୍ୱାଜ ଗୁରୁକୁଳ ଆଶ୍ରମ ଖୋଲି ଗରିବ ଅସହାୟ ରୋଗୀଙ୍କୁ ନିଶୁଳ୍କ ସେବା କରିଆସୁଛନ୍ତି। ସେ ଭାରତକୁ ପ୍ରାୟ ୨୨ଥର ଆନ୍ତର୍ଜାତିକ ସ୍ତରରେ ପ୍ରତିନିଧିତ୍ୱ କରିଛନ୍ତି।

## ୪. ପଦ୍ମଶ୍ରୀ ପୂର୍ଣ୍ଣମାସୀ ଜାନୀ :-



କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ବ୍ଲକର ଋରିପଡ଼ାଠାରେ ୧୯୩୪ ମସିହାରେ ଜନ୍ମଗ୍ରହଣ କରିଥିଲେ। ସେ ଖୁବ୍ କମ୍ ବୟସରେ ବିବାହ କରିଥିଲେ। ତାଙ୍କର ୬ଟି ସନ୍ତାନ କ୍ରମାଗତ ଭାବେ ଖୁବ୍ କମ୍ ବୟସରୁ ମୃତ୍ୟୁବରଣ କରିବା ପରେ ସେ ଗଭୀର ଦୁଃଖ ପାଇଲେ। ଧୀରେ ଧୀରେ ଆଧ୍ୟାତ୍ମିକତା ଆଡ଼କୁ ତାଙ୍କ ମନ ଟାଣିଲା। କୁହାଯାଏ ୧୯୬୯ ମସିହାରେ କେତେକ ଋଷି ତାଙ୍କୁ ନିକଟସ୍ଥ ତାଡ଼ିସର ପର୍ବତକୁ ନେଇଯାଇ ସିଦ୍ଧି ପ୍ରଦାନ କରିଥିଲେ। ସିଦ୍ଧିପ୍ରାପ୍ତ ହୋଇ 'ତାଡ଼ିସରୁ ବାଇ' ଭାବେ ସେ ପରିଚିତି ଲାଭ କଲେ। ଯେତେବେଳେ ସେ ଧ୍ୟାନସ୍ଥ ହୁଅନ୍ତି ତାଙ୍କ କଣ୍ଠରୁ ଝରିଆସେ ଭାବପୂର୍ଣ୍ଣ ଭକ୍ତି ସଂଗୀତ। ଶାଳପତ୍ର ଖଲି ସିଲେଇ କରି ଜଣେ ଆଦିବାସୀ ମହିଳା ପୂର୍ଣ୍ଣମାସୀ ଏଯାବତ୍ ଏକ ଲକ୍ଷରୁ ଉର୍ଦ୍ଧ୍ୱ ଗୀତ ଗାଇଛନ୍ତି। ଦିନେ ବି ସେ ବିଦ୍ୟାଳୟ ଯାଇନାହାନ୍ତି। ଭାଷା ସାହିତ୍ୟ ଜାଣିନାହାନ୍ତି। କିନ୍ତୁ ଅସଂଖ୍ୟ ଭକ୍ତି ସଂଗୀତ ସେ ଗାଇଛନ୍ତି ଓ ଲେଖିଯାଇଛନ୍ତି ।

## ୬. ପଦ୍ମଶ୍ରୀ ନନ୍ଦ କିଶୋର ପୃଷ୍ଟି :-



ନନ୍ଦ କିଶୋର ପୃଷ୍ଟି ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ୍ କନ୍ତିରା ଗ୍ରାମର ଅଟନ୍ତି। ବର୍ତ୍ତମାନ ତାଙ୍କୁ ୧୦୨ ବର୍ଷ ବୟସ। ୧୯୩୯ ମସିହାରେ ହାତୀବାରୀ ଗ୍ରାମର ମାଇନର ସ୍କୁଲରୁ ୭ମ ଶ୍ରେଣୀ ପାଶ୍ କରିଥିଲେ। ଦାରିଦ୍ର୍ୟରେ ପାଠପଢ଼ାରେ ଡ଼ୋରି ବାନ୍ଧିଲେ। ୧୯୪୬ ମସିହାରେ ସେ ଗାଁ ରେ ଏକ ଋଟଶାଳୀ ଆରମ୍ଭ କଲେ। ନନ୍ଦ ସାରଙ୍କ ଋଟଶାଳୀରୁ ପାଠପଢ଼ି କନ୍ତିରା ଗ୍ରାମର ବହୁବ୍ୟକ୍ତି ଇଂଜିନିୟର ଶିକ୍ଷକ ପୋଷ୍ଟମାଷ୍ଟର ଓ ଡାକ୍ତର ହୋଇଛନ୍ତି। ସେ କୌଣସି ଛାତ୍ରଛାତ୍ରୀଙ୍କ ଠାରୁ ଟଙ୍କାଟିଏ ବି ଗୁରୁଦକ୍ଷିଣା ନିଅନ୍ତି ନାହିଁ। ଏବେ ବି ତାଙ୍କ ଋଟଶାଳୀରେ ୩୨ଜଣ ଛାତ୍ରଛାତ୍ରୀ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଅଛନ୍ତି। ଦୀର୍ଘ ୭୫ ବର୍ଷ ଧରି ସେ ପ୍ରାୟ ୩୦୦୦ ଛାତ୍ରଛାତ୍ରୀଙ୍କର ଭବିଷ୍ୟତ ଗଠନ କରିଛନ୍ତି।

## ୬. ପଦ୍ମଶ୍ରୀ ଡ. ରଜତ କୁମାର କର :-

ଡ. ରଜତ କୁମାର କର କଟକ ସହରରେ ୧୯୩୪ ମସିହାରେ ଅକ୍ଟୋବର ୨ ତାରିଖରେ ଜନ୍ମଗ୍ରହଣ କରିଥିଲେ। ସେ ବିଦ୍ୟାଳୟ ପରିଦର୍ଶକ ଭାବେ ବୃତ୍ତିଗତ ଜୀବନ ଆରମ୍ଭ କରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଥିଲେ। ଏସ.ସି.ଆଇ.ଆର.ଟି ର ନିର୍ଦ୍ଦେଶକ ଭାବେ କାର୍ଯ୍ୟକରି ସେବା ନିବୃତ୍ତ ହୋଇଥିଲେ। ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାକୁ ତାଙ୍କର ଅତୁଳନୀୟ ଅବଦାନ ପାଇଁ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ତାଙ୍କୁ ସମ୍ମାନ ସୂଚକ ଡକ୍ଟର ଉପାଧି ପ୍ରଦାନ କରିଥିଲେ। ସେ ଜଣେ ନାଟ୍ୟକାର, କବି, ପ୍ରାବନ୍ଧିକ, ସଂସ୍କୃତି, ଗବେଷକ, ରୀତି ଓ ଭଂଜ ସାହିତ୍ୟର ପ୍ରସିଦ୍ଧ ବକ୍ତା। ଜଗନ୍ନାଥ ସଂସ୍କୃତିର ବ୍ୟାଖ୍ୟାକାର ଭାବେ ତାଙ୍କର ସୁଖ୍ୟାତି ରହିଛି। ସଂସ୍କୃତ, ହିନ୍ଦୀ, ଇଂରାଜୀ ଓ ଓଡ଼ିଆ ଭାଷାରେ ତାଙ୍କର ଦକ୍ଷତା ଅଛି। ରେଡ଼ିଓ, ଟିଭିରେ ନିୟମିତ ଭାବରେ ସଂସ୍କୃତି ଗବେଷଣା ମୂଳକ କାର୍ଯ୍ୟକ୍ରମରେ ଅତିଥିଭାବେ ସେ ଯୋଗଦିଅନ୍ତି। ୧୯୫୩ ମସିହାରେ "କବିସମ୍ରାଟ" ତାଙ୍କର ପ୍ରଥମ ପ୍ରକାଶିତ ପୁସ୍ତକ। ବର୍ତ୍ତମାନ ସେ ସାହିତ୍ୟ ସାଧନାରେ ବ୍ରତୀ ଅଛନ୍ତି ଏବଂ ଅନେକ ପୁସ୍ତକ ମଧ୍ୟ ରଚନା କରିଛନ୍ତି।



**ଉପସ୍ଥାପନା-ଡ.ପ୍ରମୋଦ ଚନ୍ଦ୍ର ଦାଶ**




# ବିଜ୍ଞାନ ବିଚିତ୍ର

ଡକ୍ଟର ପ୍ରେମଚାନ୍ଦ ମହାନ୍ତି

**ସୁପର ସୈନିକ :** ଚୀନ୍ ତାର ସେନାବାହିନୀ ବା ପିପୁଲସ୍ ଲିବରସନ ଆର୍ମିରେ ଅତି ବଳବାନ ସୁପର ସୈନିକମାନଙ୍କୁ ସାମିଲ କରିବାକୁ ଯାଉଛି ବୋଲି ଆମେରିକାର ନେସନାଲ ଇଣ୍ଟେଲିଜେନ୍ସ ଡାଇରେକ୍ଟର ଜନ୍ ରେଟକ୍ଲି ମତ ପ୍ରକାଶ କରିଛନ୍ତି। ୨ୟ ବିଶ୍ୱଯୁଦ୍ଧ ପରେ ଚୀନ୍ ସମସ୍ତ ଯୁଦ୍ଧର ନିୟନ୍ତ୍ରଣ ମାନବିକ ସମ୍ବେଦନଶୀଳତାକୁ ତ୍ୟାଗକରି ବିଶ୍ୱରେ ତାର ପ୍ରତିଆରା ଜାହିର କରିବାକୁ ଯାଉଛି। Cripsr (Clusters of Regular Interspaced Palliuvromic Repeeds) ନାମକ କୌଶଳ ପ୍ରୟୋଗ କରି ଜିନ୍‌ମାନଙ୍କୁ ଏମିତି ପରିବର୍ତ୍ତନ କରୁଛି ଯଦ୍ୱାରା ମଣିଷର ଶାରୀରିକ କ୍ଷମତାକୁ ବହୁଗୁଣିତ କରିଦେଇଛି ଏବଂ ଏହାଦ୍ୱାରା ବାତାୟାନିକ ରୋବର୍ଟ ସବୁ ତିଆରି କରୁଛି ଯେଉଁମାନଙ୍କର ପାରମ୍ପାରିକ ଅସ୍ତ୍ରଶସ୍ତ୍ର କୌଣସି କ୍ଷତି କରିପାରିବନାହିଁ। ଏହି କୌଶଳ ଦ୍ୱାରା ସାଧାରଣତଃ ଦୁରାରୋଗ୍ୟରେ ପୀଡ଼ିତ ରୋଗୀମାନଙ୍କ ଚିକିତ୍ସା କରାଯାଏ କିନ୍ତୁ ଚୀନ୍ ଏ କ୍ଷେତ୍ରରେ ଜିନ୍ ଏଡିଟିଙ୍ଗ୍ ସହ ଅତି ବୁଦ୍ଧିମତା ପ୍ରୟୋଗରେ ଏକ ବାହ୍ୟକଙ୍କାଳ ପ୍ରସ୍ତୁତି ସହ ମନୁଷ୍ୟ ଓ ଯନ୍ତ୍ରକୌଶଳକୁ ବାନ୍ଧି ଅତି ବଳଶାଳୀ ସୈନିକ ତିଆରି କରୁଛି, ଯେଉଁମାନେ ପାରମ୍ପାରିକ ଅସ୍ତ୍ରଶସ୍ତ୍ରକୁ ଫୁ କରି ଉଡ଼େଇ ଦେଇପାରିବେ।

**ଜାପାନର ମହାକାଶଯାନଦ୍ୱାରା ମହାଜାଗତିକ ପଦାର୍ଥକୁ ପୃଥିବୀକୁ ଅଣାଯାଉଛି :-**



୨୭୦ ମିଲିୟନ୍ ଡଲାର ଖର୍ଚ୍ଚରେ ୩ ଡିସେମ୍ବର ୨୦୧୭ ରେ ମହାକାଶକୁ Hayabusa - 2 ନାମକ ମହାକାଶଯାନକୁ ଭୂପୃଷ୍ଠରୁ ମହାକାଶକୁ ପ୍ରେରଣ କରାଯାଇଥିଲା, ଯାହା ୨୭ ଜୁନ୍, ୨୦୧୮ ରେ Ryugu ନାମକ କ୍ଷୁଦ୍ରଗ୍ରହରେ ପଦାର୍ପଣ କଲା। ୨୦୧୯ ନଭେମ୍ବର ମାସରେ ଏହା ମୂଳଯାନଠାରୁ ଅଲଗା ହୋଇ ତାର କାର୍ଯ୍ୟ ଆରମ୍ଭ କଲା। ତାହାର ମୂଳ ଲକ୍ଷ୍ୟ ଥିଲା, ସେହି ଗ୍ରହପୃଷ୍ଠରୁ ଏବଂ ଆଭ୍ୟନ୍ତରରୁ ଧୂଳିକଣା ସହ ମାଟି ଏବଂ ଅନ୍ୟ ପଦାର୍ଥ ସଂଗ୍ରହ କରିବା। ଏହି ନମୁନାରୁ ପ୍ରାୟ ୦.୧ ଗ୍ରାମକୁ ଏକ କ୍ୟାପସୁଲ୍‌ରେ ଭର୍ତ୍ତିକରି ପୃଥିବୀପୃଷ୍ଠକୁ ପଠାଇବାକୁ ଚେଷ୍ଟା କରାଗଲା। ଏହାକୁ ସୌରରଶ୍ମି ଏବଂ ଅନ୍ୟ ବିକିରଣରୁ ରକ୍ଷା କରିବାକୁ ଯତ୍ନ କରାଯାଇଥିଲା। ଏହି କ୍ଷୁଦ୍ରଗ୍ରହଟି ଭୂପୃଷ୍ଠରୁ ପ୍ରାୟ ୨,୦,୦୦୦ କିଲୋମିଟର ଦୂରରେ ଅବସ୍ଥିତ ଥିଲା। ପ୍ରଥମେ ଏହି କ୍ୟାପସୁଲଟି ଦକ୍ଷିଣ ଅଷ୍ଟ୍ରେଲିଆର ଏକ ମରୁଭୂମିରେ ପଡ଼ିଲାପରେ ଏହାକୁ ଜାପାନକୁ ଅଣାଯିବ। ଏଥିରୁ ଅର୍ଦ୍ଧେକାଂଶ ଜାପାନ ଓ ନାସା ବ୍ୟବହାର କରିବାପରେ ଆଉ କିଛି ଅଂଶ ଆଗ୍ରହୀ ଅନ୍ତର୍ଜାତୀୟ ବିଜ୍ଞାନ ପ୍ରୟୋଗଶାଳାମାନଙ୍କୁ ବଣ୍ଟନ କରାଯିବ। ପାଞ୍ଚବର୍ଷ ପରେ ଅର୍ଥାତ ଡିସେମ୍ବର ମାସରେ ଏହା ପୃଥିବୀକୁ ଆସିଲାପରେ ପୁନଶ୍ଚ ଆକାଶକୁ ଯାଇ ଜୁଲାଇ ୨୦୨୬ ପର୍ଯ୍ୟନ୍ତ ସୂର୍ଯ୍ୟ ଚାରିପଟେ ଭ୍ରମଣ କରି ଗ୍ରହମାନଙ୍କ ମଧ୍ୟରେ ଥିବା ଶୂନ୍ୟସ୍ଥାନ ସଂପର୍କରେ ବିବରଣୀ ସଂଗ୍ରହ କରିବ ଏବଂ ତା'ପରେ ୨୦୨୧ ପର୍ଯ୍ୟନ୍ତ ଅନ୍ୟ ଏକ କ୍ଷୁଦ୍ରଗ୍ରହ J00ICCZI ଅଭିମୁଖେ ଯାତ୍ରା ଆରମ୍ଭ କରିବ। ପରବର୍ତ୍ତୀ ଲକ୍ଷ୍ୟ ହେଲା ମାତ୍ର ୩୦ ମିଟର ବ୍ୟାସ ବିଶିଷ୍ଟ କ୍ଷୁଦ୍ରଗ୍ରହ 1998 KY26 ଅଭିମୁଖେ ପ୍ରସ୍ଥାନ କରିବ। କିନ୍ତୁ ପର୍ଯ୍ୟାପ୍ତ ଜାଳେଣି ଅଭାବରୁ ଏହା ସେଠାରୁ ନମୁନା ସଂଗ୍ରହ କରିପାରିବନାହିଁ।


**ସେଲ୍ ଫୋନ୍ କ୍ୟାମେରା ଦ୍ୱାରା କରୋନା ଭୂତାଣୁକୁ ଚିହ୍ନିହେବ :-**




ନୋବେଲ ଲରେଟ୍ ଜେନିଫର୍ ଡାଉଡ଼ନାଙ୍କ ସହିତ ମିଶି ଆମେରିକାର କେତେକ ବୈଜ୍ଞାନିକ ଏପରି ଏକ ସେଲ୍‌ଫୋନ ବିକଶିତ କରିଛନ୍ତି ଯଦ୍ୱାରା ନାକର ସିଙ୍ଘାଣିରୁ Sars - COV - 2 ଭୂତାଣୁକୁ ଚିହ୍ନଟ କରିହେବ। ୨ ବର୍ଷ ପୂର୍ବରୁ ସେମାନେ ଏଚ୍.ଆଇ.ଭି ଭୂତାଣୁ ସଂପର୍କରେ ଜାଣିବାକୁ ଏହି କୌଶଳ ବ୍ୟବହାର କରିଥିଲେ। କିନ୍ତୁ ଗତ ଜାନୁୟାରୀ ମାସରୁ କୋଭିଡ୍ - ୧୯ର ପ୍ରାଦୁର୍ଭାବ ଦେଖି ତାଙ୍କ ଗବେଷଣାର ଦିଗକୁ Sars - COV - 2 ର ଚିହ୍ନଟ ପାଇଁ ବ୍ୟବହାର କଲେ। ଏହି ପରୀକ୍ଷଣକୁ CRISPR - CAS Techonology କୁହାଯାଉଛି। ଏଥିରେ CAS - 13 ନାମକ ଏନ୍‌ଜାଇମ ଦ୍ୱାରା RNA କୁ ଚିହ୍ନଟ କରାଯାଉଛି। CAS - 13 ଦ୍ୱାରା ସାଧାରଣତଃ RNA କୁ ବିଶେଷଭାବେ ଚିହ୍ନି ହୁଏ। ଯଦି CAS - 13 RNA ସହ ବାନ୍ଧିହୁଏ ତେବେ ତାହା ଚତୁର୍ଦ୍ଦିଗରେ ଥିବା RNA ଅଣୁମାନଙ୍କର ପ୍ରୟୋଗାତ୍ମକୁ ଅକାମୀ କରିଦିଏ। ଗବେଷକମାନେ ଏଥିସହିତ ଏମିତି ଗୋଟିଏ ପ୍ରୋପ୍ ଖଞ୍ଜିଲେ ଯାହା ଏକ ଉଜ୍ଜ୍ୱଳ ଆଲୋକ ସୃଷ୍ଟି କଲା। ଯାହାକୁ କ୍ୟାମେରା ଚିହ୍ନିପାରେ ଏବଂ ଫଳାଫଳକୁ ୩୦ ମିନିଟ୍ ମଧ୍ୟରେ ଜଣାଇଦିଏ। କେବଳ ଯେ ଭୂତାଣୁକୁ ଏଥିରେ ଚିହ୍ନିହେବ ତାହା ନୁହେଁ ବରଂ ଏହା ଭୂତାଣୁଙ୍କ ସଂଖ୍ୟା ସଂପର୍କରେ ବି ସୂଚନା ପ୍ରଦାନ କରିବ।


ବର୍ତ୍ତମାନ ଗବେଷକମାନେ ଚେଷ୍ଟା କରୁଛନ୍ତି କିପରି ଗୋଟିଏ ଷ୍ଟେପ୍‌ରେ ଭୂତାଣୁର RNA କୁ ଅଲଗା କରିହେବ ଯଦ୍ୱାରା ଆଉ ବିଶୋଧନର ଆବଶ୍ୟକତା ପଡ଼ିବନାହିଁ ।

## ଯକୃତ ବା ଲିଭର ରୋଗ ଚିହ୍ନିବାକୁ ନୂଆ ଉପକରଣ :-




ଆମେରିକାର କିଛି ଗବେଷକ NMR (Nuclear Magnetic Resonance) କୌଶଳ ଅବଲମ୍ବନ କରି ଲିଭର ଫାଇବ୍ରୋସିସ୍ ଭଳି ରୋଗକୁ ମାତ୍ର ୧୦ ମିନିଟ୍‌ରେ ଜାଣିପାରୁଛନ୍ତି। ଏହି ଯନ୍ତ୍ରକୁ ଏକ ଛୋଟ ଟେବୁଲରେ ଖଞ୍ଜାଯାଇ ଲିଭରରୁ କେତେ ପରିମାଣର ଜଳ ବିସରିତ ହେଉଛି ଏବଂ ତଦ୍ୱାରା କେତେ ପରିମାଣର ଫେଟ୍ ଅଂଶ ତନ୍ତୁରେ ଅଛି ତାକୁ ଜାଣିହେବ। ମୂଷାମାନଙ୍କ ଉପରେ ହୋଇଥିବା ଗବେଷଣାରୁ ଫାଇବ୍ରେସିସ୍‌କୁ ୮୬% ଏବଂ ପେଟି ଲିଭର ରୋଗକୁ ୯୨% ସଠିକ୍ ଭାବେ ନିରୂପଣ କରାଯାଇପାରୁଛି। ଗବେଷକମାନଙ୍କ ମଧ୍ୟରେ ଯଦି ଏହି ପ୍ରକ୍ରିୟାରେ ସଙ୍କେତ/ବିଶୃଙ୍ଖଳିତ ଶବ୍ଦର ଅନୁପାତକୁ ହ୍ରାସ କରିହେବ ତେବେ ଆହୁରି ଶୀଘ୍ର ଏହାକୁ ଜାଣି ରୋଗୀମାନଙ୍କୁ ଫାଇବ୍ରୋସିସ୍ ରୋଗରୁ ସୁରକ୍ଷା କରାଯାଇପାରିବ।


## ଆଲୋକ ଉପରେ ପର୍ଯ୍ୟବେକ୍ଷିତ ପ୍ରଥମ କ୍ୱାଣ୍ଟମ୍ କଂପ୍ୟୁଟର :-



ଚୀନ ଦ୍ୱାରା ପୃଥିବୀର ସର୍ବୋତ୍ତମ କ୍ୱାଣ୍ଟମ୍ କଂପ୍ୟୁଟର ବିକଶିତ ହୋଇଛି। ଯାହାର ନାମ ଏକ ଅତି ପୁରାତନ ଗଣିତ ଶାସ୍ତ୍ରର ଶବ୍ଦ Jiujhang ନାମରେ ନାମିତ ହୋଇଛି। ଏହା ଅତି ଗୁଡ଼୍ ଏବଂ କ୍ଳିଷ୍ଟ ଗଣନାକୁ ମାତ୍ର ୨୦୦ ସେକେଣ୍ଡରେ ସମାଧାନ କରିପାରୁଛି। କୁହାଯାଇଛି ଗୁଗୁଲ୍ ଦ୍ୱାରା ପରିବେଶିତ ୫୩ - କ୍ୟୁବିଟ୍ କ୍ୱାଣ୍ଟମ୍ କଂପ୍ୟୁଟର ପରେ ଏହି କଂପ୍ୟୁଟର ୨ୟ ସର୍ବାଧୁନିକ ସୁପର କଂପ୍ୟୁଟର। କଂପ୍ୟୁଟରର ବିକାଶ କ୍ଷେତ୍ରରେ ଏହା ଏକ ମାଇଲ ଖୁଣ୍ଟ ହେବ ବୋଲି ଚାଇନା ଡ଼େଲି ପ୍ରକାଶ କରିଛି।

## ପୃଥିବୀର ସର୍ବବୃହତ ଓ ପୁରାତନ କୁମ୍ଭୀର ହେଲା (Paludirex Vincenti):-

ୟୁନିଭରସିଟି ଅଫ୍ କୁଏନସ୍‌ଲାଣ୍ଡର ଗବେଷକ ଜର୍ଗୋ ରିସ୍କେଭ୍‌ସ୍କି ଏକ କୁମ୍ଭୀରର ଦେହାବଶେଷ ଆବିଷ୍କାର କରିଛନ୍ତି ଯାହାର ଲମ୍ବ ୫ ମିଟର




ଏବଂ ମୁଣ୍ଡର ଖୋଳପାଟି ୭୫ ସେ.ମି. ଚଉଡ଼ା ବିଶିଷ୍ଟ ଅଟେ। ଏମାନେ ୫୫ ମିଲିୟନ ବର୍ଷ ତଳେ ଅଷ୍ଟ୍ରେଲିଆର ସାଗରମାନଙ୍କରେ ରାଜୁତି କରୁଥିଲେ। ଅନ୍ୟଜଣେ ଗବେଷକ ଷ୍ଟିଭ ସାଲସବରୀଙ୍କ ମତରେ ଏହି କୁମ୍ଭୀରରୁ ଛୋଟ ଅନ୍ୟ ୨ଟି ପ୍ରଜାତି ହେଲେ Crocodylus Porosus or, Crocodylus Johnstoni ଯେଉଁମାନେ ଆଜିଠୁ କିଛି ମିଲିୟନ ବର୍ଷ ପୂର୍ବରୁ ଜଳଭାଗରେ ରାଜୁତି କରିଆସୁଛନ୍ତି କିନ୍ତୁ ବର୍ତ୍ତମାନ ଅଷ୍ଟ୍ରେଲିଆର ଚୀନ୍ ଜିଲ୍ଲା ଟାଉନ୍ ପାଖରୁ ଆବିଷ୍କୃତ ଫସିଲ ଦର୍ଶାଏ ଯେ, ଦିନେ ଏହି ପ୍ରଜାତି ହିଁ ସର୍ବବୃହତ କୁମ୍ଭୀର ଥିଲା ଯାହା ଶରୀରରେ ନିଜର ଶାବକଙ୍କୁ ଧରିବାପାଇଁ କଂଗାରୁ ପରି ଏକ ଥଳି ଥିଲା। ଏବେକାର ସର୍ବବୃହତ କୁମ୍ଭୀର ହୁଏତ ଲମ୍ବରେ ଏହି ପ୍ରାଗ୍ ଐତିହାସିକ କୁମ୍ଭୀର ସହ ସମାନ ହୋଇପାରେ କିନ୍ତୁ ଏହାର ମୁହଁ ଗୋଜିଆ, ବଳରେ ଚଉଡ଼ା ଥିଲା ଏବଂ ଏହା କଠିନ ଥିଲା। ଏହି ଜାତିର କୁମ୍ଭୀର ଶିକାରୀ ଥିଲେ ଏବଂ ବୋଧହୁଏ ଖାଦ୍ୟାଭାବରୁ ଏମାନଙ୍କ ବଂଶ ଲୋପ ପାଇଯାଇଥିଲା। ୧୯୮୦ ମସିହାରେ ସର୍ବପ୍ରଥମେ ଏହାର ଫସଲକୁ ଚିହ୍ନଟ କରିଥିବା Geof. Vincent ଙ୍କ ନାମାନୁସାରେ ଏହାର ନାମକରଣ କରାଯାଇଛି।

## ଶବ୍ଦତରଙ୍ଗ ଦ୍ୱାରା ଏବେ ଔଷଧକୁ ପ୍ରଭାବିତ କୋଷ ବା ତନ୍ତୁ ପାଖରେ ପହଞ୍ଚାଇ ହେବ :-

୧୯୪୨ ମସିହାରୁ ପ୍ରଥମେ ଶବ୍ଦ ତରଙ୍ଗକୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପ୍ରୟୋଗ କରାଗଲା। କେତେ ଦଶନ୍ଧି ପରେ ୧୯୮୦ ମସିହାରେ ଅଲଟ୍ରାସାଉଣ୍ଡକୁ ଶରୀରର ଆଭ୍ୟନ୍ତରୀଣ ଅଙ୍ଗ ସମ୍ବନ୍ଧରେ ଜାଣିବାକୁ ବ୍ୟବହାର କରାଗଲା। କିନ୍ତୁ ଏହା ସ୍ୱଳ୍ପ ଫ୍ରିକ୍ୱେନ୍ସିର ଥିଲା। କିନ୍ତୁ ଏବେ ମେଲବୋର୍ଣ ସ୍ଥିତ RMIT University ର ପ୍ରଫେସର Leslip Yeo ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିବା ଗବେଷଣାରେ ଉଚ୍ଚ ଫ୍ରିକ୍ୱେନ୍ସିର ଶବ୍ଦ ତରଙ୍ଗ ସାହାଯ୍ୟରେ ଔଷଧକୁ ସିଧାସଳଖ ପ୍ରଭାବିତ କୋଷ ବା ତନ୍ତୁ ପାଖରେ ପହଞ୍ଚାଇ ହେବ ବୋଲି ଦାବି କରାଯାଇଛି। ଉଦାହରଣ ସ୍ୱରୂପ - ଫୁସ୍‌ଫୁସ୍ ଜନିତ ରୋଗରେ ଇଞ୍ଜେକ୍ସନ ସାହାଯ୍ୟରେ ଜୀବନ ରକ୍ଷାକାରୀ ଔଷଧ ଦେବା ବଦଳରେ ନାକ ପାଖରେ ରଖି ଅଲଟ୍ରାସାଉଣ୍ଡ ଦ୍ୱାରା ଫୁସ୍‌ଫୁସ୍ ମଧ୍ୟକୁ ପ୍ରେରଣ କରାଯାଇପାରିବ। ଏହି ଔଷଧ ସବୁକୁ ସୁରକ୍ଷିତ ଭାବେ ନାନୋ କଣିକାରୁ ପ୍ରସ୍ତୁତ ଆବରଣର କ୍ୟାପସୁଲ୍ ମଧ୍ୟରେ ରଖି ଟ୍ୟୁମରର ବା ସଂକ୍ରମିତ ସ୍ଥାନ ମାନଙ୍କର ସିଧାସଳଖ ପହଞ୍ଚାଯାଇପାରିବ ବୋଲି କୁହାଯାଇଛି। ଏହି ନାନୋ ସିଟ୍‌ଗୁଡ଼ିକ ପରମାଣୁ ଆକାର ଭଳି ପତଳା ହେବା ଦରକାର ଏବଂ ଶବ୍ଦର

ଫ୍ରିକ୍ୱେନ୍ସି ଔଷଧ ଅଣୁ ଆକାରଠାରୁ ୧,୦୦,୦୦୦ ଗୁଣ ଅଧିକ ହେବା ଦରକାର। ସ୍ୱଳ୍ପ ଫ୍ରିକ୍ୱେନ୍ସିରେ ଅଣୁର ଛିଦ୍ର ସୃଷ୍ଟି ହୋଇ ତାହା ନଷ୍ଟ ହୋଇଯାଇପାରେ କିନ୍ତୁ ପ୍ରସ୍ତାବିତ ଫ୍ରିକ୍ୱେନ୍ସିରେ ଏହି ଭୟ ନଥାଏ। ତରଳ ପଦାର୍ଥ ପ୍ରେରଣ ପାଇଁ ନାନୋ ମାଇକ୍ରୋଚିପ୍ ପ୍ରୟୋଗ କରାଯାଉଛି। ଏହି ପ୍ରକ୍ରିୟାରେ ଡି.ଏନ୍.ଏ କିମ୍ବା ଆଣ୍ଟିବଡ଼ି ଭଳି ଅଣୁକୁ ଶରୀର ମଧ୍ୟକୁ ପ୍ରବେଶ କରାଯାଇପାରିବ। ଏହାଦ୍ୱାରା ଛୁଞ୍ଚ ବିହିନ ଓ ଯନ୍ତ୍ରଣା ରହିତ ଟିକାକରଣ ମଧ୍ୟ କରାଯାଇପାରିବ। ଏହାଦ୍ୱାରା ପ୍ରଥମେ କୋଷଗୁଡ଼ିକୁ ଏହି ଶବ୍ଦତରଙ୍ଗ ଦ୍ୱାରା ଉତ୍ତେଜିତ କରିସାରିଲା ପରେ ଔଷଧ ପ୍ରେରଣ କଲେ । ଔଷଧକୁ ନିଖୁଣ ଭାବେ ଗ୍ରହଣ କରିବାର କ୍ଷମତା ବଢ଼ିଯାଉଛି ବୋଲି ଗବେଷକମାନେ ମତପ୍ରକାଶ କରିଛନ୍ତି ।

## ମାଇକ୍ରୋଫାଇବରର ଗୁଣ୍ଡକୁ ଧରିବାପାଇଁ ସ୍ୱତନ୍ତ୍ର ଫିଲଟର ବ୍ୟବହାର କରାଯାଉ :-

ଆମେ ଲୁଗାଧୁଆ ମେସିନ୍ ବ୍ୟବହାର କଲାପରେ ପଲିଷ୍ଟର, ନାଇଲନ୍, ଟେରିକଟ୍ ଆଦି ଲୁଗାରୁ ଅତି କ୍ଷୁଦ୍ର କଣିକାଗୁଡ଼ିକ ବାହାରିଥାଏ ଯାହା ମେସିନ୍ ଦ୍ୱାରା ଜଳ ଓ ସ୍ଥଳ ଭାଗକୁ ଛାଡ଼ି ଦିଆଯାଏ। ଜଣାଯାଉଛି ଯେ, ପ୍ରତିବର୍ଷ ୱାସିଂଙ୍ଗ ମେସିନ୍ ଦ୍ୱାରା ଜଳଭାଗକୁ ୧୬,୫୦୦୦ ଟନ୍ ଓ ସ୍ଥଳଭାଗକୁ ୧,୭୫,୦୦୦ ଟନ୍‌ର ମାଇକ୍ରୋଫାଇବର ଛଡ଼ାଯାଉଛି। ସାରା ପୃଥିବୀରେ ସମସ୍ତ ପ୍ଲାଷ୍ଟିକ ମଧ୍ୟରୁ ପ୍ରାୟ ୨୫% କେବଳ ଲୁଗା ତିଆରିରେ ବ୍ୟବହୃତ ହୋଇଥାଏ। ଯୁକ୍ତ ରାଜ୍ୟର ସମୁଦ୍ର ସଂରକ୍ଷଣ ସଂସ୍ଥା ନାମକ ଏକ ଅନୁଷ୍ଠାନ ସମସ୍ତ ସଭ୍ୟଦେଶଙ୍କୁ ଏଥିରୁ ୨୦୨୪ ସୁଦ୍ଧା ମୁକ୍ତି ପାଇବାକୁ ଏହି ମେସିନ୍‌ମାନଙ୍କରେ ସ୍ୱତନ୍ତ୍ର କିସମର ଫିଲଟର ଲଗାଇବାକୁ ଦାବି କରିଛନ୍ତି ଯାହାକୁ ତିନି ଚତୁର୍ଥାଂଶ ରାଷ୍ଟ୍ର ମାନିଛନ୍ତି। ଯଦି ଏହା କରାନଯାଏ ତେବେ ଏହା ପରିବେଶ ପ୍ରଦୂଷଣର ମୁଖ୍ୟକାରଣ ହେବ ବୋଲି ସେମାନେ ଚେତାଇ ଦେଇଛନ୍ତି ।

## ମହାକଶରୁ ଆବର୍ଜନା ନିଷ୍କାସନ ପ୍ରକ୍ରିୟା ଆରମ୍ଭ:-

ଆଜି ସମଗ୍ର ମହାକାଶରେ ବିଭିନ୍ନ ରାଷ୍ଟ୍ରମାନଙ୍କ ଦ୍ୱାରା ପ୍ରେରିତ ହଜାର ହଜାର ସଂଖ୍ୟକ ଉପଗ୍ରହ ବିଦ୍ୟମାନ। ଏଥିରୁ ଅଧିକାଂଶ ନିଜ କାର୍ଯ୍ୟକାଳ ସରିଗଲା ପରେ ମକାହାଶରେ ଛୋଟ ଛୋଟ ଖଣ୍ଡ ହୋଇ ଭାସି ବୁଲନ୍ତି। ସେହିପରି ମହାକାଶ ଗବେଷଣା ନାମରେ ଲକ୍ଷ ଲକ୍ଷ ଇଲେକ୍ଟ୍ରୋନିକ ଯନ୍ତ୍ରପାତି ମହାକାଶକୁ ପ୍ରେରଣ କରାଯାଏ ଯାହାର ମୁଖ୍ୟାଂଶ ସେହି ମହାକାଶରେ ହିଁ ଭାସମାନ ଅବସ୍ଥାରେ ବୁଲୁଥାନ୍ତି। ଏଗୁଡ଼ିକୁ ମହାକାଶ ଆବର୍ଜନା କୁହାଯାଏ। ଏଗୁଡ଼ିକୁ ନିଷ୍କାସିତ କରିବାକୁ ୟୁରୋପିଆନ୍ ସ୍ପେଶ୍ ଏଜେନ୍ସି ସୁଇଜରଲାଣ୍ଡର ଏକ କଂପାନୀ ସାଥିରେ ୮୬ ମିଲିୟନ୍ ୟୁରୋପର ଏକ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଯାହାର କାର୍ଯ୍ୟହେବ ପୃଥିବୀ ନିକଟସ୍ଥ ମହାକାଶରୁ




ଏହି ଆବର୍ଜନା ସବୁକୁ ବାହାର କରିବା। ୨୦୨୫ ସୁଦ୍ଧା Vespa - Vega Secondary Payload Adapter ଦ୍ୱାରା ମହାକାଶକୁ ଆର୍ବଜନା ମୁକ୍ତ କରିବା ନେଇ ଏକ ଅଭିଯାନ ଆରମ୍ଭ କରାଯିବ। ଏହାକୁ Clear Space - 1 ମିଶନ୍ ବୋଲି ନାମିତ କରାଯାଇଛି। ୨୦୧୩ ମସିହାରେ ଏପରି ଏକ ମିଶନ ଆରମ୍ଭ Vespa - Payload Adapter କୁ ପୃଥିବୀଠାରୁ ୮୦୧ କି.ମି ଉଚ୍ଚତା ଏବଂ ୬୬୪ କି.ମି ବ୍ୟାସ ବିଶିଷ୍ଟ ଏକ ଅଂଚଳରେ ଅବସ୍ଥାପିତ କରାଯାଇଥିଲା। ଏବେ ଏହାର ପୁନରୁଦ୍ଧାର ପାଇଁ ପ୍ରୟାସ ଆରମ୍ଭ ହୋଇଛି।

## ୨୦୨୫ ସୁଦ୍ଧା ବିଶ୍ୱରେ ରୋବଟର ବହୁ ପ୍ରଚଳନ ଯୋଗୁଁ ୮୫ ମିଲିୟନ୍ ଲୋକ ନିଜ ଚାକିରି ହରେଇବେ :-

ଆଜି ଯନ୍ତ୍ର ମାନବ ରୋବଟ୍‌ର ବ୍ୟବହାର ଏତେ ବଢ଼ିଯାଇଛି ଯେ, ଆଶଙ୍କା ଦେଖାଗଲାଣି ପ୍ରତ୍ୟେକ କ୍ଷେତ୍ରରେ ମାନବ ସମ୍ବଳର ଆବଶ୍ୟକତା ଆଉ ରହିବନାହିଁ। ଯେପରିକି ଆଜି ଟେକ୍‌ସାସରେ ମାଂସ ଦୋକାନରେ ରୋବଟ ହିଁ ସବୁକାମ କରୁଛି, ସେହିପରି ବ୍ୟାକଙ୍କରେ ଜ୍ୱର ମାପିବାଠାରୁ ଅପରେସନ୍ ପର୍ଯ୍ୟନ୍ତ ସବୁକାର୍ଯ୍ୟ ରୋବର୍ଟ ଦ୍ୱାରା ହିଁ ସମ୍ପାଦିତ ହେଉଛି। ଆମେରିକାର ବ୍ୟୁରୋ ଅଫ୍ ଲେବର ଇନ୍‌ଷ୍ଟିକସ୍ ଦ୍ୱାରା ପ୍ରକାଶିତ ତଥ୍ୟାନୁଯାୟୀ କରୋନା ମହାମାରୀ ତ ସାଧାରଣ ଭାବେ ଲକ୍ଷ ଲକ୍ଷ ଲୋକଙ୍କୁ ରୋଜଗାର ଶୂନ୍ୟ କରିଦେଲା। କିନ୍ତୁ ରୋବଟର ବ୍ୟବହାର ଯୋଗୁଁ ଗତ ଅପ୍ରେଲରୁ ଅକ୍ଟୋବର ମଧ୍ୟରେ ୧୧ ମିଲିୟନ ଲୋକ ବେକାର ହୋଇଯାଇଛନ୍ତି। ଯଦି ଏହି ପ୍ରକ୍ରିୟା ଚାଲୁରହେ ତେବେ ୨୦୨୫ ସୁଦ୍ଧା ୮୦ ମିଲିୟନ୍ ଲୋକେ ନିଜ ଚାକିରୀ ହରାଇବେ। ଡାଟା ଏଂଟ୍ରୀ, ହିସାବ ରକ୍ଷା, ପ୍ରଶାସନରେ ଏବଂ ବ୍ୟବସାୟ କ୍ଷେତ୍ରରେ ଆଜି ଅଟୋମେସନ୍ ଏବଂ ଡିଜିଟାଲଜେସନ୍‌କୁ ବହୁ ପ୍ରାଧାନ୍ୟ ଦିଆଯାଉଛି। ଏଥିରେ ଯେ କେବଳ ସମୟ ବଂଚୁଛି ତାହା ନୁହେଁ ନିର୍ଭୁଲ ଭାବେ କର୍ତ୍ତବ୍ୟ ମଧ୍ୟ ସମ୍ପାଦିତ ହେଉଛି। ଟ୍ରେନ୍‌ଠାରୁ ଆରମ୍ଭ କରି କୃତ୍ରିମ ବୁଦ୍ଧିମତା ପ୍ରୟୋଗ ଦ୍ୱାରା ନୂଆ ନୂଆ ସଫ୍ଟୱେୟରର ବିକାଶ କ୍ଷେତ୍ରରେ ନୂଆ ବିପ୍ଳବ ସୃଷ୍ଟି କରିଛି। ୧୫ ଟି ଗୁରୁ ଶିଳ୍ପ ଏବଂ ୨୬ଟି ଅର୍ଥନୈତିକ କ୍ଷେତ୍ରକୁ ନେଇ ହୋଇଥିବା ଏକ ସର୍ଭେରୁ ଜଣାଯାଏ ଯେ ଏମାନେ ସମସ୍ତେ ଅଟୋମେସନ୍ ପ୍ରକ୍ରିୟା ସପକ୍ଷରେ ଅଛନ୍ତି। ମହାମାରୀ ସମୟରେ (ଏପ୍ରିଲ୍ ରୁ ଅକ୍ଟୋବର ମଧ୍ୟରେ) ଚାକିରୀ ହରାଇଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ଅଧିକାଂଶ ହେଲେ ମହିଳା, ଯୁବକ ଏବଂ ଶିଶୁ। ଶିଳ୍ପଜଗତର ୮୦% ଅଫିସର ସିଜିଟାଇଜେସନ୍ ସପକ୍ଷରେ ମତପୋଷଣ କରୁଥିବା ସମୟରେ ନିଯୁକ୍ତି ପ୍ରଦାନକାରୀ ସଂସ୍ଥାର ୫୦% ଏହି ପ୍ରକ୍ରିୟାକୁ ତ୍ୱରାନିତ କରିବାରେ ଲାଗିପଡ଼ିଲେଣି।

# ଅସହାୟ ସ୍ରଷ୍ଟା - ଅସମର୍ଥ ସୃଷ୍ଟି

ବିଦ୍ୟୁତ୍ ପ୍ରଭା ଦେଓ

ଯେଉଁଦିନ ରୁଦ୍ଧ ଅନ୍ଧକାର ଦ୍ୱାରା ଉନ୍ମୁକ୍ତ କରି ଉଦ୍‌ଭାଷିତ ହେଲା ଜ୍ୟୋତିର୍ମୟ ପ୍ରକାଶ, ଆନନ୍ଦ ଉଲ୍ଲାସରେ ତଲ୍ଲୀନ ହୋଇଥିଲେ ପିତାମାତାଙ୍କ ସହ ପ୍ରିୟ ପରିଜନ। କାରଣ ପୁଅଟିଏ ଜନ୍ମ ହୋଇଛି। ପୁତ୍‌ନାମକ ନର୍କରୁ ଉଦ୍ଧାର କରିବ ପିଣ୍ଡଦାନରେ। ଓଜନିଆ ହୁଏ ଉଚ୍ଛ୍ୱାସର ତାଲାଟି। ପ୍ରତିପଦଠାରୁ ଚନ୍ଦ୍ରମାର କ୍ରମବର୍ଦ୍ଧିଷ୍ଣୁକୁ ନିରେଖି ଆତ୍ମବିଭୋର ହୁଏ। ଚାରାରୁ ଦ୍ରୁମ ଓ ମହାଦ୍ରୁମ କରି ସମାଜ ବକ୍ଷରେ ପ୍ରତିଷ୍ଠା କରିବାକୁ ପ୍ରଯତ୍ନରେ ହେଳା କରେନାହିଁ ସ୍ରଷ୍ଟା। ମତଗର୍ବରେ ଅମଡ଼ା ମାଟି ଯାଉ ଯାଉ ଝୁଣ୍ଟି ହାବୁଡ଼ି କ୍ଷତାକ୍ତ ହେଲେ ବି ଖାତିର ନଥାଏ। ସୃଷ୍ଟିର ସାଫଲ୍ୟ ମଣ୍ଡନରେ କଳାପଟି ଆବରଣ ଥାଏ ଆଶାଭରା ଚକ୍ଷୁଦ୍ୱୟରେ। କିନ୍ତୁ ମୋହଗ୍ରନ୍ଥ ରଜତ ଝରା ଚଇଁଣିଆ ଜହ୍ନଟା ଆତ୍ମଗୋପନ କରେ ଅମାବାସ୍ୟାର ମେଞ୍ଚା ମେଞ୍ଚା ବହଳିଆ ଅନ୍ଧକାର ବକ୍ଷରେ । ତେଣୁ ତେଜୋଦୀପ୍ତ ଦିବ୍ୟାଲୋକ ପ୍ରଦର୍ଶନ କରିବାକୁ ସ୍ରଷ୍ଟାଟି ସଂପୂର୍ଣ୍ଣ ଅସମର୍ଥ ହୁଏ।

ଆୟତ୍ତହୀନ ସ୍ରଷ୍ଟାର ସୃଷ୍ଟି ସହିତ ସମନ୍ୱୟତା ଗନ୍ତାଘରର ଚାବିକାଠିଟା ହଜିଯାଇଛି ଆର୍ବଜନା ସମ୍ବଳିତ ରାଜଦାଣ୍ଡରେ। ପ୍ରେମ, ପ୍ରୀତି, ବାତ୍ସଲ୍ୟ, ମମତା, ଭକ୍ତି, ସେବା, ଶାନ୍ତି, ସଂସ୍କାର, ବୌଦ୍ଧିକତା, ନୈତିକତାର ନୈପୁଣ୍ୟ ସବୁ ଅଡୁଆ ହୋଇଛି। ସୃଷ୍ଟି ଆଜି ନବଖଣ୍ଡ ମାହିର ସାମ୍ରାଜ୍ଞ, ଅପରିସୀମ ସାଗରର ଉତ୍ତୁଙ୍ଗ ଉର୍ମିମାଳାର ସମାହାର ଭାବୁଛି ନିଜକୁ। କିନ୍ତୁ ତାର ଏ ମତଗର୍ବ ପାଣିଫୋଟକା ଠାରୁ ଯେ ହାଲୁକା ସେ ଜାଣିପାରୁନାହିଁ। ଆଜିର ସୁସଂସ୍କୃତ ହୀନ ଅବକ୍ଷୟ ସମାଜରେ ସ୍ରଷ୍ଟା ଅର୍ଥାତ ଜନ୍ମଦାତା ପିଲାବନ୍ଧ ଦଉଡ଼ି ବା ତା'ସୃଷ୍ଟି ତା'ପାଇଁ ଦଇବ ସାଜିଛି। ମନର ବିଶ୍ୱାସ, ଛାତିର ସାହାସ, ଆଗାମୀ ସମ୍ଭାବନା ତପ୍ତ ମରିଚିକା, ଧୂମାୟିତ କରାଳ ସ୍ତୁପ ପାଲଟିଯାଉଛି। ବୟୋଜ୍ୟେଷ୍ଠ ବୟସରେ ସେ ପତ୍ରଝଡ଼ା ନଣ୍ଡା ବୃକ୍ଷଟିଏ। ବୃନ୍ତଚ୍ୟୁତ ରଙ୍ଗ ବାସହୀନ ମଉଳା ଫୁଲଟିଏ। ସମାଜର ସ୍ୱଚ୍ଛ ଆଇନାରେ ଜଳ ଜଳ ଦିଶୁଛି ପ୍ରତି ମୁହୂର୍ତ୍ତର ଭବିଷ୍ୟତ ବ୍ୟାକୁଳତା। ଅସହାୟ ସ୍ରଷ୍ଟାକୁ ସସ୍ନେହେ କୋଳ କରିବାକୁ ଯେପରି ଜରାଶ୍ରମ ଓ ଭଡ଼ାଟିଆ ହୋଟେଲର ଅନ୍ଧାରୁଆ ନିବୃତ କୋଣ ଅପେକ୍ଷାରେ। ପୁନଶ୍ଚ ମୁକ୍ତ ଅକାଶତଳର ଗଛମୂଳ, ପରିତ୍ୟକ୍ତ ଗୃହ, ପଲିଥିନ୍ ତଳ ବା ଶୀତ, କାକର, ଖରା, ବର୍ଷାଭିଜା ଅନ୍ୟର ପିଣ୍ଡାକୋଣ।

କେଉଁଠାରେ କେତେବେଳେ ପାଣି ମୁନ୍ଦେ କି ଅନ୍ନ ମୁଠାଏ ମିଳେ ତ ଖିନ୍‌ଖିନ୍, ଦୂର୍‌ଦୂର୍ ଠେଙ୍ଗାର ପ୍ରହାର। ବେଳେବେଳେ ସହୃଦୟତା ମିଳିଥାଏ ବିବେକୀ ପଡ଼ୋଶୀଠାରୁ। କେବେ ଏସବୁ ଠପ୍ ହୋଇଯାଏ। ଚିରାଫଟା ଲୁଗା ଗଣ୍ଠିଲିଟି ଧରି ଫୁଲପଥରୁ କଣ୍ଟକିତ ପଥକୁ ଅଗ୍ରସର ହୁଏ। କିନ୍ତୁ ସୃଷ୍ଟିଦେହରେ କଷଣାଗ୍ନିର ଆସ ବାଜେନାହିଁ। ସ୍ରଷ୍ଟାତ ବାରଓଳି ଶୁଣ୍ଠିପିଣ୍ଡା ହେଉଥାଏ - ତାକୁ ବା ସେ ପାଇବ କେଉଁଠି ? ପିତାର ଆଗରେ କୁହୁଡ଼ି - ପଶ୍ଚାତ ଭାଗରେ ଧୂଳିର ଆସ୍ତରଣ।

ବାଃ - ବାଃରେ କୂଳ ଶ୍ରେଷ୍ଠ ଉତ୍ତରଦାୟାଦ। ଅନ୍ତଃକରଣ ତୋର ହଳାହଳମୟ। ପବିତ୍ର ନିର୍ମାଲ୍ୟକୁ ନର୍କରେ ପରିଣତ କରୁଛୁ। କରଜ ଦେଇ ଚଳିଥିଲା ସମୂଳ ସୁଧକୁ। ଆଶାୟୀ ନୟନରେ ନିଜେ ଅନ୍ଧପୁଟୁଳି ବାନ୍ଧି ଦେଉଛି। ସୃଷ୍ଟି ମଧୁବର୍ଣ୍ଣବୋଧରେ ଲେଖା ଗୀତ ଗାଉଥିଲା -

"ପିତା, ମାତାଠାରୁ ବଡ଼ ଦେବତା କେ ସରଗ ରାଇଜେ ନାହିଁ
ତାଙ୍କରି ଆଶୀଷ ସାହା ଏକା ସିନା ବିପଦୁ ତରିବାପାଇଁ ।"

ପିତା ଆକାଶଠାରୁ, ମାତା ପୃଥିବୀଠାରୁ ବଡ଼। "ପିତରି ପ୍ରୀତିମା ପନ୍ନେ ପ୍ରିୟନ୍ତେ ସର୍ବ ଦେବତା"। ସବୁ ଭୁଲିଯାଇଛି। ପରିସ୍ଥିତି, ମୋହଗ୍ରସ୍ତ ଅବା ଅହମିକା - କାହାର ପାଦତଳେ ଚପିକୋଇ ବିବେକକୁ ବଳି ପକାଇଛି - ତାକୁ ହିଁ ଗୋଚର, ଆଧୁନିକ ସଭ୍ୟତାର ଅଣଚାଷ ପବନ, ଚରିମେଘର ପ୍ରକୋପରେ ମାଆର ଅଭୟ ପଣତଟା ସ୍ଥିର ହେଉନାହିଁ। ବାପ ଥିଲା ପୁଅ ସଭାରେ ହାରେନାହିଁ ଉକ୍ତି ଭୁଲ୍ ପ୍ରମାଣିତ। ବାର୍ଦ୍ଧକ୍ୟଜନିତ ପାହାଚରେ ସୃଷ୍ଟି ତା'ପାଇଁ ଆଶ୍ରୟ ଦାତା, ଯନ୍ତ୍ରଣା ଭୁଲେ ପୁତ୍ର ଶ୍ରୀମୁଖ ଦର୍ଶନରେ। ମନରେ ଚିତ୍ର ଆଙ୍କିଥାଏ ପୁତ୍ର ଶିରୋମଣିର। ପୁତ୍ର ମୁଖ ନୀଳଚକ୍ର, ତା ସ୍ନେହ ଆଶ୍ୱାସନା ପତିତପାବନ ବାନା, ଆଶ୍ରା ବାଇଶି ପାହାଚ, ପୁତ୍ରଦାନ ଅନ୍ନ ଅବଢ଼ା, ଶ୍ରଦ୍ଧା ନିର୍ମାଲ୍ୟ, ପରିବାର ଶ୍ରୀକ୍ଷେତ୍ର, ନାତି ନାତୁଣୀ ମନ୍ଦିରବେଢ଼ାର ଦେବାଦେବୀ, ଖେଳାଲୀଳା ବଡ଼ଦାଣ୍ଡ। ଏତେ ଏତେ କଳ୍ପନାରେ ବିହ୍ୱଳିତ ହେଲାବେଳେ ବାସ୍ତବତା ପାଲଟିଯାଏ ଅବହେଳା ବା ଜରାଶ୍ରମ। ରଷି ଯାଆନ୍ତି ଲକ୍ଷ୍ମୀସ୍ୱରୂପା ବୋହୂ ଠାକୁରାଣୀ। ଏହି ଜୀବନ ଅରଣା ଆଶ୍ରମରେ କିଏ ତା'ପୁଅକୁ ନିନ୍ଦାକଲେ ସେ ଢ଼େର ପ୍ରତିବାଦ କରି ତଥାପି ମଙ୍ଗଳ ମନାସେ। ଏଥିରେ ପ୍ରମାଣିତ କୁପୁତ୍ର ଅଛନ୍ତି କିନ୍ତୁ କୁ-ମାତା ନାହାନ୍ତି। ସ୍ରଷ୍ଟାର

ଉଦାସ, ଗଭୀର, ମହତ୍ ହୃଦୟକୁ ପର୍ଯ୍ୟବେକ୍ଷଣ କଲେ ସୃଷ୍ଟି ବା ପୁତ୍ର କେତେ ତଳେ ରହୁଛି। ସ୍ରଷ୍ଟା ଭାବୁଛି ଅନୁଶାସନରେ ସେ ତ୍ରୁଟି କରିନାହିଁ। ତଥାପି ମନସ୍ତାପର ଶିକାର ହେଉଛି।

ପିତାମାତାଙ୍କ ଆସନ ଏକ ମର୍ଯ୍ୟାଦା ସଂପନ୍ନ ଆସନ। ସଂସାରଭାର ପିତା, ମାତା କାନ୍ଧରେ ବହି ତହିଁରେ ଭରିଥାନ୍ତି ସର୍ବମଙ୍ଗଳ ପସରା। ବିଜ୍ଞାନ ଓ ବୌଦ୍ଧିକତା ସାମାଜିକ ଜୀବନକୁ ସମୁନ୍ନତ କରିଛି। କିନ୍ତୁ ଉଗ୍ରତା ମଣ୍ଡିତ ଯୁବକ ଯୁବତୀ ନିଶ୍ଚୟତାରୁ ଅନିଶ୍ଚିତତା ଆଡ଼କୁ ଦ୍ରୁତଗାମୀ। କାମିନୀ କାଞ୍ଚନର ଯାଦୁକାରୀ ମାୟାରେ ମାଆର ପଣତ ନ୍ୟୁନ। ତାଙ୍କର ଗଣ୍ଠିରେ ଲାଗିଥିବା କଳକଳ ଅସନା କାଦୁଅରେ ହାତମାରୁଛି ସିନା ଦୃଷ୍ଟି ନିକ୍ଷେପ କରୁନାହିଁ। ସୁଶୋଭିତ ସବୁଜ ପଲ୍ଲବ, ସୁବାସିତ ଫୁଲ, ସୁସ୍ୱାଦ ଫଳକୁ ଖଡ୍ଗର ଧାରକୁ ନପରଖି ଦେଖୁଛି ରଙ୍ଗିନ୍‌ଖୋଳକୁ।

ପୁରାଣ କଥାରେ ଏହି ପୁଅ ରାମଚନ୍ଦ୍ର ପିତୃସତ୍ୟପାଳି ବନବାସ କରିଥିଲେ। ଶ୍ରବଣକୁମାର ଅନ୍ଧ ପିତାମାତାଙ୍କୁ ଭାରରେ କାନ୍ଧେଇ ତୀର୍ଥ ଭ୍ରମଣ କରିଥିଲେ। ବାଳକ ନଚିକେତା ପିତ୍ରାଦେଶରେ ଯମାଳୟ ଗମନ କରିଥିଲେ। ବିଜ୍ଞାନ ଏହାକୁ ଅସ୍ୱୀକାର କଲେବି ସମାଜରେ ଅନୁବନ୍ଧିତ ଦୈନନ୍ଦିନ ଜୀବନରେ ଅପରିହାର୍ଯ୍ୟ ବସ୍ତୁ। ପିତାପୁତ୍ର ବିମ୍ବିସାର ଅଜାତଶତ୍ରୁ, ଆଲେକଜାଣ୍ଡରକୁ ଦୂରଭିସନ୍ଧିସ୍ କୁ ଉନ୍ମୋଚନକରି ଭାଗ୍ୟଫଳ ବୋଲି ଧରିନେଉଛି। ଅଦିନ କୁହୁଡ଼ି ଘେରରେ ବାଟବଣା ବଉଳା ସେ। ବର୍ଷାମାଟିକୁ ଛୁଇଁଲା ପରେ ସେ ଆକାଶର ନୁହେଁ, ନଦୀ ପାରହେଲେ ନାଆ ନଦୀର ନୁହେଁ, ଫୁଲ ଝଡ଼ିଲେ ଗଛର ନୁହେଁ, ସେହିପରି ମୁଣ୍ଡକୁ ହାତ ପାଇଲେ ପୁଅ ପିତାମାତାର ନୁହେଁ। ପୁତ୍ରକୁ ଶ୍ରେଷ୍ଠତ୍ୱ ଦେଇ କନ୍ୟା ଭ୍ରୁଣହତ୍ୟା ତ୍ୱରାନ୍ୱିତ ହେଉଛି। ପୁତ୍ର ଆଜି ସ୍ପିଙ୍ଗ ଲଗା କଣ୍ଢେଇ, ଭୁଲୁଛି ମାଆମାଟି ଓ ଗର୍ଭଧାରିଣୀ ମାଆକୁ। ନାରୀର ପ୍ରଚ୍ଛନ ହାତ ପରଶରେ ପୁରୁଷ ସଫଳତାର ସିଡ଼ି ଗଢ଼େ। ନାରୀ ଶକ୍ତିମୟ। ବେପଥଗାମୀ ସ୍ୱାମୀକୁ ବୁଝାଇ ଆଲୋକବର୍ତ୍ତିକା ଜଳାଇପାରିବ। କିନ୍ତୁ ନାରୀ ବିଶୃଙ୍ଖଳିତ ହେଲେ ମର୍ତ୍ତ୍ୟବୈକୁଣ୍ଠ କଳାପରଦା ଆଚ୍ଛାଦିତ ହେବ। ପୂଜ୍ୟ, ପୂଜାଙ୍କ ଅବମାନନା ନିଶ୍ଚୟ ବା ଅବସମ୍ଭବାମୀ ନୁହେଁ ଗର୍ହିତ ଅପରାଧ ମଧ୍ୟ। ଟିକେ ଆଗକୁ ଚାହଁ ଆସନ୍ତାକାଲି ତୁ ବି ସ୍ରଷ୍ଟାରୂପେ ପରିଗଣିତ ହେବୁ। କାନ୍ଧରେ ପଡ଼ିଲେ ବଜାଇ ଶିଖନ୍ତି ସିନା - ସେତେବେଳକୁ ଚକିଗୁଡ଼ କହୁଣୀ ଛୁଇଁଥାଏ, ଜିଭ ପାଏନାହିଁ ।

କାଠିଆସରା, ପୋ- ଆୟଗଡ଼ିଆ,
ଫକୀରପୁର, କେନ୍ଦୁଝର
ମୋ - ୯୪୩୭୬୦୨୦୫୬

# ଗାଁ

ସୌମ୍ୟେନ୍ଦ୍ର ମିଶ୍ର

ଗାଁ ମାଟି ପାଣି ପବନ
ଲାଗେ ଭାରି ନିଆରା
ଏଇଠୁ ଆରମ୍ଭ ଜୀବନ
ସୁଖ ଦୁଃଖ ଯାତରା ।

ଷଠିଘର ମୋର ଏଇଠି
ଶକ୍ତ ତାର ବନ୍ଧନ
ଦେହ ସିନା ଭ୍ରମେ ଜଗତ
ଭୁଲି ପାରେନା ମନ ।

ମୋ ଭାଇ ବନ୍ଧୁ କୁଟୁମ୍ବ
ଯହିଁ ନିଇତି ମେଳ
ସେ ସ୍ଥାନ ସ୍ୱର୍ଗ ପରାୟେ
ହୃଦ କରେ ଶୀତଳ ।

ଚଲି ବୋଲି ଯହିଁ ଶିଖିଛି
ସ୍ନେହ ଶରଧା ପାଇ
ଶୟନେ ସପନେ ବ୍ୟାକୁଳ
ଚିତ୍ତ ତାହାରି ପାଇଁ ।

ତରୁଲତା ବନ ପ୍ରାନ୍ତର
ସର୍ବେ ମୋର ଆପଣା
ବାଟ ଘାଟ ଖଳା ଅମାର
କିଛି ନୁହେଁ ଅଜଣା ।

କୁଳୁ କୁଳୁ ନାଦେ ବହୁଛି
ଗାଁ ପାଶେ ତଟିନୀ
ଗହଳିଆ ଆମ୍ବ ତୋଟାରେ
ପିକ ଗାଏ ରାଗିଣୀ ।

ରଜ, ଦୋଳ, ହୋଲି, ଦଶହରା
ଆଦି ନାନା ପରବ
ଚିନ୍ତା ଚେତନାକୁ ଦିଅଇ
ପ୍ରଭୁ ପାଦରେ ଠାବ ।

ଆନନ୍ଦରେ ତନୁ ଶିହରେ
ଗାଁ କଥା ଭାଜିଲେ
ପିଣ୍ଡରୁ ଛାଡୁ ଏ ପରାଣ
ଥାଇ ତାହାରି କୋଳେ ।

ବରିଷ୍ଠ ଅଧ୍ୟାପକ, ପ୍ରାଣନାଥ
ସ୍ୱୟଂଶାସିତ ମହାବିଦ୍ୟାଳୟ
ଖୋରଧା

# ଦୁନିଆରେ କିପରି ସବୁ ଏକତ୍ର ସଜାଇ ହୋଇଥିବ ?



ପ୍ରିୟମ୍ବଦା ସାହୁ

ଦୁନିଆରେ ଯେତେବେଳେ ଦିବସ, ରାତ୍ରି, ସକାଳ, ସଞ୍ଜ କି ଏସବୁ କିଛିବି ନଥିଲା, ଇଏ ସେତେବେଳର କଥା। ଭଗବାନ ପୃଥିବୀ ସୃଷ୍ଟି କଲେ। ମନୁଷ୍ୟ ତିଆରି କଲେ, ପଶୁ ପକ୍ଷୀ ଓ ପ୍ରାଣୀ ତିଆରି କଲେ। ଆଉ କେମିତି ବଞ୍ଚିବ ତାହା ବୁଝାଇ ଦେଲେ। କିନ୍ତୁ ସେ ସମୟରେ ସବୁ ଅନ୍ଧାର ଅନ୍ଧାର ଥିଲା। ସେତେବେଳେ ନଥିଲା ସୂର୍ଯ୍ୟ, ନଥିଲା ଚନ୍ଦ୍ର, ଆଉ ତାରା ମଧ ନଥିଲେ।

ସେ ସମୟରେ ଭଗବାନ ମଣିଷକୁ ଅଗ୍ନି ଜଳାଇବା ଶିଖାଇ ଦେଇଥିଲେ। ସେଥିପାଇଁ ମଣିଷ କାଠ ଜଳାଇ ନିଜର ବ୍ୟବହାର ଚଳାଉଥାନ୍ତି। ହେଲେ ଅନ୍ଧାରରେ କାଠ କାଟିବା, ତାକୁ ନେଇ ଆସିବା, ଅନ୍ଧାରରେ ଜମି ଖୋଳିବା, ପାଣି ଭରିବା ସେ ସବୁ କାମରେ ଅସୁବିଧା ହେଉଥାଏ। କେତେକ ମଣିଷ ପାଣି କାଢୁ କାଢୁ ଅନ୍ଧାର ଯୋଗୁ କୂଅରେ ପଡ଼ିଯାଆନ୍ତି। କାଠ କାଟୁ କାଟୁ କେହି ନିଜ ଗୋଡ଼ରେ କୁରାଢ଼ି ମାରି ଦିଏ। ଜମି ଖୋଳୁ ଖୋଳୁ ପାଖବାଲାର ଜମି ଖୋଳି ପକାଏ। ନିଜ ଗାଈକୁ ଦୁହିଁବାକୁ ଯାଇ ଅନ୍ୟର ଗାଈ ଦୁହିଁ ପକାଏ। କାହା ଛୁଆ ଯାଇ ଆଉ କାହାରି ପାଖରେ ଶୋଇଯାଏ। ପରେ ନିଆଁ ଜଳାଇଲେ ସମସ୍ତେ ନିଜର ଭୁଲ ଜାଣି ପାରନ୍ତି।

ଏ ସବୁ ଅସୁବିଧାରେ ବିରକ୍ତ ହୋଇ ସମସ୍ତେ ଭଗବାନଙ୍କ ପାଖକୁ ଗଲେ। ଯାଇ କହିଲେ - 'ପ୍ରଭୁ, ଆମେ ଏ ଅନ୍ଧାରରେ ହଇରାଣ ହେଉଛୁ। ଆମକୁ ଏ କାଠର ଅଗ୍ନି ପୋଷାଉ ନାହିଁ। ଆମକୁ ବହୁତ ଆଲୋକ ଦିଅ। କାଠ ଅଗ୍ନିର ମଳିନ ଆଲୋକରେ ସମସ୍ତେ ବିରକ୍ତ ହୋଇଗଲେଣି। ଏତେ ଅନ୍ଧାର ଯୋଗୁଁ କିଛି କାମ କରିବାକୁ ଇଚ୍ଛା ହେଉନାହିଁ। ଖାଲି ଶୋଇ ରହୁଛୁ। ତେଣୁ ଆମକୁ ଏତେ ଆଲୋକ ଦିଅ, ଆମେ ତା ଆଡ଼କୁ ଚାହିଁ ନ ପାରିବୁ।

ଭଗବାନଙ୍କୁ ଲୋକଙ୍କ କଥା ଠିକ ଲାଗିଲା। ସେ ଏମାନଙ୍କୁ କହିଲେ, 'ତଥାସ୍ତୁ'।

ସଙ୍ଗେ ସଙ୍ଗେ ଆକାଶକୁ ସୂର୍ଯ୍ୟ ଆସିଗଲା। ତାର ତେଜସ୍ୱୀ ଆଲୋକରେ ସାରା ପୃଥିବୀ ଆଲୋକିତ ହୋଇଗଲା। କାଠ ଜଳୁଛି କି ନାହିଁ ପାଖରେ ନ ଦେଖିଲେ ଜଣା ପଡୁନାହିଁ। କେହି ସୂର୍ଯ୍ୟ ଆଡକୁ ଚାହିଁ ପାରୁନଥାନ୍ତି। ସବୁବେଳେ ଅନ୍ଧାରରେ ରହିବା ଅଭ୍ୟାସରେ ପଡ଼ିଯାଇଥାଏ। ସେଥିପାଇଁ କିଛି ଦିନ କେହି ଆଖି ଖୋଲି ପାରିଲେ ନାହିଁ। ତାପରେ ଧୀରେ ଧୀରେ ଆଖିର ଅଭ୍ୟାସ ହେଲା। ସାହସ କରି ଟିକେ ଟିକେ ଆଖି ଖୋଲା ରଖିଲେ। କେବଳ ବିରାଡ଼ି, ପେଚା ଓ ଚେମଣିଆ କେବେ ମଧ ଆଖି ଖୋଲିବାର ସାହସ କଲେ ନାହିଁ (ଏଥିପାଇଁ ଆଜି ମଧ ସେମାନେ ସୂର୍ଯ୍ୟ ଆଲୋକକୁ ଚାହିଁପାରନ୍ତି ନାହିଁ)।

ଅନ୍ଧକାର ବଦଳରେ ଏତେ ଆଲୋକ, ଆଲୋକ, ଦେଖି ଲୋକ ବହୁତ ଖୁସି ହୋଇଗଲେ। ଏବେ ଅଜାଣତରେ କୌଣସି କୁଅ କି ଖାଇରେ ପଡିଲେ ନାହିଁ। ଅନ୍ୟର ଜମି ଖୋଳିବାରେ କି ଅନ୍ୟର ଗାଈ-ମଇଁଷି ଦୁହିଁଲେ ନାହିଁ। କିଛିଦିନ ସମସ୍ତଙ୍କୁ ଭଲ ଲାଗିଲା। କିନ୍ତୁ ପରେ ପୁଣି ବିରକ୍ତ ଲାଗିଲା। ସେତେବେଳେ ଆଜି ପରି ସୂର୍ଯ୍ୟର ଉଦୟ ବା ଅସ୍ତ ନଥିଲା। ମଥା ଉପରେ ସବୁବେଳେ ଗୋଟିଏ ସ୍ଥାନରେ ରହେ। ସେହି କାରଣରୁ ଧୀରେ ଧୀରେ ଗରମ ବଢ଼ିଲା। ନଦୀ ପୋଖରୀରୁ ପାଣି ଶୁଖିବାରେ ଲାଗିଲା। ଲୋକଙ୍କୁ ପାଣି ପାଇବା ପାଇଁ ବହୁ ଦୂରକୁ ଯିବାକୁ ପଡ଼ିଲା। ବୃକ୍ଷଲତା ଓ ଫୁଲଗଛ ମଉଳିବାକୁ ବସିଲେ। ଅସହ୍ୟ ଗରମ ହେଲା। ଚଢ଼େଇ ଛୁଆମାନେ ବସା ଭିତରେ ସେକି ହୋଇଗଲେ। ଗରମ ପାଇଁ ମଣିଷ ନା କାମ କରି ପାରିଲେ ନା ଶୋଇପାରିଲେ। ଏତେ ଆଲୋକରେ ଶୋଇପାରୁ ନଥାନ୍ତି। ନିଦ ପୂରଣ ନ ହେବାରୁ ସବୁ ବେମାର ପଡ଼ିଲେ। ଲୋକଙ୍କ ସ୍ୱଭାବ ବିଗିଡ଼ି ଗଲା। ଜଣେ ଅନ୍ୟଜଣକ ସାଥିରେ କଥା କଥାକେ ଝଗଡ଼ା କଲା। ମରାମରି କରି ବସିଲେ। ଧାନଗଛ ଶୀଘ୍ର ଶୁଖି ଯିବାରୁ ଖାଦ୍ୟର ଅଭାବ ପଡିଲା। ସମସ୍ତେ



ଚିନ୍ତାରେ ବୁଡ଼ି ଗଲେ।

ପୁଣି ସମସ୍ତେ ଏକତ୍ର ହୋଇ ଭଗବାନଙ୍କ ପାଖକୁ ଗଲେ। ହାତ ଯୋଡ଼ିକରି ସବୁ କହିଲେ - 'ପ୍ରଭୁ, କେବଳ ଆଲୋକ ଆମକୁ ଭଲ ଲାଗୁ ନାହିଁ। ଏତେ ଆଲୋକ ଆମେ ସହ୍ୟ କରିପାରୁ ନାହୁଁ। ଆଗରୁ ଆମେ ଅନ୍ଧାରରେ କାମ କରି ପାରିଲୁ ନାହିଁ। ଏବେ ଅତି ଆଲୋକରେ କରିପାରୁ ନାହିଁ। ସୂର୍ଯ୍ୟ ଏତେ ପାଖରେ ରହିବାରୁ ଏପରି ହେଉଛି। ତମେ ସୂର୍ଯ୍ୟକୁ ଆମଠାରୁ ଦୂରରେ ରଖିଦିଅ।

ଭଗବାନ ମୁରୁକି ହସିଲେ। ତାପରେ କହିଲେ - 'ତଥାସ୍ତୁ।' 'ଭଲ ତମର ଇଚ୍ଛା ମୁତାବକ ହେବ।' ଆଉ ସେ ସୂର୍ଯ୍ୟକୁ ଦୂରରୁ ଦୂରକୁ ନେଇ ଏକ ତାରା କରି ଆକାଶରେ ରଖିଦେଲେ।

ଲୋକଙ୍କୁ ଟିକେ ସୁସ୍ଥ ଲାଗିଲା। ସମସ୍ତେ କହି ଉଠିଲେ - 'ଓହୋ! ଇଏ ଠିକ ହେଲା। ଗରମ ଓ ଆଲୋକରେ ମଣିଷ ବ୍ୟସ୍ତ ହୋଇ ଯାଇଥିଲେ।'

ସମସ୍ତେ ଏତେ ବିରକ୍ତ ହୋଇଯାଇଥିଲେ ଯେ, ବହୁତ ଦିନଯାଏ ଥୋଡ଼ାଏ ଶୋଇଗଲେ। ନିଦ ପୂରଣ ହେବାରୁ ମନରୁ ଚିଡ଼ିଚିଡ଼ା ପଣ କମିଗଲା। କିଛିଦିନ ଭିତରେ ଲୋକ ପ୍ରଫୁଲିତ ହୋଇଗଲେ। କିନ୍ତୁ ଏସବୁ କିଛିଦିନ ପାଇଁ। ତାପରେ ପୁଣି ସମସ୍ତେ ସେହି ଅନ୍ଧକାର ଭୋଗିବାରେ ଲାଗିଲେ। ଯାହା ହେଉ ଏବେ ଦୂର ଆକାଶରେ ଏକ ତାରା ନିଶ୍ଚୟ ଦେଖାଯାଉଛି। ହେଲେ ଏତେ ଦୂରରୁ ଗୋଟିଏ ତାରା କି ଆଲୋକ ଦେଖାଇ ପାରିବ? ହଁ, ତାଦ୍ୱାରା ଲୋକ ନିଜର ନିଜର ଦିଗ ଠିକ କରି ପାରେ, ତା ଛଡ଼ା ଅନ୍ଧାର ତ ତାଙ୍କୁ ହଇରାଣ କରୁଛି ନା।

ପୁଣି ସମସ୍ତେ ଚାଲିଲେ ଭଗବାନଙ୍କ ପାଖକୁ। ହାତ ଯୋଡ଼ି କରି ପ୍ରାର୍ଥନା କଲେ। - 'ଭଗବାନ, ଏହି ଗୋଟାଏ ତାରାର କିଛି ଅର୍ଥ ହେଉ ନାହିଁ। ଏଭଳି ବହୁତ ତାରା ସୃଷ୍ଟି କରିଦିଅ।

ମନ୍ଦମନ୍ଦ ହସି ଭଗବାନ କହିଲେ, ଯାଅ, ସେମିତି ହେବ। ଆଉ ଆକାଶ ସାରା ଛୋଟ ବଡ଼ ତାରକାରେ ଭରିଗଲା। ବର୍ତ୍ତମାନ ଆଉ ଗାଢ ଅନ୍ଧାର ଲାଗିଲା ନାହିଁ। ଲୋକ ନକ୍ଷତ୍ର ବିଷୟରେ ଶିକ୍ଷା କଲେ। କିଛିଦିନ ସମସ୍ତେ ଆକାଶର ଅଗଣିତ ତାରକା ଦେଖିବାକୁ ଭାରି ଭଲ ପାଇଲେ। ଲୋକଙ୍କର ବେକ ବିନ୍ଧିବା ଯାଏ ଆକାଶକୁ ଅନେଇ ରହିଲେ। କେତେକ ଲୋକ ଦିନଦିନ ଧରି ଖଟିଆ ପକାଇ ଶୋଇ ଶୋଇ ଆକାଶରେ ତାରାକୁ ଚାହିଁ ପଡ଼ି ରହିଲେ। ହେଲେ ଏସବୁ ମାତ୍ର କିଛିଦିନ ପାଇଁ ଚାଲିଲା। ସବୁଲୋକ ଥରେ ସୂର୍ଯ୍ୟର ଆଲୋକର ସ୍ୱାଦ ପାଇ ଯାଇଛନ୍ତି। ତେଣୁ ଏବେ ତାଙ୍କୁ ଠିକ୍ ଲାଗୁ ନଥାଏ। ଅନ୍ଧାର ଅସୁବିଧା ଲାଗୁଥାଏ। ତେଣୁ ପୁଣି ସମସ୍ତେ ଭଗବାନଙ୍କ ପାଖକୁ ଗଲେ। ଯାଇ କହିଲେ - 'ପ୍ରଭୁ, ତମେ ବହୁତ ଦୟାଳୁ। ଆମର ତାରା ପାଇଁ ପୂରାପୂରି ସନ୍ତୋଷ ଲାଗୁଛି। ହେଲେ ଅନ୍ଧାର ତ ଦୂର ହେଉ ନାହିଁ। ଆମକୁ ସୂର୍ଯ୍ୟଠାରୁ କମ ଆଉ ତାରାଠାରୁ ଅଧିକ ତେଜସ୍ୱୀ ହୋଇଥିବ, ଏପରି କିଛି ସୃଷ୍ଟି କରି ଦିଅନ୍ତୁ ନା!'

ଭଗବାନ ପୁଣି ଥରେ 'ତଥାସ୍ତୁ' କହିଲେ। ଆକାଶକୁ ଚନ୍ଦ୍ର ଆସିଗଲା। ଲୋକ ଖୁସି ହୋଇଗଲେ। ଏବେ ସେହି ଲୋକମାନଙ୍କୁ ବହୁତ ଦୂର ଆକାଶକୁ ଅନାଇ ରହିବାକୁ ପଡିଲା ନାହିଁ। ଚନ୍ଦ୍ରର ଆଲୋକ କଷ୍ଟ ଦେଉନଥିଲା। ଶୀତଳତା ମଧ୍ୟ ସେହିପରି ରହିଲା, ଚନ୍ଦ୍ର ଆସିବା ଆଗରୁ ଯେମିତି ଥିଲା। ତେଣୁ ବର୍ତ୍ତମାନ ଲୋକଙ୍କୁ ମଜା ଲାଗିଲା। କିନ୍ତୁ ପୁଣି ଏକ ସମସ୍ୟା ବାହାରିଲା। ଚନ୍ଦ୍ର ଆସିଯିବାରୁ ତାରାମାନେ ନିସ୍ତେଜ ଦେଖାଗଲେ। ଲୋକ ତାରାଭରା ଆକାଶର ସୁନ୍ଦରତା ଦେଖି ଦେଇଛନ୍ତି। ସେଥିପାଇଁ ତାରା ଦେଖା ନଯିବାରୁ କାହାକୁ ଭଲ ଲାଗିଲା ନାହିଁ।

ସାହସ କରି ସମସ୍ତେ ପୁଣି ଥରେ ଭଗବାନଙ୍କ ପାଖକୁ ଗଲେ। ଆଉ କହିଲେ - 'ପ୍ରଭୁ ଆମକୁ ଏପରି ଲାଗୁଛି କି, ଆମକୁ ସୂର୍ଯ୍ୟ ଭଲ ଲାଗୁଛି, ଚନ୍ଦ୍ର ଭଲ ଲାଗୁଛି ପୁଣି ତାରା ମଧ୍ୟ ଭଲ ଲାଗୁଛି। ଏବେ ଆମେ କୌଣସି ଏକକୁ ପସନ୍ଦ କରିପାରୁ ନାହୁଁ। ତେଣୁ ତମେ ନିଜେ ଆମର ଚିନ୍ତା ଦୂର କର। ଏହି ସମସ୍ତଙ୍କୁ ଏପରି ଭାବରେ ସଜାଇ ଦିଅ ଯେ, ଆମର ମଙ୍ଗଳ ହେବ ଆଉ କୌଣସି ପ୍ରକାର ଅସୁବିଧା ମଧ୍ୟ ହେବ ନାହିଁ।

ଭଗବାନ ହସି ପକାଇଲେ। ଏଥର 'ତଥାସ୍ତୁ' କହିବା ବଦଳରେ କହିଲେ - 'ହେଉ ଏପରି ହେବ! ହେଲେ ଶୁଣ, ବର୍ତ୍ତମାନ କିନ୍ତୁ ମୁଁ ଯାହା କରିବି, ଏହି ଆଲୋକ ଅନ୍ଧାରର ବ୍ୟବସ୍ଥା ଯେପରି ସଜାଇ ଦେବି, ଏହା ପରେ କୌଣସି ପ୍ରକାର ଅଦଳବଦଳ ହେବ ନାହିଁ। ବର୍ତ୍ତମାନ ମୁଁ ଯାହା କରିବାକୁ ଯିବି ତାହା ଅନ୍ତିମ ନିର୍ଣ୍ଣୟ ବୋଲି ଗଣା ହେବ। ଏଥିରେ ତମର କେଉଁ ଆଗାମୀ ପିଢ଼ି ମଧ୍ୟ ଅଦଳବଦଳ କରି ପାରିବେ ନାହିଁ। ଯଦି କେହି ତୁମ ପରି ମାଗୁଣି କରିବ ତ ଆଉ ଏହାକୁ ଅଦଳ ବଦଳ କରି ହେବ ନାହିଁ। କୁହ, ମଞ୍ଜୁର?'

ଘଡ଼ିଏ ଜଣେ ଜଣକ ମୁହଁକୁ ଚାହିଁ କହିଲେ - 'ଆମର ମଞ୍ଜୁର ପ୍ରଭୁ।'

ଏବେ ଭଗବାନ କହିଲେ - 'ତଥାସ୍ତୁ'।

ଏହା ପରେ ଭଗବାନ ଆକାଶରେ ସୂର୍ଯ୍ୟ ଆସିବ, ଚନ୍ଦ୍ର ଆସିବ, ତାରାମାନେ ମଧ୍ୟ ରହିବେ ଏପରି ସବୁ ସଜାଇ ଦେଲେ।

ସୂର୍ଯ୍ୟ ଆକାଶକୁ ଆସିଲେ ତାକୁ ଲୋକ ଦିବସ କହିଲେ ଆଉ ବାକି ସମୟକୁ ରାତ୍ରି କହିଲେ। ରାତିରେ ଚନ୍ଦ୍ର ରହିବ, ସେ ଧୀରେ ଧୀରେ ସାନ ବଡ଼ ହେବ। ତାକୁ ପୁଣି ଏମିତି ସଜାଇ ଦେଲେ, ଲୋକମାନେ ତାରାକୁ ମଧ୍ୟ ଉପଭୋଗ କରିପାରିବେ। ଚନ୍ଦ୍ର ସମ୍ପୂର୍ଣ୍ଣ ହେଲେ, ସେଦିନକୁ ପୂର୍ଣ୍ଣମୀ ନାମ ଦେଲେ। ଆଉ ଚନ୍ଦ୍ର ଆଦୌ ରହିବ ନାହିଁ, କେବଳ ତାରାମାନେ ରହିବେ, ସେ ଦିନକୁ ଲୋକ ଅମାବାସ୍ୟା କହିବାରେ ଲାଗିଲେ। ଭଗବାନ ଏସବୁଙ୍କୁ ଏହିପରି ଆକାଶରେ ସଜାଇ ଦେଲେ। ଆଉ ଏହା ଅନ୍ତିମ ନିର୍ଣ୍ଣୟ ହେଲା। ତେଣୁ ଆଉ କାହାର କିଛି ଅଭିଯୋଗ ରହିଲା ନାହିଁ। ସମସ୍ତେ ସୁଖରେ ରହିଲେ। ଆଜି ଯେଉଁ ରାତି-ଦିନ, ସୂର୍ଯ୍ୟ, ଚନ୍ଦ୍ର ଆଉ ତାରାମାନେ ଯେମିତି ଆକାଶରେ ଅଛନ୍ତି ଏହିପରି ସବୁ ସଦାସର୍ବଦା ପାଇଁ ସଜାଇ ହୋଇଗଲେ!

**ମହାନଦୀ ବିହାର, କଟକ**



# କୋଭିଡ୍ ମହାମାରୀ ଓ ଜୈବ ବିବିଧତା

**ଡ. ଦେବାହୁତି ଆଚାର୍ଯ୍ୟ**

କୋଭିଡ୍ - ୧୯ ବା କରୋନା ମହାମାରୀର ଆତଙ୍କ ମଧ୍ୟରୁ ସମଗ୍ର ବିଶ୍ୱର ମାନବ ସମାଜ ମୁକ୍ତ ହେବାର ପ୍ରକ୍ରିୟା ଧୀରେ ଧୀରେ ଆରମ୍ଭ ହେଉ ହେଉ ପୁନରାୟ ଏହା ନୂତନ ପରିବର୍ତ୍ତିତ ଉପରେ ଆତ୍ମପ୍ରକାଶ କରିଥିବାର ଚମକପ୍ରଦ ଖବର ପ୍ରକାଶ ପାଇଛି । ଏହା ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ବ୍ରାଜିଲ ଓ ଆମେରିକା ପ୍ରଭୃତି ଦେଶରେ ଆତ୍ମପ୍ରକାଶ କରି ଧୀରେ ଧୀରେ ଅନ୍ୟଦେଶକୁ ବ୍ୟାପିବାରେ ଲାଗିଛି । ଇଂଲଣ୍ଡ, କାନାଡ଼ା, ଜର୍ମାନୀ, ଅଷ୍ଟ୍ରିଆ, ଇଟାଲୀ, ଫ୍ରାନ୍ସ ପ୍ରଭୃତି ଦେଶମାନଙ୍କରେ ଏବେ ପୁନରାୟ ତାଲାବନ୍ଦ ପ୍ରକ୍ରିୟା ଆରମ୍ଭ ହୋଇଛି । ଶିକ୍ଷାନୁଷ୍ଠାନ, ବ୍ୟବସାୟ କେନ୍ଦ୍ର, ଚିତ୍ତ ବିନୋଦନ କେନ୍ଦ୍ର ବନ୍ଦ କରାଯାଇଛି । ସାଧାରଣ ଲୋକଙ୍କୁ ଘରେ ରହିବାପାଇଁ ସତର୍କ ସତର୍କ କରିଦିଆଯାଇଛି । ପରିବେଶ ପ୍ରଦୂଷଣ କାରଣରୁ ନଭେମ୍ବର ମାସରେ ଦିଲ୍ଲୀରେ ଏହାର ଦ୍ୱିତୀୟ ଲହରୀ ବହୁଲୋକଙ୍କୁ ଆକ୍ରାନ୍ତ କରିଥିଲା । ଆମ ଦେଶରେ ଯଦିଓ ଜୀବନଯାତ୍ରାକୁ ସ୍ୱାଭାବିକ କରିବାର ପ୍ରକ୍ରିୟା ଆରମ୍ଭ ହୋଇଛି ଆଶଙ୍କା ସଂପୂର୍ଣ୍ଣ ଯାଇନଥିବାର ସତର୍କବାଣୀ ଅହରହ ଘୋଷିତ ହେଉଛି । ଯାହା ମନେହୁଏ ମଣିଷ ମୁହଁରେ ସ୍ୱାଭାବିକ ହସ ଫେରିବାକୁ ଏବେ ମଧ୍ୟ ବହୁ ସମୟ ବାକିଅଛି । ଏ ମଧ୍ୟରେ ଆଉ ଏକ ଚମକପ୍ରଦ ଖବର ଅନୁସାରେ ସାଧାରଣତନ୍ତ୍ରରେ ଏକ ନୂତନ ସଂକ୍ରମଣର ସୂଚନା ମିଳିଛି - ଯାହାର ସଠିକ୍ ନାମକରଣ ହୋଇନାହିଁ, କିନ୍ତୁ ଗବେଷକ ଓ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠକ ସତର୍କ କରାଇ ଦେଲେଣି ଯେ, ଆଗାମୀ ବର୍ଷମାନଙ୍କରେ ମାନବ ସମାଜକୁ ବହୁ ସଂକ୍ରମଣ, ମହାମାରୀର ସାମ୍ନା କରିବାକୁ ପଡ଼ିବ ।

ମହାମାରୀ ଭାବରେ କରୋନା ପ୍ରଥମ ନୁହେଁ । ମାନବ ସମାଜ ଅତୀତରେ ବହୁ ମହାମାରୀର ସମ୍ମୁଖୀନ ହୋଇଛି । ପ୍ଲେଗ୍, ମ୍ୟାଲେରିଆ, ବସନ୍ତ, ହଇଜା, ଫ୍ଲୁ, ମିଳିମିଳା, ଚିକେନ୍‌ଗୁନିଆ, ଏଡ୍ସ, ଜାଇକା, ଇବୋଲା ଏମାନଙ୍କ ମଧ୍ୟରୁ କେତୋଟି ପରିଚିତ ନାମ ଏବଂ ଏମାନଙ୍କ ପ୍ରଭାବରେ ଲକ୍ଷ ଲକ୍ଷ ଲୋକ ପ୍ରାଣ ହରାଇଛନ୍ତି । ଅଜର୍ଟେକ, ଇନ୍‌କା ଭଳି ସଭ୍ୟତା ଲୋପ ପାଉଛି । ସେ ସମସ୍ତର ଇତିହାସ ଏଠାରେ ଉଲ୍ଲେଖ କରିବା ସମ୍ଭବ ନୁହେଁ । କିନ୍ତୁ ଏ ସମସ୍ତଙ୍କ ମଧ୍ୟରେ କରୋନା ଅଧିକ ଭୟାବହ ପରିଗଣିତ ହେବାର କାରଣ ଏହାର ବାରମ୍ବାର ରୂପ ପରିବର୍ତ୍ତନ । ଏହା ପ୍ରଥମ ମହାମାରୀ ଯାହା ଖୁବ୍ କମ ସମୟ ମଧ୍ୟରେ ୨୧୯ଟି ରାଷ୍ଟ୍ରକୁ ସଂକ୍ରମିତ ହୋଇ ପାଖାପାଖି ସମଗ୍ର ପୃଥିବୀକୁ ଗ୍ରାସକରିଛି ଏବଂ ବିଶ୍ୱ ଅର୍ଥନୀତିକୁ ବିପର୍ଯ୍ୟସ୍ତ କରିଛି ।

କିନ୍ତୁ ଏତେ ମହାମାରୀ ପଛର କାରଣ କ'ଣ ? ଏହା କ'ଣ ଦୈବୀକୃତ ? ଦୁର୍ଘଟଣା ନା ମନୁଷ୍ୟକୃତ ? ପ୍ରକୃତି ସହ ମଣିଷର ସଂଘର୍ଷ ହିଁ ଏହା ପଛର ମୁଖ୍ୟକାରଣ । ଏହାର ବହୁ ପ୍ରକାଶ ଉପଲବ୍ଧ । ଜନସଂଖ୍ୟାର ଦ୍ରୁତ ଅଭିବୃଦ୍ଧି କାରଣରୁ ଚାଷ ଚରଣଭୂମିର ବ୍ୟାପକ ଆବଶ୍ୟକତା, କଳକାରଖାନା ପ୍ରତିଷ୍ଠା, ଖଣିଜଦ୍ରବ୍ୟ ଉତ୍ତୋଳନ, ବୃହତ୍ ଜଳସେଚନର ପ୍ରକଳ୍ପ, ଗମନାଗମନର ଉନ୍ନତି ଇତ୍ୟାଦି ବିଭିନ୍ନ କାରଣରୁ ଜଙ୍ଗଲ ସଂକୁଚିତ ହେଉଛି ଏବଂ ସେଥି ସହ ଜୈବ ବିବିଧତା ମଧ୍ୟ ଲୋପ ପାଉଛି । ଜୀବନ ପ୍ରବାହ ବଡ଼ ବୈଚିତ୍ର୍ୟମୟ । ପୃଥିବୀପୃଷ୍ଠରେ ଲକ୍ଷ ଲକ୍ଷ ଜାତିର ଜୀବ, ଅଣୁଜୀବ ବିଦ୍ୟମାନ । ପ୍ରତ୍ୟେକ ଜାତି ଅନ୍ୟଠାରୁ ବହୁତ ଭିନ୍ନ । ଏହି ଜୀବମାନଙ୍କ ସହିତ ଆମର ଯେତିକି ପରିଚୟ ତାହା ଜୀବନ ବୃତ୍ତର କ୍ଷୁଦ୍ରାତି କ୍ଷୁଦ୍ର ଅଂଶ ମାତ୍ର । ବହୁ ଜୀବ ଏଯାବତ୍ ପରିଚୟ ପର୍ଯ୍ୟାୟକୁ ଆସିନାହାନ୍ତି । ଅନେକ ତା'ପୂର୍ବରୁ ବିଭିନ୍ନ କାରଣ ବଶତଃ ଲୋପ ପାଇଗଲେଣି । କିନ୍ତୁ ସମଗ୍ର ଜୀବଜାତି ମଧ୍ୟରେ ଏକ ସୀମାବଦ୍ଧ ସହାବସ୍ଥାନ ଅପରିହାର୍ଯ୍ୟ । କାରଣ ଏମାନେ ପରସ୍ପର ଉପରେ ନିର୍ଭରଶୀଳ । ମଣିଷ ଏ ନିର୍ଭରଶୀଳତାକୁ ସମ୍ମାନ ଦେବାକୁ ଭୁଲିଯାଇଛି ।

ବଂଶବୃଦ୍ଧି ସବୁ ଜୀବଜଗତର ଏକ ନିର୍ଭରଶୀଳ ପ୍ରକ୍ରିୟା । ଜଗତର କଲ୍ୟାଣ ପାଇଁ ଅହରହ ସଂଗ୍ରାମ ଚାଲିଥାଏ । ପ୍ରତ୍ୟେକ ନିଜ ଚାରିପଟୁ ଆକ୍ରାନ୍ତ, ତେଣୁ ନିଜ ଦେଶରେ ଆବଦ୍ଧ ରୁହନ୍ତି । ମାତ୍ର ଅଧୁନା ଜଳବାୟୁର ତୀବ୍ର ପରିବର୍ତ୍ତନ, ବିକାଶର ଧାରା ପ୍ରକୃତି ଉପରେ ଅତ୍ୟନ୍ତ ପ୍ରଭାବ ବିସ୍ତାର ଏହି ସନ୍ତୁଳନକୁ ବିପର୍ଯ୍ୟସ୍ତ କରିଛି, ତେଣୁ ଜୈବ ବିବିଧତାର ଅବକ୍ଷୟ ହେବାରେ ଲାଗିଛି ।

ଜଗତରେ ପ୍ରତ୍ୟେକ ଜୀବଙ୍କର ବଂଚିବା ପାଇଁ ଏକ ପ୍ରାକୃତିକ ବାସସ୍ଥଳୀ ଥାଏ । ସ୍ଥାନର ଜଳବାୟୁର ପ୍ରକାରଭେଦରେ ଏହା ଭିନ୍ନ ଭିନ୍ନ ହୋଇଥାଏ । ପ୍ରାକୃତିକ ବାସସ୍ଥଳୀର ବିପର୍ଯ୍ୟୟ ଏମାନଙ୍କୁ ବିଲୁପ୍ତ କରେ ବା ଅନ୍ୟ ଆଶ୍ରୟ ଖୋଜିବାକୁ ବାଧ୍ୟ କରେ । ଅଣୁଜୀବଗୁଡ଼ିଏ ଏହିଏହିକ୍ରମରେ ବିଭିନ୍ନ ପଶୁପକ୍ଷୀମାନଙ୍କୁ ଆଶ୍ରାକରନ୍ତି । ଜଙ୍ଗଲକ୍ଷୟ ହେବା ଫଳରେ ଏକ ନିର୍ଦ୍ଦିଷ୍ଟ ସ୍ଥାନର ପଶୁପକ୍ଷୀ ଖାଦ୍ୟ ଅନ୍ୱେଷଣରେ ଅନ୍ୟ ଜୀବଙ୍କର ପ୍ରାକୃତିକ ବାସସ୍ଥଳୀକୁ ଅନୁପ୍ରବେଶ କରନ୍ତି । ଏହିକ୍ରମରେ ଜନବସତି ମଧ୍ୟ ସୀମିତ ଦଖଲର ପରିସରକୁ ସ୍ପର୍ଶକରେ ଏବଂ ଅନ୍ୟ ଜୀବଜନ୍ତୁଙ୍କଠାରୁ ସଂକ୍ରମଣ ମଣିଷ ସମାଜକୁ ପ୍ରସାରିତ ହୁଏ । ଏଥିରୁ କେତେକ ସଂକ୍ରମଣ ସ୍ତରରେ ସୀମିତ ରହିବା ବେଳେ କେତେକ ମହାମାରୀର ରୂପନିଅନ୍ତି । ଏଣୁ, ଇବୋଲା, ଜାଇକ, ସାର୍ସ, ମେର୍ସ, ବାର୍ଡ଼ଫ୍ଲୁ ଏବଂ ସର୍ବୋପରି କରୋନା ଏହାର ଦୃଷ୍ଟାନ୍ତ ।

୧୯୯୬ ମସିହାର ଘଟଣା । ଆଫ୍ରିକାର ଉତ୍ତର ଗାବନ ରାଜ୍ୟର ମାୟାଚଟୁ - ୨ ଗ୍ରାମରେ ହଠାତ୍ ଗୋଟିଏ ଦିନରେ ଅଜଣା ରୋଗରେ ୨୧ ଜଣ ମୃତ୍ୟୁବରଣ କରିଥିଲେ । ଅନୁସନ୍ଧାନରୁ ଜଣାପଡ଼ିଲା ଏକ ସିମ୍ପାଞ୍ଜୀ ମାଂସ ଭକ୍ଷଣ କରିଥିବା ୩୬ ଜଣ ଯାକ ପୂର୍ବଦିନ ଇବୋଲାରେ ଆକ୍ରାନ୍ତ

ହୋଇଥିଲେ। ଯାହାମଧ୍ୟରେ ୨୧ ଜଣ ଅଳ୍ପ ସମୟ ମଧ୍ୟରେ ମୃତ୍ୟୁବରଣ କଲେ। ମଧ୍ୟ ଆଫ୍ରିକା ଅଞ୍ଚଳରୁ ଉତ୍ପନ୍ନ ଇବୋଲା ମହାମାରୀ ସିମ୍ପାଜୀ ଓ ବାଦୁଡ଼ିଙ୍କ ବାସସ୍ଥାନରୁ ହିଁ ଆରମ୍ଭ ହୋଇଥିଲା। ପ୍ରାକୃତିକ ଆବାସସ୍ଥଳୀର କ୍ରମ ସଂକୋଚନ ଏମାନଙ୍କୁ ଏକ ସଂକୀର୍ଣ୍ଣ ପରିସରରେ ରହିବାକୁ ବାଧ୍ୟ କରିଥିଲା। ନବେ ଦଶକର ଶେଷଭାଗରେ ଜଙ୍ଗଲର ଅବକ୍ଷୟ ମାଲେସିଆର ଜଙ୍ଗଲରେ ରହିଥିବା ବାଦୁଡ଼ିମାନଙ୍କୁ ନିକଟସ୍ଥ ଘୁଷୁରୀ ଫାର୍ମର ଆମ୍ବଗଛକୁ ସ୍ଥାନାନ୍ତରିତ କରିଥିଲା ଏବଂ ନିପା ଭୂତାଣୁ ସଂକ୍ରମଣର କାରଣ ହୋଇଥିଲା। ମଣିଷର ଚାହିଦା ମେଣ୍ଟାଇବା ପାଇଁ ବୋର୍ଣ୍ଣିଓରେ ଜଙ୍ଗଲ ସଫାକରି ପାମ ଚାଷ କରାଗଲା ଏବଂ ଏହା ହିଁ ହେଲା ଏକ ନିର୍ଦ୍ଦିଷ୍ଟ ପ୍ରଜାତିର ମ୍ୟାଲେରିଆ ଭୂତାଣୁ ସଂକ୍ରମଣର କାରଣ। କରୋନା ବିଷୟରେ ସମସ୍ତେ ଅବଗତ ଏହା କିଭଳି ଓହାନର ବନ୍ୟଜୀବ ବଜାରରୁ ଆସିଥିଲା।

ମଣିଷର ସର୍ବଗ୍ରାସୀ କ୍ଷୁଧା, ଉପଭୋଗ କରିବାର ବାସନା ବିଶ୍ୱର ବହୁଜୀବକୁ ବିଲୁପ୍ତିର ଦ୍ୱାର ଦେଶରେ ପହଞ୍ଚାଇ ସାରିଲାଣି। ବଜ୍ରକାପ୍ତା ଏହାର ଏକ ଉଦାହରଣ। ପ୍ରତିବର୍ଷ ଚାଲାଣ ହେଉଥିବା ବେଳେ ହାରାହାରି ୨୦ ଟନ୍ ବଜ୍ରକାପ୍ତା ମାଂସ ଜବତ ହୁଏ। ଯାହାପାଇଁ ପ୍ରାୟ ୨୦,୦୦୦ ବଜ୍ରକାପ୍ତାଙ୍କୁ ହତ୍ୟା କରାଯାଇଥାଏ। ଏହାଠାରୁ ଚଢ଼େଇ ଅଧିକ ସଂଖ୍ୟାରେ ବିଲୁପ୍ତ ହେବାରେ ଲାଗିଛନ୍ତି। ସେହିଭଳି ସୁନ୍ଦର ଭ୍ୟାନ୍ଟି ବ୍ୟାଗ୍ ପାଇଁ ସାପ ଚମଡ଼ା ଏବଂ ବହୁ ସରୀସୃପ ବଳି ପଡୁଛନ୍ତି। ଏହାର ତାଲିକା ବେଶ୍ ଲମ୍ବା। ବିଶ୍ୱରେ ପ୍ରତିବର୍ଷ ବେଆଇନ୍ ବଣ୍ୟପ୍ରାଣୀ ବ୍ୟବସାୟର ପରିମାଣ ପ୍ରାୟ ୨୦ ଲକ୍ଷ କୋଟି ଟଙ୍କା।

ଜଙ୍ଗଲ ଧ୍ୱଂସର ପ୍ରକ୍ରିୟା ଆହୁରି ମର୍ମନ୍ତୁଦ। ୨୦୦୧ ରୁ ୨୦୧୮ ମସିହା ମଧ୍ୟରେ ପୃଥିବୀରେ ୩,୬୧୦,୦୦୦ ବର୍ଗ କିଲୋମିଟର ଜଙ୍ଗଲ ଧ୍ୱଂସପାଇଛି ଯାହା ଭାରତର କ୍ଷେତ୍ରଫଳ ସହ ପ୍ରାୟ ସମାନ। ସବୁଠାରୁ ଅଧିକ ଜଙ୍ଗଲ ଧ୍ୱଂସ ପାଉଛି ବ୍ରାଜିଲ, କଙ୍ଗୋ, ଇଣ୍ଡୋନେସିଆ, କଲମ୍ବିଆ, ବେଲ୍‌ଜିଅମ ପ୍ରଭୃତି ବିଷୁବ ମଣ୍ଡଳୀୟ ଅଞ୍ଚଳରେ ଯାହା ପ୍ରାୟ ୭୦ - ୭୫ ପ୍ରତିଶତ ଅଣୁଜୀବଙ୍କ ଆବାସସ୍ଥଳି। ଏପ୍ରକ୍ରିୟା ଅବ୍ୟାହତ ରହିଛି। ଭାରତ ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ।

ପ୍ରକାଶ ଥାଉ କି ଅତୀତରେ ହୋଇଥିବା ଏବଂ ଭବିଷ୍ୟତରେ ହେବାକୁ ଥିବା ସଂକ୍ରମଣରୁ ପ୍ରାୟ ୭୦ଭାଗ ପଶୁବାହୀ। ବିକାଶ ପ୍ରକ୍ରିୟା ନାମରେ ଆମେ ପ୍ରାକୃତିକ ପରିବେଶକୁ ଯେମିତି ବିନାଶ କରିଚାଲିଥିବା ସେତିକି ସମସ୍ୟାର ସମାଧାନ କରିବାର ପଥ ପରିଷ୍କାର କରିଚାଲିଥିବା। ଜଳସଙ୍କଟ, ମୃତ୍ତିକାକ୍ଷୟ, ମରୁଭୂମିର ବିସ୍ତୃତି ସହ ବହୁ ମହାମାରୀର ସାମ୍ନା କରିବାକୁ ବାଧ୍ୟ ହେବା। ମଣିଷ ଗଢ଼ିବାର ସମୟ ଆସିଛି। ସମସ୍ତ ବସୁଧାକୁ କୁଟୁମ୍ବ ନମଣିଲେ ଏ ଜାତି ଅଚିରେ ଧ୍ୱଂସ ପାଇବ।

ବିଶ୍ୱର ଜନସଂଖ୍ୟା କ୍ରମାଗତ ଭାବରେ ବୃଦ୍ଧିଲାଭ କରିଛି। (ପ୍ରାୟ ୮୦୦ କୋଟିର ଦ୍ୱାର ଦେଶରେ) ଏମାନଙ୍କ ଖାଦ୍ୟପାଇଁ, ବାସଗୃହ ପାଇଁ, ଜୀବିକା ପାଇଁ କୃଷି, ଗୋପାଳନ ପାଇଁ ଅଧିକରୁ ଅଧିକ ଜମିର ଆବଶ୍ୟକତା ପଡ଼ିବ ଏଣୁ ଭବିଷ୍ୟତରେ ଜଙ୍ଗଲ ଏବଂ ଜଙ୍ଗଲରେ ବସବାସ କରୁଥିବା ପଶୁପକ୍ଷୀ ମଧ୍ୟ ପ୍ରଭାବିତ ହେବେ। ତାହାର ପରିଣତି ମାନବ ସମାଜକୁ ଭୋଗିବାକୁ ପଡ଼ିବ। ଏଣୁ ଏକ ସନ୍ତୁଳନ, ସହାବସ୍ଥାନର ଜରୁରୀ ଆବଶ୍ୟକତା ଅଛି। ଆମକୁ ଏହା ହୃଦୟଙ୍ଗମ କରିବାକୁ ପଡ଼ିବ। ମଣିଷକୁ ମଣିଷ ସଂହାରରୁ ବଂଚେଇବାକୁ ପଡ଼ିବ। ଅବିଚାରିତ ଜୈବ ଅବକ୍ଷୟର ପ୍ରତିରୋଧ କରିବାକୁପଡ଼ିବ। ଲୋଭ ସମ୍ବରଣ କରିବାକୁ ପଡ଼ିବ। ମହାତ୍ମାଗାନ୍ଧୀ ସେକଥା ବହୁପୂର୍ବରୁ ସୂଚେଇ ଦେଇଛନ୍ତି ଯେ, ପ୍ରକୃତି ଆମର ଆବଶ୍ୟକତା ମେଣ୍ଟାଇବା ପାଇଁ ଯଥେଷ୍ଟ ଉପାଦାନ ରଖିଛି। ଲୋଭ ପାଇଁ ନୁହେଁ। ଏ ବାଣୀକୁ ମନେରଖିବାକୁ ପଡ଼ିବ।

ଭୁବନେଶ୍ୱର

# ଶିବଜ୍ୟୋତି



ରବୀନ୍ଦ୍ରନାଥ ଖଣ୍ଡୁଆଳ

ଭୁଲାମନ ଚାଲଯିବା
ଭୋଳାଶଙ୍କର ଦେଖିବା
କୈଳାସ ଧାମରେ ବାବା
ହିମ, ହିମାଳୟେ ଶୋଭା । ॥୧॥
ଶିବ ପନ୍ନଗ ଭୂଷଣ
ନନ୍ଦୀ ଭ୍ରମନ୍ତି ବାହାନେ
ଗୌରୀମାତା ବ୍ୟାଘ୍ରାସନେ
ଶିବଶକ୍ତି ଯୋଗାସନେ । ॥୨॥
କାର୍ତ୍ତିକ କେକି ଆସନେ
ମୂଷିକେ ଶ୍ରୀଗଜାନନ,
କି ସୁନ୍ଦର ଏ ମିଳନ
ଅହିଂସା ପରମଧନ । ॥୩॥
ଖାଦ୍ୟ, ଖାଦକର ପ୍ରୀତି,
ଜ୍ଞାନ ଓ ଶୌର୍ଯ୍ୟର ଗୀତି,
ଜ୍ୟୋତିର୍ଲିଙ୍ଗର ରଚନା
ଈଶ୍ୱର ଲୀଳା ଅବଗତି । ॥୪॥
ପାଞ୍ଚମନ ଏକ ହେବା
ଦ୍ୱାଦଶ ଲିଙ୍ଗ ଦେଖିବା,
ଦର୍ଶନ, ଶ୍ରବଣେ ମୁକ୍ତି,
ଦିବ୍ୟ ଆନନ୍ଦ ପ୍ରାପ୍ତହେବା । ॥୫॥

ଆର୍.ଏମ୍.ସି. ଅଫିସ୍ ନିକଟ
ରାମଚନ୍ଦ୍ରପୁର ବଜାର, ଜଟଣୀ
ମୋ - ୯୪୩୭୧୧୪୬୫୧

# ଆପଣା ଢୋଲ ଆପେ ପିଟ



*ଉମା ଶଙ୍କର ପ୍ରସାଦ*

ଭାରତୀୟ ସାମାଜିକ ଓ ସାଂସ୍କୃତିକ ଜୀବନରେ 'ଢୋଲ' ହେଉଛି ଏକ ପ୍ରିୟ ବାଦ୍ୟ। କେଉଁ ଅନାଦିକାଳରୁ ପ୍ରାୟ ସମସ୍ତ ଶୁଭକାର୍ଯ୍ୟରେ ଢୋଲର ଆବଶ୍ୟକତା ରହିଛି। ମାତ୍ର ଆଜିର ସମାଜରେ ବ୍ୟାଣ୍ଡପାର୍ଟିରେ କ୍ରମବର୍ଦ୍ଧମାନ ସଙ୍ଗୀତ ବାଦ୍ୟଯନ୍ତ୍ର ପ୍ରଚଳନ ଫଳରେ ମଙ୍ଗଳ ଉତ୍ସବରେ ବ୍ୟବହାର ହେଉଥିବା ମହୁରୀ ଓ ଢୋଲର ପ୍ରଚଳନ ଆସ୍ତେ ଆସ୍ତେ ହ୍ରାସ ପାଇବାରେ ଲାଗିଛି। ବ

ର୍ତ୍ତମାନ ସରକାରୀ ସ୍ୱୀକୃତି ପାଇଥିବା କବାଡି ଖେଳ ସହିତ ଢୋଲର ସମତାଳ ପାଇଁ ସାଂସ୍କୃତିକ ଓ କ୍ରୀଡା ବିଭାଗ କୌଣସି ସେଭଳି ଆଖିଦୃଷ୍ଟିଆ ପଦକ୍ଷେପ ଅଦ୍ୟାବଧି ନେଇ ନାହାଁନ୍ତି। ଓଡିଶାର ଗ୍ରାମାଚଂଳରେ ବୀରଭୂମି ଓ ବୀରଖେଳ ଯେଉଁଠି ଏବେ ମଧ୍ୟ ରହିଛି, ସେଠାରେ ଢୋଲର ମର୍ଯ୍ୟାଦା ଏବେ ବି ଅକ୍ଷୁର୍ଣ୍ଣ ରହିଛି। ଗାଁର ନିମ୍ନ, ନିମ୍ନ ମଧ୍ୟବିତ ଶ୍ରେଣୀରେ ବିବାହ ଶୋଭାଯାତ୍ରାରେ ଢୋଲର ବ୍ୟବହାର ଏବେ ମଧ୍ୟ ରହିଛି। ଏବେ ମଧ୍ୟ ଅନେକ ସଭାସ୍ଥଳକୁ ରାଜନେତାମାନଙ୍କୁ ଢୋଲର ତାଳେ ତାଳେ ପାଛୋଟି ନେବାର ପ୍ରଚଳନ ବନ୍ଦ ହୋଇନାହିଁ। ତେଣୁ ଢୋଲର ମାହାତ୍ମ୍ୟ ପୂରା ଲୋପ ହୋଇନାହିଁ। ଏଭଳି ଅପରିହାର୍ଯ୍ୟ ଜିନିଷଟିକୁ ବଂଚାଇବାକୁ ହେଲେ ସମସ୍ତେ ଭାବିବା ଉଚିତ। କାଳକ୍ରମେ ଢୋଲ ଶାରୀରିକ ଦୃଷ୍ଟିରୁ ମରିଯାଇଥିଲେ ମଧ୍ୟ ଜଗତରେ ଏବେ ବେଶ୍ ଭାବେ ଆସ୍ଥାନ ମାଡି ବସିଲାଣି। ଢୋଲର ଭାବାର୍ଥ ଏବେ ଜନଜୀବନର ଶୀର୍ଷ ସ୍ଥାନରେ ପହଂଚିସାରିଲାଣି। 'ଢୋଲପିଟା' କାମ ଏବେ ସବୁ କ୍ଷେତ୍ରରେ ଆଦରଣୀୟ ସାମଗ୍ରୀ ହୋଇଗଲାଣି। ଥରେ ଓଡିଶାର ଖ୍ୟାତନାମା ଆଇନଜୀବୀ ଓ ପୂର୍ବତନ ଆଡଭୋକେଟ ଜେନେରାଲ ଗୋବିନ୍ଦ ଦାସ ତାଙ୍କର ଲିଖିତ ଏକ ପୁସ୍ତକ ଉନ୍ମୋଚନ ଉତ୍ସବ ନିଜ ତରଫରୁ ପାଳନ କରିଥିଲେ। ସେ ତାଙ୍କର ସୀମିତ ବନ୍ଧୁବଳୟ ମଧ୍ୟରେ କେତେକଙ୍କୁ ନିମନ୍ତ୍ରଣ କରିଥିଲେ। ମୋର ଯାହା ମନେ ପଡୁଛି ଭଲ ଜଳଖିଆ (ଯାହାକୁ ଏବେ High Tea ବୋଲି ବଡବଡିଆମାନେ ନାମକରଣ କରିଛନ୍ତି) ଖାଇବାକୁ ଦେଇ ପୁସ୍ତକଟିର ଉନ୍ମୋଚନ ଏକ ମନୋଜ୍ଞ ପରିବେଶରେ କରାଯାଇଥିଲା। ଗୋବିନ୍ଦ ବାବୁ ତାଙ୍କ ନିମନ୍ତ୍ରଣ ପତ୍ରରେ 'ନିଜ ଢୋଲ ନିଜେ ପିଟ' ବୋଲି ଉଲ୍ଲେଖ କରି ନିମନ୍ତ୍ରିତମାନଙ୍କୁ ଏକ ହାସ୍ୟୋଦ୍ଦୀପକ ଅନୁଭୂତି ଦେଇଥିଲେ। ଗୋବିନ୍ଦ ଦାସ ମାତ୍ର ଅଳ୍ପ କେତୋଟି ଉପନ୍ୟାସ ଲେଖିଛନ୍ତି। କିନ୍ତୁ ପ୍ରତ୍ୟେକଟି ଓଡିଆ ସାହିତ୍ୟରେ ଏକ ନୂତନ ଆଙ୍ଗିକ ସୃଷ୍ଟି କରିଛି ବୋଲି ମନେହୁଏ। ତଥାପି ସେ ସ୍ୱୀକାର କରିଥିଲେ ନିଜେ ନିଜକୁ ପ୍ରମୋଟ (Promote) ନ କଲେ ଅନ୍ୟ କେହି ଆଜିକାଲି ପ୍ରତିଭାପୂଜା ପାଇଁ ଆଗ୍ରହୀ ନୁହଁନ୍ତି। ତାହାର କାରଣ ଏବେ ପ୍ରତି କ୍ଷେତ୍ରରେ ପ୍ରତ୍ୟେକ ବୋଧହୁଏ ଭାବୁଛନ୍ତି ସେ ନିଜେ ଏକ ପ୍ରତିଭା। ଏତେ 'ପ୍ରତିଭା' ଗରିଆଡେ ସୃଷ୍ଟି ହୋଇଗଲାଣି ଯେ ପ୍ରତିଭାହୀନ ଲୋକଙ୍କ ଆଉ ଦେଖାନାହିଁ। ସେଥିପାଇଁ ପ୍ରତିଭାପୂଜା ପାଇଁ 'ଆପଣା ଢୋଲ ଆପେ ପିଟ' ନ୍ୟାୟରେ ଲୋକେ 'ସମ୍ମାନ', 'ପୁରସ୍କାର', 'ଆୱାର୍ଡ' ଇତ୍ୟାଦି ପାଇଁ ଯୋଗାଡ କରୁଛନ୍ତି। ଏଥିପାଇଁ ବିଭିନ୍ନ 'ଟେକ୍ନୋଲୋଜି'ର ପ୍ରୟୋଗ ହୋଇଛି। ଆଇ.ଏ.ଏସ୍ କବି ଲେଖକଙ୍କ ପାଇଁ ଏହା ବିଶେଷ ସମସ୍ୟା ନୁହେଁ। ସେମାନେ ବିଭିନ୍ନ ଅନୁକମ୍ପା କିମ୍ବା ଫେଭର (Favour) ଦେଇ କିମ୍ବା ଦେଖାଇ ବିଭିନ୍ନ ଲୋକଙ୍କୁ ଅନୁଗୃହୀତ କିମ୍ବା ଉପକୃତ କରାଇପାରିବେ। ଅନେକ ଲୋକ ଏପରି ଅନୁଗ୍ରହ ହାସଲ କରିବା ଲାଗି ମଧ୍ୟ ସେମାନଙ୍କର 'ପ୍ରତିଭାପୂଜା' ପାଇଁ ଯୋଗାଡ କରିଦେଉଛନ୍ତି। ଅନେକ ଓଡିଆ ଲେଖକ ସେମାନଙ୍କର ଇଂରାଜୀରେ ଲିଖିତ କିମ୍ବା ଅନୁଦିତ ପୁସ୍ତକ ଦିଲ୍ଲୀର ନାମଜାଦା ପ୍ରକାଶନ ସଂସ୍ଥାମାନଙ୍କୁ ପୁରା ପ୍ରକାଶନ ଖର୍ଚ୍ଚ ଯୋଗାଇ ଦେଇ ପ୍ରକାଶ କରାଇ ନେଇଛନ୍ତି। ସେ ବହିସବୁ ଓଡିଶାରେ ସରକାରୀ ଓ ବେସରକାରୀ ପୁସ୍ତକ ପ୍ରକାଶନ ବିକ୍ରେତା ସଂସ୍ଥା ମାଧ୍ୟମରେ ବିକ୍ରି କରାଇବାରେ ମଧ୍ୟ ସଫଳ ହେଉଛନ୍ତି। ପ୍ରକାଶନ ପାଇଁ କେନ୍ଦ୍ରୀୟ ସଂସ୍ଥାମାନଙ୍କଠାରୁ ଆଣିବାରେ ଏହି ପ୍ରକାରର ଲେଖକଙ୍କ ପାଇଁ ଅସୁବିଧା ହେଉନାହିଁ। ନିଜକୁ ସମ୍ବର୍ଦ୍ଧିତ କରିବା ପାଇଁ ଅନେକ ପ୍ରଭାବଶାଳୀ ନିଜର 'ଢୋଲପିଟା' ସ୍ତାବକମାନଙ୍କୁ ଆବଶ୍ୟକୀୟ ଅର୍ଥ ଯୋଗାଇ ଦେଇ ଆପଣାର 'ଜୟନ୍ତୀ ଉତ୍ସବ' ବଡ ଧୂମ୍ ଧାମରେ ପାଳନ କରାଉଛନ୍ତି। ଏହି ପ୍ରକାର ଉତ୍ସବକୁ ଉପହାସ କରିବା ପାଇଁ ଅନେକ ବର୍ଷ ତଳେ କଟକର ଶ୍ରୀରାମଚନ୍ଦ୍ର ଭବନଠାରେ ସ୍ୱର୍ଗତଃ କବି ଲେଖକ ମୁରାରୀମୋହନ ଜେନା, ଅଗ୍ନିବର୍ଷା କବି ରବି ସିଂହ, ସାମ୍ବାଦିକ ନଗେନ ବେଉରିଆ ଓ ସାହିତ୍ୟିକ ରବି ମହାପାତ୍ର ଏକ 'ଆତ୍ମସମ୍ବର୍ଦ୍ଧନା' ଉତ୍ସବର ଆୟୋଜନ କରି ଅନେକ ସାହିତ୍ୟିକ ଓ ଆଗ୍ରହୀ ପାଠକମାନଙ୍କୁ ନିମନ୍ତ୍ରଣ କରିଥିଲେ।

ମୃତ୍ୟୁପରେ କେହି କାଳେ ତାଙ୍କ କଥା ମନେ ପକାଇବେ ନାହିଁ(ଠିକ୍) ବିଚାର କରି ଅର୍ଥ ସଂଗ୍ରହ କରି ନିଜ ନାମରେ 'ଫାଉଣ୍ଡେସନ' ସୃଷ୍ଟି କରି ବକ୍ତୃତାମାଳାର ଆୟୋଜନ କରୁଛନ୍ତି। ଯେଉଁ ମହାମାନବମାନେ ଓଡିଶାର ରାଜନୈତିକ, ଭୌଗୋଳିକ, ସାଂସ୍କୃତିକ ଓ ସାହିତ୍ୟ ଜଗତକୁ ଅତୀତରେ ସମୃଦ୍ଧ କରିଯାଇଛନ୍ତି, ସେମାନଙ୍କର ସ୍ମୃତିରକ୍ଷା ପାଇଁ ସାମାଜିକ ଜୀବନରେ କିଏ ତାହା କରୁଛି। ଆମର ପ୍ରତିଭାଶାଳୀଲୋକମାନେ ଭବିଷ୍ୟତରେ ତାଙ୍କୁ କେହି ମନେରଖିବେ କି ନାହିଁ, ସେ ବିଷୟରେ ସଚେତନ କିମ୍ବା ଆଗ୍ରହୀ ନ ଥିଲେ। ଆଜିର 'ପ୍ରତିଭାଶାଳୀ' ଲୋକେ ନିଜର ପ୍ରତିଭା ପୂଜା ପାଇଁ ଜୀବଦ୍ଦଶାରେ ସଫଳ ଉଦ୍ୟମ ଆରମ୍ଭ କରିଯାଉଛନ୍ତି ଏବଂ ମୃତ୍ୟୁ ପୂର୍ବରୁ ହୁଏତ କୌଣସି ସଂସ୍ଥା ସୃଷ୍ଟି କରିଯିବେ, ଯାହାଫଳରେ ସେମାନେ 'ଅମର'

ରହିବାର ଦାୟୀତ୍ୱ କିଛି ଢୋଲପିଟା ଲୋକଙ୍କୁ ସେ ଅର୍ପଣ କରିଦେଇଯିବେ। ଓଡିଶାରେ ପୁଣି ଜାତିଆଣ ବିଚାରରେ ମଧ୍ୟ କିଛି ଢୋଲପିଟା ହୁଏ। ପ୍ରତିଭାଦୀପ୍ତ ଲୋକଟି କେଉଁ ଜାତିର, ସେହି ଅନୁସାରେ ପ୍ରତିଭା ପୂଜକମାନେ ବାହାରନ୍ତି। ଅଥଚ 'ଓଡିଆ' ଜାତିର କିଏ କେଉଁ ବାଟରେ ଧ୍ୱଜା ଟେକିଯାଇଛି, ତାହାର ମୂଲ୍ୟାୟନ କରିବାର ଢୋଲ ଧରିବାକୁ ଖୁବ୍ କମ୍ ଲୋକ ବାହାରୁଛନ୍ତି। ଢୋଲ ଭିତରେ ମୂଷା କିନ୍ତୁ ଏବେ ବହୁତ। ଯେକୌଣସି କାମଟିଏ ଓଡିଶାରେ କରିବାକୁ ଗଲେ ପ୍ରଥମେ ଭାବିବାକୁ ହେବ ଯେ, କାହାକୁ ସାଙ୍ଗରେ ନେଇ ସେ କାମଟି କରିବାକୁ ହେବ। କାରଣ ଭଲ କାମଟିଏ ସଚ୍ଚୋଟଭାବରେ କରିବାକୁ ଗଲେ ଉପଯୁକ୍ତ ସହଯୋଗୀର ଅଭାବ ନିଶ୍ଚୟ ରହିବ। କିନ୍ତୁ ଅମୁକ ଲୋକଟି କାହିଁକି ଏହି କାମଟି କରି ନାମ ଅର୍ଜନ କରିବ, ତାହା ନ କରାଇଦେବା ପାଇଁ ଅନେକ ଲୋକ ବାହାରିବେ। ସେ କାମଟି ସ୍କୁଲ୍ ହେଉ କି କଲେଜ ହେଉ, ମନ୍ଦିର ହେଉ କି ଭଲ ଯାତ୍ରାପାର୍ଟି ହେଉ, ବାଧା ଅନେକ ପୁଣି, ଯେଉଁମାନଙ୍କୁ ନେଇ ଆରମ୍ଭ କରିବ, ଯଦି ସଫଳତା ମିଳିଲା, ତେବେ ପ୍ରଥମେ ଢୋଲ ଭିତରୁ 'ମୂଷା' ବାହାରିବେ ପ୍ରତିଷ୍ଠାତାଙ୍କୁ ସେଠାରୁ ହଟାଇବା ପାଇଁ। ମୂଷାଟିଏ ଢୋଲ ଭିତରେ ପଶି ଚମଡାକୁ କାଟିଦେଲେ ଆଉ ସେଥିରୁ କାର୍ଯ୍ୟ ବାହାରିବାର କୌଣସି ସୁଯୋଗ ନାହିଁ। ଏବେ ଢୋଲ ଭିତରେ ମୂଷା ପ୍ରତ୍ୟେକ କ୍ଷେତ୍ରରେ। ସବୁ ଦଳରେ ଏବେ ଭିନ୍ନମତାବଲମ୍ବୀ ଯାହାଙ୍କୁ 'ଡିସିଡେଂଟ' କୁହାଯାଉଛି। ଢୋଲର ଅନେକ ଆହୁରି କାହାଣୀ ଅଛି। ଆଜି ଏତିକିରେ ଏହି ଢୋଲ ମାହାତ୍ମ୍ୟକୁ ସମାପ୍ତ କରି ପାଠକମାନଙ୍କର ମତାମତ ଅପେକ୍ଷାରେ ରହିଲି।

ସ୍ତମ୍ଭକାର ତଥା ସମ୍ପାଦକ, ମାର୍ଗଦର୍ଶୀ
ଖୋର୍ଦ୍ଧା, ମେନ୍ ରୋଡ୍
ମୋ. ନଂ-୬୩୭୦୬୭୫୫୬୨

# ସୁ-ଡୋକୁ

ସୁ-ଡୋକୁ ଏକ ଗାଣିତିକ ଧନ୍ଦା। ନିମ୍ନରେ ପ୍ରଦତ୍ତ ଧନ୍ଦାଟିର ଖାଲି ସ୍ଥାନକୁ ଏପରି ଭାବରେ ପୂରଣ କର ଯେପରି ଧାଡିଗୁଡିକୁ ଯେଉଁ ପଟରୁ ସିଧା ମିଶାଇଲେ ଯୋଗଫଳ ସମାନ ହେଉଥିବ ଏବଂ କୌଣସି ସଂଖ୍ୟା ଦ୍ୱିତୀୟ ଥର ବ୍ୟବହାର ହୋଇନଥିବ। ସଂଖ୍ୟାଗୁଡିକ ୧ ଠାରୁ ୯ ମଧ୍ୟରେ ହୋଇଥିବ।

**ଉତ୍ତର ପୃଷ୍ଠା ନ.-୨୪**

| | | | | | | | | |
|---|---|---|---|---|---|---|---|---|
| | | 9 | | 3 | 2 | 5 | | |
| 3 | | 6 | | | 9 | | | 2 |
| | 1 | | | 5 | | 3 | 4 | 9 |
| | 6 | | | 2 | 7 | 1 | 3 | |
| | | 1 | 6 | | 5 | 2 | | 7 |
| | 7 | 5 | 1 | 8 | | | 6 | |
| 5 | 8 | 7 | | | | | 9 | |
| 1 | | | 5 | | | 6 | | 8 |
| | | | 3 | 9 | | 7 | | 1 |

# ସକାଳ ଜଣାଣ

ଗୋଦାବରୀଶ ଦାସ

ହେ ବିଶ୍ୱ ନିଅନ୍ତା ଜଗତ କରତା
ଦୁଃଖି ଦୁଃଖ ଶୁଣ ବାରେ
ହେ ଚକାନୟନ ନହୋଇ ବିମନ
କୃପାଦୃଷ୍ଟି ଦିଅ ଥରେ ।
ଦୁଃଖରେ ଭକତ ଆଖିରୁ ରକତ
ଝରାଉଛି ଟିକେ ଦେଖ
କାହିଁକି ନିର୍ଦ୍ଦୟ ଆହେ ଦୟାମୟ
କୃପାକର କଳାମୁଖେ ।
ଆହେ ଚକ୍ରଧାରୀ ତୋତେ ଆଶ୍ରାକରି
ବଢୁଛି ମୋହର ଭେଳା
ଦୁଃଖର ଉପରେ ଦୁଃଖ ଲଦିଦେଇ
ଇଏକି ତୁମର, ଖେଳା ।
କରନା ନିରାଶ ଆହେ ରାଧାଈଶ
ଯୋଡୁଅଛି ବେନିକର
ଦୁଃଖ ଦରିଆରୁ କର ତୁମେ ପାରି
ଏତିକି ମାଗୁଣି ମୋର ।
କାହାର ସଂସାର କର ଛାରଖାର
କିଅବା ଦେଖିଲ ଦୋଷ
ତୁମେ ହିଁ କରତା ତୁମେ ହିଁ ଭରତା
ନକର ହେ ଆଉ ରୋଷ ।
ସଦ୍‌ବୁଦ୍ଧି ଦେଇ ସୁପଥ ଦେଖାଇ
ଦୁଃଖରାଶି ଦିଅ ଜାଳି
ସୁଖେ ରଖିଥାଅ ଜଗତଜନଙ୍କୁ
ଏତିକି ମୋହର ଅଳି ।
ସବୁରି ମୁଖରେ ହସ ଦେଖିଦେଲେ
ସର୍ବଦୁଃଖ ଯିବ ସରି
ଆହେ ବନମାଳୀ ଗୋବର୍ଦ୍ଧନ ଧାରୀ
ରକ୍ଷାକର ଗିରିଧାରୀ ।

ଶଙ୍ଖମୂଳ, ରଣପୁର
ଜିଲ୍ଲା - ନୟାଗଡ଼

# ଫ୍ୟାଟ (FAT)

ଡା.ଧନେଶ୍ୱର ସାହୁ
ଏମ.ବି.ବି.ଏସ.ଏମ.ଏସ



ଯେକୌଣସି ଫ୍ୟାଟି ଏସିଡ୍ ଇଷ୍ଟରକୁ ଫ୍ୟାଟ କୁହାଯାଏ। ସ୍ୱାସ୍ଥ୍ୟକର ଖାଦ୍ୟର ଏହା ଏକ ଦରକାରୀ ଅଂଶ। ଏହା ଏକ ମାକ୍ରୋନ୍ୟୁଟ୍ରିଏଣ୍ଟ। ସ୍ୱାସ୍ଥ୍ୟପାଇଁ ଦରକାର। ଏହା କାର୍ବନ୍, ହାଇଡ୍ରୋଜେନ ଓ ଅକ୍ସିଜେନ ଆଟମରେ ତିଆରି। ଶରୀରରେ ଦିନକୁ ଯେତିକି ଶକ୍ତି ଦରକାର ୨୦% ରୁ ୩୫% ଫ୍ୟାଟରୁ ମିଳେ। ଏହା ପାଣିରେ ଦ୍ରବଣୀୟ ନୁହେଁ। ନନପୋଲାର ସଲଭେଣ୍ଟରେ ଦ୍ରବଣୀୟ। ଏହା ଏକ ତେଲିଆ ଓ ଗ୍ରିଜି ଜିନିଷ। ହଜମ ସମୟରେ ଫ୍ୟାଟ ଫ୍ୟାଟିଏସିଡ଼ ଓ ଗ୍ଲିସେରଲରେ ପରିଣତ ହୁଏ ଓ ରକ୍ତକୁ ଯାଏ। ଗ୍ଲିସେରଲ ଯକୃତଦ୍ୱାରା ଗ୍ଲୁକୋଜରେ ପରିଣତ ହୁଏ। ସରଳ ଭାବରେ ଗ୍ଲିସେରଲ ଓ ଫ୍ୟାଟିଏସିଡ଼ ଇଷ୍ଟରିଫିକେସନ ହୋଇ ଫ୍ୟାଟ ହୁଏ। ଗ୍ଲିସେରଲର ତିନିଗୋଟି ଫଙ୍କସନାଲ ହାଇଡ୍ରୋକ୍ସିଲ ଗ୍ରୁପ୍ ଅଛି। ସେହି ହାଇଡ୍ରୋକ୍ସିଲ ଗ୍ରୁପ ଯଦି ଗୋଟିଏ ଫ୍ୟାଟି ଏସିଡ୍ ସହ ଇଷ୍ଟରିଫିକେସନ ହୁଏ ତାକୁ ମନୋଗ୍ଲିସେରାଇଡ୍, ଯଦି ଦୁଇଟି ଫ୍ୟାଟିଏସିଡ୍ ସହ ଇଷ୍ଟରିଫିକେସନ ହୁଏ ତାକୁ ଡାଇଗ୍ଲିସେରାଇଡ଼, ଯଦି ତିନୋଟି ଫ୍ୟାଟିଏସିଡ୍ ସହ ଇଷ୍ଟରିଫିକେସନ ହୁଏ ତାକୁ ଟ୍ରାଇଗ୍ଲିସେରାଇଡ଼ କୁହାଯାଏ। ମୁଖ୍ୟ ପ୍ରକାରର ଫ୍ୟାଟ ହେଲା ଟ୍ରାଇଗ୍ଲିସେରାଇଡ୍। କମ୍ ପ୍ରକାରର ଫ୍ୟାଟ ହେଲା ମନୋଗ୍ଲିସେରାଇଡ୍ ଓ ଡାଇଗ୍ଲିସେରାଇଡ୍ ।

ଗ୍ଲିସେରଲ + ଫ୍ୟାଟିଏସିଡ୍ = ଫ୍ୟାଟ + ପାଣି ($H_2O$)

## ଦିନକୁ କେତେ ଫ୍ୟାଟ ଦରକାର ?

ଦିନକୁ କେତେ କ୍ୟାଲୋରୀ ଶକ୍ତି ଦରକାର ତା' ଉପରେ ଦିନକୁ କେତେ ଫ୍ୟାଟ ଦରକାର ହିସାବ କରାଯାଏ। ଏହା ବୟସ ଉପରେ ନିର୍ଭର କରେ।

| ବୟସ | ଦିନକୁ କେତେ ଦରକାର |
|---|---|
| ୦ - ୬ ମାସ | ୩୧ ଗ୍ରାମ |
| ୭ - ୧୨ ମାସ | ୩୦ ଗ୍ରାମ |
| ୧ - ୩ ବର୍ଷ | ସମୁଦାୟ କ୍ୟାଲୋରୀର ୩୦% - ୪୦% |
| ୪ - ୧୮ ବର୍ଷ | ସମୁଦାୟ କ୍ୟାଲୋରୀର ୨୫% - ୩୫% |
| ୧୯ ବର୍ଷ ଓ ଉର୍ଦ୍ଧ୍ୱ | ସମୁଦାୟ କ୍ୟାଲୋରୀର ୨୦% - ୩୫% |

ଆଡ଼ଲଟ ଲୋକଙ୍କ ପାଇଁ ଏହା ଆନୁମାନିକ ୪୪ ଗ୍ରାମରୁ ୮୦ ଗ୍ରାମ ।

## ଏହା କେତେ ଶକ୍ତି ଦିଏ ?

୧ ଗ୍ରାମ ଫ୍ୟାଟ ୯ କ୍ୟାଲୋରୀ ଶକ୍ତିଦିଏ।

## ଫ୍ୟାଟ କେତେ ପ୍ରକାରର ?

ଫ୍ୟାଟି ଏସିଡ଼ ହେଉଛି ଆଲିଫାଟିକ କାରବୋକ୍ସିଲିକ ଏସିଡ଼। ଏହାର ଜେନେରାଲ ଫର୍ମୁଲା ହେଲା -

R - COOH

Hydrocarbon chain — Functional group or Carboxl group

ଏକ ଫ୍ୟାଟି ଏସିଡ଼ର ଉଦାହରଣ ହେଲା -

| 7 | 6 | 5 | 4 | 3 | 2 | 1 |
|---|---|---|---|---|---|---|
| $CH_3$ - | $CH_2$ - | $CH_2$ - | $CH_2$ - | $CH_2$ - | $CH_2$ - | COOH |
| $W_1$ | $W_2$ | $W_3$ | $W^4$ | $W_5$ | $W_6$ - Soon | |

ଫ୍ୟାଟି ଏସିଡ଼୍ର କାରବୋକ୍ସିଲ ଗ୍ରୁପର କାରବନକୁ ପ୍ରଥମ କାରବନ ଭାବରେ ନିଆଯାଏ। କିନ୍ତୁ ଫ୍ୟାଟି ଏସିଡ଼ର ମେଥିଲ ଏଣ୍ଡରୁ ଓମେଗା କାରବନ ପ୍ରଥମ ଭାବରେ ନିଆଯାଏ।

ଫ୍ୟାଟରେ ଥିବା ଫ୍ୟାଟିଏସିଡ୍ର ସମୁଦାୟ କାରବନ ଆଟମ, ହାଇଡ୍ରୋକାରବନ ଚେନର ଲମ୍ବା ଓ ହାଇଡ୍ରୋକାରବନ ଚେନର ପ୍ରକୃତି ବା ଗୁଣ ଉପରେ ଫ୍ୟାଟ କେତେ ପ୍ରକାର ତାହା ନିର୍ଭର କରେ।

**୧. ଫ୍ୟାଟି ଏସିଡ୍ର ସମୁଦାୟ କାରବନ ଆଟମ ଅନୁସାରେ :-**

(କ) ଇଭନ ଚେନ ଫ୍ୟାଟ କିମ୍ବା ଇଭନ କାରବନ ଫ୍ୟାଟ - ଏଥିରେ ୨, ୪, ୬..... ଆଦି କାରବନ ଥାଏ ।
- ପାମିଟିକ ଏସିଡ୍ (Palmitic acid)
- ସେରିକ ଏସିଡ୍ (Seric acid)

(ଖ) ଅଡ୍ ଚେନ ଫ୍ୟାଟ କିମ୍ବା ଅଡ୍ କାରବନ ଫ୍ୟାଟ - ଏଥିରେ ୩, ୫, ୭..... ଆଦି କାରବନ ଥାଏ।
- ପ୍ରୋପିଓନିକ ଏସିଡ୍ (Propionic acid)

**୨. ଫ୍ୟାଟି ଏସିଡ୍ର ହାଇଡ୍ରୋକାରବନ ଲମ୍ବା ଅନୁସାରେ :-**

(କ) ସର୍ଟ ଚେନ ଫ୍ୟାଟ - ଏଥିରେ ୬ରୁ କମ୍ କାରବନ ଆଟମ ଥାଏ।

$C_1$ - ଫରମିକ ଏସିଡ୍ (Formic acid)
$C_2$ - ଏସିଟିକ୍ ଏସିଡ୍ (Acetic acid)
$C_3$ - ପ୍ରୋପିଓନିକ୍ ଏସିଡ୍ (Propionic acid)

$C_4$ - ବୁଟିରିକି ଏସିଡ୍ (Butyric acid)

$C_5$ - ଭାଲେରିକ ଏସିଡ୍ (Valeric acid)

(ଖ) ମେଡ଼ିଅମ ଚେନ୍ ଫ୍ୟାଟ :-

ଏଥିରେ ୬ - ୧୩ କାରବନ ଆଟମ ଥାଏ।

- କାପ୍ରିକ ଏସିଡ୍ (Capric acid)

(ଗ) ଲଂଗଚେନ ଫ୍ୟାଟ :-

ଏଥିରେ ୧୪ - ୨୪ କାରବନ ଆଟମ ଥାଏ। ଏହାକୁ ଫ୍ରି ଫ୍ୟାଟ କିମ୍ବା ଫ୍ରି ଫ୍ୟାଟି ଏସିଡ୍ କୁହାଯାଏ।

- ପାମିଟିକ ଏସିଡ୍ (Palmitic acid)
- ପେଟ୍ରୋସେଲିନିକ ଏସିଡ୍ (Petroselinic acid)

(ଘ) ଭେରି ଲଂଗ ଚେନ ଫ୍ୟାଟ :-

ଏଥିରେ ୨୪ରୁ ଅଧିକ କାରବନ ଆଟମ ଥାଏ।

- ସେରୋଟିକ ଏସିଡ୍ (Cerotic acid) (C 26)
- ମଣ୍ଟୋନିକ ଏସିଡ୍ (Montonic acid) (C28)
- ମେଲିସିକ ଏସିଡ୍ (Melissic acid) (C 30)
- ଲାସିରୋଇକ ଏସିଡ୍ (Lacceroic acid) (C 32)
- ଘେଡ଼ୋଇକ ଏସିଡ୍ (Ghedoic acid) (C 34)

୩. ଫ୍ୟାଟି ଏସିଡ୍‌ର ହାଇଡ୍ରୋକାରବନ ଚେନର ଗୁଣ ବା ପ୍ରକୃତି ଅନୁସାରେ

(କ) ସାଚୁରେଟେଡ୍ ଫ୍ୟାଟ -

- ଏଥିରେ କାରବନ କାରବନ ମଧ୍ୟରେ ଡବଲ ବଣ୍ଡ (C=C) ନଥାଏ। କେବଳ କାରବନ କାରବନ ମଧ୍ୟରେ ସିଙ୍ଗଲ ବଣ୍ଡ ଥାଏ।
- ହାଇଡ୍ରୋକାରବନ ଚେନ ହାଇଡ୍ରୋଜେନ ଆଟମରେ ପୂର୍ଣ୍ଣ ହୋଇଥାଏ। ଅର୍ଥାତ ସମସ୍ତ କାରବନ ଆଟମ ହାଇଡ୍ରୋଜେନ ଆଟମରେ ପୂର୍ଣ୍ଣ ହୋଇଥାଏ କିମ୍ବା ସାଚୁରେଟେଡ଼ ହୋଇଥାଏ।
- ଫ୍ୟାଟି ଏସିଡ୍ ଶେଷରେ anoic ଯୋଗ କରାଯାଏ।
- ଏହା ରୁମ ତାପମାତ୍ରାରେ କଠିନ (Solid) ଅବସ୍ଥାରେ ଥାଏ।
- ଏହାର ମେଲଟିଙ୍ଗ ପଏଣ୍ଟ ଉଚ୍ଚ।
- ଏହାର ମଲିକ୍ୟୁଲାର ୱେଟ ହାଇଅର ।
- ଏହା ନିମ୍ନଲିଖିତ ଜିନିଷରୁ ମିଳେ -

| | |
|---|---|
| - କୋକନଟ ଅଏଲ | - ପାମ କରନେଲ ଅଏଲ |
| - ପାମ ଅଏଲ | - ମିଟ ପ୍ରଡ଼କ୍ଟ |
| - କୁକିସ | - ବଟର |
| - ବିଫ | - ଚିଜ |
| - ଆଇସକ୍ରିମ | - ପିଜା |
| - ଫୁଲ ଫ୍ୟାଟ ମିଲକ କିମ୍ବା ହୋଲ ମିଲକ | |
| - ରିଡୁସଡ଼ ଫ୍ୟାଟ ମିଲକ | - ଚିକେନ |
| - କ୍ରିମ | - କୁକିଙ୍ଗ ମାରଗାରିନ |
| - ପର୍କ | - ଅଣ୍ଡା |

- ଷ୍ଟିଅରିକ ଏସିଡ୍ (18 C) - ନଟସ
- ଏହା ରକ୍ତରେ ଖରାପ (Bad) କଲିଷ୍ଟେରଲ ଏଲ.ଡ଼ି.ଏଲ କଲିଷ୍ଟେରଲ ବଢ଼ାଏ।
- ଏହା ରକ୍ତରେ ଭଲ (Good) କଲିଷ୍ଟେରଲ ଏଚ.ଡ଼ି.ଏଲ କଲିଷ୍ଟେରଲ କମାଏ।
- ଏହା ରକ୍ତରେ ଏଲ.ଡ଼ି.ଏଲ କଲିଷ୍ଟେରଲ ପାର୍ଟିକଲ ସାଇଜ ବଢ଼ାଏ।
- ହାଇ ସାଚୁରେଟେଡ୍ ଫ୍ୟାଟ ହାର୍ଟ ଡ଼ିଜିଜ କରେ ।

(ଖ) ଅନସାଚୁରେଟେଡ୍ ଫ୍ୟାଟ -

- ଏଥିରେ କାରବନ କାରବନ ମଧ୍ୟରେ ଗୋଟିଏ କିମ୍ବା ଅଧିକ ଡବଲ ବଣ୍ଡ (C = C) ଥାଏ।
- ହାଇଡ୍ରୋକାରବନ ଚେନ ହାଇଡ୍ରୋଜେନ ଆଟମରେ କମ୍ ପୂର୍ଣ୍ଣ ହୋଇଥାଏ।
- ଏହା ରୁମ ତାପମାତ୍ରାରେ ତରଳ (Liquid)) ଆକାରରେ ଥାଏ।
- ଫ୍ୟାଟି ଏସିଡ୍ ଶେଷରେ enoic ଯୋଗ କରାଯାଏ।
- ଏହା ବାୟୁଦ୍ୱାରା ଅକ୍ସିଡ଼େସନ ପ୍ରବଣ ଯୋଗୁ ରାନସିଡ଼ ହୋଇଯାଏ ଓ ଖାଇବା ଯୋଗ୍ୟ ହୁଏନା।
- ଏହାର ମଲିକୁଲାର ୱେଟ ହାଇଅର ନୁହେଁ।
- ଏହା ନିମ୍ନଲିଖିତ ଜିନିଷରୁ ମିଳେ।

| | |
|---|---|
| - ଆଭୋକାଡ଼ୋ | - ନଟସ |
| - ସୋୟାବିନ | - ଓଲିଭ ଅଏଲ |
| - ମିଟ ପ୍ରଡୁକ୍ଟସ | - ପିନଟ ଅଏଲ |
| - ଓଲେଇକ ଏସିଡ଼ (Oleic acid) | - ଇଲାଇଡ଼ିକ ଏସିଡ଼ (Elaidic acid) |
| - ଭାସେନିକ ଏସିଡ୍ (Vaccenic acid) | - ଇଥାନୋଇକ ଏସିଡ଼ (Ethanoic acid) |
| - ସିଡ଼ସ ଯଥା ପଂପକିନ ଓ ସିସେମ ସିଡ଼ସ । | |

- ଏହା ରକ୍ତରେ ଏଲ.ଡ଼ି.ଏଲ କଲିଷ୍ଟେରଲ (ଖରାପ କଲିଷ୍ଟେରଲ) କମାଏ।
- ଏହା ରକ୍ତରେ ଏଚ.ଡ଼ି.ଏଲ କଲିଷ୍ଟେରଲ (ଭଲ କଲିଷ୍ଟେରଲ) ବଢ଼ାଏ।
- ରକ୍ତରେ ଟୋଟାଲ କଲିଷ୍ଟେରଲ ଭଲ ରଖେ।
- ଇନଫ୍ଲାମେସନ ମୁକ୍ତ କରେ।
- ହୃତପିଣ୍ଡ ରିଦମ ସ୍ଥିର କରି ରଖେ।
- ହୃତପିଣ୍ଡ ରୋଗ ରିକ୍ସ କମାଏ।

ଅନସାଚୁରେଟେଡ୍ ଫ୍ୟାଟ ବିଭିନ୍ନ ପ୍ରକାରର। ସେଗୁଡ଼ିକ ହେଲା -

**(କ) ମନୋସାଚୁରେଟେଡ଼ ଫ୍ୟାଟ -**

- ଏଥିରେ କାରବନ କାରବନ ମଧରେ ଗୋଟିଏ ଡବଲ ବଣ୍ଡ ଥାଏ।
- ଏହା ହୃତପିଣ୍ଡ ରକ୍ଷା କରେ ।
- ଇନସୁଲିନ ସେନସିଟିଭିଟି ପାଇଁ ସପୋର୍ଟ କରେ ।
- ଫ୍ୟାଟ ଷ୍ଟୋର କରେ ।
- ଓଜନ ହ୍ରାସ କରେ ।
- ଶକ୍ତିସ୍ତର ସ୍ୱାସ୍ଥ୍ୟକର କରେ ।
- ଏହା ନିମ୍ନଲିଖିତ ଜିନିଷରେ ଥାଏ।

- ଆଭୋକାଡ଼ୋସ, ନଟସ, ଯଥା - ବାଦାମ, କାଜୁ, ମାକାଡ଼ାମିଆ, ହାଜେଲନଟ ଇତ୍ୟାଦି। ପିନଟ ଅଏଲ, ଓଲିଭ ଅଏଲ, କାନୋଲା ଅଏଲ, ପଂପକିନ ସିଡ଼ସ, ସିସେମ ସିଡ଼ସ, ସିସେମ ଅଏଲ. ସର୍ଷ୍ଟାର୍ଡ଼ ଅଏଲ, ପାମ ଅଏଲ, ଓଲେଇ ଏସିଡ୍ (18C)।

- ସାଧାରଣ ଭାବରେ ସ୍ୱାସ୍ଥ୍ୟପାଇଁ ଭଲ।

**(ଖ) ପୋଲି ଅନସାଚୁରେଟେଡ୍ ଫ୍ୟାଟ -**

- ଏଥିରେ କାରବନ କାରବନ ଭିତରେ ଦୁଇ କିମ୍ବା ଅଧିକ ଡବଲ ବଣ୍ଡ ଥାଏ।
- ଏଥିରେ ଓମେଗା ୩ ଓ ଓମେଗା ୬ ଫ୍ୟାଟି ଏସିଡ୍ ରହିଛି।
- ଓମେଗା ୩ ଫ୍ୟାଟି ଏସିଡ୍ ଇନଫ୍ଲାମେସନ କମାଏ। ସେଲ ମେମ୍ବ୍ରେନ ଓ ହରମୋନ ସ୍ତର ଠିକ୍ ରଖେ।
- ଓମେଗା ୬ ଫ୍ୟାଟି ଏସିଡ୍ ବ୍ରେନ ଓ ରେଟିନା ଡ଼େଭଲପମେଣ୍ଟରେ ସାହାଯ୍ୟ କରେ। ମାଂସପେଶୀ ଭଲ କାମ କରିବାରେ ସାହାଯ୍ୟ କରେ। ଏହା ଇନଫ୍ଲାମେସନ କରେ।
- ଏସେନସିଆର ଫ୍ୟାଟି ଏସିଡ୍ ଏଇକୋସାନ ଏଡ୍‌ସ ଯଥା - ପ୍ରୋଷ୍ଟାଗ୍ଲାଣ୍ଡିନ, ଥମ୍ବୋକ୍ସିନ, ଲାଇପୋକ୍ସିନ ଆଦିର ପ୍ରିକରସର। ଏହା କାର୍ଡ଼ିଓଭାସ୍କୁଲାର ରୋଗ ପ୍ରତିରୋଧ କରେ। ଲାଇପୋଟ୍ରୋପିକ ଫ୍ୟାକ୍ଟର ଭାବରେ କାମ କରେ। ଫ୍ୟାଟିଲିଭର ହେବାକୁ ପ୍ରତିରୋଧ କରେ।
- ଏହା ନିମ୍ନଲିଖିତ ଜିନିଷରେ ଥାଏ ।

ବେକଡ଼ ଗୁଡ଼ସ, କୁକିଜ, କ୍ରାକରସ, ଚିପସ, ସୋୟାବିନ, ସଫ୍ଲାୱାର ଅଏଲ (Sufflowert Oil)), ସନ୍‌ଫ୍ଲାୱାର ଅଏଲ (Sunflower Oil), ଫ୍ଲାକସିଡ୍ ଅଏଲ (Flaxseed Oil), ୱାଲନଟସ, ବ୍ରେଡ଼ସ ସ୍ନାକସ, କରନ, ଗ୍ରେପ, କାନୋଲା ଅଏଲ, ସୋୟାବିନ ଅଏଲ, ବ୍ରାଜିଲନଟ, ସାଲମନ, ମାଛ, କାଟନସିଡ୍ ଅଏଲ, ଫିସ ଅଏଲ, ଲିନୋଲେଇକ ଏସିଡ୍ (Linoleic acid [Two double bond]), ଲିନୋଲେନିକ ଏସିଡ଼ (Linolenic acid [3 double bond]) ଇତ୍ୟାଦି।

**(ଗ) ଟ୍ରାନସ ଫ୍ୟାଟ -**

- ଏହା ଏକ ପ୍ରକାରର ଅନସାଚୁରେଟେଡ୍ ଫ୍ୟାଟ ।
- ଏହା ଖରାପ ଫ୍ୟାଟ।
- ଏହା ଅଧିକାଂଶ ମଣିଷମାନଙ୍କ ଦ୍ୱାରା ତିଆରି କରାଯାଏ। ଯେଉଁ ପ୍ରୋସେସରେ ଏହା ତିଆରି କରାଯାଏ ତାକୁ ହାଇଡ୍ରୋଜିନେସନ କୁହାଯାଏ।
- କମ୍ ପରିମାଣରେ ପ୍ରାକୃତିକ ପରିବେଶରୁ ମିଳେ। କିଛି ମାଂସ ଓ ଡାଇଆରି ପ୍ରଡ଼କ୍ଟ ଆଦି।
- ଏହା ରକ୍ତରେ ଖରାପ କଲିଷ୍ଟେରଲ ସ୍ତର ବଢ଼ାଏ। ଭଲ କଲିଷ୍ଟେରଲ ସ୍ତର କମାଏ ଓ ଟ୍ରାଇଏସିଡ୍ ଗ୍ଲିସେରଲ ବା ଟ୍ରାଇଗ୍ଲିସେରାଇଡ୍ (TAG) ସ୍ତର ବଢ଼ାଏ ।
- ଏହା ହୃତପିଣ୍ଡ ରୋଗ ଅଧିକ କରେ ।
- ଏହା ରକ୍ତନଳୀ ନଷ୍ଟ କରିପାରେ ।
- ଏହା ନିମ୍ନଲିଖିତ ଜିନିଷରେ ଥାଏ ।

ପ୍ୟାକଡ଼ ଫୁଡ଼, ବେକରି ପ୍ରଡ଼କ୍ଟସ, ବଟର, କିଛି ମାରଗାରିନସ, ଫାସ୍ଟ ଫୁଡ଼ସ, ଫ୍ରାଏଡ଼ ଫୁଡ଼ସ, ଯଥା ଫ୍ରେଞ୍ଚ ଫ୍ରାଏସ, ଡଫ ନଟସ, ପାସ୍ଟ୍ରିଜ, ବିସ୍କୁଟସ, ପିଜା, ଡଫ (Dough)), କୁକିଜ, କ୍ରାକରସ।

**(ଘ) ଖରାପ ଫ୍ୟାଟ -**

- ସାଚୁରେଟେଡ୍ ଫ୍ୟାଟ ଓ ଟ୍ରାନସ ଫ୍ୟାଟକୁ ଖରାପ ଫ୍ୟାଟ କୁହାଯାଏ।
- ଏହା ରକ୍ତରେ ଖରାପ କଲିଷ୍ଟେରଲ (LDL Cholesterol) ସ୍ତର ବଢ଼ାଏ।
- ଏହା ରକ୍ତରେ ଭଲ କଲିଷ୍ଟେରଲ (HDL Cholesterol) ସ୍ତର କମାଏ।
- ଏହା ନିମ୍ନଲିଖିତ ଜିନିଷରେ ଥାଏ।

ବଟର, ମାର୍ଗାରିନ, ବିଫ, ପର୍କ, ସୋୟା ଅଏଲ, ସମସ୍ତ ପ୍ରୋସେସଡ଼ ଭେଜିଟେବୁଲ ଅଏଲସ, କରନ (Corn), ବେକର୍ଡ଼ ପାସ୍ଟ୍ରିଇଡ଼, ଚିକେନ, ବ୍ରେଡ଼େଡ଼ ଫିସ, କୁକିସ, ଡଫ ନଟସ, କେକସ, ପିଜା ଡଫ।

**(ଙ) ଭଲ ଫ୍ୟାଟ -**

- ମନୋଅନସାଚୁରେଟେଡ଼ ଫ୍ୟାଟ ଓ ପୋଲି ଅନସାଚୁରେଟେଡ୍ ଫ୍ୟାଟକୁ ଭଲ ଫ୍ୟାଟ କୁହାଯାଏ।
- ଏହାକୁ ହୃତପିଣ୍ଡ ପାଇଁ ସ୍ୱାସ୍ଥ୍ୟକର ଫ୍ୟାଟ କୁହାଯାଏ।
- ଏହା ନିମ୍ନଲିଖିତ ଜିନିଷରେ ଥାଏ।

ଆଭୋକାଡ଼ୋସ, ଅଣ୍ଡା, ଚିଜ୍, କୋକାନଟ ଅଏଲ, ବାଦାମ, ୱାଲନଟ, ଘିଅ, ଫ୍ଲାକ୍ସସିଡ଼, ସାଲମନ, ଓଲିଭ ଅଏଲ, ଟୋଫୁ, ନଟସ, ସିଡ଼ସ, ମାଛ, ପିନଟ, ବଟର, ବ୍ରଏଲର, ସୋୟାବିନ୍ ଫ୍ଲାକ୍ସସିଡ଼ ଅଏଲ।

**ଏସେନ୍‌ସିଆଲ୍ ଫ୍ୟାଟି ଏସିଡ୍ କ'ଣ କ'ଣ ଓ ତାର କାମ କ'ଣ ?**

- ଏହା ମଣିଷ ଶରୀରରେ ତିଆରି ହୁଏନାହିଁ। ଖାଦ୍ୟରେ ଯୋଗାଇ ଦିଆଯାଏ।
- ଏସେନସିଆଲ ଫ୍ୟାଟିଏସିଡ୍ (Essectial Fatty acids) ଗୁଡ଼ିକ ହେଲା
  - ଲିନୋଲେଇକ ଏସିଡ୍ (Linoleic acid) - ଏହା ଓମେଗା ୬ ଫ୍ୟାଟିଏସିଡ୍ ।
  - ଆଲଫା ଲିନୋଲେନିକ ଏସିଡ୍ (Alpha Linolenic acid (ALA) - ଏହା ଓମେଗା ୩ ଫ୍ୟାଟିଏସିଡ୍।

ଏହାଛଡ଼ା ଲିନୋଲେଇକ ଏସିଡ୍‌ରୁ ଆରାକିଡ଼ୋନିକ ଏସିଡ (Arachidonic acid) ତିଆରି ହୁଏ।ଏହା ଏକ ସେମିଏସେନସିଆଲ ଫ୍ୟାଟି ଏସିଡ୍।

ଏସେନସିଆଲ ଫ୍ୟାଟି ଏସିଡ୍‌ର କାମ ହେଲା -

- ଏହା ସେଲ ମେମ୍ବ୍ରେନର ଏକ କଂପୋନେଣ୍ଟ ।
- ଏହା ଏଇକୋସାନଏଡ଼ସ (Eicosanoids) ଯଥା ପ୍ରୋଷ୍ଟାଗ୍ଲାଣ୍ଡିନ, ଥ୍ରମ୍ବୋକ୍ସିନ, ଲାଇପୋକ୍ସିନ ଆଦିର ପ୍ରିକରସର।
- ଏହା କାର୍ଡ଼ିଓଭାସ୍କୁଲାର ରୋଗ ପ୍ରତିରୋଧ କରେ ।
- ଏହା ଲାଇପୋଟ୍ରୋପିକ (Lypotropic) ଫ୍ୟାକ୍ଟର ଭାବରେ କାମ କରେ।
- ଫ୍ୟାଟି ଲିଭର ହେବାକୁ ପ୍ରତିରୋଧ କରେ ।
- ଫ୍ୟାଟ ମୋବିଲାଇଜେସନ କରେ ।
- କଲିଷ୍ଟେରଲ ରିଭର୍ସ ଟ୍ରାସନପୋର୍ଟ କରେ ।

## ଓମେଗା କ୍ଲାସିଫିକେସନ ଫ୍ୟାଟି ଏସିଡ୍ :-

- ଫ୍ୟାଟି ଏସିଡ୍‌ର ମେଥିଲ ଏଣ୍ଡରୁ ଓମେଗା କାରବନ ନମ୍ବରିଙ୍ଗ କରାଯାଏ। ଡବଲ ବଣ୍ଡ ଯେଉଁ କାର୍ବନ ଠାରେ ଥାଏ ସେଇ ଅନୁସାରେ ନାମକରଣ କରାଯାଏ।
- ଓମେଗା ଫ୍ୟାଟି ଏସିଡ୍ ଭିତରୁ ଓମେଗା ୩ (ଡବଲ ବଣ୍ଡ ୩ କାର୍ବନ ଯାଗାରେ), ଓମେଗା ୬ (ଡବଲ ବଣ୍ଡ ୬ କାରବନ ଯାଗାରେ), ଓମେଗା ୯ (ଡବଲ ବଣ୍ଡ ୯ କାରବନ ଯାଗାରେ) ବହୁତ ଉପକାରୀ।

## ଓମେଗା ୩ ଫ୍ୟାଟି ଏସିଡ୍ ଗୁଡ଼ିକ (18 C) ହେଲା:-

(କ) ଆଲଫା ଲିନୋଲେନିକ ଏସିଡ଼ (Alfa Linolenic acid) (ALA)

ଏହା ସନ୍‌ଫ୍ଲାୱାର ଅଏଲ, ସାଫ୍ଲାଉଆର ଅଏଲ (Safflower Oil), କଟନ ସିଡ଼ ଅଏଲ, ସୋୟାବିନ ଅଏଲ, କାନୋଲା, ସୋୟାବିନ, ୱାଲନଟ, ଫ୍ଲାକ୍ସିଡ଼ (Flaxseed) ଆଦିରେ ଥାଏ।

(ଖ) ଟିନୋଲୋନିକ ଏସିଡ୍ (Tenolonic acid) :-

- ଏହାକୁ ମଧ୍ୟ ଏଇକୋସାପେଣ୍ଟାଏନୋଇକ ଏସିଡ଼ (Eicosapentanoic Acid [EPA]) କୁହାଯାଏ।
- ଏହା ଫ୍ୟାଟି ଫିସ୍ ଯଥା ସାଲମନ, ଫିସ ଅଏଲ ସପ୍ଲିମେଣ୍ଟସ ଆଦିରେ ଥାଏ।

(ଗ) ସରଭୋନିକ ଏସିଡ୍ (Cervonic acid) :-

- ଏହାକୁ ଡ଼ୋକୋସାହେକ୍ସାଏନୋଇକ ଏସିଡ୍ (Docosahexaenoic acid [DHA]) ମଧ୍ୟ କୁହାଯାଏ।
- ଏହା ମା କ୍ଷୀର(Breast Milk), ଫିସ୍ ଅଏଲରେ ଥାଏ।
- ଏହା ବ୍ରେନ୍‌ର କର୍ଟେକ୍ସ(Corex), ଆଖିର ରେଟିନା (Retina) ରେ ଥାଏ। ତେଣୁ ବ୍ରେନ ଓ ରେଟିନା ଡ଼େଭଲପମେଣ୍ଟରେ କାମରେ ଲାଗେ ।

ଓମେଗା ୩ ଫ୍ୟାଟି ଏସିଡ୍ ବ୍ୟବହାର କଲେ ହୃତପିଣ୍ଡ ରୋଗର ରିକ୍ସ କମିଯାଏ। ଏହାର ଆଣ୍ଟିଇନଫ୍ଲାମେଟୋରି ପ୍ରଭାବ ଅଛି।

## ଓମେଗା ୬ ଫ୍ୟାଟି ଏସିଡ୍‌ଗୁଡ଼ିକ ହେଲା :-

(କ) ଗାମା ଲିନୋଲେନିକ୍ ଏସିଡ଼୍ (r Linolenic acid [GLA])-

- ଏହା ବିଭିନ୍ନ ପ୍ଲାଣ୍ଟ ସିଡ଼ ଅଏଲ ଯଥା - ବୋରେଜ ଅଏଲ (Borage Oil), ଇଭିନିଙ୍ଗ ପ୍ରାଇମ୍ ରୋଜ ଅଏଲରେ ଥାଏ।
- ଏହା ଔଷଧ ଆକାରରେ ସିଷ୍ଟେମିକ ସ୍କେରୋସିସ, ସୋରିଆସିସ, ଏକଜେମା ଆଦିରେ ବ୍ୟବହାର କରାଯାଏ।
- ଏହା ବ୍ରେନ ଫଙ୍କସନ, ସ୍କେଲିଟାଲ ହେଲଥ, ରିପ୍ରୋଡ଼କ୍ଟିଭ ହେଲଥ ଓ ମେଟାବୋଲିଜିମରେ ଦରକାର। ଏହା ଚର୍ମ ଓ ବାଳ ବଢ଼ିବାରେ ସାହାଯ୍ୟ କରେ।

(ଖ) ଲିନୋଲେଇକ ଏସିଡ଼ (Linolenic acid [LA]) -

- ଏହା ସୋୟାବିନ ଅଏଲ, ସନଫ୍ଲାୱାର ଅଏଲ, କର୍ଣ୍ଣ ଅଏଲ, ଗ୍ରାଉଣ୍ଡନଟ ଅଏଲ, ପିନଟ ଅଏଲ, କଟନସିଡ଼ ଅଏଲ, ରାଇସବିନ ଅଏଲ ଆଦିରେ ଥାଏ ।

(ଗ) ଆରାକିଡ଼ୋନିକ ଏସିଡ଼ -

- ଏହା ପିନଟ ଅଏଲ, ଅଣ୍ଡା, ମାଂସ, ଡାଇରି ପ୍ରଡ଼କ୍ଟରେ ଥାଏ।

ଓମେଗା ୬ ଫ୍ୟାଟି ଏସିଡ୍‌ରେ ଇନଫ୍ଲାମେଟୋରି ପ୍ରଭାବ ଅଛି।

ଓମେଗା ୯ ଫ୍ୟାଟି ଏସିଡ୍‌ଗୁଡ଼ିକ ହେଲା :-

(କ) ଓଲେଇକ ଏସିଡ୍ (Oleic acid) - ଏହା Cis form ରେ ଅଛି।

- ଏହା ଓଲିଭ୍ ଅଏଲ, ଅଲମୋଣ୍ଡ ଅଏଲ, ସନଫ୍ଲାୱାର ଅଏଲରେ ଥାଏ।

(ଖ) ଇଲାଇଡ଼ିକ ଏସିଡ୍ (Elaidic acid) - ଓଲେଇକ ଏସିଡ୍‌ର ଏହା Transform ।

- ଏହା ମାରଗାରିନ, ଫ୍ରାଏଡ୍ ଫୁଡ଼ସ, ପାରସିଆଲି, ହାଇଡ୍ରୋଜିନେଟେଡ଼ ଅଏଲ, କାପ୍ରିନ, ଗାଈକ୍ଷୀର, କିଛି ମାଂସ, ଡୁରିଆନ ସ୍ପେସିଜର ଫଳମୂଳରେ ଥାଏ।

## ଫ୍ୟାଟର କାମ କ'ଣ :-

- ଏହା ଶକ୍ତିର ଆଧାର ଭାବରେ କାମ କରେ।
- ଏହା ଅଧିକ ଶକ୍ତି ଗଚ୍ଛିତ କରି ରଖେ। ଦରକାର ବେଳେ କାମରେ ଲାଗେ।
- ଏହା ଏସେନସିଆଲ ଫ୍ୟାଟି ଏସିଡ୍‌ର ଆଧାର ଅଟେ ଯାହା ଖାଦ୍ୟରେ ଅତ୍ୟନ୍ତ ଦରକାରୀ ଅଟେ।
- ଭିଟାମିନ ଏ, ଡ଼ି, କେ, ଇ ଏକ ଫ୍ୟାଟରେ ଦ୍ରବଣୀୟ। ସେଥିପାଇଁ ଏହି ଭିଟାମିନ୍‌ଗୁଡ଼ିକ ଫ୍ୟାଟ ସହିତ ଅବଶୋଷଣ ହୁଏ, ହଜମ ହୁଏ ଓ ଟ୍ରାନସପୋର୍ଟ ହୁଏ।

- ଉପଯୁକ୍ତ ପରିମାଣର ଫ୍ୟାଟ ବ୍ରେନ, ରେଟିନା ଡ଼େଭଲପମେଣ୍ଟ ଓ ମୁଡ୍ ପାଇଁ ଦରକାର।
- ସ୍ୱାସ୍ଥ୍ୟକର ଚର୍ମ ଓ ବାଳ ପାଇଁ ଦରକାର।
- ଶରୀରରେ ଅରଗାନଗୁଡ଼ିକୁ ସୁରକ୍ଷାପ୍ରଦାନ କରେ।
- ଶରୀରର ତାପ ନିୟନ୍ତ୍ରଣ କରେ।
- ହରମୋନ ଓ ଜିନ ରେଗୁଲେସ କରେ। ହରମୋନ ତିଆରି କରେ। ହରମୋନଗୁଡ଼ିକ ହେଲା ରିପ୍ରୋଡ୍କ୍ଟିଭ ହରମୋନ, ଷ୍ଟିରଏଡ଼ ହରମୋନ।
- କେତେଗୁଡ଼ିଏ ରୋଗପାଇଁ ବରଫପରି କାମ କରେ ।
- ସ୍ୱାସ୍ଥ୍ୟକର ଖାଦ୍ୟର ଏହା ଦରକାରୀ ଅଂଶ। ଏକ ମାକ୍ରୋନ୍ୟୁଟ୍ରିଏଣ୍ଟ।
- ଏହା ଖାଦ୍ୟକୁ ଟେଷ୍ଟ ଦିଏ। ଖାଇଲେ ପେଟ ପୁରିଲା ପରି ଲାଗେ।
- ଏସେନସିଆଲ ଫ୍ୟାଟି ଏସିଡ଼ ହେଉଛି ସେଲ ମେମ୍ବ୍ରେନର କଂପୋନେଟ।
- ଏସେନସିଆଲ ଫ୍ୟାଟି ଏସିଡ୍ ଏଇକୋସାନ ଏଡ଼ସ, ଯଥା - ପ୍ରୋଷ୍ଟାଗ୍ଲାଣ୍ଡିନ, ଥ୍ରମ୍ବୋକ୍ସିନ, ଲାଇପୋକ୍ସିନ ଆଦିର ପ୍ରିକରସର।
- ଏସେନସିଆଲ ଫ୍ୟାଟି ଏସିଡ୍ କାର୍ଡ଼ିଓଭାସ୍କୁଲାର ରୋଗ ପ୍ରତିରୋଧ କରେ।
- ଏସେନସିଆଲ ଫ୍ୟାଟି ଏସିଡ୍ ଲାଇପୋଟ୍ରୋପିକ ଫ୍ୟାକ୍ଟର ଭାବରେ କାମ କରେ। ଫ୍ୟାଟି ଲିଭର ହେବାକୁ ପ୍ରତିରୋଧ କରେ। ଫ୍ୟାଟ ମୋବିଲାଇଜେସନ ପାଇଁ ଦରକାର। କଲିସ୍ଟେରଲ ରିଭର୍ସଟ୍ରାନସପୋର୍ଟ ପାଇଁ ଦରକାର।

**ଫ୍ୟାଟ ଅଭାବ ହେଲେ କ'ଣ ହୁଏ :-**

- ଫ୍ରିନୋଡ଼ରମା, ସ୍କେଲି ଡରମାଟାଇଟିସ।
- ଆଲୋପେସିଆ, ଶୁଷ୍କବାଳ ।
- ଥ୍ରମ୍ବୋସାଇଟୋପିନିଆ ।
- ପିଲାମାନଙ୍କର ଇଣ୍ଟେଲେକ୍ଚୁଆଲ ଡିସାବିଲିଟି ।
- ଶୁଖିଲା ଆଖି ।
- ଦେହ ଥଣ୍ଡା ଲାଗିବା ।
- ନଖ କଅଁଳ, ଭାଙ୍ଗିଯାଏ, ଫାଟେ ।
- ହରମୋନାଲ ପ୍ରୋବଲେମ, ମେନସ ପ୍ରୋବଲେମ ।
- ଭୋକ ଲାଗେ, ପେଟ ପୁରିଲା ପରି ଲାଗେନା ।
- ମାନସିକ ଦୁର୍ବଳତା ।
- ଫ୍ୟାଟ ସଲୁବଲ ଭିଟାମିନ ଅଭାବ ।

ସ୍ୱାସ୍ଥ୍ୟକର ଖାଦ୍ୟର ଫ୍ୟାଟ ଏକ ଦରକାରୀ ଅଂଶ। ଶରୀରପାଇଁ ନିତାନ୍ତ ଆବଶ୍ୟକ। ପ୍ରତିଦିନ ଉପଯୁକ୍ତ ପରିମାଣର ଫ୍ୟାଟ ଖାଇବା ଦରକାର। କାରଣ, ଫ୍ୟାଟ ଶରୀରର ବହୁତ କାର୍ଯ୍ୟ କରେ। ଏହାର ଅଭାବ ହେଲେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଅସୁବିଧାର ସମ୍ମୁଖୀନ ହେଲେ ଡାକ୍ତରଙ୍କୁ ପରାମର୍ଶ କରି ଚିକିତ୍ସା କରିବା ଉଚିତ୍ ।

**ପୂର୍ବତନ ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଖୋର୍ଦ୍ଧା**

# ଅସ୍ପଷ୍ଟ ସ୍ୱର

**ଅଧ୍ୟାପିକା ଆରତୀ ସେନ୍**

ତୁମର ସେ କଅଁଳିଆ 'ଏଇ' ଡାକ ଅସ୍ପଷ୍ଟ ହୋଇଯାଇଛି,
ଶବ୍ଦମୟ, ରଙ୍ଗମୟ ପୃଷ୍ଠାରେ
ଖୋଜି ବୁଲୁଛି ମୁଁ ତାକୁ
ଅନେକ ଆକର୍ଷଣୀୟ କଳଙ୍କ
ଚିତ୍ରକଳା ଚିତ୍ରତୁଳୀରେ ରଙ୍ଗୀନ ହୋଇଉଠିଛି
ପ୍ରେମ, ସ୍ନେହ, ସ୍ୱପ୍ନର ଫଗୁଆରେ ।
ଅଳସ ଭାଙ୍ଗି ହାତଠାରି ଡାକୁଛି
ତୁମରି ଶାଶ୍ୱତ ପ୍ରଣୟରେ,
ନିରୁଦ୍ଦିଷ୍ଟ କବିତା ଲେଖିଚାଲିଛି ।
ଆଶା ଓ ଆଶଙ୍କା, ସୃଷ୍ଟିର ପ୍ରାରମ୍ଭକୁ
ଠେଲି ଦେଇଛି, ନଈଟିଏ ହୋଇ
ମିଶିବାର ଚେଷ୍ଟା ହଜାଇ
ବଳିଷ୍ଠ ବଳୟରେ ଲୀନ ହେବା ଅଭିପ୍ରାୟ.....
ସବୁ ଶୂନ୍ୟ ପାଲଟିଯାଇଛି
ତୁମର ସେ ଅମୃତ ସ୍ନେହ ଚିହ୍ନିପାରିଛି ଆଜି
ଅଝଟମନ।
ତଥାପି......
ହୃଦୟର, ଆଶ୍ୱାସନାରେ
ଅଜବ ଜୀବଟିଏ ପରି
ସମଗ୍ର ଚିନ୍ତା, ଚେତନାରେ, ଅଶ୍ରୁସିକ୍ତ ନୟନରେ
ଜଗି ବସିଛି ସେ ଶୁଣିବାକୁ
ତୁମର ଏଇ କଅଁଳିଆ ଡାକ ।

ରାଜା ବଜାର, ଜଟଣୀ

ସୁଡୋକୁ ୧୮ ଉତ୍ତର

| | | | | | | | | |
|---|---|---|---|---|---|---|---|---|
| 7 | 4 | 9 | 8 | 3 | 2 | 5 | 1 | 6 |
| 3 | 5 | 6 | 4 | 1 | 9 | 8 | 7 | 2 |
| 8 | 1 | 2 | 7 | 5 | 6 | 3 | 4 | 9 |
| 4 | 6 | 8 | 9 | 2 | 7 | 1 | 3 | 5 |
| 9 | 3 | 1 | 6 | 4 | 5 | 2 | 8 | 7 |
| 2 | 7 | 5 | 1 | 8 | 3 | 9 | 6 | 4 |
| 5 | 8 | 7 | 2 | 6 | 1 | 4 | 9 | 3 |
| 1 | 9 | 3 | 5 | 7 | 4 | 6 | 2 | 8 |
| 6 | 2 | 4 | 3 | 9 | 8 | 7 | 5 | 1 |

ମଣିଷ ଯାହା ଚାହେଁ ତାହା ପାଇ ପାରେନା ଏବଂ ଯାହା ପାଏ ତାକୁ ନେଇ ଖୁସି ରହିବାକୁ ମଧ୍ୟ ପସନ୍ଦ କରେନା।
ସେଥିପାଇଁ ସେ ଦୁଃଖ ଭୋଗକରେ ।



# ବଡ଼ ମଣିଷଙ୍କ ଜୀବନ କଥା - ୨
# ନାଟୁଆ ପିଲାଟି ଦିନେ ବଡ଼ମଣିଷ ହେଲା



ପଣ୍ଡିତ ଗୋଦାବରୀଶ ମିଶ୍ର ଜନ୍ମଲାଭ କରିଥିଲେ ୧୮୮୬ ସାଲ ଅକ୍ଟୋବର ୨୬ ତାରିଖ ଦିନ। ତାଙ୍କର ପିତା ଥିଲେ ଲିଙ୍ଗରାଜ ମିଶ୍ର ଓ ମାତା ଅପ୍ସରା ଦେବୀ।

ଗୋଦାବରୀଶଙ୍କୁ ଦଶବର୍ଷ ବେଳେ ସେ ବାଲ୍ୟବିବାହ କରିଥିଲେ, ବାପା-ମାଆଙ୍କ ମାନରକ୍ଷା ପାଇଁ। ପ୍ରଥା ଅନୁଯାୟୀ ପତ୍ନୀ ଅମ୍ବିକା ଦେବୀ ବାପଘରେ ରହିଯାଇଥିଲେ। ବାହାଘରର ଦଶବର୍ଷ ପରେ ଶାଶୂଘରକୁ ପୁଆଣି ହୋଇଆସିଲେ। ବୋହୂ ଆସିଲା ବେଳକୁ ସାଙ୍ଗରେ ଯୌତୁକ ବାବଦକୁ ତିନିଟଙ୍କା ଆଣିଥିଲା। କାରଣ, ସେତେବେଳକୁ ଝିଅ ବାପଘରର ଆର୍ଥିକ ଅବସ୍ଥା ଭଲ ନଥିଲା।

ବାହାଘର ପରଠାରୁ ଗୋଦାବରୀଶ ପାଠପଢ଼ାରେ ମନଦେଇଛନ୍ତି। ଭଲ ପଢ଼ୁଛନ୍ତି ବୋଲି ବୃତ୍ତି ମିଳୁଛି। ଘରେ, ବାହାରେ ଓ ସ୍କୁଲରେ ସମସ୍ତେ ଭଲପାଉଥାନ୍ତି। ତେଣେ ତାଙ୍କର ପାରିବାରିକ ଅବସ୍ଥା ଆଦୌ ଭଲନଥାଏ। ସବୁବେଳେ ଅଭାବ ଅନଟନ ଲାଗି ରହିଥାଏ। ପେଟପୂରା ଖାଇବାକୁ ମିଳୁନଥାଏ। ବେଳେ ବେଳେ ପେଟେ ପାଣି ପିଇ ଖାଡ଼ ଖାଡ଼ ଉପବାସରେ ରହିବାକୁ ପଡ଼େ ସାରା ପରିବାରଟାକୁ।

ଏବେ ଶୁଣ ସେଇ ପିଲାଦିନର କଥା -

"ଅଭାବରେ ବିତିଯାଇଛି କାଳ
ଖାଇଚି ସେ ପୋଡ଼ା, ପାଚିଲା ତାଳ
ବେଳେ ବେଳେ ପେଟେ ପାଣି
ପିଇଦେଇ ଶୋଇପଡ଼େ ପରିବାର
କେହି ନପାରନ୍ତି ଜାଣି ।"

ଗୋଦାବରୀଶଙ୍କ ପରିବାରଟା ଥିଲା ଭାରି ସ୍ୱାଭିମାନୀ। ତାଙ୍କ ଘରେ ଯେତେ ବଡ଼ ଘଟଣା ଘଟିଗଲେ ମଧ କେହି ଜାଣିପାରନ୍ତି ନାହିଁ।

ଗୋଦାବରୀଶଙ୍କ ନନା ଲିଙ୍ଗରାଜ ମିଶ୍ର ବାଣପୁରର ଅଧିଷ୍ଠାତ୍ରୀ ଦେବୀ ମା'ଭଗବତୀଙ୍କର ପୂଜକ ଥିଲେ। ବେଳେବେଳେ ରାତିରେ ସେ ଫେରିଲାବେଳେ ଦି'ଟା ପାଚିଲା କଦଳୀ ଭୋଗ ଧରିଫେରନ୍ତି। ପରିବାରରେ ବାପା - ମାଆ, ଗୋସେଇଁ ବୁଢ଼ୀମା' ଓ ପୁଅ - ଝିଅକୁ ମିଶାଇ ପାଞ୍ଚଜଣ। ଗୋଦାବରୀଶଙ୍କ ବାଲୁତ ପତ୍ନୀ ବାପଘରେ ଥାଆନ୍ତି। ଏବେ ଭାଗବଣ୍ଟା ବସେ ଦି'ଟା କଦଳୀକୁ ପାଞ୍ଚଜଣ ଖାଇବେ କେମିତି।

ଆସ ଶୁଣିବା ସେଇ କଦଳୀ ଭାଗବଣ୍ଟା କଥା -

"କଦଳୀରୁ ଚୋପା ଛଡ଼ାଇ ଦେଲେ
ଗୋସିମା' ନାତିକୁ ଦିଏ ଖୁଆଇ
ଚୋପାତକ ନିଜେ ଗିଳି
ଅନ୍ୟମାନେ ଶୋଇପଡ଼ନ୍ତି ଭୋକରେ
ଜମାରୁ ଦୁଃଖ ନକରି ।"

ମୋଟ ଉପରେ କହିବାକୁ ଗଲେ, ଗୋଦାବରୀଶଙ୍କ ଅଭାବୀ ପରିବାରଟା ବଡ଼ କଷ୍ଟରେ ଚଳୁଥାଏ। ଶୁଣିଲେ ଚକିତ ଲାଗିବ, ଗୋଦାବରୀଶଙ୍କ ନନା ଲିଙ୍ଗରାଜ ମିଶ୍ର ଜଟିଆ ଗୋସେଇଁ ହେଲେ କାହିଁକି ? ସବୁ ସେଇ ପଇସା ଅଭାବରୁ।

ଏବେ ଶୁଣ ସେ କଥା -

"ପଇସା ଅଭାବେ ନପାରି କାଟି
ବଢ଼ିଯାଇଥିଲା ମଥାରେ ଚୁଟି
ତେଲ ଅଭାବରୁ ଜଟ

ହୋଇଯାଇ କେରା କେରା ଝୁଲୁଥିଲା
ଜଟ ଏପଟ ସେପଟ ।"

ଏବେ ଜାଣିଲତ ପିଲାଏ, ପଇସା ଅଭାବରୁ ଗୋଦାବରୀଶଙ୍କ ନନା ମୁଣ୍ଡରେ ଜଟ ରଖିଥିଲେ। ସୁତରାଂ, ତାଙ୍କୁ କିଏ କେମିତି ଜଟିଆ ବାବା ଡାକୁଥିଲା ବେଳେ ଆଉ କିଏ କିଏ ଜଟିଆ ଗୋସେଇଁ ଡାକି ମଥା ନୁଆଁଇ ତାଙ୍କୁ ସମ୍ମାନ ଦିଅନ୍ତି। ସେ ଏତେ ଅଭାବ ଅସୁବିଧାରେ ଥାଇ ମଧ୍ୟ କାହା ଆଗରେ ନିଜ ଦୁଃଖ କଥା କହୁନଥିଲେ କି କାହା ଆଗରେ ହାତ ପତାଉନଥିଲେ।

ମଣିଷ ତ ସହଜେ ସ୍ୱାର୍ଥପର। ପଡ଼ୋଶୀ - ଅଡ଼ୋଶୀ ବା ଅନ୍ୟକେହି ଏଇ ଦରିଦ୍ର ପରିବାରଟା କଥା ଜାଣିଲେ ବି "ଆହା" ପଦେ କରୁନଥିଲେ। ଏହାର କାରଣ ଥିଲା -

"ଏଭଳି ଦରିଦ୍ର ପରିବାରକୁ
ଋହାନ୍ତିନି କିଏ ସାହା ହେବାକୁ
କିଏ କାହିଁକି ଦେବ
ଯାହା ଦେଲେ ଫେରି ପାଇବେନି କେହି
ମନେ ରଖି ଏହି ଭାବ ।"

ଏହା ଭିତରେ ଗୋଦାବରୀଶଙ୍କର ବାଣପୁରଠାରେ ଯେତିକି ଶିକ୍ଷାବ୍ୟବସ୍ଥା ଥିଲା ଶେଷ ହୋଇଗଲା। ସେ ଭଲପାଠ ପଢୁଥିଲେ ବୋଲି ଥରେ ବାଣପୁରର ତତ୍କାଳୀନ ତହସିଲଦାର ଏ.ସି. ମିତ୍ର ଗୋଦାବରୀଶଙ୍କୁ ପୁରୀଜିଲ୍ଲା ସ୍କୁଲରେ ପଢ଼ାଇବାପାଇଁ ପରାମର୍ଶ ଦେଇଥିଲେ।

ସୁତରାଂ, ଗୋଦାବରୀଶଙ୍କ ନନା ୧୯୦୧ ମସିହା ଜୁଲାଇ ମାସରେ ପୁଅର ନାମ ପୁରୀଜିଲ୍ଲା ସ୍କୁଲରେ ଲେଖାଇଦେଲେ। ସେଠାରେ ସପ୍ତମଶ୍ରେଣୀରୁ ପାଠପଢ଼ା ଆରମ୍ଭ ହେଲା। ସେତେବେଳେ ସ୍କୁଲର ପ୍ରଧାନଶିକ୍ଷକ ଥିଲେ ଚନ୍ଦ୍ରମୋହନ ମହାରଣା। ପୁରୀରେ ପାଠ ପଢ଼ାବେଳେ ଗୋଦାବରୀଶଙ୍କର ମାସିକ ଖର୍ଚ୍ଚ ଥିଲା ପ୍ରାୟ ଋରିଟଙ୍କା। ସେଥିରୁ କେବଳ ଖାଇବା ପିଇବାରେ ତିନିଟଙ୍କା ଖର୍ଚ୍ଚ ହୋଇଯାଉଥିଲା। ବାକି ଟଙ୍କାଟିଏ ଅନ୍ୟାନ୍ୟ।

ତେଣେ ଗାଆଁରେ ବାପା ପୁଅର ପାଠପଢ଼ା ଲାଗି ଖଣ୍ଡିଏ ଖଣ୍ଡିଏ ପୈତୃକ ଜମି ବିକିଭାଙ୍ଗି ଋଲିଲେ। ତଥାପି ଅଭାବ ଅସୁବିଧା କ'ଣ ମେଣ୍ଟିଲା ?

ସେତେବେଳର ଗୋଦାବରୀଶଙ୍କ ପରିବାରର ଦୁର୍ଦ୍ଦଶା କଥା କହିଲେ ନସରେ। ପୁରୀରେ ଛାତ୍ରାବାସରେ ଥିଲାବେଳେ, ତାଙ୍କର ହଳେମାତ୍ର ପିନ୍ଧା ପୋଷାକ ଥିଲା। ସେଇ ହଳକ ପୋଷାକରେ ସେ କିପରି ଚଳିଯାଉଥିଲେ, ଶୁଣିଲାବେଳକୁ ଆଖିରେ ଲୁହ ଆସିଯାଏ।

ଏବେ ଶୁଣ ସେକଥା - "ଥିଲା ହଳେ ମାତ୍ର ପିନ୍ଧା ପୋଷାକ
ପିନ୍ଧୁଥିଲେ ତାକୁ ସପ୍ତାହଯାକ
ପ୍ରତି ରବିବାର ଦିନ
ସଫାକରି ତାକୁ ଘରେ ଥାନ୍ତି ଯେଣୁ
ନଥାଏ ଆନ ବସନ ।"

ସପ୍ତାହରେ ଛ'ଦିନ ସ୍କୁଲ ଋଲେ। ଗୋଦାବରୀଶ ହଳେମାତ୍ର ପିନ୍ଧା ପୋଷାକରେ କାମ ଚଳେଇଦିଅନ୍ତି। ରବିବାର ଛୁଟି ଥିବାରୁ ସେଦିନ ମଇଳା ପୋଷାକ ସଫା କରିବାକୁ ସମୟ ମିଳେ।

ସତରାଂ ସେଦିନ ଗୋଦାବରୀଶ କ'ଣ କରନ୍ତି ନା -

"ରବିବାର ଛୁଟି ଦିନଟାଯାକ
ପିନ୍ଧି ବସିଥାନ୍ତି ଛିଣ୍ଡା ପୋଷାକ
ଲୋଡ଼ା ହେଲେ କାହା ସାଥେ
ଅନ୍ଧାରୁଆ ଘରେ ଥାଇ କଥାବାର୍ତ୍ତା
ହୁଅନ୍ତି ଝରକା ଫାଙ୍କେ ।"

ବାଳକ ଗୋଦାବରୀଶ ଲାଜ ଢାଙ୍କିବାକୁ ପୁରୁଣା ଛିଣ୍ଡା ପୋଷାକ ପିନ୍ଧି ଅନ୍ଧାରୁଆ ଘରଭିତରେ ଲୁଚିବସନ୍ତି ସିନା, ହେଲେ ସେଭଳି ପୋଷାକରେ ବାହାରକୁ ବାହାରିବେ କିପରି ? ସୁତରାଂ, ଦିନଟାଯାକ ଘରେ ଲୁଚିବସି ପାଠପଢ଼ନ୍ତି। ଆବଶ୍ୟକ ସ୍ଥଳେ ଝରକା ଫାଙ୍କରେ ବାହାର ଲୋକଙ୍କ ସହିତ କଥାବାର୍ତ୍ତା ହୁଅନ୍ତି। ଏହାଦ୍ୱାରା ନିରୋଳାରେ ବସି ପାଠପଢ଼ିବାକୁ ସୁଯୋଗ ମିଳିଯାଏ ଦିନଟାସାରା।

ଗୋଦାବରୀଶଙ୍କ ଦାରିଦ୍ର୍ୟର ଅନ୍ୟ ଏକ ଦୃଷ୍ଟାନ୍ତ ମିଳେ ସେଇ ଛାତ୍ର ଜୀବନରେ। ସେତେବେଳେ ଛାତ୍ରାବାସରେ ଦୁଇଓଳି ଭାତ ମିଲ୍ ଖାଇବାକୁ ଅଲଗା ଓ ଜଳଖିଆ ଖାଇବାକୁ ଅଲଗା ପଇସା ଆଗୁଆ ଦାଖଲ କରିବାକୁ ପଡୁଥିଲା। ଗୋଦାବରୀଶ କେବଳ ଭାତ ଖାଇବାପାଇଁ ପଇସା ଦେଉଥିଲେ। ପଇସା ଅଭାବରୁ ଜଳଖିଆ ନଖାଇ ଭୋକରେ ରହିଯାଉଥିଲେ। କାହିଁକି ଜଳଖିଆ ଖାଉନାହିଁ ବୋଲି କିଏ ସାଥୀପିଲା ପଋରିଲେ ଗୋଦାବରୀଶ ତାକୁ ନୀତିବାଣୀ ଶୁଣାଇଦେଲାଭଳି କହନ୍ତି -

"ସକାଳେ ଠାକୁର ପୂଜା ନକରି
ଖାଇବାକୁ ମନ ହେବ କିପରି
ମୁଁ ପରା ବ୍ରାହ୍ମଣ ପିଲା
ଦେହଲାଗି ହିତ ଜାଣିନି କି ଭାଇ
ସକାଳ ଓ ସଂଜ ବୁଲା
।"

ଗୋଦାବରୀଶ ଜଣେ ଅଦ୍ଭୁତ ବାଳକ ଥିଲେ। ତାଙ୍କର ପିଲାଦିନର ଗୋଟିଏ କଥା ଶୁଣିଲେ ଯେତିକି ଦୁଃଖଲାଗେ, ତାଠୁଁ ବଳି ହସମାଡ଼େ। ତାଙ୍କ ପୁରୀ ପାଠପଢ଼ା ବେଳର କଥାଟିଏ ଶୁଣ।

ସେତେବେଳେ ପୁରୀ ବଡ଼ଦାଣ୍ଡରେ ଅନେକ ଜଳଖିଆ ଦୋକାନ ଥିଲା। ସେଠାରେ ମୁଖ୍ୟ ଜଳଖିଆ ରୂପେ ପୁରୀ ଓ ତରକାରୀକୁ ଲୋକେ ଖାଉଥାନ୍ତି। ଗରମ ମୁସୁମୁସିଆ ପୁରୀକୁ ଗରମ ତରକାରୀ ଖାଇବାକୁ ଭାରି ମଜାଲାଗେ। ଲୋକେ ଏହାକୁ ଖୁସିରେ ଖାଉଥିବା ଗୋଦାବରୀଶ ଦେଖନ୍ତି

ସିନା ପାଖରେ ପଇସା ନଥିବାରୁ ଖାଇପାରନ୍ତି ନାହିଁ। ସେ ଖଣ୍ଡେ ଦୂରକୁ ଠିଆହୋଇ ଲକ୍ଷ୍ୟକରନ୍ତି, ପୁରି ଓ ତରକାରୀ ଜଳଖିଆ ଖାଇଲେ କେତେ ପଇସା ଦେବାକୁ ପଡୁଛି।

ଦିନେ ଗୋଦାବରୀଶ ଦେଖିଲେ -

"ପୁରୀ ସାଥେ ତରକାରୀ ମାଗଣା
ମିଳୁଅଛି ଯେବେ ପଢ଼ିଲା ଜଣା
ଧାଇଁଗଲା ସେ ବାଳକ
କହିଲା କେବଳ ତରକାରୀ ଦିଅ
ଖାଇବି ଲାଗୁଛି ଭୋକ ।"

ବାଳକ ଗୋଦାବରୀଶ 'ପୁରୀ' ଏକ ସ୍ଥାନର ନାମ ବୋଲି ଜାଣିଥିଲା। ପୁରୀରେ ରହିବାର ଢ଼େର କିଛିଦିନ ପରେ ଜାଣିଲା "ପୁରି" ହେଉଛି ଏକ ଖାଦ୍ୟ ପଦାର୍ଥର ନାମ। ତା'ସାଥୀରେ ତରକାରୀ ଅଥବା ଚିନିସିରା ମିଶାଇ ଖାଇବାକୁ ମିଳେ। ଆଉ ଯେବେ ସେ ଜାଣିବାକୁ ପାଇଲା କେବଳ "ପୁରି" କିଣିବାକୁ ପଡ଼େ ଓ ତରକାରୀ ମାଗଣା ମିଳେ, ସେଦିନ କେବଳ ତରକାରୀ ଖାଇ କ୍ଷୁଧା ନିବାରଣ କରିବାକୁ ଧାଇଁ ଯାଇଥିଲେ ଜଳଖିଆ ଦୋକାନକୁ। କାରଣ ପୁରି କିଣି ଖାଇବାକୁ ତାଙ୍କ ପାଖରେ ପଇସା ନଥିଲା।

ହେଲେ ଦୋକାନୀ କ'ଣ ଖାଇବାକୁ ଦେଲା? ତାକୁ ଆଚ୍ଛାକରି ଅପମାନ ଦେବାକୁ ଯାଇ ଲୋକଙ୍କ ଆଗରେ କହିଦେଲା -

"ହଇବେ କୁଆଡୁ ଆସିଚୁ ଧାଇଁ
ପାଖରେ ତ ଫଟା ପାହୁଲା ନାଇଁ
ଖାଇବାକୁ କରିଚୁ ମନ
ପେଟ ପୋଡ଼େ ଯଦି ଏଠାରେ ରହିକି
ଉଠା ଅଇଁଠା ବାସନ ।"


ସେଦିନ ଗୋଦାବରୀଶ ଦୋକାନୀଠାରୁ ଘୋର ଅପମାନ ପାଇ ବି ଦୁଃଖ ନକରି ସେଠାରୁ ଫେରିଆସିଥିଲେ।

ପିଲାଦିନେ ଏହିଭଳି ଆର୍ଥିକ ଅନଟନର ଶିକାର ହୋଇଥିବା ଗୋଦାବରୀଶ ଜୀବନରେ କେବେ ବି ହାରିଯାଇନଥିଲେ। ବଡ଼ ହେଲାପରେ ସେ ବିଦ୍ୟା, ବୁଦ୍ଧି ବଳରେ ପଣ୍ଡିତ ପାଲଟିଯାଇଥିଲେ। ସେ ଥିଲେ ଜଣେ ଆଦର୍ଶ ଶିକ୍ଷକ, ସ୍ୱାଧୀନଚେତା ମଣିଷ, ଜନନାୟକ ଓ ଜନସେବୀ ମଣିଷ ।

ଆଜିର କଥା ଏଇଠି ଶେଷ କରୁଛି। ଆଉ ଅନେକ କିଛି ଆର ସଂଖ୍ୟାକୁ........ ।

**ରାଜ୍ୟ ଓ ଜାତୀୟ ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷକ**
**ଖମାରସାହି, ବାଣପୁର, ଖୋରଧା**
**ମୋ - ୯୬୬୮୫୬୦୬୪୫**

# ଅଜେୟ ଅର୍ଜୁନ




**ଧ୍ରୁବ ରଣା**

ଗତକାଲି ବାମସ୍କନ୍ଧେ
ଥିଲା ମୋର ଅକ୍ଷୟ ତୂଣୀର
ଦକ୍ଷ ହସ୍ତେ ଲକ୍ଷ୍ୟ ଭେଦୀତୀର
ଚକ୍ଷୁର ମୋ' ଲକ୍ଷ୍ୟ ଥିଲା
ଖାଲି ଲକ୍ଷ୍ୟସ୍ଥଳ ।
ଆଜି କିନ୍ତୁ
ତୂଣୀର ଥିଲେ ବି ତାହା
ସ୍କନ୍ଧୁ ପଡ଼େ ଖସି
ଲକ୍ଷ୍ୟ ଭ୍ରଷ୍ଟ ନ ହେଲେ ବି
ହାତ ଥର ଥର
ଲକ୍ଷ୍ୟ ଭେଦ ନାହିଁ କରିହୁଏ
ସାମ୍ୟବାଦ ମୋ ଦର୍ଶନ
ଅବିଚଳ ରହେ ।
ବୁର୍ଜୁଆର ବାରବଧୂ ବିରାସତ
କରେ ଆକ୍ରମଣ
ଟାଳିବାକୁ ମୋ' ତପସ୍ୟା
ଭାଙ୍ଗିବାକୁ ମୋ' ଅଲଂଘ୍ୟ ପଣ ।
ତଥାପି ମୁଁ ତପସ୍ୱୀ
ଶେଷ ଶ୍ୱାସ ଯାଏ
କରିବିନି ଉର୍ବଶୀୟ ଦର୍ଶନରେ
ଆତ୍ମ ସମର୍ପଣ,
ଉଠିବି ମୁଁ ବୃହନ୍ନଳା
ଆସନ୍ତାକାଲିର ମୁଁ ଯେ
ଅଜେୟ ଅର୍ଜୁନ ।

**ଭଗତସିଂ ବିହାର,**
**ବଡମ୍ବା, କଟକ**
**ଫୋନ୍-୯୧୭୮୨୧୪୭୨୪**



# ଜାତୀୟ ଜୀବନର କର୍ଣ୍ଣଧାର ମଧୁସୂଦନ



**ବିଳାସିନୀ ଦାଶ**

ଓଡ଼ିଆ ଜାତିର ସାମାଜିକ ଅବକ୍ଷୟର ଘୋର ଅନ୍ଧକାରମୟ ସମୟରେ ୧୮୪୮ ମସିହା ଅପ୍ରେଲ ମାସ ୨୮ ତାରିଖରେ କଟକ ଜିଲ୍ଲା ସତ୍ୟଭାମାପୁର ଗ୍ରାମର ଏକ ବୁନିଆଦ ପରିବାରରେ ଜନ୍ମ ଗ୍ରହଣ କରିଥିଲେ ଜାତିର ମହାନ୍ ସ୍ୱପ୍ନଦ୍ରଷ୍ଟା-ସ୍ଥପତି ମଧୁସୂଦନ ଦାସ। ପିତା ଚୌଧୁରୀ ରଘୁନାଥ ଦାସ ଓ ମାତା ପାର୍ବତୀ ଦେବୀ ନବଜାତ ପୁତ୍ରର ତେଜୋଦୀପ୍ତ ମୁଖ ମଣ୍ଡଳ ଦେଖି ଖୁସିରେ ଆତ୍ମହରା ହୋଇ ଯାଇଥିଲେ। ଗ୍ରାମୀଣ ପରିବେଶରେ ଲାଳିତ ପାଳିତ ଅବଧାନଙ୍କ ଚାଟଶାଳୀରେ ବିଦ୍ୟାରମ୍ଭ କରିଥିବା ସେଇ ପୁତ୍ର ସନ୍ତାନଟି ମଧୁବାବୁ ନାମରେ ପରିଚିତ ହୋଇ ଓଡ଼ିଆ ଜାତିର ଭାଗ୍ୟ ବଦଳେଇ ଦେଇଥିଲେ। ଦୀର୍ଘ ବର୍ଷର ଶୋଷଣ, କଷଣ, ବନ୍ୟା, ବାତ୍ୟା, ମରୁଡ଼ି, ପରାଧୀନତା ଓ ପ୍ରତାରଣାର ଶିକାର ହୋଇ ମୃତବତ୍ ବଂଚିରହିଥିବା ଓଡ଼ିଶାବାସୀଙ୍କ ପ୍ରାଣରେ ନବଜାଗରଣ ସୃଷ୍ଟି କରି ସାଜିଥିଲେ ଜାତୀୟ ଜୀବନର କର୍ଣ୍ଣଧାର। ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ଅର୍ଥନୀତି, ସାମାଜିକ ଏକତ୍ୱ, ନାରୀ ଜାଗରଣ, ନିଶା ନିବାରଣ ଓ କୁସଂସ୍କାର ବିଲୋପ ସାଧନ ପ୍ରଭୃତି ଅନେକ ଦିଗରେ ଏକନିଷ୍ଠ ସାଧନା ଓ ଦୃଢ଼ ନେତୃତ୍ୱ ନେଇ କାର୍ଯ୍ୟ କରି ଏ ଜାତି ପ୍ରତି ଅସୀମ ପ୍ରେମ ଓ ପ୍ରତିବଦ୍ଧତାର ପରିଚୟ ଦେଇଥିଲେ। ସେ ଥିଲେ ସଚ୍ଚା ଓଡ଼ିଆ। ନିଜର ସମସ୍ତ ଧନ ସମ୍ପତି, ମାନସମ୍ମାନ, ବିହବତା ଆୟୁଷ ସବୁକିଛି ସମର୍ପି ଦେଇଥିଲେ ଏ ଦେଶ ପାଇଁ, ଏଇ ଓଡ଼ିଶା ମାଟି ପାଇଁ। ଓଡ଼ିଶାର ଧୂଳି, ମାଟି, ପାଣି ପବନ, ଗଛ ବୃଛ ସବୁ କିଛିକୁ ସେ ଭଲ ପାଉଥିଲେ ଅନ୍ତର ଦେଇ।

ମଧୁବାବୁଙ୍କ ନିରୁତା ଦେଶପ୍ରେମରେ ଉଦବୁଦ୍ଧ ହୋଇ ଲବ୍ଧପ୍ରତିଷ୍ଠ ସାହିତ୍ୟିକ ସୁରେନ୍ଦ୍ର ମହାନ୍ତି ତାଙ୍କୁ 'ଶତାବ୍ଦୀର ସୂର୍ଯ୍ୟ' ଭାବରେ ଅଭିହିତ କରିଥିଲେ। ଆଇନ୍ ଶାସ୍ତ୍ରରେ ତାଙ୍କର ପାରଦର୍ଶିତା ଯୋଗୁଁ ସେ ବାରିଷ୍ଟର ନ ହୋଇ ମଧ୍ୟ ମଧୁ ବାରିଷ୍ଟର ଭାବରେ ଲୋକପ୍ରିୟ ଥିଲେ। ସମ୍ମାନ ପୂର୍ବକ 'ଉତ୍କଳ ଗୌରବ' ଭାବରେ ସମ୍ବୋଧିତ ହେଉଥିଲେ। ମହର୍ଷି ଅରବିନ୍ଦଙ୍କ ମତରେ ସେ ଥିଲେ ନେତୃତ୍ୱର ଶିଖର ପୁରୁଷ। ସାର ରାମସେଙ୍କ ଭାଷାରେ ସେ ଓଡ଼ିଶାର ଅଦ୍ୱିତୀୟ ମୁକୁଟବିହୀନ ସମ୍ରାଟ। ସାର ଆଶୁତୋଷ ମୁଖାର୍ଜି ମଧୁବାବୁଙ୍କ ପାଣ୍ଡିତ୍ୟ ଓ ବହୁମୁଖୀ ପ୍ରତିଭା ଦ୍ୱାରା ଏତେ ଦୂର ପ୍ରଭାବିତ ହୋଇଥିଲେ ଯେ ତାଙ୍କୁ ଜଣେ ଶ୍ରେଷ୍ଠ ଗୁରୁ ରୂପେ ଯଥେଷ୍ଟ ସମ୍ମାନ ଦେଉଥିଲେ। ସେ ତାଙ୍କ ସୁପୁତ୍ର ଦେଶପ୍ରେମୀ, ବୁଦ୍ଧିଜୀବୀ, ପ୍ରତିଭାଧାରୀ ରାଷ୍ଟ୍ରନେତା, ନେହେରୁଙ୍କ କ୍ୟାବିନେଟରେ ମନ୍ତ୍ରୀ ଥିବା ଶ୍ୟାମାପଦ ମୁଖାର୍ଜିଙ୍କୁ କହିଥିଲେ "ଶ୍ରୀ ଦାସ ଯେ କେବଳ ମୋତେ ଇଂରାଜୀ ଶିକ୍ଷା ଦେଉଥିଲେ ତାହା ନୁହେଁ, ମଣିଷର ଦୁଇଟି ବିଶିଷ୍ଟ ଦିଗ ଚରିତ୍ର ଓ ସ୍ୱାଧୀନବୋଧ ପ୍ରତି ସମ୍ମାନ ଦେଖାଇବାକୁ ଉତ୍ସାହିତ କରିଥିଲେ।" ନିଜେ ଶ୍ୟାମାପଦ ମୁଖାର୍ଜି ମଧୁବାବୁଙ୍କ ସମ୍ବନ୍ଧରେ ହାର୍ଦ୍ଦିକ ସମ୍ମାନ ଜ୍ଞାପନ କରି କହନ୍ତି, "ଶ୍ରୀ ଦାସଙ୍କର ଅନ୍ତରଙ୍ଗ ଜୀବନ ଚରିତ କେବଳ ଓଡ଼ିଶାରେ ନୁହେଁ, ସମଗ୍ର ଭାରତର ସମସ୍ତ ଅଂଚଳରେ ଆଗ୍ରହ ସହକାରେ ପଢାଯିବା ଉଚିତ। ସେ ଯଥାର୍ଥରେ ନୂତନ ଓଡ଼ିଶାର ନିର୍ମାଣକର୍ତ୍ତା, ଓଡ଼ିଶାର ଲୋକମାନେ ଚିରକାଳ ତାଙ୍କ ନାମ ଶ୍ରଦ୍ଧା ଓ ସମ୍ମାନର ସହ ସ୍ମରଣ କରୁଥିବେ। ଶ୍ରୀ ଦାସ ଥିଲେ ପ୍ରଥମତଃ ଜଣେ ଶକ୍ତିଶାଳୀ ଜାତୀୟବାଦୀ ନେତା, ତେଣୁ ପ୍ରତ୍ୟେକ ଭାରତୀୟ ଯୁବକଙ୍କ ପାଇଁ ତାଙ୍କ ଜୀବନୀ ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ।"

ଏହି କିମ୍ବଦନ୍ତୀ ପୁରୁଷଙ୍କ ପ୍ରଥମ ବିଦ୍ୟାଶିକ୍ଷା ହୋଇଥିଲା ତାଙ୍କ ଗ୍ରାମ ସତ୍ୟଭାମାପୁର ଚାଟଶାଳୀର ମାଗୁଣି ଅବଧାନଙ୍କ ପାଖରୁ। ତତ୍ପରେ କଟକ ଜିଲ୍ଲା ସ୍କୁଲରେ ପଢିବା ପରେ କଲିକତା ଯାଇ ଉଚ୍ଚଶିକ୍ଷା ଲାଭ କରି ନିଜକୁ ବହୁ କ୍ଷେତ୍ରରେ ପ୍ରଥମ ଓଡ଼ିଆ ଭାବେ ପ୍ରତିଷ୍ଠିତ କରିଥିଲେ। ସେ ଥିଲେ ଓଡ଼ିଶାର ପ୍ରଥମ ଗ୍ରାଜୁଏଟ୍, ପ୍ରଥମ ଏମ.ଏ. ପ୍ରଥମ ବିଲାତଯାତ୍ରୀ, ପ୍ରଥମ ଏଲ.ଏଲ.ବି, ବିହାର ଓଡ଼ିଶା ବିଧାନ ସଭାର ସଦସ୍ୟ, ବଙ୍ଗ ବିଧାନ ସଭାର ସଦସ୍ୟ, ପ୍ରଥମ ଓଡ଼ିଆ ମନ୍ତ୍ରୀ, ଭାଇସ୍‌ରାୟଙ୍କ ପରିଷଦର ସଦସ୍ୟ, ବିନା ଦରମାରେ ମନ୍ତ୍ରୀତ୍ୱ ଦାବି କରି ତାହା ଗୃହୀତ ନହେବାରୁ ପଦତ୍ୟାଗ କରିଥିବା ଜାତିପ୍ରାଣ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ। ଆହୁରି ଅନେକ କ୍ଷେତ୍ରରେ ସେ ଥିଲେ ପ୍ରଥମ। ବଙ୍ଗାଳୀମାନଙ୍କ ଦ୍ୱାରା ଓଡ଼ିଆ ଭାଷାକୁ ନିଶ୍ଚିହ୍ନ କରିଦେବାର ହୀନ ପ୍ରୟାସକୁ ପଣ୍ଡ କରିଦେବା ପାଇଁ ସେ ଗଢିଥିଲେ 'ଉତ୍କଳ ଭାଷା ସୁରକ୍ଷା ସଂଗଠନ'।

ସେ ଏହାର ଉପସଭାପତି ଥିବାବେଳେ ଭିଙ୍ଗାରପୁର ଜମିଦାର ଚୌଧୁରୀ କାଶୀନାଥ ଦାଶ ଏହାର ସଭାପତି ଓ କର୍ମବୀର ଗୌରୀଶଙ୍କର ରାୟ ଏହାର ପ୍ରଥମ ସମ୍ପାଦକ ଥିଲେ।

ମଧୁବାବୁ ଥିଲେ ଜଣେ ମାନବବାଦୀ ସମାଜ ସଂସ୍କାରକ, ତାଙ୍କ ସମୟରେ ହିନ୍ଦୁ ଧର୍ମରେ ଯେଉଁ କୁସଂସ୍କାର ଓ ଅନ୍ଧବିଶ୍ୱାସ ପ୍ରବେଶ କରିଥିଲା ତାହା ତାଙ୍କୁ ବ୍ୟଥିତ କରିଥିଲା। ଏପରିକି ତାଙ୍କ ପିତାମହୀ କୃଷ୍ଣାଦେଇ ତାଙ୍କ ସ୍ୱାମୀଙ୍କ ଜୁଇରେ ସତୀତ୍ୱ ବରଣ କରିଥିଲେ। ଅପରନ୍ତୁ ଯୀଶୁଖ୍ରୀଷ୍ଟଙ୍କ ତ୍ୟାଗପୂତ ଜୀବନାଦର୍ଶ ଓ ଜନସାଧାରଣଙ୍କ ହିତକଳ୍ପେ ଆତ୍ମୋତ୍ସର୍ଗର କାହାଣୀ ତାଙ୍କ ଦରଦୀ ହୃଦୟକୁ ଗଭୀର ଭାବେ ଆନ୍ଦୋଳିତ କରିଥିଲା। ତେଣୁ ସେ ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିଲେ। ସେ ଖ୍ରୀଷ୍ଟିଆନ ହେବା ଯୋଗୁଁ ଧାର୍ମିକ ବିଦ୍ୱେଷର ଶିକାର ହୋଇଥିଲେ। ତାଙ୍କୁ ଅସ୍ପୃଶ୍ୟ କହି ତାଙ୍କ ନିଜ ଘରେ ପ୍ରବେଶ କରାଇ ଦିଆ ଯାଇନଥିଲା। ତାଙ୍କ ମାଆ ଘର ବାହାରେ ଲୁହ ଛଳଛଳ ଆଖିରେ ତାଙ୍କୁ ଖାଇବାକୁ ଦେଲା ପରେ ଆଉ ଥରେ ମୁଣ୍ଡ ଧୋଇ ଗାଧୋଇ ଥିଲେ। ବାପା ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ତାଙ୍କୁ ତ୍ୟଜ୍ୟପୁତ୍ର କରିଦେଇଥିଲେ। ମଧୁବାବୁଙ୍କୁ ଏହା ବହୁତ ଆଘାତ ଦେଇଥିଲା। କିନ୍ତୁ ସମାଜର ନିୟମ ପାଳନ କରି ସେ ଫେରି ଆସିଥିଲେ ଗାଁକୁ। ଅନ୍ୟ ଏକ ଘଟଣା କ୍ରମରେ ତାଙ୍କ କଲିକତା ରହଣି କାଳରେ ମାଟିଆ ବୁରୁଜଠାରେ ସେ ନିରକ୍ଷର ଓଡ଼ିଆ ପିଲାଙ୍କ ପାଇଁ ଗୋଟିଏ ନୈଶ ସ୍କୁଲ ଖୋଲି ତାଙ୍କୁ ପଢଉଥିଲେ। ସେଠାକାର ଓଡ଼ିଆମାନେ ଯେତେବେଳେ ଜାଣିବାକୁ ପାଇଲେ ଯେ ମଧୁବାବୁ ଖ୍ରୀଷ୍ଟିଆନ ସେମାନେ ତାଙ୍କୁ ଜବରଦସ୍ତ ସେଠାରୁ ତଡ଼ି ଦେଲେ; ଏଥିପାଇଁ ମଧୁବାବୁ ଖୁବ୍ ଦୁଃଖିତ ହୋଇଥିଲେ। ସେ ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିଲେ ମଧ୍ୟ ତାଙ୍କ ଅନ୍ତରାତ୍ମା ସବୁ ଧର୍ମରୁ ଉର୍ଦ୍ଧ୍ୱରେ ଥିଲା। ଜଗନ୍ନାଥ ଥିଲେ ତାଙ୍କ ପ୍ରଧାନ ଆରାଧ୍ୟ ଦେବତା। ସବୁ ଧର୍ମର ଲୋକଙ୍କ ପ୍ରତି ତାଙ୍କର ନିଃସ୍ୱାର୍ଥପର ଭଲ ପାଇବା ଥିଲା। ଧର୍ମଗତ କୁସଂସ୍କାର ବିରୁଦ୍ଧରେ ସେ ତମାମ ଜୀବନ ସଂଘର୍ଷ କରିଥିଲେ। ଯେତେବେଳେ ଧର୍ମ ନେଇ ତାଙ୍କର ଅସହଣୀୟ କୁତ୍ସାରଟନା ଓ ଚରିତ୍ର ସଂହାର କରାଯାଉଥିଲା ସେତେବେଳେ ସେ ବାଇବେଲର ସେଇ ପବିତ୍ର ଫକ୍ତି ଉଦ୍ଧାର କରି କହୁଥିଲେ- "ପରମ ପିତା, ସେମାନଙ୍କୁ କ୍ଷମା କର। ସେମାନେ କ'ଣ କରୁଛନ୍ତି ନିଜେ ଜାଣନ୍ତି ନାହିଁ।" ତାଙ୍କର ଏଇ ସହନଶୀଳତା, ଧୈର୍ଯ୍ୟ ଓ ଅଟଳ ଈଶ୍ୱର ବିଶ୍ୱାସ ତାଙ୍କୁ ଦୁର୍ଦ୍ଦଶା ଗ୍ରସ୍ତ ମାତୃଭୂମିର ସେବା ପାଇଁ ଅନୁପ୍ରେରିତ କରିଥିଲା ଯଦିଚ ଅତ୍ୟନ୍ତ ସମସ୍ୟା ବହୁଳ ଥିଲା ତାଙ୍କର ଯାତ୍ରାପଥ। ଯିଏ ଆଧାତ୍ମିକତାର ପରମ ପାବନ ବିଭୂତିରେ ବିଭୂଷିତ ତାଙ୍କୁ ଅବା କେଉଁ ଅପଶକ୍ତି ଅଟକେଇ ପାରିବ?

ମଧୁବାବୁଙ୍କର ଯୌବନ ଅବସ୍ଥାରେ ପତ୍ନୀ ବିୟୋଗ ଘଟିଥିଲା। ୧୮୭୮ ମସିହାରେ ପତ୍ନୀ ସୌଦାମିନୀଙ୍କର ହୃଦ୍‌ଯନ୍ତ୍ର କ୍ରିୟା ବନ୍ଦ ହୋଇ ମୃତ୍ୟୁ ହେବା ବେଳକୁ ତାଙ୍କୁ ମାତ୍ର ତିରିଶ ବର୍ଷ ହୋଇଥିଲା। ସେ ଚାହିଁଥିଲେ ଦ୍ୱିତୀୟ ବିବାହ କରି ପାରିଥାନ୍ତେ। କିନ୍ତୁ ସେ ତାହା ନକରି ପାଳିତା କନ୍ୟା ଶୈଳବାଳାଙ୍କୁ ଧରି କଲିକତାରୁ ଓଡ଼ିଶା ଫେରିଆସିଲେ। ମଧୁବାବୁ ଓଡ଼ିଶାରେ ନାରୀ ସ୍ୱାଧୀନତା ଓ ନାରୀଶିକ୍ଷାର ପ୍ରଧାନ ସୂତ୍ରଧର ଥିଲେ। ଓଡ଼ିଶାରେ ନାରୀଶିକ୍ଷା ଆଦୌ ନଥିବାର ଦେଖି କନ୍ୟା ଶୈଳବାଳାକୁ ଉଚ୍ଚଶିକ୍ଷିତା କରାଇ ନାରୀ ଶିକ୍ଷା ଓ ନାରୀସ୍ୱାଧୀନତା ପାଇଁ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିଥିଲେ। ବର୍ତ୍ତମାନର କଟକସ୍ଥିତ ଶୈଳବାଳା ମହିଳା କଲେଜ ସେଇ ବିଦୂଷୀ ଶୈଳବାଳାଙ୍କ ନାମରେ ନାମିତ।

ମଧୁବାବୁ ଯେତେବେଳେ ଓକିଲାତି ଆରମ୍ଭ କଲେ ସେତେବେଳେ କଟକର ସବୁ ଓକିଲ ବଙ୍ଗାଳୀ। 'ମଧୁ ଓଡ଼ିଆ' କହି ତାଙ୍କୁ ଉପହାସ କରିବାକୁ ଲାଗିଲେ। କଥା ସେତିକିରେ ସୀମିତ ରହିଲା ନାହିଁ। ସେମାନେ ଏତେ ଈର୍ଷା ପରାୟଣ ହୋଇଗଲେ ଯେ ଓକିଲଖାନାରେ ବସିବାକୁ ଚୌକି ଖଣ୍ଡେ ମଧ୍ୟ ଦେଲେ ନାହିଁ। ମଧୁବାବୁ ଉପେକ୍ଷିତ ହୋଇ ଜଜ୍‌ଙ୍କ ବାରଣ୍ଡାରେ ବସିଲେ। ମଧୁବାବୁଙ୍କ ବ୍ୟକ୍ତିତ୍ୱରେ ମୁଗ୍ଧ ହୋଇ ଜଜ୍ ସାହେବ ତାଙ୍କ ଅଫିସ ପାଖରେ ଛୋଟିଆ ବଖରାଟିଏ ଦେଲେ ବସିବାକୁ। ନିର୍ଭୀକ, ଦୂରଦୃଷ୍ଟି ସମ୍ପନ୍ନ ମଧୁବାବୁଙ୍କର ପ୍ରତ୍ୟୁତ୍ପନ୍ନମତିତାର ପରିଚୟ ଘରେ ଘରେ ପ୍ରସରିଗଲା ଯେତେବେଳେ ସେ ପୁରୀ ଜଗନ୍ନାଥ ମନ୍ଦିରର କେସ ଲଢ଼ି ଅଭୂତପୂର୍ବ ସଫଳତା ହାସଲ କରିଥିଲେ। ପୁରୀ ରାଜାଙ୍କର ଜଗନ୍ନାଥ ମନ୍ଦିରର କର୍ତ୍ତୃତ୍ୱ ବିଷୟ ନେଇ ବିପକ୍ଷ ଦଳ ସମସ୍ତ ବଙ୍ଗାଳୀ ଓକିଲଙ୍କୁ ନିଜ ତରଫକୁ ନେଇଗଲା ବେଳେ ଦେଶପ୍ରେମୀ ମଧୁସୂଦନ ଥୟ ଧରି ବସିପାରିଲେ ନାହିଁ। ନିଜ ହାତରୁ ଅର୍ଥ ଖର୍ଚ୍ଚ କରି ମନ୍ଦିରର ନ୍ୟାଯ୍ୟ ଦାବି ସପକ୍ଷରେ ଲଢ଼ିଲେ। ଜିତାପଟ ତାଙ୍କର ହିଁ ହେଲା। ରାଜ ପରିବାର ନ୍ୟାୟ ପାଇଲେ। ଓଡ଼ିଆ ଜାତିର ଅସ୍ମିତା ଭୂଲୁଣ୍ଠିତ ହେବାରୁ ରକ୍ଷା ପାଇଗଲା। ଜଗନ୍ନାଥଙ୍କ କୃପା ଫଳରେ ପୁରପଲ୍ଲୀରେ ମଧୁବାବୁଙ୍କ ସୁନାମ ବ୍ୟାପିଗଲା।

୧୮୦୩ ମସିହାରେ ଇଷ୍ଟଇଣ୍ଡିଆ କମ୍ପାନି ଓଡ଼ିଶା ଅଧିକାର କଲାପରେ ଓଡ଼ିଶାର ଦକ୍ଷିଣାଚଂଳ ଗଂଜାମ ଜିଲ୍ଲା ପ୍ରଭୃତି ରହିଥିଲା ମାନ୍ଦ୍ରାଜ ପ୍ରେସିଡ଼େନ୍‌ସିରେ। ଉପକୂଳବର୍ତ୍ତୀ ପୂର୍ବାଚଂଳ କଟକ, ପୁରୀ ଓ ବାଲେଶ୍ୱର ଜିଲ୍ଲାକୁ ରଖାଯାଇଥିଲା ବଙ୍ଗଳା ପ୍ରେସିଡ଼େନ୍‌ସୀରେ, ପଶ୍ଚିମାଚଂଳ ସମ୍ବଲପୁର ଜିଲ୍ଲା ରହିଥିଲା ମଧ୍ୟ ପ୍ରଦେଶରେ। ଓଡ଼ିଶା ଏହି ଭଳି ଛିନ୍ନ ବିଛିନ୍ନ ହୋଇ ରହିବାରୁ ତା'ର ଅର୍ଥନୈତିକ, ସାମାଜିକ, ସାଂସ୍କୃତିକ, ଶୈକ୍ଷିକ ଅବସ୍ଥା ଅଧୋଗାମୀ ହେଉଥିଲା। କତିପୟ ବଙ୍ଗାଳୀ ଚକ୍ରାନ୍ତ କରି ଓଡ଼ିଆ ଭାଷାର ବିଲୋପ ପାଇଁ ଏହା ଏକ ସ୍ୱତନ୍ତ୍ର ଭାଷା ନୁହେଁ ବୋଲି ଯୁକ୍ତି ବାଢ଼ିଲେ। ୧୮୬୬ ମସିହାର ନଅଙ୍କ ଦୁର୍ଭିକ୍ଷର ମର୍ମନ୍ତୁଦ ପରିଣତି ଓଡ଼ିଶାକୁ ଦୁର୍ଦ୍ଦିନର ଚରମସୀମାକୁ ଟାଣିନେଲା। ଲକ୍ଷ ଲକ୍ଷ ଲୋକ ଅନାହାରରେ ମୃତ୍ୟୁବରଣ କଲେ। ବଙ୍ଗଳା ପ୍ରେସିଡ଼େନସୀର ଶାସକ ଏହି ଦୟନୀୟ ସ୍ଥିତିରେ ମଧ୍ୟ ଦୁର୍ଭିକ୍ଷ ପ୍ରପୀଡ଼ିତ ଲୋକମାନଙ୍କୁ ଖାଦ୍ୟ ଯୋଗାଇବାରେ ଆଶାନୁରୂପ ତତ୍ପରତା ପ୍ରକାଶ କଲେ ନାହିଁ। ଏହି ସମୟରେ ବିଲାତରେ ଥିବା ବ୍ରିଟିଶ ସରକାରଙ୍କର ତତ୍କାଳୀନ ସେକ୍ରେଟାରୀ ଅଫ ଷ୍ଟେଟସ୍ ଅଫ ଇଣ୍ଡିଆ ସାର ଷ୍ଟାଫର୍ଡ଼ ନର୍ଥକୋଟ ଭାରତ ଆସି ଓଡ଼ିଶାର ଦୁର୍ଭିକ୍ଷ ସ୍ଥିତ ପର୍ଯ୍ୟବେକ୍ଷଣ କରି ମତ ଦେଲେ ଯେ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠନ କଲେ ଏହାର ଉନ୍ନତି ସମ୍ଭବ

ହେବ। କିନ୍ତୁ ଦୃଢ଼ ନେତୃତ୍ୱର ଅଭାବ ହେତୁ ବ୍ରିଟିଶ ସରକାରଙ୍କ ପାଖେ ଦାବି ଉପସ୍ଥାପନ ହୋଇପାରିଲା ନାହିଁ। ଏହାର ଅନେକ ଦିନ ପରେ ୧୮୭୫ ମସିହାରେ ବଙ୍ଗଳାର ଲେଫଟନାଂଟ ଗଭର୍ଣ୍ଣର ଓଡ଼ିଶା ଆସିଥିବା ବେଳେ ବାଲେଶ୍ୱରର ରାଜା ଶ୍ୟାମାପଦ ଦେଓ ଓ ଦେଶପ୍ରେମୀ ବିଚିତ୍ରାନନ୍ଦ ଦାସ ସ୍ୱତନ୍ତ୍ର ଉତ୍କଳପ୍ରଦେଶ ଗଠନ ପାଇଁ ଏକ ସ୍ମାରକ ପତ୍ର ଦେଇଥିଲେ, କିନ୍ତୁ ଏହି ପ୍ରସ୍ତାବ ପଛରେ ବ୍ୟବସ୍ଥିତ ସଂଗଠନ ନଥିବାରୁ ଲେଫ୍‌ଟନାଂଟ ଗଭର୍ଣ୍ଣର ନାକଚ କରିଦେଲେ।

ମଧୁବାବୁ କଲିକତାରୁ ଆସି କଟକରେ ରହିବାରୁ ଅନୁଭବ କଲେ ଓଡ଼ିଶାବାସୀ କିପରି ଅର୍ଥନୈତିକ, ସାମାଜିକ, ସାଂସ୍କୃତିକ ଓ ଅନ୍ୟାନ୍ୟ ଶୋଷଣ, ଅତ୍ୟାଚାରରେ ନିତିଦିନ ପେଷି ହୋଇଯାଉଛନ୍ତି। ସେ ହାତ ବାନ୍ଧି ବସି ପାରିଲେ ନାହିଁ। ଓଡ଼ିଶାର ପ୍ରଥମ ସମ୍ବାଦପତ୍ର 'ଉତ୍କଳ ଦୀପିକା'ର ସେ ସମୟର ସମ୍ପାଦକ ଗୌରୀଶଙ୍କର ରାୟଙ୍କ ସହଯୋଗରେ ସେ ଓଡ଼ିଶାବାସୀଙ୍କ ବିକାଶ ପାଇଁ ୧୮୮୨ ମସିହାରେ ଗଠନ କଲେ ଓଡ଼ିଶାର ପ୍ରଥମ ରାଜନୈତିକ ମଂଚ 'ଉତ୍କଳ ସଭା'। ଏହି ସଭା ଥିଲା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଶୁଭ ଅଧିବାସ। କ୍ରମେ ଗଂଜାମ ଜିଲ୍ଲା ଓ ସମ୍ବଲପୁର ଜିଲ୍ଲାବାସୀ ମାନ୍ଦ୍ରାଜ ପ୍ରେସିଡ଼େନସୀ ଓ ମଧ୍ୟ ପ୍ରଦେଶରୁ ଅଲଗା ହୋଇ ଓଡ଼ିଶା ସହିତ ମିଶି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ଉତ୍ସାହ ପ୍ରଦର୍ଶନ କଲେ।

ଓଡ଼ିଆ ଜାତିର ଜାଗୃତି ଓ ସମୃଦ୍ଧି ପାଇଁ 'ଉତ୍କଳ ସମ୍ମିଳନୀ' ନାମରେ ଏକ ଜାତୀୟ ଅନୁଷ୍ଠାନ ଗଠନ ମଧୁବାବୁଙ୍କ ଏକ ସମୟୋପଯୋଗୀ ପଦକ୍ଷେପ। ଏହି ସମ୍ମିଳନୀର ପ୍ରଧାନ ଲକ୍ଷ୍ୟ ଥିଲା ଉତ୍କଳୀୟଙ୍କ ମଧ୍ୟରେ ଏକତା ସ୍ଥାପନ, ଉତ୍କଳର ସାମଗ୍ରିକ ଅଭିବୃଦ୍ଧି ସାଧନ, ଓଡ଼ିଆ ଭାଷାଭାଷୀ ଅଂଚଳକୁ ଏକତ୍ରୀକରଣ ଓ ପ୍ରବାସୀ ଓଡ଼ିଆଙ୍କ, ସ୍ୱାର୍ଥ ସଂରକ୍ଷଣ। ଗଂଜାମ ଜିଲ୍ଲାର ରମ୍ଭା ଠାରେ ୧୯୦୧ ମସିହାରେ ଖଲିକୋଟ ମହାରାଜା ହରିହର ମର୍ଦ୍ଦରାଜଙ୍କ ନିଜ ବଙ୍ଗଳାରେ ଆହୂତ ସଭାରେ ଓଡ଼ିଆମାନଙ୍କ ସ୍ୱାର୍ଥରକ୍ଷା ପାଇଁ ନିଆଯାଉଥିବା ପ୍ରସ୍ତାବ ଅନୁଯାୟୀ ୧୯୦୩ ମସିହା ଅପ୍ରେଲ ମାସରେ ଗଂଜାମର ବ୍ରହ୍ମପୁରଠାରେ 'ଓଡ଼ିଆ ସଭା' ନାମକ ଅନୁଷ୍ଠାନ ଗଢାଯାଇ ଏକ ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ ସଭାପତିତ୍ୱ କରିଥିଲେ ଶ୍ୟାମ ସୁନ୍ଦର ରାଜଗୁରୁ। ମଧୁବାବୁ ଏହି ସଭାର ନିମନ୍ତ୍ରିତ ଅତିଥି ଥିଲେ। ସେ ଓଡ଼ିଆମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ 'ଉତ୍କଳ ସମ୍ମିଳନୀ' ନାମରେ ଏକ ଜାତୀୟ ଅନୁଷ୍ଠାନ ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବକୁ ସମସ୍ତେ ଅନ୍ତରର ସହିତ ଅନୁମୋଦନ କରିଥିଲେ। ଏହାର ଫଳ ସ୍ୱରୂପ ୧୯୦୩ ମସିହାର ଡ଼ିସେମ୍ବର ମାସ ୩୦ ଓ ୩୧ ତାରିଖରେ ମଧୁବାବୁଙ୍କ ପ୍ରୟାସରେ କଟକରେ 'ଉତ୍କଳ ସମ୍ମିଳନୀ' ର ପ୍ରଥମ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ମୟୂରଭଞ୍ଜର ମହାରାଜା ଶ୍ରୀ ରାମଚନ୍ଦ୍ରଙ୍କଠାରୁ ଆରମ୍ଭ କରି କୃଷକ ଓ ପଡ଼ୋଶୀ ରାଜ୍ୟମାନଙ୍କ ସହିତ ମିଶି ରହିଥିବା ଓଡ଼ିଆ ଭାଷାଭାଷୀ ଅଂଚଳରୁ କେତେକ ବ୍ୟକ୍ତି ମଧ୍ୟ ଏଥିରେ ଯୋଗ ଦେଇଥିଲେ। ଉକ୍ତ ସମ୍ମିଳନୀରେ ଏକ କୃଷି ଓ ଶିଳ୍ପ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। ଓଡ଼ିଶାର ଅର୍ଥନୈତିକ ବିକାଶ, ଭାଷାର ବିକାଶ ଓ ଓଡ଼ିଆ ଭାଷାଭାଷୀ ଅଂଚଳର ଏକତ୍ରୀକରଣ ପାଇଁ ପଦକ୍ଷେପ ନେବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଯେଉଁମାନେ ଓଡ଼ିଶାରେ ଅନେକ ଦିନ ହେଲା ସ୍ଥାୟୀଭାବେ ବସବାସ କରୁଛନ୍ତି ଓ ଓଡ଼ିଶାର ମଙ୍ଗଳ ପାଇଁ କାର୍ଯ୍ୟ କରୁଛନ୍ତି ତାଙ୍କୁ ଉତ୍କଳୀୟ ଭାବେ ଗ୍ରହଣ କରାଗଲା। 'ଉତ୍କଳ ସମ୍ମିଳନୀ' ଜରିଆରେ ବିଦ୍ୱାନ, ଲେଖକ, ସାହିତ୍ୟିକ, ବୁଦ୍ଧିଜୀବୀ, ରାଜା, ମହାରାଜା, କୃଷକ, ଶ୍ରମିକ ପ୍ରଭୃତି ସବୁ ଶ୍ରେଣୀର ଲୋକଙ୍କୁ ଏକାଠି କରି ଯେଉଁ ଜାତୀୟତାର ସ୍ରୋତ ମଧୁବାବୁ ପ୍ରବାହିତ କଲେ ସେଥିରୁ ତାଙ୍କର ଅନନ୍ୟ ଦେଶପ୍ରେମ ଓ ବିଚକ୍ଷଣ ସାଂଗଠନିକ ଦକ୍ଷତାର ପରିଚୟ ମିଳେ। ତାଙ୍କର କାର୍ଯ୍ୟ କଳାପରେ ସେ ଏକରକମ ବାଧ୍ୟ କରି ଦେଇଥିଲେ ଇଂରେଜ ଶାସକଙ୍କୁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କରିବାକୁ। ପ୍ରଥମ ଉତ୍କଳ ସମ୍ମିଳନୀରେ ଯୋଗ ଦେଇଥିବା କଲିକତାରୁ ପ୍ରକାଶିତ 'ଅମୃତବଜାର' ପତ୍ରିକାର ସମ୍ପାଦକ ମୋତିଲାଲ ଘୋଷ ସମ୍ମିଳନୀର ଉଦ୍ଦେଶ୍ୟ ଓ ସଫଳତା ଦେଖି ଭୁରି ଭୁରି ପ୍ରଶଂସା କରିଥିଲେ ଉଦ୍ୟୋକ୍ତାମାନଙ୍କୁ। ଓଡ଼ିଶାରେ ନବଜାଗରଣର ଆଦ୍ୟ ଉଦ୍‌ଗାତା ଥିଲେ ମଧୁବାବୁ। ଏଥିପାଇଁ ସେ ହାତରୁ ମଧ୍ୟ ପ୍ରଚୁର ଅର୍ଥ ବ୍ୟୟ କରୁଥିଲେ।

୧୯୩୧ରେ ଅନୁଷ୍ଠିତ ଦ୍ୱିତୀୟ ଗୋଲଟେବୁଲ ବୈଠକରେ ଉତ୍କଳ ସମ୍ମିଳନୀ ଦାବୀକୁ ବ୍ରିଟିଶ ସରକାର ଗ୍ରହଣ କରି ଓଡ଼ିଶାକୁ ଭାଷାଭିତିକ ସ୍ୱତନ୍ତ୍ର ପ୍ରଦେଶ ମାନ୍ୟତା ଦେବା ପାଇଁ ସ୍ଥିର କଲେ। ସମଗ୍ର ଭାରତରେ ଭାଷା ଭିତ୍ତିରେ ପ୍ରଦେଶ ଗଠନ ହେବାରେ ଓଡ଼ିଶା ପ୍ରଥମ। ଏହା ଶୁଣି ମଧୁବାବୁ ଆନନ୍ଦରେ ବିହ୍ୱଳ ହୋଇ ପଣ୍ଡିତ ନୀଳକଣ୍ଠଙ୍କୁ କହିଥିଲେ - 'ଏଥର ମୋର କାମ ସରିଗଲା। ମୋତେ ଯିବାକୁ ଦିଅ। ମନେ ରଖିଥିବ, ଜଣେ ଓଡ଼ିଆ ଥିଲା। ମଧୁବାବୁଙ୍କ ମୁହଁରୁ ଏହି କଥା ପଦକ ଶୁଣି ପଣ୍ଡିତ ନୀଳକଣ୍ଠଙ୍କ ଆଖିରୁ ଲୁହ ଝରି ଆସିଥିଲା। ୧୯୩୬ ଏପ୍ରିଲ ପହିଲା ଦିନ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହୋଇ ଓଡ଼ିଆମାନଙ୍କ ଗୌରବବର୍ଦ୍ଧନ କଲା। କିନ୍ତୁ ଏହି ସୁସମ୍ବାଦ ଶୁଣି ଖୁସିରେ ଲୋଟି ଯିବାକୁ ଏ ମାଟିର ବରପୁତ୍ର ଆଉ ଇହଧାମରେ ନଥିଲେ। ସେ ୧୯୩୪ ଫେବୃଆରୀ ୪ ତାରିଖରେ ମହାନଦୀର ବାଲୁକା ଶଯ୍ୟାରେ ଗୋରା କବର ପରିସରରେ ଶେଷ ବିଶ୍ରାମ ନେଇଯାଇଥିଲେ।

ଗାନ୍ଧିଜୀଙ୍କର ମଧୁସୂଦନଙ୍କ ପ୍ରତି ଉଚ୍ଚ ସମ୍ମାନବୋଧ ଥିଲା। ସେ ୧୯୨୯ ମସିହା ଅଗଷ୍ଟ ୧୯ରୁ ୨୧ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଆସି ମଧୁବାବୁଙ୍କ ଅତିଥି ହୋଇଥିଲେ। ମଧୁବାବୁ ତାଙ୍କ ହାତଗଢା ଉତ୍କଳ ଟ୍ୟାନେରୀ, ତନ୍ତବୁଣା ପାଟ ପ୍ରସ୍ତୁତି କେନ୍ଦ୍ର, ଖଦୀ କେନ୍ଦ୍ର, ଓଡ଼ିଶା ଆର୍ଟ ଓୟାର ଓ ବିଭିନ୍ନ କୁଟୀର ଶିଳ୍ପ କେନ୍ଦ୍ର ବୁଲାଇ ଦେଖାଇଥିଲେ। ମଧୁବାବୁଙ୍କ ବହୁମୁଖୀ ପ୍ରତିଭାରେ ମୁଗ୍ଧ ହୋଇ ଗାନ୍ଧିଜୀ କୁଟୀର ଶିଳ୍ପର ବିକାଶ, ଜାତୀୟ ସଂହତି ରକ୍ଷା, ନିଶା ନିବାରଣ, ନାରୀ ଜାଗରଣ, ମୌଳିକ ଶିକ୍ଷାର ପ୍ରଚଳନ, ଗ୍ରାମୀଣ ଅର୍ଥନୀତିର ସୁଦୃଢ଼ୀକରଣ, ସମବାୟ ଆନ୍ଦୋଳନର ଦୃଢ଼ୀକରଣ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ମଧୁବାବୁଙ୍କ ପରାମର୍ଶ ମାଗିଥିଲେ।

ମଧୁବାବୁ ଥିଲେ ସାଲିସ୍‌ବିହୀନ ନିର୍ଭୀକ ସୁପୁରୁଷ। ଶୟନେ, ସ୍ୱପନେ

ଜାଗରଣେ ସେ ଓଡ଼ିଶାର ସମୃଦ୍ଧି ହିଁ କାମନା କରୁଥିଲେ। ୧୯୨୧ରେ ସେ ବିହାର ଓଡ଼ିଶା ଶାସନର ବରିଷ୍ଠ ମନ୍ତ୍ରୀ ଥିବାବେଳେ ସରକାରଙ୍କଠାରୁ ଦରମା ନେବାକୁ ମନା କଲେ। ତାଙ୍କର ହୃଦ୍‌ବୋଧ ହେଲା ଯେ ଦରମା ଗ୍ରହଣ କଲେ ଲୋକମାନଙ୍କ ଦାବିକୁ ସରକାରଙ୍କ ପାଖରେ ପହଂଚେଇବାକୁ ତାଙ୍କର ନୈତିକ ସାହସ ରହିବ ନାହିଁ। କିନ୍ତୁ ଇଂରେଜ ସରକାର ତାଙ୍କର ଏହି ନିଷ୍ପତିକୁ ଗ୍ରହଣ ନ କରିବାରୁ ସ୍ୱାଧୀନଚେତା ମଧୁବାବୁ ମନ୍ତ୍ରୀପଦ ତ୍ୟାଗ କରିଦେଲେ। ଏହା ତାଙ୍କର ପରମ ଦେଶ ଭକ୍ତିର ଜ୍ୱଳନ୍ତ ଉଦାହରଣ ହୋଇ ଓଡ଼ିଆ ଜାତିର ସମ୍ମାନ ବଢାଇ ଥିଲା।

ମଧୁସୂଦନ ଦାସ ଓଡ଼ିଆ ଜାତିର ଭୀଷ୍ମ ପିତାମହ ସଦୃଶ। ଯେତେବେଳେ ଉତ୍କଳମଣି ଗୋପବନ୍ଧୁ ଦାସ କନିକା ରାଜାଙ୍କ ଦ୍ୱାରା ଆଗତ ଏକ ମିଥ୍ୟା ମାନହାନୀ ମୋକଦ୍ଦମାରେ ୧୯୨୩ ଜାନୁଆରୀ ୨୪ ତାରିଖରେ ଇଂରେଜ ସରକାରଙ୍କ ଦ୍ୱାରା ଗିରଫ ହେଲେ ମଧୁବାବୁଙ୍କୁ ଶକ୍ତ ଧକ୍‌କା ଲାଗିଲା। ସେ ଏପରି ଚାପ ପ୍ରୟୋଗ କଲେ ଯେ କନିକା ରାଜା ମୋକଦ୍ଦମା ପ୍ରତ୍ୟାହାର କଲେ। କିନ୍ତୁ ସରକାର ଗୋପବନ୍ଧୁଙ୍କୁ ହଜାରିବାଗ ଜେଲକୁ ପଠାଇ ଦେଲେ। ଏହାର ଘୋର ପ୍ରତିବାଦ କରି ୧୯୨୪ ମସିହା ଜାନୁଆରୀ ୨୦ ତାରିଖ ଦିନ ମଧୁବାବୁ ସରକାରଙ୍କ ଅନ୍ୟାୟ କାର୍ଯ୍ୟ ବିରୋଧରେ ଏକ ନିନ୍ଦା ପ୍ରସ୍ତାବ ବିହାର ଓଡ଼ିଶା ବିଧାନସଭାରେ ଗୃହୀତ କରାଇ ସରକାରଙ୍କୁ ଅଡୁଆରେ ପକେଇ ଦେଲେ। ସରକାର ବାଧ୍ୟ ହୋଇ ଗୋପବନ୍ଧୁ ଦାସଙ୍କୁ ଶୀଘ୍ର ମୁକ୍ତ କରିଦେଲେ। ସାରା ଦେଶ ମଧୁବାବୁଙ୍କ ପ୍ରଶଂସାରେ ଶତମୁଖ ହୋଇ ଉଠିଲା।

ମଧୁବାବୁଙ୍କ ସାହସ ଥିଲା ଅପରିସୀମ। ଅନ୍ୟାୟର ବିରୋଧ ପାଇଁ ସେ କେବେ ପଛଘୁଂଚା ଦେଉନଥିଲେ। କଲିକତାରେ ପଢୁଥିବାବେଳେ ସେ କଲେଜରେ ସଂସ୍କୃତ ବିଷୟ ନେଇଥିଲେ। ପରୀକ୍ଷାରେ ମାତୃଭାଷା ଲିପିରେ ସଂସ୍କୃତ ଲେଖା ହେବା ନିୟମ ଥିଲା। ମଧୁବାବୁ ଓଡ଼ିଆ ଲିପିରେ ପରୀକ୍ଷା ଦେବାକୁ ଚାହିଁଥିଲେ ମଧ୍ୟ ଓଡ଼ିଆ ଲିପି ନଥିବାରୁ ମଧୁବାବୁଙ୍କ ଆବେଦନକୁ କଲେଜ ପ୍ରିନ୍ସିପାଲ ଓ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଅଗ୍ରାହ୍ୟ କରିଦେଲେ। ମଧୁବାବୁ ଏଥିରେ ହାର ନମାନି ସେ ସମୟର ଗଭର୍ଣ୍ଣରଙ୍କ ପାଖକୁ ଯାଇ ଅନୁମତି ଆଣି ଓଡ଼ିଆ ଲିପିରେ ପରୀକ୍ଷା ହେଲେ। ଅନୀତିର ବିରୋଧ ପାଇଁ ପ୍ରିନ୍ସିପାଲଙ୍କ ବିରୋଧରେ ଏକୁଟିଆ ଛିଡ଼ା ହେବା ସେ ସମୟରେ କମ୍ ସାହସର କଥା ନଥିଲା।

ମଧୁବାବୁ ଶିକ୍ଷାର ପ୍ରସାର ପାଇଁ ସତତ ଚେଷ୍ଟିତ ଥିଲେ। ତାଙ୍କ ସମୟରେ ରେଭେନ୍ସା କଲେଜରୁ ଆଇନ୍ କ୍ଲାସ ଉଠିଯାଉଥିଲା। ମଧୁବାବୁ ବିନା ବେତନରେ ଆଇନ୍ ଅଧ୍ୟାପନା ଦାୟିତ୍ୱ ନେବାରୁ ଆଇନ୍ କଲେଜ୍ ରହିଲା।

ଓଡ଼ିଶାର କୁଟୀର ଶିଳ୍ପକୁ ସାରା ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିବା ପାଇଁ ସେ ବିଲାତ ଗଲାବେଳେ ନିଜ ହାତରୁ ଖର୍ଚ୍ଚ କରି ସାଙ୍ଗରେ ନେଇ ଯାଇଥିଲେ ଓଡ଼ିଶାର ପାଟବସ୍ତ୍ର, ତାରକସି କାମ, ଚମଡ଼ା ଦ୍ରବ୍ୟ ପ୍ରଭୃତି ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଉପହାର ଦେବାକୁ। ଚମଡ଼ାଶିଳ୍ପ 'ଉତ୍କଳ ଟ୍ୟାନେରୀ'ରେ ଭଲ ଯୋତା ତିଆରି କରି ବିକ୍ରି ପାଇଁ ପଠାଉଥିଲେ। ଯଦି ଯୋତାର ମାନ ଉନ୍ନତ ହେଉନଥିଲା, ସେ ତା ନଷ୍ଟ କରି ଦେଉଥିଲେ। ସେ ଋହୁଁ ଥିଲେ ଓଡ଼ିଶାର ସମ୍ମାନ ଅକ୍ଷୁର୍ଣ୍ଣ ରହୁ। ଏଥିପାଇଁ ତାଙ୍କୁ ବିପୁଳ କ୍ଷତି ସହିବାକୁ ପଡ଼ିଥିଲା। ସେ କପର୍ଦ୍ଦକ ଶୂନ୍ୟ ହୋଇଗଲେ। ତାଙ୍କର ସମସ୍ତ ସମ୍ପତି ବିକ୍ରି ହୋଇ ଧାର ଶୁଝା ହୋଇଥିଲା। ତଥାପି ସେ ଥିଲେ ଅବିଚଳିତ ଅନମନୀୟ। ଏଭଳି ସାଧୁତା ଓ ବିଶୁଦ୍ଧ ଦେଶପ୍ରେମ କ୍ୱଚିତ ଦେଖିବାକୁ ମିଳେ।

ମଧୁବାବୁଙ୍କ ଦେଶପ୍ରୀତି, ନୀତି, ଆଦର୍ଶ, ବାଗ୍ମିତା, ସାହସିକତା, ଜାତିପ୍ରତି ଅଙ୍ଗୀକାର ବଦ୍ଧତା ଅବିସ୍ମରଣୀୟ। କବିବର ରାଧାନାଥ ରାୟ, ଭକ୍ତକବି ମଧୁସୂଦନ, ପଣ୍ଡିତ ନୀଳମଣି ବିଦ୍ୟାରତ୍ନ, ସ୍ୱଭାବ କବି ଗଙ୍ଗାଧର ମେହେର, ବ୍ୟାସ କବି ଫକୀର ମୋହନ, ପଣ୍ଡିତ ନୀଳକଣ୍ଠ ଦାସ, ଆର୍ଯ୍ୟ ହରିହର, ଗୋଦାବରୀଶ ମିଶ୍ର, କର୍ମବୀର ଗୌରୀଶଙ୍କର ପ୍ରଭୃତି ଯୋଗଜନ୍ମା ବ୍ୟକ୍ତି ବିଶେଷଙ୍କର ସେ ଥିଲେ ନମସ୍ୟ, ମାର୍ଗଦର୍ଶକ, ଏପରିକି ବ୍ରିଟିଶ ସରକାରଙ୍କ ଉଚ୍ଚ ପଦସ୍ଥ ଅଫିସରମାନେ ଟୋପି ଖୋଲି ତାଙ୍କୁ ସମ୍ମାନ ପ୍ରଦର୍ଶନ କରୁଥିଲେ। ଓଡ଼ିଶାରେ ନବଜାଗରଣ ଆଣିବା ପାଇଁ ସେ ଯେଉଁ ଜାତୀୟ ଚେତନା ଉଦ୍ରେକକାରୀ ମର୍ମସ୍ପର୍ଶୀ କବିତା ଲେଖୁଥିଲେ ତାହା ତାଙ୍କର ଅନନ୍ୟ ସାହିତ୍ୟ କୃତି। ମଂଚରେ ଠିଆ ହୋଇ ସେ ଯେପରି ଓ ଜସ୍ୱିନୀ ବକ୍ତୃତା ମାଧ୍ୟମରେ ଲୋକଙ୍କ ହୃଦୟ ଜିଣି ପାରିଥିଲେ, ସେହିଭଳି ତାଙ୍କ ସୃଜନ ସମ୍ଭାର ଓଡ଼ିଆ ଜାତି, ଭାଷା, ସଂସ୍କୃତି ପ୍ରତି ତାଙ୍କର ପ୍ରଗାଢ ଭଲ ପାଇବାର ଅମ୍ଳାନ ସ୍ୱାକ୍ଷର ବହନ କରିଥିଲା। ଜାତି ପ୍ରେମ ବହ୍ନି ପ୍ରଜ୍ୱଳିତ କରିବା ପାଇଁ ସେ ଉଦ୍‌ବୋଧନ ଦେଉଥିଲେ-

'ଜାତିପ୍ରେମ ବହ୍ନି ପ୍ରଜ୍ୱଳିତ କର
ସ୍ୱାର୍ଥକୁ ଦେଇ ଆହୁତି,
ସାର୍ଥମେଧ ଯଜ୍ଞେ ଚାରିଆଡ଼େ ନାଚ
ଛାତିକୁ ମିଶାଇ ଛାତି।

ଏହିଭଳି କେତେକ କାଳଜୟୀ କବିତାର ସ୍ରଷ୍ଟା ସେ।

ଦୃଢ ସଂକଳ୍ପର ମୂର୍ତିମନ୍ତ ବିଗ୍ରହ ମଧୁବାବୁଙ୍କ ସମ୍ବନ୍ଧରେ ବିଶିଷ୍ଟ କଥାକାର ସୁରେନ୍ଦ୍ର ମହାନ୍ତି କହନ୍ତି "ମଧୁବାବୁ ଓଡ଼ିଆ ଜନଜାଗରଣର ବୈତାଳିକ... ଅନ୍ଧକାର ଶତାବ୍ଦୀ ଶେଷରେ ଓଡ଼ିଶାର ଆକାଶରେ ନୂତନ ସୂର୍ଯ୍ୟୋଦୟ" ମଧୁବାବୁଙ୍କ ଦେଶ ସେବାର ପଟାନ୍ତର ନାହିଁ। ଏ ଜାତି ପାଇଁ ସେ ଚିର ବନ୍ଦନୀୟ, ଚିରସ୍ମରଣୀୟ।

**ମଧୁସୂଦନନଗର, ଖୋରଧା**

# ଆତ୍ମବିଶ୍ୱାସର ଆହ୍ୱାନ

ସରୋଜିନୀ ଦାଶ

ମୁଁ ନାରୀ, ମୁଁ ନାରାୟଣୀ
ମୁଁ ଗାର୍ଗୀ,ମୁଁ କାତ୍ୟାୟନୀ
ମୁଁ ତାରା, ଦ୍ରୌପଦୀର ଔଜ୍ଜ୍ୱଲ୍ୟରେ
ଆଲୋକ ପରି ଉଜ୍ଜ୍ୱଳିତ..........
ପ୍ରଜ୍ୱଳିତ..... ଅଗ୍ନିସ୍ନାତ ।

ସ୍ୱର୍ଣ୍ଣ ସମ ଲେଲିହାନ
ଯଜ୍ଞସମ୍ଭୂତା ମୁଁ... ଯାଜ୍ଞସେନୀ
ଅୟୁତ ଅୟୁତ ପାପୀଙ୍କର
ଜାନୁ ଭଗ୍ନ କରି, ବକ୍ଷ ଚିରି
କେଶ ପ୍ରକ୍ଷାଳନର
କ୍ରୁର ସାହସକୁ ବି ମୁଁ
ଆପଣେଇପାରେ ।

ସଶକ୍ତ ଏ ବିଶ୍ୱର ଶାସନ ଡ଼ୋରି
ଅହଲ୍ୟା ଲକ୍ଷ୍ମୀବାଈ ପରି
ରାତାରାତି ହାତେ ନେଇପାରେ ।

ସମ୍ମୁଖ ଯୁଦ୍ଧର ଆମନ୍ତ୍ରଣ ଦେଇ
ମୁହୂର୍ତ୍ତ ମୁହୂର୍ତ୍ତ ଖଣ୍ଡିତ ମସ୍ତକ,
ବିଚ୍ଛିନ୍ନ ହସ୍ତପାଦ ମଧ୍ୟେ
ଅସୀ ଚାଳନାର କ୍ଲେଶ
ପାଣି ପରି ଉଦରସ୍ଥ କରିପାରେ ।

ମୋ ଭିତରେ ପ୍ରବଳ ଜିଗୀଷା
ଆଶାର ଉତ୍ତୁଙ୍ଗ ପାହାଡ଼
କଳ୍ପନାର ପକ୍ଷ ମେଲି ମୁଁ
ଘୂରିପାରେ କଳ୍ପରୁ କଳ୍ପାନ୍ତର ଯାଏଁ ।

ମୋତେ ତୁମେ ବେଡ଼ିମୁକ୍ତ କର
ମୋ ହାତରେ ଧରେଇ ଦିଅ ଅସ୍ତ୍ର ଓ ଲେଖନୀ
ସାମାଜିକ ପୌରୁଷ ରକ୍ଷଣର
ନ୍ୟାୟିକ ପରମ୍ପରାକୁ ଧ୍ୱଂସ କରି
ମୁଁ କରିପାରେ ଏକ
ଅନନ୍ୟ, ଶାନ୍ତ, କମନୀୟ
ଧରିତ୍ରୀଗଠନ..... ଯେଉଁଠି
ମହମହ ବାସୁଥିବ ମନୁଷ୍ୟତ୍ୱ ।

ଫିଟିପଡୁଥିବ ଏଠି -ସେଠି - ସବୁଠି
ନା'ପରୀମାନେ କାନ୍ଦିବେ,
ନା' ଇତିଶ୍ରୀମାନେ ଚିତ୍କାର କରିବେ
ନା' ନିର୍ଭୟାମାନେ
ଡ଼େରିରେ ଗୃହଫେରନ୍ତାର
ଭୟାନକ ଭବିଷ୍ୟ ସହ ଜନ୍ମ ନେବେ ।

ନା' ନିର୍ଯ୍ୟାତିତାମାନେ ବୁଲି ବୁଲି
ନ୍ୟାୟିକ ଭିକ୍ଷାଥାଳ ଧରିବେ !!! ?
ଏକ ସୁସଂହତ, ଆତ୍ମନିୟନ୍ତ୍ରିତ
ଆଦର୍ଶ ସମାଜର ସ୍ୱପ୍ନ ମୋତେ
କବଳିତ କରୁଛି କ୍ଷଣୁକ୍ଷଣ ।

ଆସ ମୋ ସହ ହାତରେ ହାତଛନ୍ଦ
ସ୍ୱରରେ ସ୍ୱର ମିଶାଅ
ସବୁ ଅନ୍ତଃଶକ୍ତି ତରଳି ବୋହିଯାଉ
ଲେଖନୀ ମୁନରେ.....
ମାର୍ମିକ ହେଉ ବିଶ୍ୱାର ବୈତରଣୀ ।

ସଶକ୍ତ ଏକ ଶଙ୍କାମୁକ୍ତ ଭାରତର
ମୂଳଦୁଆ ପାଇଁ ଆଜିର
ଏ 'ମହିଳା ଯୋଗଶକ୍ତି ଦିବସ' ରେ
ଆସ ସଭିଏଁ ହୃଦୟରୁ
ସଂକଳ୍ପର ପୂର୍ଣ୍ଣାହୁତି ଦିଅ ।

କଳିଙ୍ଗ ବିହାର
ମୋ - ୯୦୪୦୫୮୮୬୨

# ଭାବ ତୁଳସୀ



ସଚ୍ଚି ମହାନ୍ତି

କରୁଣାରୁ ଊଣା କରିନୁ ବୋଲିତ
କେତେ ଗଉରବେ ବଞ୍ଚିଛି
ତୋ'ଛଡ଼ା ତୁଳସୀ ପାଇଥିଲି ବୋଲି
କେତେ ସୁଖ ମନେ ପାଞ୍ଚିଛି । ।।୦।।

ବଡ଼ଦାଣ୍ଡେ ତୋର ଚାଲିଥିଲି ବୋଲି
ପଥହରା କେବେ ହୋଇନି
ଶରଧାବାଲିରେ ଗଡ଼ିଥିଲି ବୋଲି
ଅଶରଧା କା'ର ପାଇନି
ତୋ'ଗରୁଡ଼ କୁମ୍ଭ କୁଣ୍ଢାଇଛି ବୋଲି
କେତେ ଖୁମ୍ଭ ମୁଁ ସଞ୍ଚିଛି । ।।୧।।

ବାଇଶି ପାହାଚ ଚଢ଼ିଥିଲି ବୋଲି
ଜୀବନ ପାହାଚେ ଥକିନି
ପଣ୍ଡା ବେତ ମାଡ଼ ଖାଇଥିଲି ବୋଲି
ଅବାଟରେ ଆଉ ଚାଲିନି
ତୋ' ମହାପ୍ରସାଦ କେତେ ଅବସାଦ
ମନରୁ ମୋ ପୋଛି ଦେଇଛି । ।।୨।।

ଗଡ଼ମହାବୀର ନଗର,
ଭୁବନେଶ୍ୱର-୨



# ପାଦ

**ଦିବ୍ୟସିଂହ ତ୍ରିପାଠୀ**

ପାଦ କାଢ଼ିବ ଆଗ ପଛକୁ ବିଚାରି
ପାଦ ପାଦକେ ବିପଦ ଘେରି ଯିବେ ଅରି । ॥୧॥
ପାଦ କାଢ଼ି ଘରୁ ଶୁଭେ କର ଅନୁକୂଳ
ପାଦ କାଢ଼ି କଥା ହୁଡ଼ି ଗଲେ ହୁଏ ଗୋଳ । ॥୨॥
ପାଦ ଧରିଲେ ମହତ ନ ରହିବ ଜାଣ
ପାଦ ବାଜିଲେ ବିଷ୍ଣୁଙ୍କ ନାମ ଉଚ୍ଚାରଣ । ॥୩॥
ପାଦ ହାତ ଯୋଡ଼ି ଭକ୍ତି ଭାବ ପ୍ରଦର୍ଶନ
ପାଦ ଲୁଚାଇ ବସିବା ଉତ୍ତମ ଲକ୍ଷଣ । ॥୪॥
ପାଦ ଛୁଇଁ ପ୍ରଣାମଟି ଭଲ ଆଚରଣ
ପାଦ ଧୋଇ ଗୁରୁଜନେ ଦେବଟି ଆସନ । ॥୫॥
ପାଦ ଧୋଇ ମନ୍ଦିରକୁ କରିବ ପ୍ରବେଶ
ପାଦ ହାତ ଯୋଡ଼ି ଜଣା ମିଳିବ ଆଶିଷ । ॥୬॥
ପାଦକୁ ହେୟ ବୋଲି ନବିଚାର ମନେ
ପାଦ ଧରି ପ୍ରଭୁ ସେବା କର ପ୍ରତିଦିନ । ॥୭॥
ପାଦ ସେବି କାଳିଦାସ ହୋଇଲେ ପଣ୍ଡିତ
ପାଦ ପୂରଣେ ଅକ୍ଷମ ମୂର୍ଦ୍ଧନା ଯେ ଯାତ । ॥୮॥
ପାଦରେ କାଳୀୟ ଦଳିଥିଲେ ଯେ କଂସାରି
ପାଦ ଲାଗିଣ କାଳୀୟ ନାଗ ଗଲା ତରି । ॥୯॥
ପାଦ ବନ୍ଦନାଟି ହିନ୍ଦୁ ଧରମ ବେଭାର
ପାଦ ଧୋଇ ଅତିଥିଙ୍କ କର ସତ୍କାର । ॥୧୦॥
ପାଦ ପ୍ରହାର ସତ୍ୟରେ ଶ୍ରୀ ବକ୍ଷ ବ୍ରାହ୍ମଣ
ପାଦ ଆଘାତ ସହିଲେ ନିଜେ ନାରାୟଣ । ॥୧୧॥
ପାଦ ଆଘାତ କରିଲା ହିରଣ୍ୟ ଅସୁର
ପାଦ ଆଘାତେ ହରି ଯେ ସ୍ତମ୍ଭରୁ ବାହାର । ॥୧୨॥
ପାଦ ଲାଗି ତ୍ରେତୟାରେ ଅହଲ୍ୟା ଉଦ୍ଧାର
ପାଦ ଧରିଲେ ଶ୍ରୀହରି ଦ୍ୱାପରେ ଗଧର । ॥୧୩॥
ପାଦ ତଳେ ପାଦୁକାକୁ କରନ୍ତି ଆଦର
ପାଦ ଧରି ଜଣାଉଛି ପ୍ରଭୁ ପାରିକର । ॥୧୪॥

**ସଭାପତି**
**ଗୋକୁଳାନନ୍ଦ ସାହିତ୍ୟ ସଂସଦ, ରାମେଶ୍ୱର**
**ମୋ - ୯୧୭୮୮୮୦୮୯୧**

# ମୋ ବୋଉ

**ଶ୍ରୀ ଜବାହରଲାଲ ସୁବୁଦ୍ଧି**



ଦଶମାସ କାଳ କୋଳେ ଧରି ବୋଉ
ସହିଛୁ କେତେ ଯେ କଷ୍ଟ,
ଜନମ ଦେଇ ତୁ ଲାଳନ ପାଳନେ
ଦେଖାଇଲୁ ଭଲ ବାଟ । ॥୧॥
ଛାତିରୁ ନିଗାଡ଼ି ଅମୃତ ଦେଲୁ
ଦେଲୁ ତୁ ସେନେହ ମମତା
ମୋ ପାଇଁ ତୁ ପୁଣି ସହିଛୁ କଷଣ
ଧନ୍ୟ ବୋଉ ତୋର ସେ ମହାନତା । ॥୨॥
ହାତଧରି ମୋତେ ଚାଲି ଶିଖେଇଛୁ
କାନ ଧରି ମୋତେ ପାଠ ପଢ଼େଇଛୁ
ଅଳି ଅର୍ଦ୍ଦଳି କେତେ କେତେ ସବୁ ସହିଅଛୁ
ଆଉ ସଦା ରକ୍ଷକ ସାଜିଅଛୁ । ॥୩॥
ଶତାୟୁ ହୋଇ ଲୋ ପାଖେ ପାଖେ ଥିଲୁ
ସାହା ହୋଇଥିଲୁ ମୋତେ
ସେ ଲାଗି ବୋଉ ଲୋ ହଜାରେ ଜଂଜାଳେ
ତୋ ମୁହଁ ପାଶୋରି ନାହିଁ ଲୋ ସତେ । ॥୪॥

**ଦୂରଭାଷ-୯୪୩୮୩୫୨୩୭**



# ବାର୍ଡ଼ ନେଷ୍ଟ

**ସୌମିତ୍ରା ହରିଚନ୍ଦନ**

**ସାମଗ୍ରୀ** - ଆଳୁ ୨୫୦ ଗ୍ରାମ୍, ସିମେଇ ୧୫୦ ଗ୍ରାମ୍, ଅଣ୍ଡା (୫ - ୬) ଟା, ତେଲ ୧ କପ୍, ଲୁଣ, ଚିଲ୍ଲି ସସ୍ ଏବଂ ଟମାଟୋ ସସ୍, ଧନିଆପତ୍ର।

**ପ୍ରସ୍ତୁତି ପ୍ରଣାଳୀ** - ପ୍ରଥମେ ଆଳୁକୁ ସିଝାଇ, ଚୋପାଛଡ଼ାଇ ଲୁଣ ଦେଇ ଭଲଭାବରେ ଚକଟି ରଖନ୍ତୁ। ଗୋଟିଏ ଅଣ୍ଡାକୁ ଭାଙ୍ଗି ଭଲଭାବରେ ଫେଣ୍ଟି ଅଲଗା ରଖନ୍ତୁ। ଅନ୍ୟ ଅଣ୍ଡାଗୁଡ଼ିକୁ ସିଝାଇ ଚୋପା ଛଡ଼ାଇ ଦିଅନ୍ତୁ ଓ ସିମେଇକୁ ହାତରେ ଗୁଣ୍ଡ କରି ଗୋଟେ ଥାଳିରେ ରଖନ୍ତୁ। ଚକଟା ଯାଇଥିବା କିଛି ଆଳୁରୁ କିଛି ନେଇ ତା ମଝିରେ ଗୋଟା ଅଣ୍ଡାକୁ ରଖି ଗୋଲ କରି ନିଅନ୍ତୁ। ତାକୁ ଫେଣ୍ଟା ଯାଇଥିବା ଅଣ୍ଡାରେ ବୁଡ଼ାଇ ସିମେଇ ଗୁଣ୍ଡରେ ଭଲଭାବରେ ଗଡ଼ାଇ ଦିଅନ୍ତୁ। କଡ଼େଇରେ ତେଲ ଗରମକରି ଧିରେ ଧିରେ ବାଦାମୀ ରଙ୍ଗ ହେବା ପର୍ଯ୍ୟନ୍ତ ଛାଣନ୍ତୁ। କାଢ଼ିଆଣି ଟିକେ ଥଣ୍ଡା ହେବାପରେ ଅଣ୍ଡାର ଠିକ୍ ମଝିରୁ ଦି'ଫାଳ କରନ୍ତୁ। ଦେଖିବେ ଯେମିତି ସଂପୂର୍ଣ୍ଣ ଅଲଗା ହୋଇନଯାଏ। ଦୁଇଫାକର ମଝିରେ ଚିଲ୍ଲି ସସ୍ ଏବଂ ଟମାଟୋ ସସ୍ ଓ କିଛି ଧନିଆପତ୍ର ଦେଇ ଉଷୁମ ଉଷୁମ ଖାଆନ୍ତୁ ଏବଂ ଅନ୍ୟମାନଙ୍କୁ ଖୁଆନ୍ତୁ ।

## ଖୋର୍ଦ୍ଧା ରାଜ୍ୟର ପ୍ରତିଷ୍ଠାତା

# ଗଜପତି ପ୍ରଥମ ରାମଚନ୍ଦ୍ର ଦେବ

(୧୫୬୮/୭୧-୧୬୦୦)

**ଡ. ପ୍ରସନ୍ନ କୁମାର ଜେନା**



ମୁକୁନ୍ଦଦେବଙ୍କ ପରାଜୟ ଓ ମୃତ୍ୟୁ (୧୫୬୮) ପରେ ଓଡିଶା ଆଫଗାନ ଶାସିତ ବଙ୍ଗର ଅଧିନ ହେଲା। ଓଡିଶାର ଗୌରବମୟ ଯୁଗର ଅନ୍ତ ହେଲା। ସ୍ୱାଧିନ ସ୍ଥିତି ଲୋପ ହେଲା। ରାଜ୍ୟ ନଥିଲା କି ରାଜା ନଥିଲେ। ଆକ୍ରମଣ କାରୀ ଓ ବଙ୍ଗ ବାହିନୀର ଜଣେ ସେନାନାୟକ କାଲାଚାନ୍ଦ (କଳାପାହାଡ) ନେତୃତ୍ୱରେ ନିର୍ବିରୋଧ ଲୁଣ୍ଠନ, ଅତ୍ୟାଚାର, ମନ୍ଦିର ଭଙ୍ଗା ଧ୍ୱଂସ ଲୀଳା ଆରମ୍ଭ ହେଲା। ପ୍ରତିରୋଧ କରିବାକୁ କେହି ନଥିଲେ। ଓଡିଆ ମାନଙ୍କର ପ୍ରାଣକେନ୍ଦ୍ର ଶ୍ରୀମନ୍ଦିର ଲୁଣ୍ଠିତ ହେଲା। କଳାପାହାଡ ଶ୍ରୀବିଗ୍ରହମାନଙ୍କୁ ନେଇ ଗଙ୍ଗାକୂଳରେ ଅଗ୍ନିରେ ନିକ୍ଷେପ କଲା। ବିଶର ମହାନ୍ତି ନାମକ ଜଣେ ପରମ ଭକ୍ତ ଅର୍ଦ୍ଧଦଗ୍ଧ ବିଗ୍ରହ ମଧ୍ୟରୁ ବ୍ରହ୍ମଙ୍କୁ ମୃଦଙ୍ଗ ଭିତରେ ପୁରାଇ ଗୁପ୍ତରେ ଆଣି କୁଜଙ୍ଗଠାରେ ରଖିଥିଲେ। ଶ୍ରୀମନ୍ଦିରରେ ବିଗ୍ରହ ନଥିଲେ। ଓଡିଶାରେ ରାଜା ନଥିଲେ। ଓଡିଆମାନଙ୍କ ନେତୃତ୍ୱ ନେଲାଭଳି ଜଣେ ସାମନ୍ତ, ସେନାପତି ବା ମନ୍ତ୍ରୀ ନଥିଲେ। କ୍ଷମତା ପାଇଁ, ସ୍ୱାର୍ଥପାଇଁ ପରସ୍ପର ବିରୁଦ୍ଧରେ ଷଡଯନ୍ତ୍ର ଓ ସଂଘର୍ଷ କରି ଏକଦା ଶକ୍ତିଶାଳୀ ଥିବା ସାମନ୍ତ ଗୋଷ୍ଠି ଧ୍ୱସଂ ହୋଇଯାଇଥିଲା। ଭୋଇ ବଂଶର ପ୍ରତିଷ୍ଠାତା ଗୋବିନ୍ଦ ବିଦ୍ୟାଧରଙ୍କ ବଂଶ ଲତିକା ଶେଷ ହୋଇଯାଇଥିଲା। ତାଙ୍କର କେହି ଉତ୍ତରାଧିକାରୀ ନଥିଲେ। ଏକ ମହାନ ଜାତିର ପାଇଁ ଏଭଳି ଏକ ଦୟନୀୟ ସ୍ଥିତି ଇତିହାସର ବିଡମ୍ବନା ଥିଲା।

ଗୌରବମୟ ଓଡିଶାରାଜ୍ୟର ଏହି ମହା ଦୁର୍ଦ୍ଦିନ ସମୟରେ ଅନାଶିତ ଦିଗରୁ ଜଣେ ସୁଦକ୍ଷ, ଦୁରଦର୍ଶୀ, ବୁଦ୍ଧିମାନ ବ୍ୟକ୍ତିଙ୍କର ଆଗମନ ହୋଇଥିଲା। ସେ ହେଉଛନ୍ତି ଦନାର୍ଦ୍ଦନ ବା ଦନେଇ ବିଦ୍ୟାଧରଙ୍କ ପୁତ୍ର ରାମଚନ୍ଦ୍ର ରାଉତରାୟ ବା ରମେଇ ରାଉତରାୟ। ଦନାର୍ଦ୍ଦନ ବିଦ୍ୟାଧର ପ୍ରଥମ ଭୋଇ ବଂଶର ପ୍ରତିଷ୍ଠାତା ଗୋବିନ୍ଦ ବିଦ୍ୟାଧରଙ୍କ ମନ୍ତ୍ରୀ ଓ ସେନାପତି ଥିଲେ। ଦକ୍ଷିଣ ଓଡିଶା ଦାୟିତ୍ୱରେ ଥିଲେ। ଗୋବିନ୍ଦ ବିଦ୍ୟାଧରଙ୍କ ପରେ ଚକ୍ରପ୍ରତାପ ଦେବ ଓ ନରସିଂହ ଦେବଙ୍କର ସେନାପତି ଓ ମନ୍ତ୍ରୀ ଥିଲେ। ସେ ଦକ୍ଷ ବିଶ୍ୱସ୍ତ ଓ ପ୍ରଭାବଶାଳୀ ଥିଲେ। ଭୋଇରାଜବଂଶର ମହାନ ରକ୍ଷକ ଥିଲେ। ରାଜଧାନୀରେ ଷଡଯନ୍ତ୍ର ଓ ଅସ୍ଥିରତାର ସୂଚନା ପାଇ ନରସିଂହ ଦେବ ତାଙ୍କୁ ରାଜଧାନୀକୁ ଡକାଇ ଥିଲେ। ସେ ଆସି ପହଞ୍ଚିବା ପୂର୍ବରୁ ମୁକୁନ୍ଦ ଦେବ ନରସିଂହ ଦେବଙ୍କୁ ହତ୍ୟାକରି, ରଘୁରାମ ଜେନାଙ୍କୁ ସିଂହାସନରେ ବସାଇ ନିଜେ ଶାସନ କରୁଥିଲେ। ଦନାର୍ଦ୍ଦନ ବିଦ୍ୟାଧର ମଙ୍ଗଳା ଯୋଡିଠାରେ ଶିବିର ପକାଇଥିଲେ। ମୁକୁନ୍ଦଦେବ ତାଙ୍କୁ ସେଠାରେ ପରାଜିତ କରି ବନ୍ଦୀକଲେ। ବନ୍ଦୀଶାଳାରେ ତାଙ୍କର ମୃତ୍ୟୁ ହୋଇଥିଲା। ୨୫ ବର୍ଷ କାଳ ଭୋଇ ବଂଶର ସୁରକ୍ଷା କବଚ ଥିବା ମହାନ ରାଜ ଭକ୍ତ ଓ ଦକ୍ଷ ଦନାର୍ଦ୍ଦନ ବିଦ୍ୟାଧରଙ୍କ ପୁତ୍ର ହେଉଛନ୍ତି ରମେଇ ରାଉତରା ବା ରାମଚନ୍ଦ୍ର ରାଉତରାୟ।

ଖୋର୍ଦ୍ଧାଠାରେ ନୂତନ ଭୋଇ ରାଜ୍ୟ ଓ (୨ୟ ଭୋଇବଂଶ) ପ୍ରତିଷ୍ଠା କରିବା ପୂର୍ବରୁ ରାମଚନ୍ଦ୍ର ରାଉତରାୟଙ୍କ ବିଷୟରେ ସବିଶେଷ ବିବରଣୀ ମିଳେ ନାହିଁ। ପିତାଙ୍କ ସହ ସେ ଦକ୍ଷିଣ ଓଡ଼ିଶାରେ ଥିଲେ। ଦନାର୍ଦ୍ଦନ ବିଦ୍ୟାଧର ନରସିଂହଦେବଙ୍କ ଡାକରା ପାଇ ରାଜଧାନୀକୁ ଆସିବା ସମୟରେ ପୁତ୍ର ରାମଚନ୍ଦ୍ର ରାଉତରାୟଙ୍କୁ ଦକ୍ଷିଣ ଓଡିଶା ଦାୟିତ୍ୱରେ ଅବସ୍ଥାପିତ କରିଥିବେ ମୁକୁନ୍ଦଦେବ, ଦନାର୍ଦ୍ଦନ ବିଦ୍ୟାଧରଙ୍କୁ ପରାଜିତ କରି ବନ୍ଦୀକରିବା ପରେ ମୁକୁନ୍ଦଦେବ ରାମଚନ୍ଦ୍ରଙ୍କୁ ରାଜମହେନ୍ଦ୍ରୀଠାରେ ବନ୍ଦୀକରିଥିବା ଅନୁମାନ କରାଯାଏ (ମୁକୁନ୍ଦଦେବଙ୍କ ପୂର୍ବପୁରୁଷ ରାଜମହେନ୍ଦ୍ରୀଠାରେ ଗଜପତି ରାଜାମାନଙ୍କର ସାମନ୍ତରୂପେ କାର୍ଯ୍ୟ କରୁଥିଲେ)। ମୁକୁନ୍ଦଦେବଙ୍କ ମୃତ୍ୟୁପରେ ରାମଚନ୍ଦ୍ରଦେବ ବନ୍ଦୀଶାଳାରୁ ମୁକ୍ତ ହେଲେ। ଦକ୍ଷିଣ ଓଡ଼ିଶାର କେତେଜଣ ସ୍ଥାନୀୟ ସାମନ୍ତ ତାଙ୍କୁ ସେମାନଙ୍କର ନେତା ଓ ଓଡିଶାର ରାଜା ବୋଲି ସ୍ୱୀକାର କଲେ। ଦକ୍ଷିଣ ଓଡିଶାରେ ସ୍ଥିତି ମଧ ଅସ୍ଥିର ଓ ଅରାଜକ ଥିଲା। ରାମଚନ୍ଦ୍ର ରାଉତରା ତୋଟମିଗଡ ବା ଗୋଟମାଗଡ (ବିଶାଖା ପାଟଣା ଜିଲ୍ଲାର କାସିମକୋଟା ନିକଟସ୍ଥ ବୀର ଗୋଟମ) ଠାରେ ଅବସ୍ଥାନ କରିଥିଲେ। ଦକ୍ଷିଣ ଓଡିଶାର ଅସୁରକ୍ଷିତ ସ୍ଥିତିର ସୁଯୋଗ ନେଇ ଗୋଲକୁଣ୍ଡା ସେନା ଦକ୍ଷିଣ ଓଡିଶା ଆଡକୁ ଅଗ୍ରସର ହେଲେ। ଉଲ୍ଲେଖନୀୟ ୧୭୫୭ ମସିହା ଆଡକୁ ଗୋଲକୁଣ୍ଡା ସେନା ଗୋଦାବରୀଠାରୁ ଚିଲିକା ପର୍ଯ୍ୟନ୍ତ ଅଞ୍ଚଳ ଅଧିକାର କରି ନେଇଥିଲେ। ଏହି ସମୟରେ ଜଣେ ସ୍ଥାନୀୟ ସାମନ୍ତ ରାମଚନ୍ଦ୍ର ରାଉତରାୟଙ୍କୁ ଗୋଲକୁଣ୍ଡା ସେନା (ସେନା ନାୟକ ମଲିକାଫୁର) ହାତରେ ଧରାଇ ଦେବାକୁ ଷଡଯନ୍ତ୍ର କରିଥିଲେ। ଏହି ସୂଚନା ପାଇ ବିଶ୍ୱାସଘାତକ

ସାମନ୍ତ ଖଣ୍ଡାୟତଙ୍କୁ ହତ୍ୟା କରି, ସେଠାରେ ରହିବା ଅସୁରକ୍ଷିତ ଓ ବିପଦପୂର୍ଣ୍ଣ ବୋଲି ମନେକରି ରାମଚନ୍ଦ୍ର ଦେବ ଉତ୍ତର ଦିଗକୁ - ଚିଲିକା ଆଡକୁ ଚାଲିଆସିଲେ। ଗଡଗୋଟମ ଠାରେ ସେ ୩ ବର୍ଷ (୧୫୬୮-୧୫୭୧) ଅବସ୍ଥାନ କରିଥିଲେ।

**ରାଜ୍ୟ ପ୍ରତିଷ୍ଠା:-**

ତତ୍କାଳୀନ ଓଡିଶାରେ ରାଜନୈତିକ ଅସ୍ଥିରତା ଓ ବିଶୃଙ୍ଖଳା ଲାଗିରହିଥିଲା। ସ୍ଥାନୀୟ ମୁଖିଆ ଓ ସାଧାରଣ ଲୋକମାନେ ଆତଙ୍କ, ଭୟ ଓ ଅନିଶ୍ଚିତତା ଭିତରେ ବାସ କରୁଥିଲେ। ଜଣେ ନେତାଙ୍କର ଅଭାବ ଥିଲା। ଏହି ସମୟରେ ରାଜନୈତିକ ଘଟଣା ପ୍ରବାହରେ ରାମଚନ୍ଦ୍ର ରାଉତରାୟ ଆସି ପହଞ୍ଚିଲେ। ତାଙ୍କ ସହିତ ୧୩ ଜଣ ବିଶ୍ୱସ୍ତ ଅଶ୍ୱାରୋହୀ ଥିଲେ। ୩ ଜଣ ସ୍ଥାନୀୟ ଗଡାଧିପତି ତାଙ୍କୁ ସମର୍ଥନ, ସହଯୋଗ ଓ ସାହାଯ୍ୟ କଲେ। ସେମାନେ ହେଲେ ଚିଲିକାର କୋକୋଲ ବା କୋକଲୋ ଗଡର ମୁଖିଆ ବାଘୁପାତ୍ର, ଘୋଡାଡିଆଁ ବା ଘୋରଡିଆର ଝାଡୁ ପରିଡା ଓ ମଲ୍ଲିପଡା ବା ମଳିପଡାର ଗଡାଧିଶ ଶରଣୀପାତ୍ର। ରାମଚନ୍ଦ୍ର ରାଉତରାୟଙ୍କର ରାଜ୍ୟ ନଥିଲା କି ରାଜଧାନୀ ନଥିଲା। କଟକ ଓ ବାରବାଟୀ ଦୁର୍ଗ ଆଫ୍‌ଗାନମାନଙ୍କ ଅଧିନରେ ଥିଲା। ରାମଚନ୍ଦ୍ର ସ୍ଥାନୀୟ ଖୋଲାପଲ୍ଲୀ (ପଲ୍ଲୀହାଟ)ର ସୌରା ଦଳପତି ସୁଦ୍ଧସୌରୀ ବଳୀବିକ୍ରମ ସିଂହଙ୍କୁ ହତ୍ୟାକରି ଖୋର୍ଦ୍ଧା ଅଞ୍ଚଳ ଅଧିକାର କଲେ। ଉପରୋକ୍ତ କେତେଜଣ ଗଡାଧିପତିଙ୍କ ସହିତ ଅନ୍ୟ ୩ଜଣ ସାମନ୍ତ ମାନଙ୍କ ସମର୍ଥନ ଓ ସହଯୋଗରେ ରାମଚନ୍ଦ୍ରଦେବ କଟକ ଓ ପୁରୀ ମଝା ମଝି ବରୁଣେଇ ପାହାଡ ପାଦଦେଶରେ ଖୋର୍ଦ୍ଧାଠାରେ ଜଗନ୍ନାଥପୁର କଟକ ନାମରେ ଏକ ନୂତନ ରାଜଧାନୀ ପ୍ରତିଷ୍ଠା କଲେ।

ଖୋର୍ଦ୍ଧା ରାଜ୍ୟ ପ୍ରତିଷ୍ଠା ହେଲା (୧୫୭୧-୭୨)। କାଠଯୋଡି-କୁଆଖାଇଠାରୁ, ଋଷିକୁଲ୍ୟା ମଧ୍ୟରେ ଥିବା ସବୁ ଦଳପତି ମୁଖିଆ ଓ ସାମନ୍ତମାନେ ତାଙ୍କର ନେତୃତ୍ୱ ଓ ତଙ୍କୁ ଶ୍ରୀଜଗନ୍ନାଥଙ୍କର ପ୍ରତିନିଧି ତଥା ଗଜପତି ଭାବରେ ଗ୍ରହଣ କରିନେଲେ। (ତାଙ୍କ ଦ୍ୱାରା ପ୍ରତିଷ୍ଠିତ ରାଜବଂଶକୁ ପ୍ରଥମ 'ଭୋଇ ବଂଶ' କୁହାଯାଏ) ରାମଚନ୍ଦ୍ରଦେବ ଙ୍କ ଦ୍ୱାରା ପ୍ରତିଷ୍ଠିତ ରାଜ୍ୟ ପ୍ରଥମେ ଇଛାପୁରଠାରୁ କୁଆଖାଇ ପର୍ଯ୍ୟନ୍ତ ଓ ପରେ ଋଷିକୁଲ୍ୟା ଠାରୁ କାଠଯୋଡି, ପର୍ଯ୍ୟନ୍ତ ବିସ୍ତୃତ ଥିଲା। ପୁରାତନ ପୁରୀ ଜିଲ୍ଲାର କୋଠଦେଶ ବ୍ୟତୀତ ସମସ୍ତ ଅଞ୍ଚଳ, ଗଞ୍ଜାମ ଜିଲ୍ଲାର ଅଧିକାଂଶ ଅଞ୍ଚଳ, କଟକ ଜିଲ୍ଲାର ବାଙ୍କି ଓ ଆଠଗଡ ଉପଖଣ୍ଡ ଓ ଢେଙ୍କାନାଳ ଜିଲ୍ଲାର କେତେକ ଅଞ୍ଚଳ ଖୋର୍ଦ୍ଧା ରାଜ୍ୟର ଅଂଶ ବିଶେଷ ଥିଲା। ଏହାର କ୍ଷେତ୍ରଫଳ ଆନୁମାନିକ ପ୍ରାୟ ୧୦ ହଜାର ବର୍ଗ ମାଇଲ ଥିଲା। ଖୋର୍ଦ୍ଧା ରାଜାଙ୍କ ପ୍ରତ୍ୟକ୍ଷ ନିୟନ୍ତ୍ରଣରେ ୭୧ ଟି ଗଡ ଥିଲା ଓ ୩୦ ଟି ଜମିଦାରୀ ଥିଲା। ରାମଚନ୍ଦ୍ର ଦେବ ନିଜର ଦକ୍ଷତା ବଳରେ ଏକ ବିରାଟ ରାଜ୍ୟ (ବର୍ତ୍ତମାନ ଓଡ଼ିଶାର ପ୍ରାୟ ଏକ ଷଷ୍ଠାଶଂ) ପ୍ରତିଷ୍ଠା କରିବାରେ ସଫଳ ହୋଇଥିଲେ।

**ଗଜପତି ପରାମ୍ପରାର ପୁନଃ ପ୍ରତିଷ୍ଠା:-**

ରାଜ୍ୟ ଗଠନ ଓ ରାଜଧାନୀ ପ୍ରତିଷ୍ଠା ସହିତ ଗଜପତି ରାମଚନ୍ଦ୍ର ଦେବ ରାଜକୀୟ ପରମ୍ପରାର ପୁନରୁଦ୍ଧାର କ୍ରିଥିଲେ। ଗୋବିନ୍ଦ ବିଦ୍ୟାଧରଙ୍କ ସମୟରୁ ବ୍ରାହ୍ମଣ ପଣ୍ଡିତ ମାନଙ୍କ ମଧ୍ୟରେ ଅସନ୍ତୁଷ୍ଟ ଥିଲା। ଗୋବିନ୍ଦଦେବ କ୍ଷତ୍ରୀୟ ନଥିବାରୁ ଓ ପ୍ରତାପରୁଦ୍ରଦେବଙ୍କ ପୁତ୍ରମାନଙ୍କୁ ହତ୍ୟାକରି ସିଂହାସନ ଅଧିକାର କରିଥିବାରୁ ବ୍ରାହ୍ମଣ ମାନେ ଅସନ୍ତୁଷ୍ଟ ଥିଲେ। ଚକ୍ରପ୍ରତାପ ଦେବ ବ୍ରାହ୍ମଣମାନଙ୍କ ଉପରେ ଅତ୍ୟାଚାର କରିଥିଲେ ଓ କାଶିଧାମରୁ ଆସିଥିବା ବ୍ରାହ୍ମଣ ପଣ୍ଡିତ ବିଶ୍ୱନାଥାନନ୍ଦଙ୍କୁ ରାଜଗୁରୁ ପଦବୀରେ ଅବସ୍ଥାପିତ କରିଥିଲେ। ଫଳରେ ବ୍ରାହ୍ମଣମାନଙ୍କ ମଧ୍ୟରେ ବିଭେଦ ରହିଥିଲା। ରାମଚନ୍ଦ୍ର ଦେବ ସୋମବଂଶୀ ମାନଙ୍କ ସମୟରୁ ରାଜଗୁରୁ ପଦବୀରେ ରହିଆସୁଥିବା ବତ୍ସସ୍ୟ ସାମନ୍ତ ବ୍ରାହ୍ମଣ ଓ ଚକ୍ରପ୍ରତାପ ଦେବଙ୍କ ସମୟରେ ରାଜଗୁରୁ ପଦବୀରେ ଅବସ୍ଥାପିତ ନନ୍ଦ ସାମନ୍ତ ବ୍ରାହ୍ମଣଙ୍କ ମଧ୍ୟରେ ମିଳାମିଶା କରାଇଥିଲେ। ଗଜପତି ପ୍ରତାପରୁଦ୍ରଦେବଙ୍କ ରାଜଗୁରୁ ଥିବା କବି ଡିଣ୍ଡିମ ଜୀବଦେବାଚାର୍ଯ୍ୟଙ୍କ ପୁତ୍ର ଶ୍ରୀବର୍ଦ୍ଧନ ମହାପାତ୍ରଙ୍କୁ ରାଜଗୁରୁ ପଦବୀରେ ଅଧିଷ୍ଠିତ କଲେ। ଚକ୍ରପ୍ରତାପଙ୍କ ମୃତ୍ୟୁପରେ ରାଜଗୁରୁ ନନ୍ଦ ସାମନ୍ତ ପଣ୍ଡିତ ବଳଦେବାନନ୍ଦଙ୍କୁ (ପାରମ୍ପରିକ ରାଜଗୁରୁ ସଂମ୍ପ୍ରଦାୟର ବ୍ରାହ୍ମଣମାନଙ୍କୁ ସଂଦେହ କରି ପୁରୀ ଛାଡି ପ୍ରଥମେ ବୀର ନରସିଂହପୁର ଓ ପରେ ବିଶ୍ୱନାଥ ପୁର ଠାରେ ଅବସ୍ଥାନ କରୁଥିଲେ।) ରାମଚନ୍ଦ୍ର ଦେବ ତାଙ୍କୁ ବିଶ୍ୱନାଥପୁର ଠାରୁ ଆଣି ବରପଦାଗଡ ସ୍ଥିତ ଉଷୁନା / ଓଷଣା ଗ୍ରାମରେ ଭୂମିଦାନ ସହିତ ଅବସ୍ଥାପିତ କରିଥିଲେ ଓ 'ରାଜଗୁରୁ ମହାପାତ୍ର' ଉପାଧି ପ୍ରଦାନ କରିଥିଲେ। ଏହାଦ୍ୱାରା ସେ ସମସ୍ତଙ୍କର ଆନୁଗତ୍ୟ ଓ ସମର୍ଥନ ପାଇବାରେ ସକ୍ଷମ ହୋଇଥିଲେ। ଏହା ତାଙ୍କର ବୁଦ୍ଧିମତା ଓ ଦୂରଦର୍ଶୀତାର ନିଦର୍ଶନଥିଲା।

ଗଜପତି ପରମ୍ପରା ସହିତ ଷୋଳଶାସନର (ବ୍ରାହ୍ମଣ ଶାସନ) ସମ୍ପର୍କ ବହୁ ପୁରୁଣା। ଆଫଗାନମାନଙ୍କର ଦ୍ୱାରା ବାରବାଟୀ ଦୁର୍ଗ ଅଧିକାର ପରେ କଟକ ନିକଟସ୍ଥ ପୁରାତନ ଷୋଳ ଶାସନର ପ୍ରଭାବ ହ୍ରାସ ହୋଇଥିଲା। ପରମ୍ପରାର ପୁନଃ ପ୍ରତିଷ୍ଠା ପାଇଁ ରାମଚନ୍ଦ୍ର ଦେବ ନୂତନ ବ୍ରାହ୍ମଣ ଶାସନ ପ୍ରତିଷ୍ଠା କରିବାକୁ ଉଦ୍ୟମକରି ୫ଗୋଟି ବ୍ରାହ୍ମଣ ଶାସନ (ବୀରରାମଚନ୍ଦ୍ର ପୁର, ଶ୍ରୀରାମ ଚନ୍ଦ୍ରପୁର, ପ୍ରତାପ ରାମଚନ୍ଦ୍ରପୁର, ବିଜୟ ରାମଚନ୍ଦ୍ରପୁର ଓ ଉଭୟମୁଖୀ ରାମ ଚନ୍ଦ୍ରପୁର) ପ୍ରତିଷ୍ଠା କରିଥିଲେ।

ପ୍ରଥମ ରାମଚନ୍ଦ୍ରଦେବ ମାତ୍ର ୫ ଗୋଟି ବ୍ରାହ୍ମଣ ଶାସନ ପ୍ରତିଷ୍ଠା କରିଥିଲେ। ତାଙ୍କ ପୂର୍ବରୁ ଭୋଇ ବଂଶର ପ୍ରତିଷ୍ଠାତା ଗୋବିନ୍ଦ ଦେବ ଗୋବିନ୍ଦ ବିଦ୍ୟାଧର ପୁର ଶାସନ ଓ ଚକ୍ରପ୍ରତାପ ବୀର ପ୍ରତାପ ପୁର ଶାସନ ପ୍ରତିଷ୍ଠା କରିଥିଲେ। ପ୍ରତ୍ୟେକ ଶାସନକୁ କେତୋଟି ଅଂଶ ବା ଖଣ୍ଡରେ (ବୀର ରାମଚନ୍ଦ୍ରପୁର ୪ ଖଣ୍ଡି + ଶ୍ରୀରାମଚନ୍ଦ୍ରପୁର ୨ ଖଣ୍ଡି + ପ୍ରତାପ ଚନ୍ଦ୍ରପୁର ୨ ଖଣ୍ଡି + ବିଜୟ ରାମଚନ୍ଦ୍ରପୁର ୧ ଖଣ୍ଡି + ଉଭୟ ମୁଖୀ ରାମଚନ୍ଦ୍ରପୁର ୩ ଖଣ୍ଡି + ବୀର ଗୋବିନ୍ଦ ପୁର ୨ ଖଣ୍ଡି + ବୀର ପ୍ରତାପ ପୁର ଶାସନ ୨ ଖଣ୍ଡି = ୧୬ ଖଣ୍ଡ / ୧୬ ଶାସନ) ବିଭକ୍ତ କରି ଷୋଳ ଶାସନ ଗଣନା ହିସାବ

ହୋଇଥିଲା। ପରବର୍ତ୍ତୀ ଗଜପତିମାନେ ଶାସନମାନ ପ୍ରତିଷ୍ଠା କରିବା ପରେ ଷୋଳ ଶାସନର ଗଣନାରେ ସଂଶୋଧନ ଓ ପରବର୍ତ୍ତନ ହୋଇଥିଲା।

**ଶ୍ରୀମନ୍ଦିରରେ ବିଗ୍ରହ ପ୍ରତିଷ୍ଠା:-**

ରାମଚନ୍ଦ୍ର ଦେବ ଖୋର୍ଦ୍ଧା ରାଜ୍ୟ ପ୍ରତିଷ୍ଠା କରିବା ବେଳକୁ ଶ୍ରୀମନ୍ଦିରରେ ବିଗ୍ରହ ନଥିଲେ। ପୂଜାପାଠ ନଥିଲା। ଜଗନ୍ନାଥଙ୍କ ବିନା ଓଡ଼ିଆ ଜାତି ନିସ୍ତେଜ, ନିସ୍ପନ୍ଦ ହୋଇ ପଡିଥିଲା। ଶ୍ରୀ ଜଗନ୍ନାଥଙ୍କ ଅନୁପସ୍ଥିତିରେ ଗଜପତି, ଠାକୁର ରାଜା, ଜଗନ୍ନାଥଙ୍କର ପ୍ରଥମ ସେବକ ଏ ସବୁର କିଛି ମହତ୍ୱ ନଥିଲା। ରାଜ୍ୟ ପ୍ରତିଷ୍ଠାପରେ ରାମଚନ୍ଦ୍ର ଦେବ ବିଗ୍ରହ ଓ ପୂଜାପାଠ ସଂପର୍କରେ ସମସ୍ତ ପାତ୍ର, ମନ୍ତ୍ରୀ, ପୁରୋହିତମାନଙ୍କ ସହିତ ଆଲୋଚନା କରି କୁଜଙ୍ଗଠାରୁ ବ୍ରହ୍ମ ଅଣାଇ, ଖୋର୍ଦ୍ଧାଠାରେ ବନଯାଗ ବିଧି ଓ ବିଗ୍ରହ ସ୍ଥାପନ କରି ବ୍ରହ୍ମ ସ୍ଥାପନ କରିଥିଲେ (ନବମଅଙ୍କ ୧୫୭୩)। ୧୫୭୪ ମସିହାରେ ମୋଗଲମାନେ ବଙ୍ଗ ଓ ବିହାର ଅଧିକାର କରିନେଲେ। ଆଫଗାନ ନେତାମାନେ ଓଡ଼ିଶା ପଳେଇ ଆସିଲେ। ମୋଗଲ ସେନା ତାଙ୍କୁ ଅନୁଧାବନ କରି ଆସି ପହଞ୍ଚିଲେ। ବିଦ୍ରେହ, ବିଦ୍ରୋହ ଦମନ, ପୁନଃ ବିଦ୍ରୋହ ଓଡ଼ିଶାରେ ଅସ୍ଥିର ରାଜନୈତିକ ପରିସ୍ଥିତି ସୃଷ୍ଟିକରିଥିଲା। ଏହି ଅସ୍ଥିରତା ସମୟରେ ରାମଚନ୍ଦ୍ର ଦେବ ପୁରୀ ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଉପରେ ନିଜର ଅଧିକାର ପ୍ରତିଷ୍ଠା କଲେ ଓ ବିଗ୍ରହମାନଙ୍କୁ ଖୋର୍ଦ୍ଧାରୁ ବିନା ରଥରେ ଚଉଦୋଳରେ ବିଜେକରାଇ ଶ୍ରୀମନ୍ଦିରରେ ପୁନଃସ୍ଥାପନ କଲେ (ଏଗାର ଅଙ୍କ ୧୫୭୫)। ବିଗ୍ରହ ପ୍ରତିଷ୍ଠା ସହିତ ସେ ମହାପ୍ରସାଦର ପୁନଃ ପ୍ରଚଳନ ଓ ୧୫୬୮ ମସିହାରୁ ବନ୍ଦ ହୋଇଯାଇଥିବା ରଥଯାତ୍ରା ପୁନର୍ବାର ଆରମ୍ଭ କରାଇଥିଲେ। ଏହି ମହାନ କାର୍ଯ୍ୟପାଇଁ ସେ ସମସ୍ତଙ୍କ ଦ୍ୱାରା ଅଭିନନ୍ଦିତ ହୋଇ ସମ୍ମାନୀତ ହୋଇଥିଲେ। ସେବକ, ସନ୍ୟାସୀ, ବ୍ରାହ୍ମଣ, ପାତ୍ର, ମନ୍ତ୍ରୀ, ତାଙ୍କୁ ସମସ୍ତେ **ଦ୍ୱିତୀୟ ଇନ୍ଦ୍ରଦ୍ୟୁମ୍ନ ବା ଦୁତୀ ଇନ୍ଦ୍ରଦ୍ୟୁମ୍ନ ଓ ଅଭିନବ ଇନ୍ଦ୍ରଦ୍ୟୁମ୍ନ** ବୋଲି ଘୋଷଣା କଲେ। ତାଙ୍କର ବଶଂଧର ମାନେ 'ଇନ୍ଦ୍ରଦ୍ୟୁମ୍ନବତାର' ଉପାଧି ବ୍ୟବହାର କରୁଥିଲେ।

ରାମଚନ୍ଦ୍ର ଦେବଙ୍କ ଅନ୍ୟ ଏକ ମହତ୍ କାର୍ଯ୍ୟ ଓ କୀର୍ତ୍ତି ହେଉଛି ଖୋର୍ଦ୍ଧାରେ ଏକ ମନ୍ଦିର ନିର୍ମାଣ କରି ଶ୍ରୀଗୋପାଳ ମୂର୍ତ୍ତୀଙ୍କୁ ସ୍ଥାପନ କରିବା। ଗଜପତି ପ୍ରତାପରୁଦ୍ର ଦେବ କାଞ୍ଚି ଅଭିଯାନ ବେଳେ ବିଦ୍ୟାନଗରୀ ରାଜ ମହେନ୍ଦ୍ରୀରୁ ଶ୍ରୀଗୋପାଳ ମୂର୍ତ୍ତୀ, ମାଣିକ୍ୟ ସିଂହାସନ ଓ ଗଣେଶ ମୂର୍ତ୍ତୀ (ଶ୍ରୀମନ୍ଦିର ପରିସରରେ ଅବସ୍ଥାପିତ କାଞ୍ଚି ଗଣେଶ) ଆଣିଥିଲେ। କଟକରେ 'ଗୋପାଳପ୍ରିୟ ଜଗତି' ଠାରେ ଗୋପାଳ ମୂର୍ତ୍ତୀଙ୍କୁ ସ୍ଥାପନ କରିଥିଲେ। କଳାପାହାଡ ଆକ୍ରମଣ ପୁର୍ବରୁ ବିଗ୍ରହଙ୍କୁ ଗୁପ୍ତସ୍ଥାନକୁ ସ୍ଥାନାନ୍ତରିତ କରାଯାଇଥିଲା। ରାମଚନ୍ଦ୍ର ଦେବ ଗୋପାଳ ମୂର୍ତ୍ତୀଙ୍କୁ ଆଣି ଖୋର୍ଦ୍ଧାରେ ନୂତନ ମନ୍ଦିରରେ ପ୍ରତିଷ୍ଠା କରିଥିଲେ।

**ରାମଚନ୍ଦ୍ର ଦେବ ଓ ଆଫଗାନ - ମୋଗଲ ସଂଘର୍ଷ :-**

ରାମଚନ୍ଦ୍ର ଦେବ ଖୋର୍ଦ୍ଧାରାଜ୍ୟ ପ୍ରତିଷ୍ଠା କରିବା ବେଳକୁ ପୂର୍ବଭାରତର ରାଜନୈତିକ ସ୍ଥିତି ଅସ୍ଥିର ଥିଲା। ମୋଗଲ ଓ ଆଫଗାନ ଶକ୍ତି ମଧ୍ୟରେ ସଘଂର୍ଷ ଚାଲିଥିଲା। ବଙ୍ଗ ଓ ବିହାର ହରାଇବା ପରେ (୧୫୭୪) ଆଫଗାନ ବିଦ୍ରୋହୀମାନେ ଓଡିଶାରେ ଏକତ୍ରିତ ହୋଇଥିଲେ। ଓଡିଶା ସେମାନଙ୍କର ବିଦ୍ରୋହର କେନ୍ଦ୍ରସ୍ଥଳ ଥିଲା। ୧୫୭୬ ମସିହାରୁ ୧୫୮୩ ମସିହା ପର୍ଯ୍ୟନ୍ତ ଓଡିଶା ମୋଗଲ ଶାସନ ଅଧିନରେ ଆଇନତଃ ଥିଲା ସତ କିନ୍ତୁ ଆଫଗାନ୍ ବିଦ୍ରୋହ ଅବଦମିତ ହୋଇନଥିଲା। ୧୫୮୩ ରେ ଆଫଗାନ ବିଦ୍ରୋହୀ ନେତା କୁତୁଲ ଖାଁଙ୍କ ସହିତ ବୁଝାମଣା କରି ତାଙ୍କୁ ଓଡିଶାର ଶାସକ ରୁପେ ମୋଗଲ ସ୍ୱୀକୃତୀ ମିଳିଲା। କିନ୍ତୁ ଆଫାଗାନ୍‌ମାନଙ୍କର ବିଦ୍ରୋହାତ୍ମକ କାର୍ଯ୍ୟକଳାପ ଥମିନଥିଲା। ୧୫୯୦ ମସିହାରେ ରାଜା ମାନସିଂହ ଓଡିଶା ଆସିଲେ। ଆଫଗାନ୍‌ମାନଙ୍କ ସହିତ ଏକ ବୁଝାମଣା ହେଲା। ଶ୍ରୀମନ୍ଦିର ଓ ପାଶ୍ୱବର୍ତ୍ତୀ ଅଞ୍ଚଳ ମୋଗଲମାନଙ୍କୁ ହସ୍ତାନ୍ତର କରାହେଲା। ସେଠାରେ ଜଣେ ମୋଗଲ ତତ୍ତ୍ୱବଧାରକ ନିଯୁକ୍ତ ହେଲେ। ଏହା ମଧ୍ୟ କ୍ଷଣସ୍ଥାୟୀ ଥିଲା। ଆଫଗାନମାନେ ପୁଣି ବିଦ୍ରୋହ କଲେ। ମୋଗଲମାନଙ୍କ ସହିତ ସଂଘର୍ଷ ହେତୁ ଆଫଗାନମାନଙ୍କର ଶକ୍ତି ହ୍ରାସ ହେଲା। ରାମଚନ୍ଦ୍ର ଦେବଙ୍କୁ ନିଜ ରାଜ୍ୟକୁ ସଂଗଠିତ ଓ ଶକ୍ତଶାଳୀ କରିବାକୁ ସୁଯୋଗ ମିଳିଲା। ଆଫଗାନମାନେ ତାଙ୍କର ସାହାଯ୍ୟ ନେଇଥିଲେ। ରାମଚନ୍ଦ୍ର ଦେବ ସେମାନଙ୍କୁ ଆଶ୍ରୟ ଓ ସାହାଯ୍ୟ ପ୍ରଦାନ କରିଥିଲେ। ଆଫଗାନ ନେତାମାନେ ସାରଙ୍ଗଗଡଠାରେ ଅବସ୍ଥାନ କରିଥିଲେ। ଯୁବରାଜ ପୁରୁଷୋତ୍ତମ ଦେବ ମଧ୍ୟ ସେଠାରେ ଥିଲେ ୧୫୯୨ ମସିହାରେ ରାଜା ମାନସିଂହ ପୂନରର୍ବାର ଓଡ଼ିଶା ଅଭିଯାନରେ ଆସି ସାରଙ୍ଗଗଡ ଅଧିକାର କରିନେଲେ ଓ ଆଫଗାନ ଶକ୍ତିକୁ ସଂପୂର୍ଣ୍ଣ ଧ୍ୱସଂ କରି ମୋଗଲ ଶାସନ ପ୍ରତିଷ୍ଠା କଲେ। ଆଫଗାନ ଶାସନର ଅନ୍ତହେଲା। ଙ୍କ ସହିତ ସାରଙ୍ଗ ଗଡଠାରେ ଆଶ୍ରୟ ନେଇଥିଲେ। ମୋଗଲ ସେନା ସାରଙ୍ଗଗଡ ଅଧିକାର କରିନେଲେ। ଆଫଗାନ ଶାସନ ର ଅନ୍ତ ହେଲା।

ଆଫଗାନମାନଙ୍କୁ ଆଶ୍ରୟ ଦେଇଥିବାରୁ ରାମଚନ୍ଦ୍ର ଦେବଙ୍କୁ ଶିକ୍ଷା ଦେବାପାଇଁ ମାନସିଂହ ଖୋର୍ଦ୍ଧା ଆକ୍ରମଣ କରିବାକୁ ଯୋଜନା କଲେ। ଜଗନ୍ନାଥ ଦର୍ଶନ କରିବା ବାହାନାରେ ଯାଇ ପିପିଲିଠାରେ ସୈନ୍ୟ ଠୁଳ କଲେ। ରାମଚନ୍ଦ୍ର ଦେବ ନିଜପୁତ୍ରଙ୍କ ମାଧ୍ୟମରେ ଶାନ୍ତିପାଇଁ ପ୍ରସ୍ତାବ ପଠାଇଲେ। ସେ ନିଜେ ଆସି ଉପସ୍ଥିତ ନହେବାରୁ ମାନସିଂହ ଖୋର୍ଦ୍ଧା ଆକ୍ରମଣ କଲେ। ପ୍ରବଳ ପ୍ରତିରୋଧର ସମ୍ମୁଖୀନ ହେଲେ। ମୋଗଲ ସେନାର ବହୁ କ୍ଷୟକ୍ଷତି ହୋଇଥିଲା। ସହଜପାରି କଟକ, କାଲୁପଡା, ଭୂଇଁମୂଳ, ଅରାଗଡ ପ୍ରଭୃତି ଅଞ୍ଚଳ ମୋଗଲ ସେନା ଦ୍ୱାରା ଅଧିକୃତ ହେଲା। ବିଜୟ ତୁଳନାରେ କ୍ଷୟକ୍ଷତିର ପରିମାଣ ଅଧିକଥିଲା। ଏ ଖବର ପାଇ ଆକବର ବିରକ୍ତି ପ୍ରକାଶ କଲେ ଓ ତୁରନ୍ତ ଯୁଦ୍ଧ ବନ୍ଦ ପାଇଁ ନିର୍ଦ୍ଦେଶ ଦେଲେ।

ଆକବରଙ୍କ ନିର୍ଦ୍ଦେଶରେ ମୋଗଲସେନା ଖୋର୍ଦ୍ଧା ଆକ୍ରମଣରୁ ବିରତ ହେଲେ। ରାଜା ନିଜେ ଆସି ମାନସିଂହଙ୍କୁ ଦେଖା କଲେ। ସେମାନଙ୍କ

ମଧ୍ୟରେ ଆକବରଙ୍କ ନିର୍ଦ୍ଦେଶାନୁସାରେ ଏକ ଚୁକ୍ତି ସ୍ୱାକ୍ଷରୀତ ହେଲା (୧୫୯୨)। ରାମଚନ୍ଦ୍ର ଦେବ ଜଗନ୍ନାଥ ମନ୍ଦିରର ପରିଚାଳନା ଅଧିକାର ପାଇବା ପାଇଁ ମାନସିଂହଙ୍କ ନିକଟରେ ଦାବୀ କରିଥିଲେ। ମାନସିଂହ ରାମଚନ୍ଦ୍ରଦେବଙ୍କ ଉପରେ ସନ୍ତୁଷ୍ଟ ନଥିଲେ। ସେ ମୁକୁନ୍ଦ ଦେବଙ୍କ ପୁତ୍ର ତେଲେଙ୍ଗା ରାମଚନ୍ଦ୍ର ଦେବଙ୍କୁ ସମର୍ଥନ କରୁଥିଲେ। ରାମଚନ୍ଦ୍ର ଦେବ ତାଙ୍କର ଦାବି ରାଜା ଆକବରଙ୍କ ନିକଟରେ ଦିଲ୍ଲୀ ଦରବାରରେ ଉପସ୍ଥାପନ କରିଥିଲେ। ତେଲେଙ୍ଗା ରାମଚନ୍ଦ୍ର ଦେବ ମଧ୍ୟ ଫେରାଦ ହୋଇଥିଲେ। କିନ୍ତୁ ଆକବର ରାମଚନ୍ଦ୍ର ଦେବଙ୍କ ଦାବିକୁ ସମର୍ଥନ କରିଥିଲେ। ଏହା ରାମଚନ୍ଦ୍ର ଦେବଙ୍କର ଏକ କୁଟନୈତିକ ବିଜୟ ଥିଲା। ଚୁକ୍ତି ଅନୁସାରେ ରାମଚନ୍ଦ୍ର ଦେବଙ୍କୁ 'ଗଜପତି' ଓ 'ମହାରାଜା' ପଦବୀ ସହିତ ଖୋର୍ଦ୍ଧାରାଜା ଓ ଶ୍ରୀଜଗନ୍ନାଥ ମନ୍ଦିରର ତତ୍ତ୍ୱାବଧାରକ ରୁପେ ସ୍ୱୀକୃତି ପ୍ରଦାନ କରାଗଲା। ସେ ଆକବରଙ୍କ ବଶ୍ୟତା ସ୍ୱୀକାର କଲେ। ବାର୍ଷିକ କର ପ୍ରଦାନ କରିବାକୁ ସମ୍ମତ ହେଲେ ତାଙ୍କୁ ୩ ହଜାର ପଦାତିକ ଓ ୫ଶହ ଅଶ୍ୱାରୋହି ବାହିନୀର ମାନସବଦାର (ସେନା ନାୟକ) ପଦବୀ ପ୍ରଦାନ କରାଗଲା। ମାନସିଂହ ରାମଚନ୍ଦ୍ର ଦେବଙ୍କର ପ୍ରତିଦ୍ୱନ୍ଦି ଥିବା ତେଲେଙ୍ଗା ରାମଚନ୍ଦ୍ର ଦେବଙ୍କୁ ଓ ଛକଡି ଭ୍ରମରବରଙ୍କୁ ଯଥାକ୍ରମେ ଆଳି ଓ ପଟିଆର ରାଜାରୁପେ ଅବସ୍ଥାପିତ କଲେ। ସେମାନେ ରାମଚନ୍ଦ୍ର ଦେବଙ୍କୁ ଠାକୁର ରାଜା ବୋଲି ସ୍ୱୀକାର କଲେ। ରାଜା ମାନସିଂହଙ୍କ ସହିତ ରାମଚନ୍ଦ୍ର ଦେବ ନିଜର ପୁତ୍ର ପୁରୁଷୋତ୍ତମ ଦେବ ଓ କାଶି ପରିଜାଙ୍କୁ ମୋଗଲ ଦରବାରକୁ ପଠାଇଥିଲେ। ଏହା ପରେ ପରେ ରାଜା ମାନସିଂହ ଖୋର୍ଦ୍ଧା / ଓଡ଼ିଶା ଓ ତେଲେଙ୍ଗାନା ସିମାରେ ଅବସ୍ଥିତ ମାନପୁର (ବାଣପୁର) ଅଧିକାର କରି ଖୋର୍ଦ୍ଧା ରାଜ୍ୟ ସହିତ ଯୋଗ କରିଥିଲେ।

ରାମଚନ୍ଦ୍ର ଦେବଙ୍କର ବିଜ୍ଞତା, ଦୁରଦୃଷ୍ଟି, କୁଟନୀତି, ନିଷ୍ଠା ଓ ଉଦ୍ୟମ ଯୋଗୁ ନୁଆକରି ପ୍ରତିଷ୍ଠିତ ଖୋର୍ଦ୍ଧା ରାଜ୍ୟ, ଗଜପତି ପଦବୀ ଓ ଠାକୁର ରାଜା ପରଂପରା ସ୍ୱୀକୃତ ଓ ସୁରକ୍ଷିତ ହୋଇଥିଲା। ତାଙ୍କର ପ୍ରତିଦ୍ୱନ୍ଦୀ ଓ ପ୍ରତିବାଦୀମାନେ ନିରବ ହୋଇଯାଇଥିଲେ। ରାଜା ମାନସିଂହ ଓ ରାମଚନ୍ଦ୍ର ଦେବଙ୍କ ମଧ୍ୟରେ ହୋଇଥିବା ଚୁକ୍ତିଠାରୁ ହିଁ ଓଡିଶାରେ ଆଫଗାନ ଶାସନର ଅନ୍ତ ଓ ମୋଗଲ ଶାସନ ଆରମ୍ଭ ହୋଇଥିଲା।

**ଦକ୍ଷିଣ ଓଡ଼ିଶା :-**

ଓଡିଶାରାଜ୍ୟର ପତନ ପରେ ସୃଷ୍ଟ ରାଜନୈତିକ ଶୂନ୍ୟତା ଓ ବିଶୃଙ୍ଖଳାର ସୁଯୋଗ ନେଇ ଗୋଲକୁଣ୍ଡାର ଶାସକ (ଇବ୍ରାହିମ କୁତବଶାହ) ଦକ୍ଷିଣ ଓଡିଶା ଅଧିକାର କରିନେଲେ (୧୫୭୧)। କିନ୍ତୁ ଶ୍ରୀକାକୁଲମର ଉତ୍ତରକୁ ତାଙ୍କର ପୂର୍ଣ୍ଣ ନିୟନ୍ତ୍ରଣ ନଥିଲା। ୧୫୯୦ ମସିହାରେ (କୁଲ୍ଲିକୁତବଶାହ) ଖଲ୍ଲିକୋଟ, କୋଦଳା (ଆଠଗଡ) ମଙ୍ଗଳକୋଟ ଓ ଅନ୍ୟାନ୍ୟ ଅଞ୍ଚଳ ଅଧିକାର କରି ସେଠାରେ ମୁକୁନ୍ଦ ଦେବଙ୍କ ବଡ ବାପାଙ୍କ ପୁଅ ନରସିଂହ ବାହୁବଳେନ୍ଦ୍ରଙ୍କୁ ରାଜମହେନ୍ଦ୍ରୀ ଓ କଳିଙ୍ଗ ଦଣ୍ଡପାଟର ଶାସକ ରୁପେ ନିଯୁକ୍ତ କରିଥିଲେ। ନରସିଂହ ବାହୁବଳେନ୍ଦ୍ର, ରାମଚନ୍ଦ୍ର ଦେବଙ୍କୁ ସ୍ୱୀକାର ନକରି ନିଜକୁ ଓଡିଶା ରାଜ୍ୟର ପ୍ରକୃତ ଅଧିକାରୀ ବୋଲି ଘୋଷଣା କରି ଗଜପତି ଉପାଧି ଗ୍ରହଣ କରିଥିଲେ। ତାଙ୍କର ଉତ୍ତରାଧିକାରୀ ମୁକୁନ୍ଦ ରାଜ ବାହୁବଳେନ୍ଦ୍ର ଗୋଲକୁଣ୍ଡା ବିରୁଦ୍ଧରେ ବିଦ୍ରୋହ କରିଥିଲେ। ନିଜର ପ୍ରତିଦ୍ୱନ୍ଦୀ ହୋଇଥିବା ସତ୍ତ୍ୱେ ରାମଚନ୍ଦ୍ର ଦେବ ତାଙ୍କୁ ସାହାଯ୍ୟ କରିଥିଲେ ଓ ମୁକୁନ୍ଦ ରାଜ ସଫଳତା ଲାଭ କରିଥିଲେ। କିନ୍ତୁ ପରେ ଗୋଲକୁଣ୍ଡା ବାହୀନି ଦ୍ୱାରା ପରାଜିତ ହୋଇ ରାମଚନ୍ଦ୍ରଙ୍କ ଆଶ୍ରୟ ନେଇଥିଲେ। ତାପରେ ବଙ୍ଗ ପଳାୟନ କରିଥିଲେ। ଏହି ସମୟରେ ରାମଚନ୍ଦ୍ର ଦେବ ଖଲ୍ଲିକୋଟ, କୋଦଳା ପ୍ରଭୃତି ୮ଟି ରାଜ୍ୟ (ଘୁମୁସର, ଖଲିକୋଟ, ଆଠଗଡ଼, ଚିକିଟି, ମହୁରୀ, ସେରଗଡ, ପାଲୁର, ଟିକାଲି ରଘୁନାଥପୁର) ଅଧିକାର କରିନେଇଥିଲେ।

ଅନ୍ୟାନ୍ୟ କୃତିତ୍ୱ:-

ଗଜପତି ରାମଚନ୍ଦ୍ରଦେବ ବିଦ୍ୱାନ ଥିଲେ। ଜ୍ଞାନୀ, ଗୁଣୀ, ପଣ୍ଡିତମାନଙ୍କର ପୃଷ୍ଟପୋଷକତା କରିଥିଲେ। "ଦୁର୍ଗାସ୍ତୋବ ଚନ୍ଦ୍ରିକା" ଓ "ଶ୍ରୀକୃଷ୍ଣ ଭକ୍ତ ବାତ୍ସଲ୍ୟ ଚରିତ ନାଟକମ" ତାଙ୍କଦ୍ୱାରା ରଚିତ ହୋଇଥିଲା। କବି ଚିନ୍ତାମଣି ମିଶ୍ର "ବାଙ୍ମୟ ଚରିତ", "କାଦମ୍ବରୀ ସାର" ଓ "ସମ୍ବରାରି ଚରିତ" ରଚନା କରିଥିଲେ। କବିଚନ୍ଦ୍ର ବିଶ୍ୱନାଥ ସାମନ୍ତରାୟ ଜଣେ ମହାନ ପଣ୍ଡିତ ଥିଲେ। ରସମୟ କାବ୍ୟ "ରତ୍ନସାର"ର ଲେଖକ ଥିଲେ। ରାମଚନ୍ଦ୍ର ଦେବ ଓ ରାଜା ମାନସିଂହଙ୍କ ସହାୟତାରେ ଆକବରଙ୍କ ଦରବାର ଯାଇଥିଲେ। "ଗୋପୀ ଚନ୍ଦନ" କାବ୍ୟର ଚରୟିତା ଚାନ୍ଦ ଦାସ ରାମଚନ୍ଦ୍ରଙ୍କର ସଭା ପଣ୍ଡିତ ଥିଲେ। "ଲୀଳାବତୀ", "କଳାବତୀ", "ସାବିତ୍ରୀ ଚରିତ" ଓ "ପ୍ରେମ ଲୋଚନା" କାବ୍ୟ ବ୍ୟତୀତ ଅନେକ ଚଉତିଶା ରଚନା କରିଥିବା ପଣ୍ଡିତ ବିଷ୍ଣୁ ଦାସ ରାମଚନ୍ଦ୍ର ଦେବଙ୍କ ସମସାମୟିକ ବାଣୀ ସାଧକ ଥିଲେ।

ଶ୍ରୀମନ୍ଦିରରେ ନୂତନ ବିଗ୍ରହ ପ୍ରତିଷ୍ଠା ସହିତ ପୂଜାପାଠ ଓ ମହାପ୍ରସାଦ ସେବା ପୁନଃ ପ୍ରଚଳନ ଏବଂ ଖୋର୍ଦ୍ଧାଠାରେ ନୂତନ ମନ୍ଦିରରେ ଶ୍ରୀ ଗୋପାଳ ମୂର୍ତ୍ତୀଙ୍କୁ ସ୍ଥାପନ କରି ରାମଚନ୍ଦ୍ର ଦେବ ଓଡିଆମାନଙ୍କର ସମ୍ମାନର ଅଧିକାରୀ ହୋଇଗଲେ। ଓଡିଆ ଅସ୍ମୀତା ଓ ସ୍ୱାଭିମାନର ରକ୍ଷାକର୍ତ୍ତା ରୁପେ ପ୍ରତିଭାତ ହେଲେ। ମନୋବଳ ଭାଙ୍ଗି ଯାଇଥିବା ଦିଶାହୀନ ଏକ ଜାତିର ପୁନରୁଦ୍ଧାର କରିବାରେ ତାଙ୍କର ଭୂମିକା ମହାନଥିଲା। ଓଡିଶାର ମହାନ କୃତି ସନ୍ତାନ ଓ ଐତିହାସିକ ବ୍ୟକ୍ତିମାନଙ୍କ ମଧ୍ୟରେ ସେ ଅନ୍ୟତମ। ଜାତିର ଏକ ମହା ଦୁର୍ଦ୍ଦିନ ସମୟରେ ସେ ଓଡିଆ ପ୍ରାଣରେ ନୂତନ ସ୍ପନ୍ଦନ ସୃଷ୍ଟି କରିଥିଲେ। ପୁର୍ବର ରାଜନୈତିକ କ୍ଷମତା ଓ ଆଞ୍ଚଳିକ ଏକତା ପୁନଃ ପ୍ରତିଷ୍ଠା କରିବା ସମ୍ଭବ ନଥିଲା। କିନ୍ତୁ ସବୁ ଓଡିଆ ଜମିଦାର, ରାଜା ଓ ଜନସାଧାରଣଙ୍କ ମଧ୍ୟରେ ସାମାଜିକ ଓ ଧାର୍ମିକ ଏକତା ପ୍ରତିଷ୍ଠା ହୋଇଥିଲା। ନୂଆକରି ପ୍ରତିଷ୍ଠା ହୋଇଥିବା ଖୋର୍ଦ୍ଧା ରାଜ୍ୟ ଓଡ଼ିଶାର ରାଜନୈତିକ କାର୍ଯ୍ୟକଳାପର କେନ୍ଦ୍ରବିନ୍ଦୁ ଥିଲା। ଓଡ଼ିଶାର ଆତ୍ମସମ୍ମାନ ଓ ସ୍ୱାଭିମାନର ପ୍ରତିକ ଥିଲା। ଖୋର୍ଦ୍ଧାର ଇତିହାସ ହିଁ ତତ୍କାଳୀନ ଓଡ଼ିଶାର ଇତିହାସ ଥିଲା।

ଦୂରଭାଷ: ୯୮୬୧୦୧୬୩୪୯

# ସ୍ୱପ୍ନର ରାଜା

ବିଭୁ ପ୍ରସାଦ ହରିଚନ୍ଦନ



ଅଦ୍ଭୁତ ଭାବନା ସ୍ୱପ୍ନ ସହିତରେ
ଆସିଯାଏ କେବେ କେବେ,
ରାଜଦଣ୍ଡ ଧରି ରାଜ ସିଂହାସନେ
ନିଜକୁ ସମ୍ରାଟ ଭାବେ,
ମୁଣ୍ଡକୁ ହଲାଇ ସର୍ବେ
ମହାରାଜାଙ୍କର ଜୟ ହେଉ ବୋଲି
କହୁଥାନ୍ତି ବଡ଼ ଗର୍ବେ । ॥୧॥

ମନ ମଧ୍ୟେ ଭାବେ ଯେହେତୁ ମୁଁ ଶ୍ରେଷ୍ଠ
ପ୍ରଜା ମୋ ଉତ୍ତମ ହେବେ,
ସାମାନ୍ୟ ଦୋଷରେ କୁହେ ନିର୍ଭୟରେ
ପ୍ରାଣଦଣ୍ଡ ଦିଅ ଏବେ,
ଜୀବନେ ଦେଖିନ କେବେ
ମୋହପରି ଭଲ ମହାରାଜଟିଏ
ମିଳିବେନି ଏହି ଭବେ । ॥୨॥

ଚାଟୁକାର ଦଳେ ବସାଇ ପାଖରେ
କହୁଥିବି ଆବେ ଯାବେ,
ନୃତ୍ୟାଙ୍ଗନା ସବୁ ମଦମତ୍ତ ହୋଇ
ନୃତ୍ୟଗୀତ କରୁଥିବେ,
ସୁରା ଆଣ ଅବିଳମ୍ବେ
କହିଲା ବେଳକୁ ନିଦ ଭାଙ୍ଗିଯାଏ
ବଡ଼ ହିନସ୍ତିଆ ଭାବେ । ॥୩॥

ପଲ୍ଲା, ଖୋରଧା

# ସପନ ଗୋଧୂଳି

ଜ୍ଞାନ ଦାଶ



ସମୟ ଏମିତି ବୁଝେନାହିଁ କିଛି
ବାଟ ଚାଲୁ ଚାଲୁ ସରେ
ସମୟ ହସଇ ଗୋଧୂଳି ଲଗନେ
ଗୋଠ ଲେଉଟାଣି ବେଳେ...... । ॥୦॥


ସପନ ସରେନା ସମୟ ସରଇ
ସଂଜ ଆସେ ନଇଁ ନଇଁ
ସପନ ମଣିଷ ଗୋଲାପି ମନରେ
କିଛି ଆଶା ବିଂଚିଦେଇ
ମଉଳା ସଂଜରେ ଉଦାସୀ ଓଠରେ
ଖୁସିର ଝଲକ ଖେଳେ........ । ॥୧॥

ହେ ସମୟ ତୁମେ ଫେରିବକି ସତେ
ସପନ ହୋଇବ ସତ
ସାତ ସ୍ୱର ନେଇ ପ୍ରୀତିର ରାଗିଣୀ
ଶୁଭୁଥିବ ଅବିରତ
ସେଇ ଆଶା ନେଇ ଗୋଧୂଳି ସଂଜରେ
ବଂଚିଛି ମୁଁ ଅପେକ୍ଷାରେ........... । ॥୨॥

ନବିନାବାଗ, ଖୋରଧା

# ବଣ ପଶୁପକ୍ଷୀ ଆମରି ମିତ

**ଅଜୟ କୁମାର ସେଠୀ**



ପଶୁପକ୍ଷୀ ପରା ଆମରି ମିତ
ଜୀବଜଗତର କରନ୍ତି ହିତ ।
ଘରେ ହେଉ ଅବା ଜଙ୍ଗଲେ ରହି
କେତେ ଉପକାର କରନ୍ତି ସେହି
ତାଙ୍କ ପାଇଁ ପରିବେଶ ହସଇ
ତାଙ୍କୁ ବଞ୍ଚାଇବା ସାଥିଟି ହୋଇ ।

ରହିବାକୁ ତାଙ୍କୁ ବସା ମିଳେନା
ବନ୍ୟପ୍ରାଣୀଙ୍କର ସଂଖ୍ୟା ବଢ଼େନା ।
ଧିରେ ଧିରେ ତାଙ୍କ ବଂଶ ବୁଡ଼ଇ
ଆଗାମୀ ଦିନକୁ ନଥିବେ କେହିଁ ।
ଜଙ୍ଗଲ ପୋଡ଼ିବା, କାଟିବା ନାହିଁ
ଖାଦ୍ୟ, ଜଳ, ବସ୍ତ୍ର ଦେଉଛି ସେହି ।

ବଣ ଜଙ୍ଗଲତ ତାଙ୍କରି ଘର
ଜଙ୍ଗଲ ସୁରକ୍ଷା ଧର୍ମ ଆମର ।
ଗଛ କାଟିଦେଲେ କୁଆଡ଼େ ଯିବେ
ବିପଦରେ ପଡ଼ି ଜୀବନ ଦେବେ ।
ରାସ୍ତା, କାରଖାନା, ଘର କରୁଛେ
ସେଥିପାଇଁ ଗଛ ନିତି କାଟୁଛେ ।

ପଶୁ ପକ୍ଷୀଙ୍କର ସୁରକ୍ଷା ପାଇଁ
ଆସ ଦୁଇ ହାତ ଦେବା ବଢ଼େଇ ।
ଜଙ୍ଗଲରେ ରହି ସିଏ ହସିବେ
ଆନନ୍ଦରେ ସବୁ ଦିନ କାଟିବେ ।
ଆସରେ ସଭିଏଁ ଶପଥ ନେବା
ବନ୍ୟପ୍ରାଣୀଙ୍କର ସୁରକ୍ଷା ଦେବା ।

ଅଞ୍ଜିରା, ଓହ୍ଲାଣ, ନିରାକାରପୁର, ପୁରୀ
ମୋ - ୯୯୩୭୧୯୮୮୭୮

ତୁମେ ଭଲ ହୋଇପାରିଲ ନାହିଁ, ସେଇଟା ବଡ଼ ଦୋଷ ନୁହେଁ। ଭଲ ନହୋଇ ବାହାରକୁ ଭଲ ବୋଲି ଦେଖାଇ ହେବାଟା ହେଉଛି ଦୋଷାବହ।

# କାଠ ଉକୁଣୀ



ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର

କାଠ ଉକୁଣୀ ଏକପ୍ରକାର ସ୍ଥଳ ଭାଗରେ ରହୁଥିବା ସନ୍ଧିପଦ ପ୍ରାଣୀ। ଏହାର ଇଂରାଜୀ ନାମ ହେଉଛି Wood-lice ବା Swa-bugs ଏବଂ ùa ÷Û ß ^ ûc ùj CQò Oniscus asellus । ଏମାନେ ପୃଥିବୀର ପ୍ରାୟ ସବୁ ସ୍ଥାନରେ ଦେଖାଯାଆନ୍ତି। ବିଶେଷ କରି ଏମାନେ ପତ୍ର, ଶୁଖିଲା ଡାଳ, ପଥର ତଳେ, କାଠ ଗଣ୍ଡି ତଳେ, ଫୁଲକୁଣ୍ଡ ତଳେ ବାସ କରିଥାନ୍ତି। ଏମାନଙ୍କର ଦେହ ଓସାରିଆ ଓ ଦେହର ଲମ୍ବ ୧୮ମି.ମି ଅଟେ। ଦେହର ରଙ୍ଗ ସିଲଟ ରଙ୍ଗର ଓ ଧଳା ଧଳା ଦାଗ ଦେହ ସାରା ରହିଛି। ଦେହ ତିନି ଭାଗରେ ଯଥା ମୁଣ୍ଡ, ବକ୍ଷ ଓ ଉଦର ଭାବେ ବିଭକ୍ତ। ଦେହଟି ଦେଖିବାକୁ ଫ୍ୟାନ୍ ଭଳି। ମୁଣ୍ଡ ଭାଗରେ ଆଖି, ଶୃଙ୍ଗିକା ଓ ଉପଶୃଙ୍ଗିକା ରହିଛି। ବକ୍ଷ ଓ ଉଦର ଭାଗ ଛୋଟ ଅଟେ। ବକ୍ଷରେ ଥିବା ପ୍ରଥମ ଦୁଇଟି ଗୋଡ ଥିବା ବେଳେ ତାପରେ ଥିବା ସାତଯୋଡା ଗୋଡରେ ନଖ ରହିଛି। ଏହା ଦ୍ୱାରା ସେମାନେ ଚଳପ୍ରଚଳ କରିପାରନ୍ତି। ସ୍ତ୍ରୀ ପ୍ରାଣୀଠାରେ ଏକ ଥଳୀ ରହିଛି। ଏମାନେ ଶ୍ୱାସକ୍ରିୟା ପାଇଁ ଶ୍ୱାସ ନଳୀ ସବୁ ଉଦରରେ ଥିବା ଗୋଡ ପାଖେ ରହିଛି। ଉଦରଟି ପତ୍ର ଭଳି ଓ ଛୋଟ ଛୋଟ ଗାଲିସି ମଧ୍ୟ ଅଛି। ଶୀତରତୁରେ ଏମାନେ ଗଛପତ୍ର, ଡାଳ ଓ ପଥରଗଦା ତଳେ ରହିଥାନ୍ତି। ଅତ୍ୟଧିକ ଶୀତ ଏମାନେ ସମ୍ଭାଳି ପାରନ୍ତି ନାହଁ ଓ ଶୀତରତୁରେ ସେମାନେ ବାହାରକୁ ଆସନ୍ତି ନାହିଁ। ଛୋଟ ଛୋଟ କୀଟ, ବେଙ୍ଗ, ଗଛପତ୍ର ଆଦି ଖାଇଥାନ୍ତି। ସ୍ତ୍ରୀ ପ୍ରାଣୀ ଥରକେ ପ୍ରାୟ ୨୪ଗୋଟି ଅଣ୍ଡା ଦେଇଥାଏ। ଏହି ଅଣ୍ଡାଗୁଡ଼ିକ ଏକ ଥଳିରେ ରହିଥାଏ। ଥଳିଟି ଉଦର ଭାଗରେ ରହିଛି। କିଛି ଦିନ ପରେ ଅଣ୍ଡାଗୁଡିକରୁ ଛୋଟ ଛୋଟ ଛୁଆ ବାହାରି ଥାଏ। ବିଶେଷ କଥା ହେଲା ଅଣ୍ଡାରୁ ଛୁଆ ନବାହାରିବା ପର୍ଯ୍ୟନ୍ତ ଅଣ୍ଡାଗୁଡିକ ସେହି ସ୍ୱତନ୍ତ୍ର ଥଳିରେ ରହିଥାଏ। ଜନ୍ମ ବେଳେ ଛୁଆ ଗୁଡିକ ଅତି ଛୋଟ ଛୋଟ ଆକାରର ହୋଇଥାନ୍ତି। କିନ୍ତୁ ପ୍ରାପ୍ତ ବୟସ୍କ ଭଳି ସେମାନଙ୍କର ସମସ୍ତ ଅଙ୍ଗ ରହିଥାଏ।



ପ୍ରକୃତିର ଏହି ଛୋଟ ପ୍ରାଣୀଟିର ଜୀବନଚର୍ଯ୍ୟା ସ୍ୱତନ୍ତ୍ର ଅଟେ। ଏମାନଙ୍କର ଜୀବନ କାଳ ଉପରେ ଆହୁରି ଗବେଷଣା ଆବଶ୍ୟକ ରହିଛି। ପରିବେଶ ଓ ମନ୍ୟୁଷ ସମାଜ ପାଇଁ ଏମାନେ କ୍ଷତିକାରକ ପ୍ରାଣୀ ନୁହଁନ୍ତି। ଏହି ପ୍ରାଣୀ ଛୋଟ ହେଲେ ମଧ୍ୟ ଶୃଙ୍ଖଳିତ ପ୍ରାଣୀ ଭାବେ ପରିଚିତ।

**ପ୍ରାଣୀବିଜ୍ଞାନ ବିଭାଗ**
**ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ**
**ବାଙ୍କୀ, କଟକ**
**ଦୂରଭାଷ -୯୪୩୭୩୧୭୬୫୯**

# ଜୀର୍ଣ୍ଣ ଶିଳାର ବିଳାପ



ଶ୍ରୀମତୀ ରଶ୍ମିତା ନାୟକ

ଜୀର୍ଣ୍ଣଶିଳାର ବିଳାପ ଶୁଭୁଛି
ଶୁଖି ଯାଇଅଛି ଲୋତକ ଧାର
ଚନ୍ଦ୍ରଭାଗାଟା ଦୂରେଇ ଯାଇଛି
ଶୁଣି ପାରୁନାହିଁ କ୍ରନ୍ଦନ ତାର.... । ॥୧॥
ବିଜନ ବେଳାର ସାଗର ବୁକୁରେ
ମଥାପିଟି ଖୋଜେ ଲହରୀମାଳ
ଧିକ୍କାର କରେ ନିଜକୁ ଆଜିରେ
ଧରମାର କାହିଁ ପାଉନି ଧଳ...... । ॥୨॥
ବଳିଦାନ ତୁମ ଚେତାଇ ଦେଉଛି
ଉତ୍କଳ ମାତାର ଗୌରବ ଗାଥା
ସ୍ୱର୍ଣ୍ଣାକ୍ଷରେ ଲେଖା ତୁମ ଇତିହାସ
ସ୍ୱାଭିମାନ ତୁମ ହେଉଛି ବ୍ୟଥା..... । ॥୩॥
ଦେଶ ମାଟି ରହେଁ ତୁମରି ଗୌରବ
ଆଜିବି ରହିଛି ରହେଁ
ଝୁରୁଛି ଏ ଜାତି ଝୁରୁଛି ଏ ଦେଶ
ହଜିଗଲ ସତେ କାହିଁ ..........। ॥୪॥
ମହାନ ପିତାର ମହାନ ପୁତ୍ର ସେ
ବିଶ୍ୱ ରହିଁଛି ତୁମରି ପଥ
ଶାମୁକା ଗର୍ଭରୁ ମୁକ୍ତାକୁ ସାଉଁଟି
ଫେରି ଆସିବ ଯେ ତୁମରି ରଥ......। ॥୫॥

ଶିକ୍ଷୟିତ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ
କୁଶମାଟି, ଜଟଣୀ, ଖୋରଧା

# ଭାରତର ଐତିହାସିକ ବିଜୟ



ଆଶିଷ କୁମାର ରାୟ




କରୋନା ମହାମାରୀଜନିତ କାରଣରୁ ଦୀର୍ଘଦିନ ଧରି ଭାରତୀୟ ଦଳ ଆନ୍ତର୍ଜାତିକ କ୍ରିକେଟ ପ୍ରତିଯୋଗିତାରୁ ଦୂରେଇ ରହିବା ପରେ ଗତ ନଭେମ୍ବର ମାସରେ ଯାଇଥିଲା ଅଷ୍ଟ୍ରେଲିଆ ଗସ୍ତରେ। ଲକ୍‌ଡାଉନ୍ ଯୋଗୁଁ କ୍ରୀଡ଼ା ଆୟୋଜନ ବନ୍ଦ ରହିବା ପରେ ସଂଯୁକ୍ତ ଆରବ ଏମିରେଟ୍‌ସରେ ଖେଳାଯାଇଥିଲା ୨୦୨୦ର ଇଣ୍ଡିଆନ୍ ପ୍ରିମିୟର ଲିଗ୍ ଏବଂ ଏହାର ପରିସମାପ୍ତି ପରେ ବିରାଟ କୋହଲୀଙ୍କ ନେତୃତ୍ୱରେ ଭାରତୀୟ ଦଳର ଅଷ୍ଟ୍ରେଲିଆ ଗସ୍ତ ଆରମ୍ଭ ହେଲା। ପ୍ରଥମେ ଉଭୟ ଦଳ ମଧ୍ୟରେ ତିନିଟି ଲେଖାଏଁ ଏକ ଦିବସୀୟ ତଥା ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ ମ୍ୟାଚ୍ ଖେଳାଯିବା ପରେ ଆରମ୍ଭ ହୋଇଥିଲା ଘଟଣାବହୁଳ ଟେଷ୍ଟ ସିରିଜ୍। ଏକ ଦିବସୀୟ ସିରିଜ୍‌ରେ ଅଷ୍ଟ୍ରେଲିଆ ୨-୧ ରେ ବିଜୟୀ ହୋଇଥିବା ବେଳେ ଟି-ଟ୍ୱେଣ୍ଟି ସିରିଜ୍‌ରେ ଭାରତ ବିଜୟୀ ହୋଇଥିଲା ସେହି ୨-୧ର ବ୍ୟବଧାନରେ। ସେହି ଦୃଷ୍ଟିରୁ ଟେଷ୍ଟ ସିରିଜ୍ ଉପରେ ଥିଲା ସମସ୍ତଙ୍କର ନଜର। ଏଥିରେ ବିଜୟୀ ହୋଇ ବର୍ଡର-ଗାଭାସ୍କର ଟ୍ରଫି ଉପରେ ନିଜର ଅଧିକାର ସାବ୍ୟସ୍ତ କରିବା ସହିତ ବିଶ୍ୱ ଟେଷ୍ଟ ଚାମ୍ପିଆନଶିପ୍ ତାଲିକାରେ ଶୀର୍ଷ ସ୍ଥାନ ମଣ୍ଡନ କରିବା ଥିଲା ଉଭୟ ଦଳର ଲକ୍ଷ୍ୟ।

ଉଭୟ ଦଳ ମଧ୍ୟରେ ପ୍ରଥମ ଟେଷ୍ଟଟି ଖେଳାଯାଇଥିଲା ଆଡିଲେଡ୍ ଓଭାଲ୍‌ରେ। ଦିବା-ରାତ୍ରି ବିଶିଷ୍ଟ ସେହି ଟେଷ୍ଟ ମ୍ୟାଚରେ ଅଷ୍ଟ୍ରେଲିଆ ଆଠ ଓ୍ୱିକେଟ୍‌ରେ ବିଜୟୀ ହୋଇ ସିରିଜ୍‌ରେ ଅଗ୍ରଣୀ ଲାଭ କଲା। ପ୍ରଥମ ଇନିଂସରେ ଅଗ୍ରଣୀ ଲାଭ କରିବା ସତ୍ତ୍ୱେ ଦ୍ୱିତୀୟ ଇନିଂସରେ ଭାରତୀୟ ଦଳ ଯେଭଳି ଢଙ୍ଗରେ ମାତ୍ର ୩୬ରନରେ ଅଲଆଉଟ୍ ହେଲା ତାହା ଥିଲା ଅତ୍ୟନ୍ତ ଲଜ୍ଜାଜନକ। ଜୋସ୍ ହାଜେଲ୍‌ଉଡ୍ ଏବଂ ପ୍ୟାଟ୍ କମିନ୍ସଙ୍କ ଘାତକ ବୋଲିଂକୁ ସେଦିନ କେହି ହେଲେ ସାମନା କରିପାରିଲେ ନାହିଁ। ଟେଷ୍ଟ କ୍ରିକେଟରେ ଏହା ଥିଲା ଭାରତର ସର୍ବନିମ୍ନ ସ୍କୋର୍। ୧୯୭୧ରେ ଇଂଲାଣ୍ଡ ବିପକ୍ଷରେ ଭାରତ ୪୨ ରନରେ ଅଲ୍‌ଆଉଟ୍ ହୋଇ ଯେଉଁ ଅଲୋଡ଼ା ରେକର୍ଡ କରିଥିଲା ତାହା ଏଠାରେ ଭଙ୍ଗ ହେଲା। ଏଭଳି ଶୋଚନୀୟ ପରାଜୟ ପରେ ଦଳ ଯେ ମୁଣ୍ଡ ଟେକି ଛିଡ଼ା ହେବ ତାହା ଥିଲା ସମସ୍ତଙ୍କ କଳ୍ପନାର ବାହାରେ। ଅନେକ କ୍ରିକେଟ ବିଶେଷଜ୍ଞ ତ ସିରିଜ୍‌ରେ ଭାରତର ୪-୦ରେ ପରାଜୟର ଆଶଙ୍କା ବ୍ୟକ୍ତ କରିଥିଲେ। ପ୍ରଥମ ଟେଷ୍ଟ ପରେ ବିରାଟ କୋହଲୀ ଭାରତ ଫେରିଆସିଥିବା ଦୃଷ୍ଟିରୁ ଏବଂ ମହମ୍ମଦ ଶାମି ଆଘାତପ୍ରାପ୍ତ ହୋଇ ଦଳରୁ ବାଦ ପଡ଼ିଥିବା ଦୃଷ୍ଟିରୁ ଦ୍ୱିତୀୟ ଟେଷ୍ଟରେ ଭାରତ କିଭଳି ଅଷ୍ଟ୍ରେଲିଆର ମୁକାବିଲା କରିବ ତାହା ଥିଲା ଏକ ବଡ଼ ପ୍ରଶ୍ନବାଚୀ।

ମେଲବୋର୍ଣ୍ଣରେ ଖେଳାଯାଇଥିବା ଦ୍ୱିତୀୟ ଟେଷ୍ଟରେ କିନ୍ତୁ ଭାରତ ସମସ୍ତଙ୍କୁ ଚମକୃତ କରିଦେଲା। ମ୍ୟାଚରେ ଅଧିନାୟକ ଦାୟିତ୍ୱ ବହନ କରୁଥିବା ଅଜିଙ୍କ୍ୟ ରାହାଣେ ଶତକ ହାସଲ କରି ଦଳ ପାଇଁ ଉଦାହରଣ ସୃଷ୍ଟି କଲେ। ତାଙ୍କ ବ୍ୟତୀତ ନବାଗତ ଶୁବମନ ଗିଲ୍‌ଙ୍କ ଉପଯୋଗୀ ବ୍ୟାଟିଂ, ରବୀନ୍ଦ୍ର ଜାଦେଜାଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ ତଥା ଯଶପ୍ରୀତ ବୁମ୍ରା, ରବିଚନ୍ଦ୍ରନ ଅଶ୍ୱିନ୍ ଏବଂ ଅନ୍ୟଜଣେ ନବାଗତ ମହମ୍ମଦ ସିରାଜଙ୍କ ଉନ୍ନତ ବୋଲିଂ ଫଳରେ ଭାରତୀୟ ଦଳ ଆଠ ଓ୍ୱିକେଟରେ ବିଜୟୀ ହୋଇ ଆଡିଲେଡ୍‌ଠାରେ ମିଳିଥିବା ପରାଜୟର ପ୍ରତିଶୋଧ ନେଲା। ମେଲ୍‌ବୋର୍ଣ୍ଣରେ ରାହାଣେଙ୍କ କୌଶଳପୂର୍ଣ୍ଣ ନେତୃତ୍ୱ ମଧ୍ୟ ଥିଲା ବେଶ୍ ଚର୍ଚ୍ଚାର ବିଷୟ ଏବଂ ଭାରତୀୟ ଖେଳାଳିମାନେ ପୂର୍ବ ମ୍ୟାଚର ପରାଜୟକୁ ଭୁଲି ଯେଭଳି ଉତ୍ସାହର ସହିତ ଖେଳି ବିଜୟୀ ହେଲେ ତାହା ଥିଲା ଅତ୍ୟନ୍ତ ପ୍ରଶଂସାଜନକ।

ଏହାପରେ ନୂଆ ବର୍ଷରେ ସିରିଜ୍‌ର ତୃତୀୟ ଟେଷ୍ଟଟି ଥିଲା ସିଡ୍‌ନୀଠାରେ। ଏହି ଟେଷ୍ଟକୁ ଜିତିବା ନିମନ୍ତେ ଅଷ୍ଟ୍ରେଲିଆ ଦଳ ପାରୁପର୍ଯ୍ୟନ୍ତ ଚେଷ୍ଟା କରିଥିଲା। ଷ୍ଟିଭେନ୍ ସ୍ମିଥ୍ ଓ ମାର୍ନସ୍ ଲାବୁଶେନ୍‌ଙ୍କ ଦୃଢ଼ ବ୍ୟାଟିଂ ଯୋଗୁଁ ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୯୪ରନରେ ଅଗ୍ରଣୀ ଲାଭ କରିଥିଲା।

ଦ୍ୱିତୀୟ ଇନିଂସରେ ମଧ୍ୟ ସେମାନେ ଉନ୍ନତ ବ୍ୟାଟିଂ କରି ପାଳି ସମାପ୍ତି ଘୋଷଣା କରିବା ସହିତ ଭାରତ ସମ୍ମୁଖରେ ୪୦୭ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କଲେ। ରୋହିତ ଶର୍ମା ଓ ଶୁବମନ ଗିଲ୍ ଭଲ ଆରମ୍ଭ କରିଥିଲେ ହେଁ ସେ ଦୁହିଁଙ୍କ ସହିତ ଅଧିନାୟକ ରାହାଣେ ଆଉଟ୍ ହେବା ବେଳକୁ ଭାରତର ସ୍କୋର୍ ଥିଲା ୧୦୨ ରନ ଏବଂ ଖେଳ ଆହୁରି ୯୫ ଓଭର ବାକି ଥିଲା। ଏଥି ସହିତ ରବୀନ୍ଦ୍ର ଜାଡେଜା ଆଘାତପ୍ରାପ୍ତ ହୋଇଥିବା ଦୃଷ୍ଟିରୁ ଅଷ୍ଟ୍ରେଲିଆର ବିଜୟ ସମ୍ଭାବନା ଥିଲା ଅଧିକ। ସେହି ସମୟରୁ ଚେତେଶ୍ୱର ପୂଜାରା ଗୋଟିଏ ପଟେ ଦେଖି ଚାହିଁ ଖେଳି ୭୭ ରନ କରିଥିବା ବେଳେ ରଷଭ ପନ୍ତ ସ୍ୱାଭାବିକ ଭାବେ ଆକ୍ରମଣାତ୍ମକ ଭଙ୍ଗୀରେ ଖେଳି ୯୭ ରନ ସ୍କୋର୍ କରିଥିଲେ। ସେମାନେ ଆଉଟ ହେବା ପରେ ହନୁମା ବିହାରୀ ଓ ରବିଚନ୍ଦ୍ରନ ଅଶ୍ୱୀନ୍ ଟେଷ୍ଟକୁ ଅମୀମାଂସିତ ରଖିବା ଦିଗରେ ଅଧିକ ଯତ୍ନବାନ ହେଲେ। ଅଷ୍ଟ୍ରେଲୀୟ ବୋଲରଙ୍କ ମାରାତ୍ମକ ବୋଲିଂରେ ବାରମ୍ବାର ଆଘାତପ୍ରାପ୍ତ ହେବା ସତ୍ତ୍ୱେ ଏ ଦୁହେଁ ଯେପରି ଭାବେ ପିଚ୍ ଉପରେ ୪୨ ଓଭର ବିତାଇ ମ୍ୟାଚ୍‌କୁ ଅନିର୍ଣ୍ଣିତ ରଖିଲେ ତାହା ନିଶ୍ଚିତ ଭାବେ ଥିଲା ପ୍ରଶଂସାଯୋଗ୍ୟ।



ଏହାପରେ ଜାନୁଆରୀ ୧୫ ତାରିଖରୁ ଆରମ୍ଭ ହେଲା ଘଟଣାବହୁଳ ଚତୁର୍ଥ ଟେଷ୍ଟ। ଏହି ଟେଷ୍ଟ ଖେଳାଯାଇଥିଲା ବ୍ରିସ୍‌ବେନ୍‌ର ଗାବ୍‌ବା ଷ୍ଟାଡିୟମରେ, ଯେଉଁଠି ଭାରତ ପୂର୍ବରୁ ଗୋଟିଏ ବି ଟେଷ୍ଟ ଜିତି ନଥିବା ବେଳେ ଦୀର୍ଘ ୩୨ବର୍ଷ ଧରି ସେଠାରେ ଅଷ୍ଟ୍ରେଲିଆ ଗୋଟିଏ ବି ଟେଷ୍ଟ ହାରିନଥିଲା। ଏହି ଟେଷ୍ଟ ପାଇଁ ଭାରତ ଅପେକ୍ଷାକୃତ ଏକ ଅନଭିଜ୍ଞ ଦଳକୁ ନେଇ ଖେଳିବା ନିମନ୍ତେ ବାଧ୍ୟ ହୋଇଥିଲା। ବିରାଟ କୋହଲୀ ତ ପିତୃତ୍ୱ ଅବକାଶ ନେଇ ଭାରତ ଚାଲି ଆସିଥିଲେ। ତାଙ୍କ ପଛକୁ ମହମ୍ମଦ ଶାମି, ଉମେଶ ଯାଦବ, ଜଶପ୍ରୀତ୍ ବୁମରାଙ୍କ ଭଳି ଦଳର ପ୍ରମୁଖ ଷ୍ଟ୍ରାଇକ୍ ବୋଲର ଜଣକ ପରେ ଜଣେ ଆଘାତପ୍ରାପ୍ତ ହୋଇ ଦଳରୁ ବାଦ ପଡ଼ିଥିଲେ। ଏମାନଙ୍କ ବ୍ୟତୀତ ସିଡନୀ ଟେଷ୍ଟରେ ରବୀନ୍ଦ୍ର ଜାଡେଜାଙ୍କ ଆଙ୍ଗୁଳି ଭାଙ୍ଗିଯିବା ତଥା ହନୁମା ବିହାରୀ ଓ ରବିଚନ୍ଦ୍ରନ ଅଶ୍ୱୀନ ଶେଷ ଦିବସରେ ବାରମ୍ବାର ବଡିଲାଇନ୍ ବୋଲିଂର ଶିକାର ହେବା ଥିଲା ଦଳ ପାଇଁ ବହୁତ ବଡ଼ ଧକ୍କା। ଆଘାତ ଏତେ ଅଧିକ ଥିଲା ଯେ, ବ୍ରିସ୍‌ବେନ୍‌ରେ ଏମାନଙ୍କର ଖେଳିବା ସମ୍ଭାବନା ଆଦୌ ନଥିଲା। କେବଳ ସେତିକି ନୁହେଁ ଚେତେଶ୍ୱର ପୂଜାରା, ରଷଭ ପନ୍ତ ଏପରିକି ଅଧିନାୟକ ଅଜିଙ୍କ୍ୟ ରାହାଣେ ମଧ୍ୟ ଆଘାତପ୍ରାପ୍ତ ହୋଇଥିଲେ ହେଁ ଆଘାତ ଏତେଟା ଅଧିକ ନଥିବାରୁ ସେମାନେ ଖେଳିଲେ। ଏମାନଙ୍କ ସହିତ ରୋହିତ ଶର୍ମା ଓ ମୟଙ୍କ ଅଗ୍ରୱାଲଙ୍କୁ ଛାଡ଼ିଦେଲେ ବ୍ରିସ୍‌ବେନ୍ ଟେଷ୍ଟରେ ଅବତୀର୍ଣ୍ଣ ହୋଇଥିବା ବାକି ଛଅଜଣ ଖେଳାଳି ଥିଲେ ସଂପୂର୍ଣ୍ଣ ନବାଗତ।

ଆହତ ସମସ୍ୟା ବ୍ୟତୀତ ସିଡନୀ ଭଳି ଏଠାରେ ମଧ୍ୟ ପିଚ୍ ଉପରେ ବଡିଲାଇନ୍ ବୋଲିଂ, ଗ୍ୟାଲେରୀରୁ ଦର୍ଶକମାନଙ୍କ ଗାଳିଗୁଲଜ ଓ ଜାତିଆଣ ମନ୍ତବ୍ୟ ତଥା କଠୋର କୋଭିଡ୍ କଟକଣା ଭଳି ପ୍ରତିକୂଳ ପରିସ୍ଥିତିର ସାମନା ମଧ୍ୟ କରିବାକୁ ପଡ଼ିଥିଲା ଆମ ଖେଳାଳିମାନଙ୍କୁ। ଏତେ ସବୁ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଭାରତୀୟ ଦଳର ଖେଳାଳିମାନେ ଯେଉଁ ଭଳି ଚମତ୍କାର କ୍ରୀଡ଼ାନୈପୁଣ୍ୟ ପ୍ରଦର୍ଶନ ପୂର୍ବକ ବିଜୟ ହାସଲ କଲେ , ତାହାହିଁ ଏହି ଟେଷ୍ଟକୁ ଅତ୍ୟନ୍ତ ସ୍ମରଣୀୟ କରିତୋଳିଲା। ଭାରତକୁ ମିଳିଲା ଏକ ଐତିହାସିକ ବିଜୟ। ଏହି ବିଜୟରେ ଅଜିଙ୍କ୍ୟ ରାହାଣେଙ୍କ ନେତୃତ୍ୱ ସହିତ ନବାଗତ ବୋଲର ଟି. ନଟରାଜନ ଓ ମହମ୍ମଦ ସିରାଜଙ୍କ ଚମତ୍କାର ବୋଲିଂ ସହିତ ୱାସିଙ୍ଗଟନ୍ ସୁନ୍ଦର ଓ ଶାର୍ଦ୍ଦୁଲ ଠାକୁରଙ୍କ ପ୍ରଭାବଶାଳୀ ଅଲ୍‌ରାଉଣ୍ଡ ପ୍ରଦର୍ଶନ ନିଶ୍ଚିତ ଭାବେ ପ୍ରମୁଖ ଭୂମିକା ଗ୍ରହଣ କଲା। ତେବେ ଅନ୍ତିମ ଦିବସରେ ୩୨୮ରନର ବିଜୟ ଲକ୍ଷ୍ୟକୁ ପିଛା କରି ଯେଉଁଭଳି ଏକ ନିର୍ଦ୍ଦିଷ୍ଟ ଯୋଜନା ଅନୁସାରେ ଭାରତର ବ୍ୟାଟ୍‌ସମ୍ୟାନମାନେ ଖେଳିଲେ ତାହା ସମସ୍ତଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା।

ରୋହିତ ଶର୍ମା ଶୀଘ୍ର ଆଉଟ୍ ହେବା ପରେ ଗୋଟିଏ ଦିଗରେ ଶୁବମନ୍ ଗିଲ୍ କିଛିଟା ଦ୍ରୁତ ବ୍ୟାଟିଂ କରି ୯୧ ରନ କରିଥବା ବେଳେ ଅନ୍ୟ ଦିଗରେ ଚେତେଶ୍ୱର ପୂଜାରା ବହୁବାର ଆଘାତପ୍ରାପ୍ତ ହୋଇ ମଧ୍ୟ ଅଚଳ ମେରୁ ସଦୃଶ ଛିଡ଼ା ହୋଇ ୫୬ରନ ସ୍କୋର କରିଥିଲେ। ଅଧିନାୟକ ରାହାଣେଙ୍କ ବ୍ୟାଟ୍‌ରୁ ଆସିଥିଲା ୨୪ ରନ। ପୂଜାରା ଆଉଟ୍ ହେବା ବେଳକୁ ଭାରତକୁ ଜିତିବା ପାଇଁ ଆବଶ୍ୟକ ଥିଲା ଠିକ୍ ଶହେ ରନ୍। ସେହି ସମୟରେ ପୂର୍ବରୁ ବ୍ୟାଟିଂ କରୁଥିବା ରଷଭ ପନ୍ତ ଏକଦିବସୀୟ ଶୈଳୀରେ ଖେଳିବା ଆରମ୍ଭ କରିଦେଲେ। ୱାସିଙ୍ଗଟନ ସୁନ୍ଦରଙ୍କ ସହିତ ତାଙ୍କର ଅର୍ଦ୍ଧଶତକୀୟ ଭାଗିଦାରୀ ଥିଲା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ। ପରିଶେଷରେ ପନ୍ତଙ୍କ ଅପରାଜିତ ୮୯ରନର ଚମତ୍କାର ଇନିଂସ ବଳରେ ଭାରତ ତିନି ୱିକେଟ୍‌ରେ ହାସଲ କଲା ଐତିହାସିକ ବିଜୟ। ଯାବତୀୟ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଆମର ଯୁବ ଖେଳାଳିମାନେ ଆହ୍ୱାନକୁ ଯେପରି ସକାରାତ୍ମକ ଭାବେ ଗ୍ରହଣ କଲେ ତାହା ଆଦୌ ଭୁଲିଯିବା ଭଳି ନୁହେଁ। ଏହି ବିଜୟ ସହିତ ଭାରତ ୨-୧ରେ ସିରିଜ୍ ଜିତି ବର୍ଡର-ଗାଭାସ୍କର ଟ୍ରଫି ଉପରେ ପୁନର୍ବାର ନିଜର ଅଧିକାର ସାବ୍ୟସ୍ତ କରିନେଲା।

ମୋ- ୯୪୩୭୬୨୭୫୧୪

# ସମ୍ବାଦ ବିଚିତ୍ରା

୧. ଉତ୍ତରାଖଣ୍ଡର ଚମୋଲୀରେ ଗ୍ଲାସିଆର ଭାଙ୍ଗିଯିବାରୁ ୧୫୦ ଜଣଙ୍କ ମୃତ୍ୟୁ ହୋଇଛି।

୨. ପାର୍ଲାମେଣ୍ଟ ପରିସରର ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଫାଟକ କ୍ରମାଙ୍କ -୧ ରୁ ହଟାଇ ଦିଆଯାଇ ଫାଟକ କ୍ରମାଙ୍କ - ୨ ଏବଂ ଫାଟକ କ୍ରମାଙ୍କ - ୩ ମଧ୍ୟରେ ସ୍ଥାପନ କରାଯାଇଛି।

୩. ଭାରତରେ ଦିଆଯାଉଥିବା କରୋନା ଟିକା ସୁରକ୍ଷିତ। ପ୍ରାୟତଃ ୦.୧୮% ଠାରେ ପାର୍ଶ୍ୱ ପ୍ରତିକ୍ରିୟା ପରିଲକ୍ଷିତ ହେଉଛି।

୪. ନେତାଜୀ ସୁଭାସ ଚନ୍ଦ୍ର ବୋଷଙ୍କ ଜନ୍ମଦିନକୁ ଅର୍ଥାତ ୨୩ ଜାନୁଆରୀକୁ ପରାକ୍ରମ ଦିବସ ଭାବେ ସମଗ୍ର ଦେଶରେ ପାଳନ କରାଯାଇଥିଲା।

୫. ଦେଶର ପ୍ରତିରକ୍ଷା ବ୍ୟବସ୍ଥାକୁ ଦୃଢ଼ କରିବାପାଇଁ ଋଷଠାରୁ ଭାରତ ୨୧ଟି ମିଗ୍ - ୨୯ ଏବଂ ୧୨ ଟି ସୁଖୋଇ - ୩୦ ଜେଟ୍ ବିମାନ କିଣିବ।

୬. ଜାନୁଆରୀ ୮ ତାରିଖ, ୨୦୨୧ ସୁଦ୍ଧା ଦେଶରେ ଦିନକୁ ୭୬ କି.ମି ଜାତୀୟ ରାଜପଥ ନିର୍ମାଣ ହୋଇଛି।

୭. ବ୍ରିଟେନ୍ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ୍ ଆସନ୍ତା ଜୁନ୍ ମାସରେ ହେବାକୁ ଥିବା ଜି - ୭ ସମ୍ମିଳନୀରେ ଯୋଗ ଦେବାପାଇଁ ନରେନ୍ଦ୍ର ମୋଦୀଙ୍କୁ ଆମନ୍ତ୍ରଣ କରିଛନ୍ତି।

୮. ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପ୍ରତିମାକୁ ବିଶ୍ୱ ପର୍ଯ୍ୟଟନରେ ସ୍ଥାନ ଦେବାପାଇଁ ଗୁଜୁରାଟର କେବଡ଼ିଆ ପର୍ଯ୍ୟନ୍ତ ୮ଟି ଟ୍ରେନ ଚଳାଚଳ କରୁଛି।

୯. ଦେଶରେ ଘଟୁଥିବା ସଡ଼କ ଦୁର୍ଘଟଣା ପାଇଁ ମୁଖ୍ୟତଃ ଡ୍ରାଇଭରମାନେ ଦାୟୀ, କାରଣ ୯୫% ଡ୍ରାଇଭରଙ୍କୁ ଟ୍ରାଫିକ୍ ନିୟମ ଜଣାନାହିଁ।

୧୦. ନୂଆ ସଂସଦ ଭବନର ଆକୃତି ୩ କୋଣିଆ ବିଶିଷ୍ଟ - ଯାହା ୨୦୨୨ ଅଗଷ୍ଟ ୧୫ ତାରିଖ ସୁଦ୍ଧା ନିର୍ମାଣ କରିବାପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

୧୧. ଜାନୁଆରୀ ୮ ତାରିଖରେ ୨୦ ମାସର ଶିଶୁ ଦିଲ୍ଲୀର ରୋହିଣୀ ଅଞ୍ଚଳରେ ପ୍ରଥମ ମହଲାରୁ ଖସିପଡ଼ିଥିଲା। ଜାନୁଆରୀ ୧୧ ତାରିଖରେ ତାଙ୍କୁ ବ୍ରେନ୍ ଡ଼େଡ୍ ଘୋଷଣା କରାଗଲା। ବାପା, ମାଆଙ୍କ ନିଷ୍ପତ୍ତି ଅନୁସାରେ ତାଙ୍କର ହୃଦୟ, ଲିଭର୍, କିଡ଼ନି ଏବଂ କର୍ଣ୍ଣ ମଧ୍ୟ ବାହାର କରାଯାଇ ପାଞ୍ଚଜଣଙ୍କ ଠାରେ ପ୍ରତ୍ୟାରୋପଣ କରାଯାଇଥିଲା।

୧୨. ୮୩ ଟି ତେଜସ୍ ବିମାନ କିଣିବାପାଇଁ ୪୮ ହଜାର କୋଟି ଟଙ୍କାର ପ୍ରସ୍ତାବକୁ କେବିନେଟ୍ ମଂଜୁରୀ ଦେଇଛି।

୧୩. ଦେଶ ସ୍ୱାଧୀନ ହେବାପରେ ପ୍ରଥମଥର ପାଇଁ ସଂସଦରେ ପେପର ଲେସ୍ ବଜେଟ୍ ଉପସ୍ଥାପନ କରାଯାଇଛି।

୧୪. ଇନଷ୍ଟାଣ୍ଟ ମେସେଜିଂ ଆପ ଦୌଡ଼ରେ ଟେଲିଗ୍ରାମ ,ହ୍ୱାଟସ୍ ଆପ ଓ ସିଗନାଲ ଆପ୍‌କୁ ଟପିଯାଇଛି।

୧୫. ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନରେ ଆମେରିକାକୁ ପୁଣିଥରେ ସାମିଲ କରିବାକୁ ବାଇଡ଼େନ୍ ନିଷ୍ପତ୍ତି ନେଇଛନ୍ତି।

୧୬. ଓଲା ତାମିଲନାଡୁରେ ଭାରତର ସବୁଠୁ ବଡ଼ ଆଡ଼ଭାନସ୍ ବୈଦ୍ୟୁତିକ୍ ଯାନ ନିର୍ମାଣ କାରଖାନା ସ୍ଥାପନ କରିବ। ଏଇ ପ୍ଲାଣ୍ଟରେ ୧୦,୦୦୦ ଲୋକ ନିଯୁକ୍ତି ପାଇବେ।

୧୭. ଅଯୋଧ୍ୟା ରାମ ମନ୍ଦିର ନିର୍ମାଣ କରିବାପାଇଁ ପୂର୍ବତନ କ୍ରିକେଟର ଶ୍ରୀ ଗଉତମ ଗମ୍ଭୀର ଏକ କୋଟି ଟଙ୍କା ଦାନ କରିଛନ୍ତି।

୧୮. ୨୦୧୮ ମସିହାରେ ସୁପ୍ରିମ୍‌କୋର୍ଟ ଦେଇଥିବା ରାୟ ଅନୁସାରେ ଆଧାରକୁ ସଂପୂର୍ଣ୍ଣ ବୈଧ ଓ ସାମ୍ବିଧାନିକ ବୋଲି କୁହାଯାଇଛି।

୧୯. ଭାରତରେ ଅନ୍‌ଲାଇନ୍ ଗ୍ରସରୀର ସବୁଠାରୁ ବଡ଼ କଂପାନୀ ବିଗ୍ ବାସ୍‌କେଟ ଟାଟା ଗ୍ରୁପର ଭାଗୀଦାରି ହେବାକୁ ଯାଉଛି।

୨୦. ପ୍ରଥମଥର ପାଇଁ ସେନ୍‌ସେକ୍ସ ୫୦,୦୦୦ ମାର୍କରେ ପହଞ୍ଚି ଇତିହାସ ସୃଷ୍ଟି କରିଛି।

୨୧. ଓଡ଼ିଶାର ରାଜସ୍ୱ ଆୟ ଉତ୍ସାହଜନକ ନୁହେଁ। ରାଜ୍ୟର ଆର୍ଥିକ ନିଅଣ୍ଟ ରାଜ୍ୟର ମୋଟ ଘରୋଇ ଉତ୍ପାଦକର ୫.୪% ଟପିଯିବ।

୨୨. ଓଡ଼ିଶା ମୁକ୍ତ ବିଦ୍ୟାଳୟର ନୂଆ କୁଳପତି ଭାବେ ପ୍ରଫେସର ଅର୍କ କୁମାର ଦାସ ମହାପାତ୍ର ତିନିବର୍ଷ ତିନିବର୍ଷ ପାଇଁ ନିଯୁକ୍ତି ପାଇଛନ୍ତି।

୨୩. କୋଣାର୍କ ଅଂଚଳରେ ଭିତ୍ତିଭୂମି ବିକାଶକୁ ଅନ୍ତର୍ଜାତିକ ମାନର କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ନେଇଛନ୍ତି।

୨୪. ବାଇଡ଼େନ୍‌ଙ୍କ ସମୟରେ ଚୀନ୍ ପ୍ରତି କଠୋର ମନୋଭାବ ପରିଲିଖିତ ହୋଇଛି।

୨୫. ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷା ଦେବାକୁ ଯାଉଥିବା ପରୀକ୍ଷାର୍ଥୀମାନଙ୍କ ପାଇଁ "ପରୀକ୍ଷା ଦର୍ପଣ" ବହି ମିଳିବ। ଏଥିରେ ସମ୍ଭାବ୍ୟ ପ୍ରଶ୍ନ ଉତ୍ତର ରହିବ।

୨୬. ଦେଶର ଉପକୂଳବର୍ତ୍ତୀ ଓ ସୀମାବର୍ତ୍ତୀ ଅଂଚଳରେ ଥିବା ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ସମର ଶିକ୍ଷାର୍ଥି ବାହିନୀ ତାଲିମ ଦିଆଯିବ। ଏଥିଲାଗି ୧୧୦୦ ରୁ ଅଧିକ ବିଦ୍ୟାଳୟ ଚିହ୍ନଟ କରାଯାଇଛି।

୨୭. ଜାନୁଆରୀ ୨୦ ରେ ବାଇଡ଼େନ ଶପଥ ନେବାପରେ ପ୍ରଥମଥର ପାଇଁ ଦେଶକୁ ସମ୍ବୋଧିତ କରିଥିଲେ। ଏହି ଭାଷଣ ଜଣେ ଭାରତୀୟ ବିନୟ ରେଡ୍ଡିଙ୍କଦ୍ୱାରା ପ୍ରସ୍ତୁତ କରାଯାଇଥିଲା।

୨୮. ପ୍ରଥମଥର ପାଇଁ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ସ୍କୁଟର ଆପ୍ରିଲିଆ ଏସ୍.ଏକ୍ସ.ଆର - ୧୬୦ ବଜାରରେ ପ୍ରବେଶ କରିଛି।

୨୯. ଜୁଲାଇ ମଧ୍ୟଭାଗ ସୁଦ୍ଧା ଆଦାନୀ ଗ୍ରୁପ୍ ହାତରେ ଦେଶର ଆଉ ତିନୋଟି ବିମାନ ବନ୍ଦର ଜୟପୁର, ଗୌହାଟୀ, ଥିରୁଅନନ୍ତପୁରମ୍ ବିମାନବନ୍ଦର ସାମିଲ ହେବ।

୩୦. ଦେଶର ପ୍ରମୁଖ ଆଇ.ଟି କଂପାନୀ ଟି.ଟି.ଏସ୍, ଇନ୍‌ଫୋସିସ୍ ପ୍ରାୟ ୯୧,୦୦୦ ଫ୍ରେସରଙ୍କୁ ନିଯୁକ୍ତି ଦେବ।

୩୧. ସୋସିଆଲ ମେସେଜିଙ୍ଗ୍ ଆପ୍ "ହ୍ୱାଟସ୍‌ଆପ୍" ର ନୂଆ ପ୍ରାଇଭେସି ନିୟମ ଇଚ୍ଛାଧୀନ ଅଟେ।

୩୨. ମାରୁତି ସୁଜୁକି ଇଣ୍ଡିଆ ପକ୍ଷରୁ କେତେକ ମଡ଼େଲର ମୂଲ୍ୟ ବଢ଼ାଇବା ପାଇଁ କଂପାନୀ ଯୋଜନା ରଖିଛି।

୩୩. ପ୍ରଫେସର ସଂଜୀବ ମିତଲ୍ ସମ୍ବଲପୁର ବିଶ୍ୱବିଦ୍ୟାଳୟର ନୂତନ କୁଳପତି ଭାବେ ନିଯୁକ୍ତି ପାଇଛନ୍ତି।

୩୪. ସୂଚନା ଅଧିକାର ଆଇନ୍ ଆଧାରରେ ତଥ୍ୟ ମାଗୁଥିଲେ, ତଥ୍ୟ ମାଗିବାର ଉଦ୍ଦେଶ୍ୟ ଜଣେଇବାକୁ ପଡ଼ିବ।

୩୫. ପ୍ରଫେସର ସଂଜୟ ନାୟକ ରେଭେନ୍‌ସା ବିଶ୍ୱବିଦ୍ୟାଳୟର ନୂତନ କୁଳପତି ଭାବେ ୪ ବର୍ଷ ପାଇଁ ନିଯୁକ୍ତ ପାଇବେ ।

୩୬. ଏବର୍ଷର ନୋବେଲ ଶାନ୍ତି ପୁରସ୍କାର ପାଇଁ ନରୱେର ସାଂସଦ ଟ୍ରିନେସ୍କି ଗ୍ରାଣ୍ଡେ ଆନ୍ତର୍ଜାତିକ ଫ୍ୟାକ୍ଟ ଚେକିଙ୍ଗ୍ ନେଟୱର୍କକୁ ମନୋନୀତ କରିଛନ୍ତି।

୩୭. ବସ୍ତି ବାସିନ୍ଦାଙ୍କ ଥଇଥାନ ନିମନ୍ତେ ୯୩୧୫ ଟି ଫ୍ଲାଟ ଦିଲ୍ଲୀରେ ପ୍ରସ୍ତୁତ କରାଯାଇଛି ଏବଂ ବଣ୍ଟନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଗୋଟିଏ ଫ୍ଲାଟର ଦାମ ମାତ୍ର ୧ ଲକ୍ଷ ୫୦ ହଜାର ଟଙ୍କା ।

୩୮. ଭାରତରେ ୫.୬୨ ଲକ୍ଷ ଫେସ୍‌ବୁକ୍ ବ୍ୟବହାରକାରୀଙ୍କ ତଥ୍ୟ ଚୋରି ମାମଲାରେ କେମ୍ବ୍ରିଜ୍ ଆନାଲଟିକା ଲିମିଟେଡ଼୍ ଏବଂ ଗ୍ଲୋବାଲ ଟାଇମସ୍ ପ୍ରାଇଭେଟ ଲିମିଟେଡ଼୍ ବିରୁଦ୍ଧରେ ସିବିଆଇ ମାମଲା ରୁଜୁକରିଛି।

୩୯. ଆଇ.ପି.ଏଲ୍ ଖେଳାଳୀ ନିଲାମିରେ ଛଅଜଣ ଓଡ଼ିଆ ଖେଳାଳୀ, ଯଥା - ଶୁଭ୍ରାଂଶୁ ସେନାପତି, ରାଜେଶ୍ ଧୂପର, ରାଜେଶ ମହାନ୍ତି, ପପୁ ରାୟ, ଗୌରବ ଚୌଧୁରୀ ଏବଂ ତାରିଣୀ ସାହା ମନୋନୀତ ହୋଇଛନ୍ତି।

୪୦. ଆମେରିକାର ଉପରାଷ୍ଟ୍ରପତି ଭାବେ କମଳା ହାରିସ୍ ଦୁଇଟି ଇତିହାସ ରଚିଛନ୍ତି। ପ୍ରଥମ ମହିଳା ଉପରାଷ୍ଟ୍ରପତି ଏବଂ ସେ ଜଣେ ପ୍ରଥମ ଅଣ ଶ୍ୱେତାଙ୍ଗୀ।

୪୧. କୋଭିଡ଼୍ - ୧୯ ମହାମାରୀ ପାଇଁ ୨୦୨୦ ମସିହାର ଶେଷ ସୁଯୋଗ ହରାଇଥିବା ସିଭିଲ୍ ସର୍ଭିସ୍ ପରୀକ୍ଷାର୍ଥୀମାନଙ୍କୁ ଆଉ ଅଧିକ ସୁଯୋଗ ଦିଆଯିବ।

୪୨. ଭାରତୀୟ ଇସ୍ପାତ କର୍ତ୍ତୃପକ୍ଷ ଲିମିଟେଡ଼୍ ଗ୍ୟାସରୁ ଇଥାନଲ୍ ଉତ୍ପାଦନ କରିବାପାଇଁ ଚନ୍ଦ୍ରପୁରସ୍ଥ ଫେରୋ ଅଏଲ ପ୍ଲାଣ୍ଟରେ ୪୦୦ କୋଟି ବିନିଯୋଗରେ ଏକ ପ୍ରକଳ୍ପ ସ୍ଥାପନ କରିବ।


୪୩. ଅସମାନତା ଭୂତାଣୁ ଶୀର୍ଷକ ଏକ ରିପୋର୍ଟରେ କେବଳ ୨୦୨୦ ଅପ୍ରେଲ ମାସରେ ଲକ୍‌ଡ଼ାଉନ୍ ସମୟରେ ଭାରତର କୋଟିପତିମାନଙ୍କର ସଂପତ୍ତି ହାରାହାରି ୩୫% ବୃଦ୍ଧି ପାଇଥିବାବେଳେ ୮୪% ପରିବାର ଆୟ ପରିମାଣ ହରାଇଅଛନ୍ତି। ବିଶେଷକରି ପ୍ରତି ଘଣ୍ଟାରେ ୧.୭ଲକ୍ଷ ଲୋକ କର୍ମ ସଂସ୍ଥାନ ହରେଇଛନ୍ତି।

୪୪. ବାଇଡ଼େନ ପ୍ରସାଶନ ଶକ୍ତି ବିଭାଗରେ ପ୍ରଥମ ଭାରତୀୟ ଆମେରିକୀୟ ଭାବେ ତାରକ ସାହାଙ୍କ ଚିଫ୍ ଅଫ୍ ଷ୍ଟାଫ୍ ଭାବେ ନିଯୁକ୍ତି ନେଇଛନ୍ତି ।

୪୫. ଭୋଟର ମାନେ ଭୋଟର ପୋର୍ଟାଲ .ଇ.ସି.ଆଇ ଜିଓଭି .ଇନ୍ ୱେବ୍‌ସାଇଟ୍‌ରେ ଲଗ୍‌ଇନ୍ କରି ବୈଦ୍ୟୁତିକ ପରିଚୟ ପତ୍ର ପାଇପାରିବେ।

# ସାଧାରଣ ଜ୍ଞାନ






## (1) ABBREVIATION

1.CMS - Centralized Monitoring System
2.CSIRO - Commonwealth Scientific and Industrial Research Organisation.
3.EPFO. - Employees' Provident Fund Organisation
4.LAF - Liquidity Adjustment Facility
5. LCA - Light Combat Aircraft
6.NCBC - National Commission for Backward Classes
7.NETRA - Network Traffic Analysis
8.GFR - General Fertility Rate
9.OBCs - Other Backward Classes
10.SATAT - Sustainable Alternative Towards Affordable Transportation

## (୨) ପୁସ୍ତକ ଓ ଲେଖକ

1. Dharma :Decoding the Epics for a Meaningful life - Amish Tripathy and Bhavna Roy
2. 40 years with Abdul Kalam - Untold Stories - Dr. A. Sivathany Pillai
3. I am No Messiah - Meena lyer
4. Your Best Day is Today - Anupam Kher
5. Bye Bye Corona - Dr. Pradip Kumar Srivastava

୬.ସବୁଠାରୁ ଦୀର୍ଘ ରାତି(ଗଳ୍ପ ସଂକଳନ) - ଚନ୍ଦ୍ରଶେଖର ରଥ
୭.ପାଟ ଦେଇ (ଗଳ୍ପ) - ବୀଣାପାଣି ମହାନ୍ତି
୮.ଆକାଶ ପରି ନିବିଡ଼(କବିତା) - ସୌରିନ୍ଦ୍ର ବାରିକ
୯.ହାସ୍ୟ ରସର ନାଟକ(ନାଟକ) - ଗୋପାଳ ଛୋଟରାୟ
୧୦.ମୋ କାହାଣୀ (ଆମର ଜୀବନୀ) - କୁଞ୍ଜ ବିହାରୀ ଦାଶ

## (୩) ଦେହାନ୍ତ

| ନାମ | ବୟସ(ବର୍ଷ) | ପରିଚୟ |
|---|---|---|
| ୧. ରୋଡ଼ମ ନରସିମା | - ୮୭ ବର୍ଷ | - ପ୍ରସିଦ୍ଧ ମହାକାଶ ବିଜ୍ଞାନୀ |
| ୨. ମୋତିଲାଲ ଭୋରା | - ୯୩ ବର୍ଷ | - ବରିଷ୍ଠ ଜାତୀୟ କଂଗ୍ରେସ ନେତା |
| ୩. ମଦନ ଲାଲ ଶର୍ମା | - ୬୮ବର୍ଷ | - ବରିଷ୍ଠ ଜାତୀୟ କଂଗ୍ରେସ ନେତା |
| ୪. ସୁପତ କୁମାରୀ | - ୮୬ ବର୍ଷ | - ମାଲାୟାଲାମ୍ କବୟିତ୍ରୀ |
| ୫. ତୁଲ୍ ତୁଲ୍ ବରୁଆ | - ୮୮ ବର୍ଷ | - ବରିଷ୍ଠ ପତ୍ରକାର |

## (୪) ବିଭିନ୍ନ ଯୋଜନାର ନାମ

୧. ପ୍ରଧାନମନ୍ତ୍ରୀ ଧନଜନ ଯୋଜନା - ୨୮.୦୮.୧୪ - ଅର୍ଥ ମନ୍ତ୍ରଣାଳୟ
୨. ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା - ୨୨.୦୧.୧୫ - ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ
୩. ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା - ୦୮.୦୪.୧୫ - ଅର୍ଥ ମନ୍ତ୍ରଣାଳୟ
୪. ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା - ୦୯.୦୫.୧୫ - ଅର୍ଥ ମନ୍ତ୍ରଣାଳୟ
୫. ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା - ୦୯.୦୫.୧୫ - ଅର୍ଥ ମନ୍ତ୍ରଣାଳୟ

## (୫) କେନ୍ଦ୍ରଶାସିତ ଅଞ୍ଚଳ / ରାଜ୍ୟ

୧. ରାଜ୍ୟର ନାମ - ଗୋଆ
୨. ରାଜ୍ୟପାଳ - ଶ୍ରୀ ଭଗତସିଂ ଖୋସିଆରୀ
୩. ମୁଖ୍ୟମନ୍ତ୍ରୀ - ଶ୍ରୀ ପ୍ରମୋଦ ପାଣ୍ଡୁରଙ୍ଗ ସାମନ୍ତ
୪. ଗଠନ - ୩୦ ମେ ୧୯୮୭
୫. କ୍ଷେତ୍ରଫଳ - ୩,୭୦୨ବର୍ଗ କି.ମି.
୬. ରାଜଧାନୀ - ପାନାଜୀ
୭. ଲୋକସଭା ସଭ୍ୟ ସଂଖ୍ୟା - ୨ ୮. ରାଜ୍ୟସଭା ସଭ୍ୟ ସଂଖ୍ୟା- ୦୧
୯. ବିଧାନ ସଭା ସଭ୍ୟସଂଖ୍ୟା - ୪୦ ୧୦.ବିଧାନ ପରିଷଦ - ୦୦
୧୧. ମୁଖ୍ୟ ଭାଷା - ମରାଠୀ, କନ୍ନଡ଼, କୋଙ୍କଣୀ, ଇଂରାଜୀ, ହିନ୍ଦୀ
୧୨. ଜନସଂଖ୍ୟା ସମୁଦାୟ- ୧,୪୫୭,୭୨୩(୨୦୧୧)
ପୁରୁଷ - ୭୪୦,୭୧୧ ,ମହିଳା - ୭,୧୭,୦୧୨
୧୩.ଜନସଂଖ୍ୟା ବୃଦ୍ଧିହାର - ୮.୧୭%
୧୪.ଜନସଂଖ୍ୟା ଘନତ୍ୱ - ୩୯୪/ବର୍ଗ କି.ମି
୧୫.ଶିଶୁ ଲିଙ୍ଗ ଅନୁପାତ - ୯୨୦ ଝିଅ ୧୦୦୦ ପୁଅ
୧୬. ଲିଙ୍ଗ ଅନୁପାତ - ୯୬୮ମହିଳା ୧୦୦୦ ପୁରୁଷରେ
୧୭. ସାକ୍ଷରତା ହାର - ୮୭.୪୦ % ପୁରୁଷ- ୯୨.୮୨ ମହିଳା- ୮୧.୮୪%
୧୮. ଜିଲ୍ଲା - ୨ (ଉତ୍ତରଗୋଆ, ଦକ୍ଷିଣଗୋଆ)
୧୯. ଗ୍ରାମ - ୩୫୯ ୨୦.ସହର - ୪୪
୨୧. ମୁଖ୍ୟ ନଦୀ - ମାଣ୍ଡୋଭି, ଜୁଆରି, ତେରଖୋଲ, ଛାପୋରା, ବେଟୁଲ୍
୨୧.ଜଙ୍ଗଲ ଜମି - ୧,୪୨୪ବର୍ଗ କି.ମି.
୨୨.ପର୍ଯ୍ୟଟନ ସ୍ଥଳୀ - ଗୋଆ ବେଳାଭୂମି, କାଭଲେନ, ମାରଡ଼ୋଲ, ବନ୍ଦୋରା ମନ୍ଦିର, ତିରାକେଲ ଦୁର୍ଗ, ଋପୋରା, କବଡ଼ିରାମ ଦୁର୍ଗ, କେଲାଭା, ବସିଲିକା ବସ୍ ଜେସସ୍, ସେଣ୍ଟ କ୍ୟାଥେଡ୍ରାଲ ଚର୍ଚ୍ଚ, ଡ. ସଲିମ୍ ଅଲ୍ଲୀ ପକ୍ଷୀ ଅଭୟାରଣ୍ୟ, କଳାଗୁଣ୍ଟୁ, ଭାଗାଟୋର, ହରମଲ, ଅନଜୁନା ଓ ମିରନାର ହ୍ରଦ।

## (୬) ପୁରସ୍କାର

୧. ଇ.ଅଦାଲତ ସେବାପରି ଯୋଜନା - ଡିଜିଟାଲ ଇଣ୍ଡିଆ' ୨୦୨୦ ପୁରସ୍କାର ।
୨. ସ୍ୱପ୍ନା ପତି (ଅନ୍ତଃଧ୍ୱନି ଚଳଚ୍ଚିତ୍ର) - ଶ୍ରେଷ୍ଠ ଆନ୍ତର୍ଜାତୀୟ ଅଭିନେତ୍ରୀ
୩. ଏ.କେ.ବୀର (ଅନ୍ତଃଧ୍ୱନି ଚଳଚ୍ଚିତ୍ର) - ଶ୍ରେଷ୍ଠ ଏସୀୟ ନିର୍ଦ୍ଦେଶକ (ଢାକା ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ)
୪. ବିନୋଦ କୁମାର ଯାଦବ (ସି.ଇ.ଓ ଏବଂ ଚେୟାରମେନ୍ ରେଳମନ୍ତ୍ରଣାଳୟ) -ଏମିନେଣ୍ଟ ଇଂଜିନିୟର ଆୱାର୍ଡ଼ , ୨୦୨୦
୫. ହେମନ୍ତ କୁମାର ପାଣ୍ଡେ - ସାଇଣ୍ଟିଷ୍ଟ ଅଫ୍ ଦି ଇଅର୍ ଆୱାର୍ଡ଼ ,୨୦୨୦ ।

## (୭) ନିଯୁକ୍ତି

୧. ଶ୍ରୀରାଧାଶ୍ୟାମ ରଥ - ନୂଆ କାର୍ଯ୍ୟନିବାହୀ ନିର୍ଦ୍ଦେଶକ - ରିଜର୍ଭ ବ୍ୟାଙ୍କ୍
୨. ବିନୀତ୍ କୁମାର - ଅଧ୍ୟକ୍ଷ - ପାରାଦ୍ୱୀପ ପୋର୍ଟ
୩. ଉମେଶ ସିହ୍ନା - କେନ୍ଦ୍ର ଡ଼େପୁଟି ଇଲେକ୍‌ସନ କମିଶନର
୪. ସନୀତ ଶର୍ମା - ଅଧ୍ୟକ୍ଷ - ରେଳମନ୍ତ୍ରଳାୟ ପରିଷର୍ଦ୍ଦ
୫. ସୋମା ମଣ୍ଡଳ - ଅଧ୍ୟକ୍ଷ - ଷ୍ଟିଲ ଅଥରିଟି ଅଫ ଇଣ୍ଡିଆ

### (୮) ଓଡ଼ିଶା

୧. କମଳା ପୂଜାରୀ କେଉଁ ମସିହାରେ ପଦ୍ମ ପୁରସ୍କାର ପାଇଥିଲେ ?
(କ) ୨୦୧୮ (ଖ) ୨୦୧୯
(ଗ) ୨୦୨୦ (ଘ) ୨୦୧୭

୨. ସୁନ୍ଦରୀ ବାଘୁଣୀ କେଉଁ ମାସରେ ମଧ୍ୟପ୍ରଦେଶ କାହ୍ନା ବ୍ୟାଘ୍ର ଅଭୟାରଣ୍ୟକୁ ଫେରିଯିବ ?
(କ) ଫେବୃୟାରୀ ୨୧ (ଖ) ମାର୍ଚ୍ଚ ୨୧
(ଗ) ଅପ୍ରେଲ ୨୧ (ଘ) ମେ ୨୧

୩. "ପାଳୁଅ ଲଡୁ" ପାଇଁ କେଉଁ ସ୍ଥାନ ପ୍ରସିଦ୍ଧ ଅଟେ ?
(କ) ବାରିପଦା (ଖ) ପୁରୀ
(ଗ) ଭଦ୍ରକ (ଘ) ଢ଼େଙ୍କାନାଳ

୪. ବାଲେଶ୍ୱରର ରେମୁଣା କେଉଁ ମନ୍ଦିର ପାଇଁ ପ୍ରସିଦ୍ଧ ଅଟେ ?
(କ) ନୃସିଂହ ନାଥ (ଖ) ଆଖଣ୍ଡଳମଣୀ
(ଗ) କାଳି ମନ୍ଦିର (ଘ) କ୍ଷୀରଚୋରା ଗୋପୀନାଥ

୫. ପ୍ରଧାନପାଟ ଜଳପ୍ରପାତ କେଉଁ ଜିଲ୍ଲାରେ ଅବସ୍ଥିତ ଅଟେ ?
(କ) ଦେବଗଡ଼ (ଖ) ଢ଼େଙ୍କାନାଳ
(ଗ) ଗଜପତି (ଘ) ଗଞ୍ଜାମ

୬. ବୁଢ଼ାବଳଙ୍ଗ ନଦୀ କେଉଁଠାରୁ ବାହାରି ଅଛି ?
(କ) ବୌଦ୍ଧ - ଫୁଲବାଣୀ (ଖ) ଶିମିଳିପାଳ
(ଗ) କୋରାପୁଟ (ଘ) ଛୋଟନାଗପୁର

୭. ତାଳଦଣ୍ଡା କେନାଲ କେଉଁଠାରୁ ବାହାରିଅଛି ?
(କ) ଜୋବ୍ରା ଆନିକଟ (ଖ) ମୁଣ୍ଡୁଳି ଆଣ୍ଟ
(ଗ) ବିରୁପା ଆନିକଟ (ଘ) ନରାଜ

୮. "ଖଣ୍ଡାଧାରା" ଜଳପ୍ରପାତ କେଉଁ ଜିଲ୍ଲାରେ ଅବସ୍ଥିତ ଅଟେ ?
(କ) ଅନୁଗୁଳ (ଖ) କେନ୍ଦୁଝର
(ଗ) କୋରାପୁଟ (ଘ) ରାୟଗଡ଼ା

୯. ଅଂଶୁପା ହ୍ରଦ କେଉଁ ଜିଲ୍ଲାରେ ଅବସ୍ଥିତ ?
(କ) କଟକ (ଖ) ଗଞ୍ଜାମ
(ଗ) ପୁରୀ (ଘ) ସମ୍ବଲପୁର

୧୦. "ତମ୍ବା" ଖଣିଜପଦାର୍ଥ କେଉଁ ଜିଲ୍ଲାରେ ମିଳିଥାଏ ?
(କ) କଟକ (ଖ) ଗଜପତି
(ଗ) ଦେବଗଡ଼ (ଘ) ବୌଦ୍ଧ

## (୯) ଯୁକ୍ତି ପ୍ରଦର୍ଶନ ପରୀକ୍ଷା

୧. ଫଳ : କଦଳୀ :: ସ୍ତନ୍ୟପାୟୀ : ?
(କ) ଘରଚଟିଆ (ଖ) ମାଛ (ଗ) ସାପ (ଘ) ଗାଈ


୨. ପ୍ରାଇଡ୍ ହ୍ୟୁମିଲିଟି ସହ ଜଡ଼ିତ, ସେହିପରି ଭାବେ ଡିଜାୟାର କାହା ସହ ସଂପର୍କିତ ଅଟେ ?
(କ) ଇଣ୍ଡିଫରେଣ୍ଟ (ଖ) ସପ୍ରେସ୍ (ଗ) ଭଇସ୍ (ଘ) ହେଟ୍

୩. ରଂଜିତା ୪୬ ଜଣ ସାଙ୍ଗଙ୍କ ମଧ୍ୟରେ ୧୨ ର୍‍ୟାଙ୍କ୍‌ରେ ଆରମ୍ଭରୁ କ୍ରମାଗତ ଭାବରେ ରହିଲେ ଶେଷରୁ ସେ କ୍ରମାନୁସାରେ କେତେତମ ର୍‍ୟାଙ୍କରେ ରହିବ ?
(କ) ୩୩ (ଖ) ୩୪ (ଗ) ୩୫ (ଘ) ୩୬

୪. ପ୍ରତି ୨ଘ. ୩୦ ମି ବ୍ୟବଧାନରେ ଭୁବନେଶ୍ୱର ଅଭିମୁଖେ ଟ୍ରେନ୍ ଗତିକରିବ। କୁହାଗଲା ଭୁବନେଶ୍ୱର ଅଭିମୁଖେ ୪୦ ମିନିଟ୍ ପୂର୍ବରୁ ଗୋଟିଏ ଟ୍ରେନ୍ ଯାଇଛି - ପରବର୍ତ୍ତି ଟ୍ରେନ ୧୮ ଘଟିକା ସମୟରେ ଷ୍ଟେସନ୍‌ରୁ ଛାଡ଼ିବ। ତେବେ ଘୋଷଣାଟି କେଉଁ ସମୟରେ କରାଯାଇଥିଲା ?
(କ) ୧୫.୩୦ ମି (ଖ) ୧୫.୫୦ ମି
(ଗ) ୧୬.୧୦ ମି (ଘ) ୧୭.୧୦ ମି

୫. ଏକ ପରିବାରରେ A,B,C,D,E,F ଛଅଜଣ ଲୋକ ଅଛନ୍ତି। ସେଥିରେ ଦୁଇଜଣ ବିବାହିତା ଦଂପତି। 'D' ହେଉଛି 'A' ର ଜେଜେମା ଓ 'B' ର ମାଆ। 'C', B ର ସ୍ତ୍ରୀ ଏବଂ F ର ମାଆ। F, E ର ନାତୁଣୀ। ତେବେ ଏ ପରିବାରରେ 'C' , 'A' ର କ'ଣ ହେବ ?
(କ) ମାଆ (ଖ) ଜେଜେମା (ଗ) ଝିଅ (ଘ) ନାତୁଣୀ

୬. ? ବାଚକ ଚିହ୍ନଟି କେଉଁ ସଂଖ୍ୟା ଅଟେ ?




(କ) ୧ (ଖ) ୨ (ଗ) ୩ (ଘ) ୪

୭. ? ଚିହ୍ନଟି କେଉଁ ଅକ୍ଷର ଅଟେ ?

| | | |
|---|---|---|
| F | I | O |
| A | J | K |
| E | M | ? |

(କ) P (ଖ) R (ଗ) S (ଘ) V

୮. ପ୍ରତ୍ୟେକ ନଦୀରେ ନିଶ୍ଚିନ୍ତ କ'ଣ ଗୋଟିଏ ଥିବ ?
(କ) ଡଙ୍ଗା (ଖ) ମାଛ (ଗ) ନଦୀକୂଳ (ଘ) ଦଳ

୯. ଗୋଟିଏ ବିଦ୍ୟାଳୟରେ ନିଶ୍ଚିନ୍ତ ଭାବରେ କେଉଁଟି ନିହାତି ରହିବା ଦରକାର ?
(କ) ଶିକ୍ଷକ (ଖ) ପାଠାଗାର (ଗ) ଶ୍ରେଣୀପ୍ରକୋଷ୍ଠ (ଘ) ଅଧ୍ୟକ୍ଷ

୧୦. ଗୋଟିଏ ଡାକ୍ତରଖାନାରେ କେଉଁଟି ରହିବା ଦରକାର ?
(କ)ବେଡ୍ (ଖ)ରୁମ୍ (ଗ)ନର୍ସ (ଘ) ଡାକ୍ତର

**ଉତ୍ତର**

**୧.(ଖ)୨୦୧୯,୨.(କ) ଫେବୃୟାରୀ ୨୧,୩.(ଗ) ଭଦ୍ରକ, ୪.(ଘ) କ୍ଷୀରଚୋରା ଗୋପୀନାଥ,୫.(କ)ଦେବଗଡ଼,୬.(ଖ) ଶିମିଳିପାଳ, ୭.(କ)ଜୋବ୍ରା ଆନିର୍କ,୮.(ଖ) କେନ୍ଦୁଝର,୯.(କ) କଟକ,୧୦.(ଗ) ଦେବଗଡ଼ ।**

୧.(ଘ) ଗାଈ, ୨.(ଘ) ହେଟ୍ , ୩.(ଗ) ୩୫, ୪.(ଗ)୧୬.୧୦ ମି, ୫.(କ) ମାଆ, ୬.(କ) ୧, ୭.(ଖ) R, ୮.(ଗ) ନଦୀକୂଳ, ୯.(କ) ଶିକ୍ଷକ , ୧୦.(ଘ) ଡାକ୍ତର ।

## (୧୦) ଇତିହାସ

୧. ଋଷିଆ ଓ ଆମେରିକା ମଧ୍ୟରେ ନିଉକ୍ଲିଆର ଅସ୍ତ୍ରଶସ୍ତ୍ର ବ୍ୟବହାର ପାଇଁ ମସ୍କୋ ସନ୍ଧି କେଉଁ ମସିହାରେ ସ୍ୱାକ୍ଷରିତ ହୋଇଥିଲା ?
(କ) ୨୦୦୧ (ଖ) ୨୦୦୨
(ଗ) ୨୦୦୩ (ଘ) ୨୦୦୪

୨. ମହାରାଷ୍ଟ୍ରର ପୁନେଠାରେ ଅବସ୍ଥିତ ୟାରବାଡ଼ା ଜେଲ ବ୍ରିଟିଶମାନଙ୍କ ଦ୍ୱାରା କେବେ ତିଆରି ହୋଇଥିଲା ?
(କ) ୧୮୭୦ (ଖ) ୧୮୭୧
(ଗ) ୧୮୭୨ (ଘ) ୧୮୭୩

୩. ରିସା ସଂସ୍କୃତି କେଉଁ ରାଜ୍ୟ ସହ ଜଡ଼ିତ ?
(କ) ତ୍ରିପୁରା (ଖ) ଆସାମ
(ଗ) ମଣିପୁର (ଘ) ମେଘାଳୟ

୪. ବାବର କେଉଁଠାରେ ମୃତ୍ୟୁବରଣ କରିଥିଲେ ?
(କ) ଆଗ୍ରା (ଖ) ଦିଲ୍ଲୀ
(ଗ) ଲାହୋର (ଘ) କାବୁଲ

୫. ଶିବାଜୀଙ୍କ ମନ୍ତ୍ରୀ ପରିଷଦରେ ଥିବା ପ୍ରଧାନମନ୍ତ୍ରୀଙ୍କୁ କ'ଣ କୁହାଯାଉଥିଲା ?
(କ) ସଚିବ (ଖ) ସୁମନ୍ତ
(ଗ) ପେଶୱା (ଘ) ମନ୍ତ୍ରୀ

୬. ଭାରତରେ ମୋଗଲ ସାମ୍ରାଜ୍ୟର ପ୍ରତିଷ୍ଠାତା କିଏ ଥିଲେ ?
(କ) ବାବର (ଖ) ଆକବର
(ଗ) ଶାହାଜାହାନ୍ (ଘ) ହୁମାୟୁନ୍

୭. ୧୫୪୦ ମହିହାରେ କିଏ କନୌଜ ଠାରେ ଶେରସାହଙ୍କ ଠାରୁ ପରାଜିତ ହୋଇଥିଲେ ?
(କ) ଜାହାଙ୍ଗିର (ଖ) ବାବର
(ଗ) ଆକବର (ଘ) ହୁମାୟୁନ

୮. "ଆକବର ନାମା" ର ରଚୟିତା କିଏ ?
(କ) ଅବ୍‌ଦୁର ରହିବ (ଖ) ଖାନେ ଖାନା
(ଗ) ଅବଦୁଲ୍ କାଦିର (ଘ) ଅବ୍‌ଦୁଲ୍ ଫାଜଲ୍

୯. ମରାଠା ରାଜନୀତିର ଋଣକ୍ୟ କିଏ ?
(କ) କବିରାଓ (ଖ) ନାନାଫର୍ଣ୍ଣଡ଼ିସ୍
(ଗ) ବାଲାଜି ବିଶ୍ୱନାଥ (ଘ) ମହାଦ୍‌ଜି ସିନ୍ଧିୟା

୧୦. ଦିଲ୍ଲୀର ଜାମା ମସ୍‌ଜିଦ୍‌କୁ କିଏ ନିର୍ମାଣ କରିଥିଲେ ?
(କ) ହୁମାୟୁନ (ଖ) ଶାହାଜାହାନ୍
(ଗ) ଆଉରଙ୍ଗଜେବ୍ (ଘ) ଆକବର

## (୧୧) ବାଣିଜ୍ୟ

୧. ଅଶୋଧିତ ତୈଳ ଉତ୍ପାଦନ ଗତ ବର୍ଷ ଅପେକ୍ଷା କେତେ ପ୍ରତିଶତ ହ୍ରାସ ଘଟିଛି ?
(କ) ୫% (ଖ) ୪%
(ଗ) ୬% (ଘ) ୦%

୨. କେଉଁ ଭାରତୀୟ ମଲ୍‌ଟି ନ୍ୟାସନାଲ ଦୁଇ ଚକିଆ ଓ ତିନି ଚକିଆ ଯାନ ପୃଥିବୀର ସବୁଠାରୁ ମୂଲ୍ୟବାନ କଂପାନୀ ରୂପେ ପରିଚୟ ପାଇଛି ?
(କ) ବଜାଜ ଅଟୋ (ଖ) ବଜାଜ ପଲ୍‌ସର
(ଗ) ହିରୋ ସ୍ପେଲଣ୍ଡର (ଘ)ସୁଜୁକି ଆସେସ୍ ୧୨୫

୩. ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ନୂଆ ଷ୍ଟାର୍ଟ ଅପ୍ ଇଣ୍ଡିଆ ସିଡ୍ ଫଣ୍ଡ ପାଇଁ କେତେ କୋଟି ଟଙ୍କା ପ୍ରୋତ୍ସାହନ ରାଶି ଦେବାପାଇଁ ସ୍ୱୀକୃତି ପ୍ରଦାନ କରିଛନ୍ତି ?
(କ) ୫୦୦ କୋଟି (ଖ) ୧୦୦୦ କୋଟି
(ଗ) ୮୦୦ କୋଟି (ଘ) ୧୨୦୦ କୋଟି

୪. ଏନ୍.ଟି.ପି.ସି, ପି.ଏଚ୍.ଡ଼ି.ସି ଇଣ୍ଡିଆ ମାଧ୍ୟମରେ କେଉଁ ରାଜ୍ୟରେ ବ୍ୟବସାୟିକ ସୌର ପ୍ରୋଜେକ୍ଟ ଆରମ୍ଭ କରିଛି ?
(କ) ଓଡ଼ିଶା (ଖ) କେରଳ
(ଗ) ଆନ୍ଧ୍ର (ଘ) ତେଲେଙ୍ଗାନା

୫. ରିଲାଏନ୍ସ ଇନ୍‌ଫ୍ରା ଷ୍ଟ୍ରକଚର୍ ପି.କଏ.ଟି.ସି.ଏଲ. କଂପାନୀର ନିଜର କେତେ ପ୍ରତିଶତ ସେଆରକୁ ଇଣ୍ଡିଆ ଗ୍ରୀଡ୍ ଟ୍ରଷ୍ଟକୁ ୯୦୦ କୋଟି ଟଙ୍କାରେ ବିକ୍ରୟ କରିଛି ?
(କ) ୬୮% (ଖ) ୭୨%
(ଗ) ୭୪% (ଘ) ୭୬%

୬. କେତେ ତାରିଖ ପର୍ଯ୍ୟନ୍ତ ଅନ୍ତର୍ଜାତିକ ଯାତ୍ରୀ ବିମାନ ସେବାକୁ ନିଷେଧ କରାଯାଇଛି ?
(କ) ଜାନୁଆରୀ ୨୮ (ଖ) ମାର୍ଚ୍ଚ ୨୦
(ଗ) ଫେବୃୟାରୀ ୨୮ (ଘ) ଅପ୍ରେଲ ୩୦

୭. ସରକାରୀ ଆର୍ଥିକ ଉନ୍ନତି ପାଇଁ ଆସନ୍ତା ସପ୍ତାହରେ ରାଜ୍ୟ ପରିଚାଳିତ ଜୀବନ ବୀମା ନିଗମର କେତେ ପ୍ରତିଶତ ଅଂଶଧନ ବିକ୍ରୟ କରିବାକୁ ସରକାର ସ୍ଥିର କରିଛନ୍ତି ?
(କ) ୧୦ ରୁ ୧୫% (ଖ) ୧୫ ରୁ ୨୦%
(ଗ) ୧୫ ରୁ ୧୮% (ଘ) ୨୦ ରୁ ୨୫%

୮. ଆୟକର ବିଭାଗ କେତେ ଲକ୍ଷ କୋଟିର ରିଫଣ୍ଡ ଜାରି କରିଛି ?
(କ) ୧.୮୧ (ଖ) ୧.୯
(ଗ) ୧.୬ (ଘ) ୨.୧

୯. କୋଭିଡ଼୍ ୧୯ କୁ ନିୟନ୍ତ୍ରଣ କରିବାକୁ ଲକ୍‌ଡ଼ାଉନ୍ ଦ୍ୱାରା ଆର୍ଥିକ କାର୍ଯ୍ୟକାଳ ପ୍ରଭାବିତ ହେବାଦ୍ୱାରା ରାଜ୍ୟଗୁଡ଼ିକର ରାଜସ୍ୱ କ୍ଷତି କେତେ ଗୁଣ ବୃଦ୍ଧି ପାଇଛି ?
(କ) ୨ଗୁଣ (ଖ) ୩ଗୁଣ
(ଗ) ୪ଗୁଣ (ଘ) ୬ଗୁଣ

୧୦. ଟିକ୍‌ଟକ୍‌ର ମୂଳ କଂପାନୀ ବାଇଟ୍ ଡ୍ୟାନ୍ସ ଭାରତରେ କାରବାର ବନ୍ଦ କରିବା ଦ୍ୱାରା କେତେ କର୍ମଚାରୀ ଛଟେଇ ହୋଇଛନ୍ତି ?
(କ) ୧୦୦୦ (ଖ) ୨୦୦୦
(ଗ) ୩୦୦୦ (ଘ) ୪୦୦୦

**ଉତ୍ତର**

୧.(ଖ)୨୦୦୨, ୨.(ଖ)୧୮୭୧, ୩.(କ)ତ୍ରିପୁରା, ୪.(କ)ଆଗ୍ରା, ୫.(ଗ)ପେଶୱା, ୬.(କ)ବାବର, ୭.(ଘ)ହୁମାୟୁନ, ୮.(ଘ)ଅବ୍‌ଦୁଲ୍ ଫାଜଲ, ୯.(ଖ)ନାନାଫର୍ଣ୍ଣଡ଼ିସ୍, ୧୦.(ଖ) ଶାହାଜାହାନ୍।

୧.(କ)୫%, ୨.(କ)ବଜାଜଅଟୋ, ୩.(ଖ)୧୦୦୦କୋଟି, ୪.(ଖ)କେରଳ, ୫.(ଗ)୭୪%, ୬.(ଗ)ଫେବୃୟାରୀ୨୮, ୭.(କ)୧୦ରୁ୧୫%, ୮.(କ)୧.୮୧, ୯.(ଗ) ୪ଗୁଣ, ୧୦.(ଖ) ୨୦୦୦।

## (୧୨) ଅର୍ଥନୀତି

୧. କେଉଁ ଆର୍ଥିକ ବର୍ଷର ବଜେଟ୍ ପେପର ପ୍ରିଣ୍ଟରେ ଉପଲବ୍ଧ ହେବନାହିଁ ?
(କ) ୨୦୨୧ - ୨୨ (ଖ) ୨୦୨୨ -୨୩
(ଗ) ୨୦୨୩ - ୨୪ (ଘ) ୨୦୨୪ - ୨୫

୨. ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ୩ୟ ପର୍ଯ୍ୟାୟ ଭାରତର କେତୋଟି ଜିଲ୍ଲାରେ କାର୍ଯ୍ୟକାରୀ କରାଯାଇଛି ?
(କ) ୩୦୦ଟି (ଖ) ୫୦୦ଟି
(ଗ) ୬୦୦ଟି (ଘ) ୧୦୦୦ଟି

୩. ଆଗାମୀ ଆର୍ଥିକ ବର୍ଷରେ ସାମଗ୍ରୀକ ଘରୋଇ ଉତ୍ପାଦ (ଏଉଚ) କେତେ ପ୍ରତିଶତ ବୃଦ୍ଧି ପାଇବ ବୋଲି କୁହାଯାଇଛି ?
(କ) ୧୧% (ଖ) ୧୦%
(ଗ) ୧୮% (ଘ) ୮%

୪. କେଉଁ ବିଲ୍‌ର କାର୍ଯ୍ୟକାରୀକୁ ସୁପ୍ରିମ କୋର୍ଟ ରୋକ୍ ଲଗାଇ ଅଛି ?
(କ) କୃଷିବିଲ୍ (ଖ) ଅର୍ଥବିଲ୍
(ଗ) ନୂତନ ରାଜ୍ୟ ଗଠନ ବିଲ୍ (ଘ) ସମ୍ବିଧାନ ସଂଶୋଧନ ବିଲ୍

୫. ୱାର୍ଲ୍ଡ ଇକୋନୋମିକ୍ ଆଉଟଲୁକ୍ ୨୦୨୧ ରିପୋର୍ଟ ଅନୁସାରେ ଭାରତର ଅର୍ଥନୈତିକ ବୃଦ୍ଧି ୨୦୨୧ ରେ କେତେ ପ୍ରତିଶତ ଅଭିବୃଦ୍ଧି ଘଟିବ ?
(କ) ୧୦.୫% (ଖ) ୧୧.୫%
(ଗ) ୧୧.୭% (ଘ) ୧୨.୦%

୬. ୱାର୍ଲଡ଼ ଇକୋନୋମିକ୍ ଫୋରମ୍ ଡାଭୋସ୍‌ଡ଼ାଇଲସ୍ ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମହାମାରୀ ସତ୍ତ୍ୱେ ଭାରତର ଆର୍ଥିକ ପରିସ୍ଥିତି କେତେ ରହିବ ବୋଲି ପ୍ରକାଶ କରିଛନ୍ତି ?
(କ) ୧୦% (ଖ) ୧୧%
(ଗ) ୧୩% (ଘ) ୧୫%

୭. ସ୍ୱାଧୀନ ଭାତରେ କେନ୍ଦ୍ର ବଜେଟ୍ ପ୍ରଥମେ କେବେ ଉପସ୍ଥାପନା କରାଯାଇଥିଲା ?
(କ)ଅକ୍ଟୋବର ୨୬, ୧୯୪୭(ଖ) ନଭେମ୍ବର ୨୬, ୧୯୪୭
(ଗ)ଅଗଷ୍ଟ ୧୫, ୧୯୪୭ (ଘ) ସେପ୍ଟେମ୍ବର ୩୦, ୧୯୪୮

୮. ପ୍ରଥମ କେନ୍ଦ୍ର ବଜେଟ୍‌ର ଆୟ ବ୍ୟୟ ଅଟକଳ କେତେ କୋଟି ଟଙ୍କା ଥିଲା ?
(କ) ୧୭୦.୧୨ କୋଟି (ଖ) ୧୫୮.୧୩ କୋଟି
(ଗ) ୧୭୧.୧୫ କୋଟି (ଘ) ୧୭୨.୧୮ କୋଟି

୯. ସ୍ୱାଧିନ ଭାରତର ପ୍ରଥମ ବଜେଟ୍ କିଏ ଉପସ୍ଥାପନ କରିଥିଲେ ?
(କ) ଅର୍ଥମନ୍ତ୍ରୀ ଆର.କେ.ସମ୍ମୁଖମ୍ ସେଠୀ (ଖ)ପି.ଚିଦାମ୍ବରମ୍
(ଗ) କେ.ସି. ନୟୋଗୀ (ଘ)ମନମୋହନ ସିଂ

୧୦. କେଉଁ ମସିହା ପର୍ଯ୍ୟନ୍ତ କେନ୍ଦ୍ର ବଜେଟ୍ ଫେବୃୟାରୀ ମାସର ଶେଷ ଦିନର ୫ ଘଟିକା ସମୟରେ ଉପସ୍ଥାପନା କରାଯାଇଥିଲା ?
(କ) ୧୯୯୯ (ଖ) ୧୯୯୮
(ଗ) ୨୦୧୬ (ଘ) ୨୦୧୭

## (୧୩) କ୍ରୀଡ଼ା

**୧. ୨୦୨୦-୨୧ର ଅଷ୍ଟ୍ରେଲିଆ ବିପକ୍ଷର ସିରିଜ୍ ପୂର୍ବରୁ ଭାରତ କେଉଁଠାରେ ଗୋଟିଏ ବି ଟେଷ୍ଟରେ ବିଜୟ ହାସଲ କରିନଥିଲା ? (ଏବେ ସେଠାରେ ଭାରତ ପ୍ରଥମଥର ସକାଶେ ଟେଷ୍ଟ ଜିତିଛି ।)**
**(କ) ସିଡନୀ (ଖ) ମେଲ୍‌ବୋର୍ଣ୍ଣ (ଗ) ଆଡିଲେଡ୍ (ଘ) ବ୍ରିସ୍‌ବେନ୍**

**୨. ଅଷ୍ଟ୍ରେଲିଆ ବିପକ୍ଷରେ ୨୦୨୦-୨୧ର ସିରିଜ୍ ଅବସରରେ ଏମାନଙ୍କ ମଧ୍ୟରୁ କିଏ ଟେଷ୍ଟ କ୍ରିକେଟରେ ପଦାର୍ପଣ କରିନାହାନ୍ତି ? (ସେ ଏହା ପୂର୍ବରୁ ଗୋଟିଏ ଟେଷ୍ଟ ଖେଳିଥିଲେ)**
**(କ) ଶୁବମନ୍ ଗିଲ୍ (ଖ) ୱାସିଙ୍ଗଟନ୍ ସୁନ୍ଦର**
**(ଗ) ଶାର୍ଦ୍ଦୁଲ ଠାକୁର (ଘ) ନବଦୀପ ସୈନୀ**

**୩. ଅଷ୍ଟ୍ରେଲିଆ ବିପକ୍ଷରେ ୨୦୨୦-୨୧ର ଟେଷ୍ଟ ସିରିଜ୍‌ର ଅନ୍ତିମ ଟେଷ୍ଟରେ କିଏ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ ?**
**(କ) ଋଷଭ ପନ୍ତ (ଖ) ମହମ୍ମଦ ସିରାଜ**
**(ଗ) ଶାର୍ଦ୍ଦୁଲ ଠାକୁର (ଘ) ଶୁବମନ୍ ଗିଲ୍**

**୪. ଭାରତ ଗସ୍ତରେ ଆସିବା ପୂର୍ବରୁ ଇଂଲାଣ୍ଡ ଦଳ ଜାନୁଆରୀ-୨୦୨୧ରେ କେଉଁ ଦେଶ ବିରୁଦ୍ଧରେ ଟେଷ୍ଟ ସିରିଜ୍ ଜିତିଥିଲା ?**
**(କ) ଶ୍ରୀଲଙ୍କା (ଖ) ବାଂଲାଦେଶ (ଗ) ପାକିସ୍ତାନ (ଘ) ନ୍ୟୁଜିଲାଣ୍ଡ**

**୫. ଟେଷ୍ଟ କ୍ରିକେଟରେ ଭାରତର ସର୍ବନିମ୍ନ ସ୍କୋର୍ କେତେ ?**
**(କ) ୩୦ (ଖ) ୩୬ (ଗ) ୩୮ (ଘ) ୪୨**

**୬. ଭାରତ ଟେଷ୍ଟ କ୍ରିକେଟରେ ଏହି ସର୍ବନିମ୍ନ ସ୍କୋର କେଉଁଠାରେ କରିଛି, ଯାହାକି ଡିସେମ୍ବର-୨୦୨୦ରେ ହାସଲ ହୋଇଛି ?**
**(କ) ପର୍ଥ (ଖ) ଆଡିଲେଡ୍ (ଗ) ହୋବାର୍ଟ (ଘ) ସିଡ୍‌ନୀ**

**୭. ୨୦୨୧ର ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ୍‌ର ପୁରୁଷ ସିଂଗଲ୍ସରେ ଖେଳିବା ପାଇଁ ୱାଇଲ୍ଡ କାର୍ଡ ପାଇଥିବା ଭାରତୀୟ ଖେଳାଳି କିଏ ?**
**(କ) ୟୁକୀ ଭାମ୍ବରୀ (ଖ) ପ୍ରଜ୍ଞେଶ ଗୁଣେଶ୍ୱରନ୍**
**(ଗ) ସୁମିତ୍ ନାଗାଲ୍ (ଘ) ରାମକୁମାର ରାମନାଥନ୍**

**୮. କରୋନା ମହାମାରୀ କାରଣରୁ ଦୀର୍ଘ ଦିନ କ୍ରୀଡ଼ା କାର୍ଯ୍ୟକ୍ରମ ବନ୍ଦ ରହିବା ପରେ ଗତ ନଭେମ୍ବରରେ ଆରମ୍ଭ ହୋଇଥିବା ଆମ ଦେଶର ପ୍ରଥମ ଟୁର୍ଣ୍ଣାମେଣ୍ଟର ନାମ କଣ ?**
**(କ) କ୍ରିକେଟର ଆଇ.ପି.ଏଲ୍ (ଖ) ଆଇ. ଲିଗ୍ ଫୁଟବଲ**
**(ଗ) ପ୍ରୋ କବାଡ଼ି ଲିଗ୍ (ଘ) ଇଣ୍ଡିଆନ୍ ସୁପର ଲିଗ୍ ଫୁଟବଲ**

**୯. କରୋନା ଜନିତ ଲକ୍‌ଡାଉନ୍ ପରେ ଭାରତର ସିନିଅର ମହିଳା ହକି ଦଳ ଏହି ବର୍ଷ ପ୍ରଥମଥର ସକାଶ କେଉଁ ଦେଶ ଗସ୍ତ କରିଥିଲା ?**
**(କ) ଆର୍ଜେଣ୍ଟିନା (ଖ) ଜାପାନ (ଗ) ଇଂଲାଣ୍ଡ (ଘ) ଜର୍ମାନୀ**

**୧୦) ନିକଟରେ ଭାରତୀୟ ସିନିଅର କ୍ରିକେଟ ଦଳର ଚୟନକର୍ତ୍ତା ଭାବେ ନିଯୁକ୍ତ ହୋଇଥିବା ଓଡ଼ିଶାର ପୂର୍ବତନ ଖେଳାଳି ଜଣକ କିଏ ?**
**(କ) ଶିବସୁନ୍ଦର ଦାସ (ଖ) ଦେବାଶିଷ ମହାନ୍ତି**
**(ଗ) ରଞ୍ଜୀବ ବିଶ୍ୱାଳ (ଘ) ରଶ୍ମୀରଂଜନ ପରିଡ଼ା**

### ଉତ୍ତର

୧.(କ)୨୦୨୧-୨୨, ୨.(ଗ)୬୦୦ଟି, ୩.(କ)୧୧%, ୪.(କ)କୃଷିବିଲ୍, ୫.(ଖ)୧୧.୫%, ୬.(ଗ)୧୩%, ୭.(ଖ) ନଭେମ୍ବର୨୬,୧୯୪୭, ୮.(ଗ)୧୭୧.୧୫ କୋଟି, ୯.(କ) ଅର୍ଥମନ୍ତ୍ରୀ ଆର.କେ.ସମ୍ମୁଖମ୍ ସେଠୀ, ୧୦.(କ) ୧୯୯୯ ।

**୧. (ଘ) ବ୍ରିସ୍‌ବେନ୍, ୨.(ଗ) ଶାର୍ଦ୍ଦୁଲ ଠାକୁର, ୩. (କ) ଋଷଭ ପନ୍ତ, ୪.(କ) ଶ୍ରୀଲଙ୍କା, ୫.(ଖ) ୩୬, ୬.(ଖ) ଆଡିଲେଡ୍, ୭. (ଗ) ସୁମିତ୍ ନାଗାଲ୍ ୮. (ଘ) ଇଣ୍ଡିଆନ୍ ସୁପର ଲିଗ୍ ଫୁଟବଲ, ୯. (କ) ଆର୍ଜେଣ୍ଟିନା, ୧୦.(ଖ)** ଦେବାଶିଷ ମହାନ୍ତି

## (୧୪) ସାହିତ୍ୟ, କଳା ଓ ସଂସ୍କୃତି

୧. ଗତ ୨୫ ଡିସେମ୍ବର ୨୦୨୦ରେ ମୃତ୍ୟୁବରଣ କରିଥିବା ଶାମସୁର ରହମାନ୍ ଫାରୁକୀ କେଉଁ ଭାଷାର ଜଣେ ପ୍ରସିଦ୍ଧ ସାହିତ୍ୟିକ ?
(କ) ହିନ୍ଦୀ (ଖ) ଉର୍ଦ୍ଦୁ (ଗ) କଶ୍ମୀରୀ (ଘ) ଡୋଗ୍ରୀ

୨. ଇଂରାଜୀ ଭାଷାର ପ୍ରସିଦ୍ଧ ଗାଳ୍ପିକ ଓ ହେନେରୀ କେଉଁ ଦେଶର ବାସିନ୍ଦା ଥିଲେ ?
(କ) ଗ୍ରେଟ୍ ବ୍ରିଟେନ୍ (ଖ) କାନାଡ଼ା
(ଗ) ଅଷ୍ଟ୍ରେଲିଆ (ଘ) ଯୁକ୍ତରାଷ୍ଟ୍ର ଆମେରିକା

୩. ନୋବେଲ୍ ସାହିତ୍ୟ ପୁରସ୍କାର ବିଜେତା ୟୁସୁନାରୀ କାୱାବାତା କେଉଁ ଦେଶର ନାଗରିକ ଥିଲେ ?
(କ) ଜାପାନ (ଖ) ଫିନଲାଣ୍ଡ (ଗ) ଚିଲୀ (ଘ) ସ୍ୱିଡେନ୍

୪. ଓଡ଼ିଆ ସାହିତ୍ୟକୁ ଉଲ୍ଲେଖନୀୟ ଅବଦାନ ପାଇଁ ୨୦୨୦ର ଅତିବଡ଼ି ଜଗନ୍ନାଥ ଦାସ ପୁରସ୍କାର ପାଇଥିବା ସାହିତ୍ୟିକଙ୍କ ନାମ କଣ ?
(କ) ମନୋଜ ଦାସ (ଖ) ଶାନ୍ତନୁ ଆଚାର୍ଯ୍ୟ
(ଗ) ରାମଚନ୍ଦ୍ର ବେହେରା (ଘ) ରାଜେନ୍ଦ୍ର ପଣ୍ଡା

୫. ବିଶିଷ୍ଟ ସଂଗୀତଜ୍ଞ ପଣ୍ଡିତ ଶିବକୁମାର ଶର୍ମା କେଉଁ ବାଦ୍ୟଯନ୍ତ୍ର ବାଦନ ନିମନ୍ତେ ପ୍ରସିଦ୍ଧ ଥିଲେ ?
(କ) ସନ୍ତୁର୍ (ଖ) ବୀଣା (ଗ) ସରୋଦ୍ (ଘ) ସିତାର୍

୬. ବିଶିଷ୍ଟ ସଙ୍ଗୀତଜ୍ଞ ହରିପ୍ରସାଦ ଚୌରାସିଆ କେଉଁ ବାଦ୍ୟଯନ୍ତ୍ର ନିମନ୍ତେ ପ୍ରସିଦ୍ଧ ?
(କ) ତବଲା (ଖ) ବେହେଲା (ଗ) ବଂଶୀ (ଘ) ବୀଣା

୭. ଯୋଗକର୍ତାର ବିଶ୍ୱପ୍ରସିଦ୍ଧ ହିନ୍ଦୁ ମନ୍ଦିର ଇଣ୍ଡୋନେସିଆର କେଉଁ ଦ୍ୱୀପରେ ଅବସ୍ଥିତ ?
(କ) ଜାଭା (ଖ) ସୁମାତ୍ରା (ଗ) ବାଲି (ଘ) ବୋର୍ଣ୍ଣିଓ

୮. ଚତୁର୍ଭୁଜ, ଶାନ୍ତିନାଥ, ଆଦିନାଥ, ପାର୍ଶ୍ୱନାଥ ମନ୍ଦିର ସହିତ ବ୍ରହ୍ମା ଓ ଲକ୍ଷ୍ମଣ, ମତଙ୍ଗେଶ୍ୱର ଆଦି ମନ୍ଦିର କେଉଁଠାରେ ଅବସ୍ଥିତ ?
(କ) ଦିଲ୍ଲୀ (ଖ) ତିରୁଅନନ୍ତପୁରମ
(ଗ) ମହୀଶୂର (ଘ) ଖାଜୁରାହୋ

୯. ଭାରତୀୟ ଆର୍ଯ୍ୟ ସମାଜର ପ୍ରତିଷ୍ଠାତା କିଏ ?
(କ) ରାଜା ରାମମୋହନ ରାୟ (ଖ) କେଶବ ଚନ୍ଦ୍ର ସେନ
(ଗ) ସ୍ୱାମୀ ଦୟାନନ୍ଦ ସରସ୍ୱତୀ (ଘ) ମହାଦେବ ଗୋବିନ୍ଦ ରାନାଡେ

୧୦) ମାଘ ସପ୍ତମୀ ଅବସରରେ ଓଡ଼ିଶାର କେଉଁ ସମୁଦ୍ରତଟରେ ଭକ୍ତମାନେ ପବିତ୍ର ସ୍ନାନ କରିଥାନ୍ତି ?
(କ) ପୁରୀ (ଖ) ଚାନ୍ଦୀପୁର୍ (ଗ) ଚନ୍ଦ୍ରଭାଗା (ଘ) ତାଲସାରୀ

## (୧୫) ଭୂଗୋଳ

୧. ୟୁରୋପ ଓ ଏସିଆ ମହାଦେଶର ସୀମା ନିର୍ଦ୍ଧାରଣ କରୁଥିବା ପର୍ବତମାଳାର ନାମ କ'ଣ ?
(କ) ଆଲ୍‌ପ୍ସ (ଖ) ୟୁରାଲ୍ (ଗ) ପିରେନିଜ୍ (ଘ) ରକି

୨. ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାରେ ଥିବା ଗୋରୁମହିଷାଣି ଓ ବାଦାମପାହାଡ଼ରୁ କେଉଁ ଖଣିଜ ପଦାର୍ଥ ଉତ୍ତୋଳନ କରାଯାଏ ?
(କ) ଲୁହାପଥର (ଖ) ମାଙ୍ଗାନିଜ୍ (ଗ) ବକ୍‌ସାଇଟ୍ (ଘ) ଚୁନପଥର

୩. ଯୁକ୍ତରାଷ୍ଟ୍ର ଆମେରିକାର କେଉଁ ରାଜ୍ୟଟି କାନାଡ଼ାର ଉତ୍ତର ପଶ୍ଚିମ ଦିଗରେ ଥିବା ବେରିଂ ପ୍ରଣାଳୀ ନିକଟରେ ଅବସ୍ଥିତ ?
(କ) ୱାସିଙ୍ଗଟନ୍ (ଖ) ଓରେଗନ୍(ଗ) ମୋଣ୍ଟାନା (ଘ) ଆଲାସ୍କା

୪. ଆଫ୍ରିକା ମହାଦେଶର ଉଚ୍ଚତମ ପର୍ବତଶୃଙ୍ଗ ମାଉଣ୍ଟ କିଲିମାନ୍‌ଜାରୋ କେଉଁ ଦୁଇଟି ଦେଶ ସୀମାରେ ଅବସ୍ଥିତ ?
(କ) କେନିୟା-ତାଞ୍ଜାନିଆ (ଖ) ସୁଦାନ-କେନିୟା
(ଗ) ଇଥିଓପିଆ-ସୋମାଲିଆ (ଘ) ତାଞ୍ଜାନଆ-ଜାମ୍ବିଆ

୫. ନିମ୍ନଲିଖିତ ମଧ୍ୟରୁ କେଉଁ ସାମୁଦ୍ରିକ ସ୍ରୋତଟି ଭାରତ ମହାସାଗରରେ ଅବସ୍ଥିତ ମାଡ଼ାଗାସ୍କର ଦ୍ୱୀପ ନିକଟରେ ପ୍ରବାହିତ ହୋଇଥାଏ ?
(କ) ବେଙ୍ଗୁଆଲା ସ୍ରୋତ (ଖ) ଆଗ୍ୟୁଲାସ୍ ସ୍ରୋତ
(ଗ) ମୋଜାମ୍ବିକ୍ ସ୍ରୋତ (ଘ) କ୍ୟୁରାଇଲ୍ ସ୍ରୋତ

୬. ଫ୍‌ନମ୍ ପେନ୍ (ଚଷଭକ୍ଟଙ୍କ ଚରଭଷ) ନଗରୀଟି କେଉଁ ଦେଶର ରାଜଧାନୀ ଅଟେ ?
(କ) ଥାଇଲାଣ୍ଡ (ଖ) ମ୍ୟାନ୍‌ମାର (ଗ) ଲାଓସ୍ (ଘ) କାମ୍ବୋଡ଼ିଆ

୭. ପୃଥିବୀକୁ ସମୁଦାୟ କେତୋଟି ସମୟ କ୍ଷେତ୍ର ବା ଟାଇମ୍ ଜୋନ୍‌ରେ ବିଭକ୍ତ କରାଯାଇଛି ?
(କ) ୨୦ଟି (ଖ) ୨୨ଟି (ଗ) ୨୪ଟି (ଘ) ୨୬ଟି

୮. ରେଶମ ବା ଝସକ୍ଷଳ ଉତ୍ପାଦନରେ କେଉଁ ଦେଶ ପୃଥିବୀରେ ପ୍ରଥମ ସ୍ଥାନ ଅଧିକାର କରିଛି ?
(କ) ଚୀନ୍ (ଖ) ଭାରତ (ଗ) ରୁଷିଆ (ଘ) ଯୁକ୍ତରାଷ୍ଟ୍ର ଆମେରିକା

୯. କେଉଁ ଦେଶରେ ଦେଖାଯାଉଥିବା ତୃଣଭୂମି ଅଞ୍ଚଳ ଡାଉନ୍‌ସ୍ ନାମରେ ପରିଚିତ ?
(କ) ଆର୍ଜେଣ୍ଟିନା(ଖ) ଦକ୍ଷିଣ ଆଫ୍ରିକା(ଗ) ବ୍ରାଜିଲ୍(ଘ) ଅଷ୍ଟ୍ରେଲିଆ

୧୦. ଭୂମଧ୍ୟ ସାଗର ଓ ଲୋହିତ ସାଗରକୁ ସଂଯୁକ୍ତ କରୁଥିବା ସୁଏଜ୍ କେନାଲ୍ କେଉଁ ଦେଶରେ ଅବସ୍ଥିତ ?
(କ) ଇସ୍ରାଏଲ୍ (ଖ) ଇଜିପ୍ଟ (ଗ) ସାଉଦି ଆରବ (ଘ) ସୁଦାନ୍

**ଉତ୍ତର**

୧. (ଖ) ଉର୍ଦ୍ଦୁ, ୨. (ଘ) ଯୁକ୍ତରାଷ୍ଟ୍ର ଆମେରିକା, ୩. (କ) ଜାପାନ, ୪.(ଗ) ରାମଚନ୍ଦ୍ର ବେହେରା, ୫. (କ) ସନ୍ତୁର, ୬.(ଗ) ବଂଶୀ, ୭.(କ) ଜାଭା, ୮.(ଘ) ଖାଜୁରାହୋ, ୯.(ଗ) ସ୍ୱାମୀ ଦୟାନନ୍ଦ ସରସ୍ୱତୀ , ୧୦.(ଗ) ଚନ୍ଦ୍ରଭାଗା

୧. (ଖ) ୟୁରାଲ୍, ୨.(କ) ଲୁହାପଥର, ୩.(ଘ) ଆଲାସ୍କା, ୪. (କ) କେନିୟା-ତାଞ୍ଜାନିଆ, ୫. (ଖ) ଆଗ୍ୟୁଲାସ୍ ସ୍ରୋତ, ୬.(ଘ) କାମ୍ବୋଡ଼ିଆ, ୭.(ଗ) ୨୪ଟି, ୮.(କ) ଚୀନ୍, ୯.(ଘ) ଅଷ୍ଟ୍ରେଲିଆ, ୧୦.(ଖ) ଇଜିପ୍ଟ ।

## (୧୭) ରାଷ୍ଟ୍ର ଶାସନ ବ୍ୟବସ୍ଥା

୧. ମଣିପୁର ଏବଂ ତ୍ରିପୁରା କେବେ ଭାରତ ସହିତ ସାମିଲ ହେଲେ ?
(କ) ୧୯୪୯ (ଖ) ୧୯୫୦
(ଗ) ୧୯୫୧ (ଘ) ୧୯୫୨

୨. ମଣିପୁର, ମେଘାଳୟ ଏବଂ ତ୍ରିପୁରା କେଉଁ ଦିନଟିକୁ ରାଜ୍ୟସ୍ଥାପନା ଦିବସ ରୂପେ ପାଳନ କରିଥାଆନ୍ତି ?
(କ) ଜାନୁଆରୀ ୨୧ (ଖ) ଫେବୃୟାରୀ ୧
(ଗ) ମାର୍ଚ୍ଚ ୨୭ (ଘ) ଜାନୁଆରୀ ୧୦

୩. ଆରୁଣାଚଳ ପ୍ରଦେଶରେ କେଉଁ ସମୟରେ ଚୀନ୍ ଏକ ଗ୍ରାମ ନିର୍ମାଣ କରିଛି ?
(କ) ନଭେମ୍ବର ୧୬ - ୨୦ (ଖ) ନଭେମ୍ବର ୧୭ -୨୦
(ଗ) ନଭେମ୍ବର ୧୮ - ୨୦ (ଘ) ନଭେମ୍ବର ୧୯ - ୨୦

୪. ଜାତୀୟ ଭୋଟର ଦିବସ କେବେ ପାଳନ କରାଯାଏ ?
(କ) ଜାନୁଆରୀ ୨୧ (ଖ) ଜାନୁଆରୀ ୨୨
(ଗ) ଜାନୁଆରୀ ୨୩ (ଘ) ଜାନୁଆରୀ ୨୫

୫. ଜାତୀୟ ଭୋଟର ଦିବସ କେଉଁ ମସିହାରେ ପ୍ରଥମେ ପାଳନ କରାଯାଇଥିଲା ?
(କ) ୨୦୦୮ (ଖ) ୨୦୦୯
(ଗ) ୨୦୧୦ (ଘ) ୨୦୧୧

୬. ସମ୍ବିଧାନର କେଉଁ ଧାରା ଅନୁସାରେ ଭାରତୀୟ ନିର୍ବାଚକ କମିଶନ ୧୯୫୦, ଜାନୁଆରୀ ୨୫ ରେ ଗଠନ କରାଯାଇଥିଲା ?
(କ) ୩୨୪ ଧାରା (ଖ) ୩୨୫ ଧାରା
(ଗ) ୩୨୮ ଧାରା (ଘ) ୩୩୦ ଧାରା

୭. ଜାତୀୟ ପର୍ଯ୍ୟଟନ ଦିବସ କେବେ ପାଳନ କରାଯାଏ ?
(କ) ଜାନୁଆରୀ ୨୧ (ଖ) ଜାନୁଆରୀ ୨୫
(ଗ) ଜାନୁଆରୀ ୨୬ (ଘ) ଜାନୁଆରୀ ୨୭

୮. ଶିକ୍ଷା ଅଧିକାର ଆଇନ୍ କେତେ ବର୍ଷର ପିଲାଙ୍କ ପାଇଁ ସମ୍ବିଧାନର ୨୧ (ଏ) ରେ ଦର୍ଶାଯାଇଛି ?
(କ) ୬ ରୁ ୧୦ (ଖ) ୫ ରୁ ୧୪
(ଗ) ୬ ରୁ ୧୪ (ଘ) ୬ ରୁ ୧୫

୯. ମହାରାଷ୍ଟ୍ରରେ କେବେ ଜେଲ୍ ଟୁରିଜିମ୍ ଆରମ୍ଭ ହୋଇଥିଲା ?
(କ) ୨୬ ଜାନୁଆରୀ, ୨୦୧୬ (ଖ)୨୬ ଜାନୁଆରୀ ୨୦୧୮
(ଗ) ୨୬ ଜାନୁଆରୀ ୨୦୧୯ (ଘ) ୨୬ ଜାନୁଆରୀ ୨୦୨୧

୧୦. କେବେ ନେପାଳରେ କମ୍ୟୁନିଷ୍ଟ ପାର୍ଟି ଗଠନ କରାଯାଇଥିଲା ?
(କ)ମେ ୧୭, ୧୦୧୪ (ଖ) ମେ ୧୭, ୨୦୧୫
(ଗ) ମଇ ୧୭, ၁୦୧୭ (ଘ) ମେ ୧୭, ୨୦୧୮

## (୧୭) କମ୍ପ୍ୟୁଟର ଶିକ୍ଷା

୧. କେଉଁ ସୋସିଆଲ୍ ଆପ୍ ତାର ପ୍ରାଇଭେସି ପଲିସିକୁ ଅପଡ୍ରେଟ୍ କରିଛି ?
(କ) ସିଗ୍ନାଲ (ଖ) ହ୍ୱାଟସ୍ ଆପ୍
(ଗ) ଟେଲିଗ୍ରାମ (ଘ) ଫେସ୍‌ବୁକ୍

୨. ସିଗ୍ନାଲ ଫାଉଣ୍ଡେସନ୍ କେଉଁ ମସିହାରେ ସିଗ୍ନାଲ ଫାଉଣ୍ଡେସନ୍ ଏବଂ ସିଗ୍ନାଲ ମେସେନ୍‌ଜର ପ୍ରତିଷ୍ଠା କରିଥିଲା ?
(କ) ୨୦୧୦ (ଖ) ୧୦୧୫
(ଗ) ୨୦୧୭ (ଘ) ୨୦୧୮

୩. ମାଇକ୍ରୋସଫ୍ଟ ୱାର୍ଡ଼ରେ ଆମେ କେଉଁଟି କରିପାରିବା ?
(କ) ପେଷ୍ଟ ପିକ୍‌ଚର (ଖ) ଟାଇପ୍
(ଗ) ଫରମାଟ୍ ଟେଷ୍ଟ (ଘ) ଉପରୋକ୍ତ ସମସ୍ତ

୪. ବାଇନାରୀ କୋଡ଼େଡ଼୍ ଡ଼େସିମାଲ କେଉଁ ବିଟସ୍ ପାଇଁ ବ୍ୟବହାର ହୁଏ ?
(କ) ୬ ବିଟ୍‌ସ (ଖ) ୮ ବିଟ୍‌ସ
(ଗ) ୧୬ ବିଟ୍‌ସ (ଘ) ୩ ବିଟ୍‌ସ

୫. ଆର.ଏ.ଏମ୍‌କୁ କେଉଁ ମେମୋରୀ କୁହାଯାଏ ?
(କ) ଭରଚୁଆଲ୍ ମେମୋରୀ (ଖ) ଭୋଲାଟାଇଲ ମେମୋରୀ
(ଗ) ନନ୍ ଭୋଲାଟାଇଲ୍ ମେମୋରୀ(ଘ) କ୍ୟାଚ୍ ମେମୋରୀ

୬. ଇଣ୍ଟରନାଲ ହାର୍ଡ଼ଡିସ୍କ ଟ କମ୍ପ୍ୟୁଟର ସହ କିପରି ଅଛି ?
(କ) ଫିକ୍ସଡ଼୍ (ଖ) ଫିକ୍ସଡ଼୍ ନୁହେଁ
(ଗ) ରିମୁଭେବୁଲ୍ (ଘ) କୌଣସିଟି ନୁହେଁ

୭. ଗୋଟିଏ ପରସ୍‌ନାଲ କଂପୁଟର ୟୁନିଟ୍ ମଧ୍ୟରେ କେଉଁଟି ନଥାଏ ?
(କ) ମନିଟର (ଖ) ରାମ୍
(ଗ) ମୋଡ଼େଡ଼୍ (ଘ) ମାଇକ୍ରୋପ୍ରୋସେସର୍

୮. ପରସନାଲ କଂପୁଟରକୁ କ'ଣ କୁହାଯାଏ ?
(କ) ଏମ୍ ସି (ଖ) ପି ସି
(ଗ) ୱାଇ ସି (ଘ) ଏସ୍ ସି

୯. ଯେଉଁ ପୋଟୋବୁଲ୍ କଂପୁଟର ଅର୍ଥାତ ଲାପ୍‌ଟପ୍‌ର ଓଜନ ୪ ରୁ ୧୦ ପାଉଣ୍ଡ ମଧ୍ୟରେ ତାକୁ କ'ଣ କୁହାଯାଇଥାଏ ?
(କ) ନୋଟ୍‌ବୁକ୍ କମ୍ପୁଟର (ଖ) ଇଣ୍ଟରନେଟ୍
(ଗ) ପ୍ରିଣ୍ଟର (ଘ) ସ୍କାନର

୧୦. ଏମ୍ ଏସ୍-ଏକ୍ସେଲ୍‌ର ଫାଇଲ୍‌ର ଡିଫଲ୍ଟ ଏକ୍ସଟେନ୍‌ସନ୍ କେଉଁଟି ?
(କ) XLs (ଖ) XLw
(ଗ) Wk1 (ଘ) 123

**ଉତ୍ତର**

୧.(କ) ୧୯୪୯,୨.(କ)ଜାନୁଆରୀ ୨୧,୩.(ଘ)ନଭେମ୍ବର ୧୯ - ୨୦,୪.(ଘ)ଜାନୁଆରୀ ୨୫,୫.(ଖ)୨୦୦୯,୬.(କ) ୩୨୪ ଧାରା, ୭.(ଖ)ଜାନୁଆରୀ ୨୫, ୮.(ଗ)୬ ରୁ ୧୪,୯.(ଘ) ୨୬ ଜାନୁଆରୀ ୨୦୨୧,୧୦.(ଘ) ମେ ୧୭, ୨୦୧୮।

୧. (ଖ) ହ୍ୱାଟସ୍ ଆପ୍, ୨.(ଘ)୨୦୧୮, ୩.(ଘ)ଉପରୋକ୍ତ ସମସ୍ତ, ୪.(କ)୬ ବିଟ୍‌ସ, ୫.(ଖ) ଭୋଲାଟାଇଲ ମେମୋରୀ, ୬.(କ) ଫିକ୍ସଡ଼୍, ୭.(ଗ) ମୋଡ଼େଡ଼୍, ୮.(ଖ) ପି ସି , ୯.(କ) ନୋଟ୍‌ବୁକ୍ କମ୍ପୁଟର ,୧୦.(କ) XLs

## (୧୮) ଗାଣିତିକ ପ୍ରଶ୍ନାବଳୀ

୧. ଏକ ଦିସ୍ତା ବା କୁଇର୍ କାଗଜରେ କେତେ ଫର୍ଦ୍ଦ କାଗଜ ରହିଥାଏ ?
(କ) ୧୦ ଫର୍ଦ୍ଦ (ଖ) ୧୨ ଫର୍ଦ୍ଦ
(ଗ) ୨୦ ଫର୍ଦ୍ଦ (ଘ) ୨୪ ଫର୍ଦ୍ଦ

୨. କେତେ ଦିସ୍ତା କାଗଜକୁ ଏକ ରିମ୍ କୁହାଯାଏ ?
(କ) ୧୦ ଦିସ୍ତା (ଖ) ୧୨ ଦିସ୍ତା
(ଗ) ୨୦ ଦିସ୍ତା (ଘ) ୨୪ ଦିସ୍ତା

୩. ୧ ବୋଲ୍ଟ କପଡ଼ା ମାନେ କେତେ ?
(କ) ୪୦ ଫୁଟ (ଖ) ୪୦ ଗଜ
(ଗ) ୪୦ ମିଟର (ଘ) ୪୦ ଇଞ୍ଚ

୪. ୧ ହାତ ବା କ୍ୟୁବିଟ୍ ମାନେ କେତେ ?
(କ) ୧୮ ସେ.ମି (ଖ) ୧.୮ ସେ.ମି
(ଗ) ୧.୮ ମିଟର (ଘ) ୧୮ ଇଞ୍ଚ

୫. ନିର୍ଦ୍ଦିଷ୍ଟ ସମାକଳର ମୂଲ୍ୟ ନିରୂପଣ ପାଇଁ କେଉଁ ଯନ୍ତ୍ର ବ୍ୟବହୃତ ହୁଏ ?
(କ) ଡ୍ରିଲ୍ (ଖ) ଡିସ୍କଇଣ୍ଟିଗ୍ରେଟର
(ଗ) ଇଣ୍ଟିଗ୍ରେଟର (ଘ) ପାଣ୍ଟୋଗ୍ରାଫ

୬. ଚେସ୍ ଖେଳରେ ପ୍ରଥମେ କେଉଁ ଯନ୍ତ୍ର ବ୍ୟବହୃତ ହୋଇଥିଲା ?
(କ) ଇଣ୍ଟିଗ୍ରେଟର (ଖ) ଥିଙ୍କିଂ ମେସିନ୍
(ଗ) କ୍ରୋନୋମିଟର (ଘ)ଆଇ.ବି.ଏମ୍ -୩୬୦

୭. ସମୁଦ୍ରପତ୍ତନରୁ ଉଡ଼ାଜାହାଜର ଉଚ୍ଚତା ନିରୂପଣ କରିବାପାଇଁ କେଉଁ ଯନ୍ତ୍ର ବ୍ୟବହାର କରାଯାଇଥାଏ ?
(କ) ଅଲଟିମିଟର (ଖ) ପ୍ଲେନିମିଟର
(ଗ) ଓଡ଼ୋମିଟର (ଘ) ଷ୍ଟ୍ରେଟ୍ଏଜ୍

୮. ସମୁଦ୍ରର ଗଭୀରତା କେଉଁ ଯନ୍ତ୍ରରେ ମପାଯାଏ ?
(କ) ଷ୍ଟ୍ରେଟ୍ଏଜ (ଖ) ସାରାକୋମିଟର
(ଗ) କ୍ରୋନୋମିଟର (ଘ) ଫାଦୋମିଟର

୯. ପିପେଟ୍‌ରେ କ'ଣ ମାପ କରାଯାଏ ?
(କ) ତରଳର ଆୟତନ (ଖ) ଲମ୍ବ
(ଗ) ବୃତ୍ତର ପରିଧି (ଘ) ବସ୍ତୁର ଓଜନ

୧୦. କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ ବୃଷ୍ଟିପାତର ପରିମାଣ ମାପ କରିବାପାଇଁ କେଉଁ ଉପକରଣ ବ୍ୟବହାର କରାଯାଏ ?
(କ) ପିକ୍ନୋମିଟର (ଖ) ରେନ୍‌ଗଜ୍
(ଗ) ବାରୋମିଟର (ଘ) ହାଇଗ୍ରୋମିଟର

## (୧୯) ସାଧାରଣ ବିଜ୍ଞାନ

୧. ପୃଥିବୀର ହାରାହାରୀ ବ୍ୟାସ କେତେ ?
(କ) ୪,୮୭୮ କି.ମି (ଖ) ୧୨,୧୦୪ କି.ମି
(ଗ) ୧୨,୭୩୫ କି.ମି (ଘ) ୭୬୮୭ କି.ମି

୨. ପୃଥିବୀର ଅକ୍ଷ କକ୍ଷତଳ ସହ କେଉଁ କୋଣରେ ରହିଥାଏ ?
(କ) ୨୩.୫୦ (ଖ) ୬୬.୫୦
(ଗ) ୯୦୦ (ଘ) ୦୦

୩. ପୃଥିବୀ କେଉଁ ଦିଗରେ ନିଜ ଅକ୍ଷ ଚାରିପଟେ ଘୂର୍ଣ୍ଣନ କରିଥାଏ ?
(କ) ବାମାବର୍ତ୍ତ (ଖ) ଉଭୟ ବାମାବର୍ତ୍ତ ଓ ଦକ୍ଷିଣାବର୍ତ୍ତ
(ଗ) ଦକ୍ଷିଣାବର୍ତ୍ତ (ଘ) କୌଣସିଟି ନୁହେଁ

୪. ପୃଥିବୀର ଦିନରାତିର ହ୍ରାସବୃଦ୍ଧି ନିମ୍ନୋକ୍ତ କେଉଁ କାରଣ ଲାଗି ଘଟେ ?
(କ) ପୃଥିବୀର ପରିକ୍ରମଣ (ଖ) ପୃଥିବୀର ଉପବୃତ୍ତାକାର କକ୍ଷପଥ
(ଗ) ପୃଥିବୀର ଆବର୍ତ୍ତନ (ଘ) ପୃଥିବୀର ଅୟନଚଳନ

୫. ପୃଥିବୀର ଘୂର୍ଣ୍ଣନ ବେଗ ପ୍ରତି ମିନିଟ୍‌ରେ ପ୍ରାୟ କେତେ ?
(କ) ୨୦ କି.ମି (ଖ) ୨୫ କି.ମି
(ଗ) ୩୦ କି.ମି (ଘ) ୩୫ କି.ମି

୬. ସୌରଜଗତରେ କେଉଁ ଗ୍ରହରେ ଜଳ କଠିନ, ତରଳ ଓ ବାଷ୍ପୀୟ ରୂପରେ ବିଦ୍ୟମାନ ?
(କ) ଶୁକ୍ର (ଖ) ପୃଥିବୀ
(ଗ) ମଙ୍ଗଳ (ଘ) ଶନି

୭. ପୃଥିବୀ ପୃଷ୍ଠରେ କେଉଁ ଧାତୁ ସର୍ବାଧିକ ପରିମାଣରେ ରହିଛି ?
(କ) ଲୌହ (ଖ) ତମ୍ବା
(ଗ) ଆଲୁମିନିୟମ୍ (ଘ) ନିକେଲ୍

୮. ବାୟୁମଣ୍ଡଳର କେଉଁ ସ୍ତରଟି ବେତାର ପ୍ରସାରଣରେ ସହାୟକ ହୋଇଥାଏ ?
(କ) ଟ୍ରପୋସ୍ପିୟର (ଖ) ଷ୍ଟ୍ରାଟୋସ୍ପିୟର
(ଗ) ମେସୋସ୍ପିୟର (ଘ) ଥର୍ମୋସ୍ପିୟର

୯. ପୃଥିବୀର କେଉଁ ସ୍ଥାନରେ ସନ୍ଧ୍ୟାଲୋକ ବା ଉଷାଲୋକ ସ୍ୱଳ୍ପସ୍ଥାୟୀ ?
(କ) ମେରୁ ଅଞ୍ଚଳ (ଖ) କ୍ରାନ୍ତି ଅଞ୍ଚଳ
(ଗ) ମେରୁବୃତ୍ତ (ଘ) ନିରକ୍ଷ ଅଞ୍ଚଳ

୧୦. ନିମ୍ନଲିଖିତ କେଉଁ ଦିନଟି ଜଳ ବିଷୁବ ଦିବସ ରୂପେ ପରିଚିତ ?
(କ) ଡିସେମ୍ବର ୨୧ (ଖ) ମାର୍ଚ୍ଚ ୨୧
(ଗ) ଜୁନ ୨୧ (ଘ) ସେପ୍ଟେମ୍ବର ୨୩

**ଉତ୍ତର**

୧.(ଘ)୨୪ ଫର୍ଦ୍ଦ, ୨.(ଗ)୨୦ ଦିସ୍ତା, ୩.(ଖ) ୪୦ ଗଜ, ୪.(ଘ) ୧୮ ଇଞ୍ଚ, ୫.(ଗ)ଇଣ୍ଟିଗ୍ରେଟର, ୬.(ଖ)ଥିଙ୍କିଂ ମେସିନ୍,୭.(କ) ଅଲଟିମିଟର, ୮.(ଘ) ଫାଦୋମିଟର,୯.(କ) ତରଳର ଆୟତନ, ୧୦.(ଖ) ରେନ୍‌ଗଜ୍ ।

୧.(ଗ)୧୨,୭୩୫ କି.ମି,୨.(ଖ)୬୬.୫୦,୩.(କ)ବାମାବର୍ତ୍ତ, ୪.(କ)ପୃଥିବୀର ପରିକ୍ରମଣ,୫.(ଖ)୨୫ କି.ମି,୬.(ଖ) ପୃଥିବୀ, ୭.(ଗ) ଆଲୁମିନିୟମ୍,୮.(ଘ) ଥର୍ମୋସ୍ପିୟର,୯.(ଗ) ମେରୁବୃତ୍ତ, ୧୦.(ଘ) ସେପ୍ଟେମ୍ବର ୨୩।

ଭୁଲ୍‌ଟା ସ୍ୱୀକାର କରିବାରେ ଲଜ୍ଜିତ ହୁଅନାହିଁ।
କାରଣ, ତାହାଦ୍ୱାରା ତୁମେ ଏକଥା ମଧ୍ୟ କହୁଛ ଯେ କାଲି ତୁଳନାରେ ଆଜି ମୁଁ ଅଧିକ ବିଜ୍ଞ ହୋଇଛି।

## (୨୦)କନ୍ଧମାଳ ଜିଲ୍ଲା

**୧. ଜିଲ୍ଲାର ନାମ - କନ୍ଧମାଳ**
**୨. ଗଠନ - ୧ ଜାନୁୟାରୀ, ୧୯୯୪**
**୩. କ୍ଷେତ୍ରଫଳ - ୮୦୨୧ବର୍ଗ.କି.ମି**
**୪. ଜନସଂଖ୍ୟା - ୭୩୧୯୫୨**
**(କ) ପୁରୁଷ - ୩୫୯୪୦୧**
**(ଖ) ମହିଳା - ୩୭୨୫୫୧**




**୫. ଉପଖଣ୍ଡ - ୨**
**୬. ତହସିଲ - ୧୨ (ଫୁଲବାଣୀ, ବାଲିଗୁଡ଼ା, ଜି-ଉଦୟଗିରି, ଦାରିଙ୍ଗ୍‌ବାଡ଼ି, ଚକାପାଦ, କୋଟଗଡ଼, ଖଜୁରିପଡ଼ା, କେ.ନୂଆଗାଁ, ଫିରିଙ୍ଗିଆ, ଟିକାବାଲି, ରାଇକିଆ, ତୁମୁଡ଼ିବନ୍ଧ।)**
**୭. ପଞ୍ଚାୟତ ସମିତି କାର୍ଯ୍ୟାଳୟ (ବ୍ଲକ୍) - ୧୨**
**୮. ଗ୍ରାମ ପଞ୍ଚାୟତ - ୧୫୩**
**୯. ଗ୍ରାମ - ୨୫୮୭**
**୧୦. ଥାନା - ୧୮**
**୧୧. ପୌରସଂସ୍ଥା(ମ୍ୟୁନିସିପାଲିଟି)- ୦**
**୧୨. ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନଏସି) - ୦୨**
**୧୩. ବିଧାନ ସଭା ନିର୍ବାଚନ ମଣ୍ଡଳୀ -**
**୮୨. ବାଲିଗୁଡ଼ା, ୮୩. ଜି.ଉଦୟଗିରି,**
**୮୪. ଫୁଲବାଣି**
**୧୪. ଶିଶୁ ଜନସଂଖ୍ୟା(୦-୬ ବର୍ଷ) - ୧୦୬୩୭୯(୯୬୦)**
**୧୫. ସାକ୍ଷରତା ହାର - ୬୫.୧୨%**
**୧୬.ପୁରୁଷ ସାକ୍ଷରତା ହାର - ୭୮.୪%**
**୧୭. ମହିଳା ସାକ୍ଷରତା ହାର - ୫୨.୪୬%**
**୧୮.ଜନସଂଖ୍ୟା ବୃଦ୍ଧି ହାର - ୧୨.୯୨%**
**୧୯.ଜନସଂଖ୍ୟା ଘନତ୍ୱ - ୯୧ / ବର୍ଗ କି.ମି**
**୨୦. ୧୦୦୦ପୁରୁଷରେ ମହିଳା ସଂଖ୍ୟା -୧୦୩୭**
**୨୧.ରାଜସ୍ୱ ନିରୀକ୍ଷକ ମଣ୍ଡଳ - ୩୩**
**୨୨. ନିଆଁଲିଭା କେନ୍ଦ୍ର - ୮**
**୨୩.ଲୋକସଭା ଆସନ ସଂଖ୍ୟା - ୧**
**୨୪ ଜଙ୍ଗଲ ଜମି - ୫୭୦୯.୮୩ ବର୍ଗ କି.ମି**
**୨୫.ହାରାହାରି ତାପମାତ୍ରା - ସର୍ବନିମ୍ନ ୧.୦୦**
**- ସର୍ବୋଚ୍ଚ ୪୫.୦୦**
**୨୬. ସାଧାରଣ ବୃଷ୍ଟିପାତ - ୧୪୨୭.୯ ମି.ମି.**
**୨୭. ମୋଟର ଯାନ ପଞ୍ଜିକୃତ କୋଡ୍ - ଓ.ଡି.- ୮୫**
**୨୮.ପର୍ଯ୍ୟଟନସ୍ଥଳୀ - ଫୁଲବାଣି, ଚକପଦା, ଦାରିଙ୍ଗବାଡ଼ି, ପୁତୁଡ଼ି।**

## ପର୍ବପର୍ବାଣୀ

### ଫେବ୍ରୁଆରୀ ୨୦୨୧

ତା.୧ ସଙ୍କଟ ଚତୁର୍ଥୀ ବ୍ରତ
ତା.୭ ଷଟ୍‌ତିଳା ଏକାଦଶୀ ଓ ଓଲାଶୁଣି ଗୁମ୍ଫା ମେଳା
ତା.୯ ଶରଣ ଆରମ୍ଭ
ତା.୧୦ ରଟନ୍ତୀ ଚତୁର୍ଦ୍ଦଶୀ, ଶିବ ଚତୁର୍ଦ୍ଦଶୀ ଓ ବେଢ଼ା ପରିକ୍ରମା
ତା.୧୧ ତ୍ରିବେଣୀ ଅମାବାସ୍ୟା, ମା' ବିରଳା ଦେବୀଙ୍କ ଜନ୍ମୋତ୍ସବ, ଚନ୍ଦ୍ରକ୍ଷୟ, ନିଶିପାଳନ, ହ.ନି ଓ ମାସାନ୍ତ
ତା.୧୨ କୁମ୍ଭ ସଂକ୍ରାନ୍ତି ଓ ହଳ ନିଷେଧ
ତା.୧୩ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ପଦ୍ମମୁଖ ବେଶ ଓ ଦ୍ୱିତୀୟାର ଚନ୍ଦ୍ରଦର୍ଶନ, ପୂଜା ଓ ଉପବାସ
ତା.୧୪ ଶରଣ ଶେଷ
ତା.୧୫ ବରଦା ଚତୁର୍ଥୀ
ତା.୧୬ ଶ୍ରୀ ପଞ୍ଚମୀ, ସରସ୍ୱତୀ ପୂଜା ଓ ଶ୍ରୀ ମନ୍ଦିରେ ବସନ୍ତୋତ୍ସବ
ତା.୧୯ ମାଘ ସପ୍ତମୀ ଓ ଚନ୍ଦ୍ରଭାଗା ସ୍ନାନ
ତା.୨୦ ଭୀଷ୍ମାଷ୍ଟମୀ
ତା.୨୩ ଭୈମୀ ଏକାଦଶୀ, ବ୍ୟାସ ସରୋବର ମେଳା ଓ ହ.ନି
ତା.୨୪ ବରାଗ ଦ୍ୱାଦଶୀ
ତା.୨୫ ଶ୍ରୀ ନିତ୍ୟାନନ୍ଦ ମହାପ୍ରଭୁଙ୍କ ଜନ୍ମୋତ୍ସବ ଓ ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା
ତା.୨୬ ଅଗ୍ନ୍ୟୁତ୍ସବ, ଯୋରନ୍ଦା ମେଳା ଓ ଚନ୍ଦ୍ରପୂଜା
ତା.୨୭ ମାଘ ପୂର୍ଣ୍ଣିମା, ମାଘ ବ୍ରତ ସମାପନ ଓ ଗଜ ଉଦ୍ଧାରଣ ବେଶ

### ମାର୍ଚ୍ଚ ୨୦୨୧

ତା.୧ ଓଁକାରନାଥ ଜୟନ୍ତୀ
ତା.୫ ପଞ୍ଚାୟତିରାଜ ଦିବସ
ତା.୮ ଶରଣ ଆରମ୍ଭ
ତା.୯ ପଙ୍କୋଦ୍ଧାର ଏକାଦଶୀ ଓ ହ.ନି
ତା.୧୧ ଶିବରାତ୍ରୀ (ଜାଗର)
ତା.୧୨ ସବେ - ମେରାଜ୍ (ପୂର୍ବରାତ୍ରି), ଚନ୍ଦ୍ରକ୍ଷୟ, ନିଶିପାଳନ ଓ ହ.ନି
ତା.୧୩ ଫାଲଗୁନ ଅମାବାସ୍ୟା, ମାସାନ୍ତ, ଶରଣ ଶେଷ ଓ ହ.ନି
ତା.୧୪ ମୀନ ସଂକ୍ରାନ୍ତି, ଦ୍ୱିତୀୟାର ଚନ୍ଦ୍ରଦର୍ଶନ ପୂଜା ଓ ହ.ନି
ତା.୧୮ ଗୁରୁ ପଞ୍ଚମୀ ବ୍ରତ
ତା.୨୨ ରାଷ୍ଟ୍ରୀୟ ନବବର୍ଷ ଆରମ୍ଭ ଓ ଅକାବ୍ଦାଃ ୧୯୪୩ ପ୍ରବେଶ
ତା.୨୪ ଫଗୁ ଦଶମୀ ଓ ଦୋଳଯାତ୍ରା ଆରମ୍ଭ
ତା.୨୫ ପାପନାଶିନୀ ଏକାଦଶୀ, ଲକ୍ଷ୍ମୀ ନାରାୟଣ ବ୍ରତ ଓ ହ.ନି
ତା.୨୬ ସାମାନ୍ୟ ଗୋବିନ୍ଦ ଦ୍ୱାଦଶୀ ସ୍ନାନ
ତା.୨୭ ବରାହ ଦୋଳ, ରାଜାଗ୍ନି, ଓଳକଣା ମେଳନ ଓ ଶିବଚତୁର୍ଦ୍ଦଶୀ ଉପବାସ
ତା.୨୮ ଦୋଳ ପୂର୍ଣ୍ଣିମା, ଶ୍ରୀ ଚୈତନ୍ୟ ଦେବଙ୍କ ଜନ୍ମୋତ୍ସବ ଓ ଚନ୍ଦ୍ରପୂଜା
ତା.୨୯ ହୋଲି ଉତ୍ସବ ଓ ସବେ - ବରାତ୍ (ପୂବ୍ରରାତ୍ରି)
ତା.୩୦ ତାରାତାରେଣୀ ଯାତ୍ରାରମ୍ଭଃ

## ବିଭିନ୍ନ ଦିବସ ପାଳନ

### ଫେବ୍ରୁଆରୀ ୨୦୨୧

ତା ୦୨ - ବିଶ୍ୱ ଆର୍ଦ୍ରତା ଦିବସ,
ତା ୦୪ - ବିଶ୍ୱ କ୍ୟାନସର ଦିବସ,
ତା ୧୩ - ବିଶ୍ୱ ରେଡ଼ିଓ ଦିବସ, ସରୋଜିନୀ ନାଇଡୁ ଜନ୍ମ ଦିବସ
ତା ୧୪ - ଭାଲେଣ୍ଟାଇନ୍ ଦିବସ,
ତା ୨୦ - ବିଶ୍ୱ ସାମାଜିକ ନ୍ୟାୟ ଦିବସ,
ତା ୨୧ - ଅନ୍ତର୍ଜାତିକ ମାତୃଭାଷା ଦିବସ,
ତା ୨୨ - ଅନ୍ତର୍ଜାତିକ ସ୍କାଉଟ ଦିବସ,
ତା ୨୪ - ସେଣ୍ଟ୍ରାଲ ଏକସାଇଜ୍ ଦିବସ,
ତା ୨୮ - ଜାତୀୟ ବିଜ୍ଞାନ ଦିବସ,

### ମାର୍ଚ୍ଚ ୨୦୨୧

ତା ୦୩ - ଜାତୀୟ ପ୍ରତିରକ୍ଷା ଦିବସ
ତା ୦୪ - ଜାତୀୟ ସୁରକ୍ଷା ଦିବସ
ତା ୦୫ - ବିଜୁ ପଟ୍ଟନାୟକ ଜୟନ୍ତୀ ପଞ୍ଚାୟତରାଜ ଦିବସ
ତା ୦୮ - ଆନ୍ତର୍ଜାତୀୟ ମହିଳା ଦିବସ
ତା ୧୫ - ବିଶ୍ୱ ଖାଉଟି ଦିବସ
ତା ୨୦ - ଆନ୍ତର୍ଜାତୀୟ ଆନନ୍ଦ ଦିବସ
ତା ୨୧ - ବିଶ୍ୱ କବିତା ଦିବସ
ତା ୨୧ - ବିଶ୍ୱ ଜଙ୍ଗଲ ଦିବସ
ତା ୨୨ - ବିଶ୍ୱ ଜଳ ଦିବସ
ତା ୨୩ - ବିଶ୍ୱ ପାଣିପାଗ ଦିବସ
ତା ୨୪ - ବିଶ୍ୱ ଯକ୍ଷ୍ମା ଦିବସ
ତା ୨୫ - ଗୁଡ୍ ଫ୍ରାଇଡେ

ଯିଏ କେବଳ କୁତ୍ସାହିଁ ରଚନା କରେ ତା'ର ଶରୀର ଏଭଳି ବିଷାକ୍ତ ହୋଇଯାଏ ଯେ,
ତାକୁ କାମୁଡ଼ି ଦେଲେ ବିଷାକ୍ତ ସାପ ମଧ୍ୟ ମରିଯାଏ।


Be Fresh Everyday / Save Time
Save Money / Shop with
MO Shop
All In One Shop
#YOURSHOP#MOSHOP
Quedate Solutions
Time is precious,
Stay Home, Stay Safe
NEED OF THE HOUR
DELIVERED AT YOUR DOORSTEPS :
NOW GROCERY, VEGETABLES, DAIRY, CHICKEN, FISH, MEAT & FRUITS AVAILABLE ON "MO SHOP"
Download the application from
Google Play
Call or WhatsApp : 9937532222
Make Your Payment Through
COD, CREDIT & DEBIT CARD, UPI

RNI Regn. No. - ODIODI/2010/35051
Volume-11 I Issue No. - 8 I Monthly I February-2021 I RNI Regn. No. ODIODI/2010/35051 I Page-52


# ସହଯୋଗ ହସ୍ପିଟାଲ୍

ଟି.ଏଲ୍.ସି ଇଲେକ୍ଟ୍ରିକ୍ ଅଫିସ୍ ସାମ୍ନା (ଖଣିପାଖ), ଖୋର୍ଦ୍ଧା

(ସେବାରୁ ଆରମ୍ଭ ସେବାରେ ଶେଷ)

SAHAJOG HOSPITAL

## ଆଡ୍‌ଭାନସ୍ ଲାପାରୋସ୍କୋପିକ୍ ଅପରେସନ୍ ସେଣ୍ଟର

**ଏଠାରେ ଅତ୍ୟାଧୁନିକ ଲାପ୍ରୋସ୍କୋପିକ୍ ପଦ୍ଧତିରେ ଅପରେସନ୍ କରାଯାଏ**

- ଲାପାରୋସ୍କୋପିକ୍ ଗଲ୍‌ବ୍ଲାଡର୍ ଷ୍ଟୋନ୍ ଅପରେସନ୍
- ଲାପାରୋସ୍କୋପିକ୍ ଆପେଣ୍ଡିକ୍ସ ଅପରେସନ୍
- ଲାପାରୋସ୍କୋପିକ୍ ଗର୍ଭାଶୟ (L.A.V.H.,T.L.H.) ଅପରେସନ୍
- ଲାପାରୋସ୍କୋପିକ୍ ଅଣ୍ଡକୋଷ (ଓଭାରି) ଅପରେସନ୍
- ଲାପାରୋସ୍କୋପିକ୍ ଟ୍ୟୁମର ଅପରେସନ୍
- ଲାପାରୋସ୍କୋପିକ୍ ହାର୍ନିଆ ଅପରେସନ୍
- ଲାପାରୋସ୍କୋପିକ୍ ଭେଣ୍ଟ୍ରାଲ୍ ହାର୍ନିଆ ଅପରେସନ୍
- ଲାପାରୋସ୍କୋପିକ୍ ପରିସ୍ରା ଥଳି ଅପରେସନ୍
- ଲାପାରୋସ୍କୋପିକ୍ ପରିସ୍ରା ନଳୀ ଅପରେସନ୍
- ଲାପାରୋସ୍କୋପିକ୍ ପ୍ରୋଷ୍ଟେଟ୍ ଅପରେସନ୍
- ଲାପାରୋସ୍କୋପିକ୍ କିଡ୍‌ନି ପଥର ଅପରେସନ୍

ସମ୍ପର୍କ : ୦୬୭୫୫-୨୨୧୩୨୧/୨୨୨୨୭୭, ୯୯୩୮୪୪୬୩୦୯
୮୫୯୮୦୮୦୫୨୯, ୯୯୩୭୦୫୪୩୨୬, ୯୯୩୭୨୩୨୭୦୦


Printed & Published by Dr. Prasanna Kumar Jena Owned by "AMARISATYA" M-1/5, Mukunda Prasad Housing Board Colony, Post - P.N. College, Dist-Khordha, Printed at - Webline, D2/19, Mancheswar Industrial Estate, BBSR-10, Published From-"AMARISATYA", Mukunda Prasad Housing Board Colony, Post-P.N. College, Dist-Khordha, Pin-752057
Editor : Dr. Prasanna Kumar jena
Founder : Dr. Pramod Chandra Dash